(ପୃଷ୍ଠା-୧୨+୮) 48 **ଧରିତ୍ରୀ** DHARITRI ୪୮

ରାୟଗଡ଼ା, ବୁଧବାର, ଡିସେମ୍ବର ୮/୨୦୨୧ (୧୨+୮=୨୦ ପୃଷ୍ଠା) | Rayagada, Wednesday, December 8/2021 | ★

୧୧ଶ ଭାଗ ୨୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



# asg ଏ ଏସ୍ ଜି ନେତ୍ର ଚିକିତ୍ସାଳୟ

**ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (AIIMS, New Delhi) ରୁ ପ୍ରଶିକ୍ଷିତ ବରିଷ୍ଠ ସର୍ଜନଙ୍କ ଦ୍ୱାରା ପ୍ରତିଷ୍ଠିତ**

**55LAKH+*** Successfully Treated Eyes *Includes all center's data

160+* Eye specialists of all sub specialities of ophthalmology out of which 60+* are trained from AIIMS, New Delhi

Presence Over 33+* Cities
40+* Super Speciality Eye Hospitals



## ମୋତିଆବିନ୍ଦୁ

MULTIFOCAL ଏବଂ TORIC LENSES ଜରିଆରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଦ୍ୱାରା ନିକଟ ଓ ଦୂରଦୃଷ୍ଟି ଦୋଷ ଥିବା ବ୍ୟକ୍ତି ଚଷମା ବ୍ୟବହାରରୁ ରକ୍ଷା ପାଇପାରିବେ। ମୋତିଆବିନ୍ଦୁର ଅସ୍ତ୍ରୋପଚାର ମାତ୍ର ₹ ୯,୦୦୦/- ରୁ ଆରମ୍ଭ

*The above mentioned charges are inclusive of Lens, Surgical fee, OT Charges and Disposables



## ରେଟିନା

ନୂତନ ସିଲାଇବିହୀନ 25/27G Vitractomy ସହିତ ବକଲିଂ ସର୍ଜିକାଲ୍ ଟେକ୍ନିକ୍‌ର ବ୍ୟବହାର ଦ୍ୱାରା ନିରାପଦରେ ଏବଂ ସଫଳତାର ସହିତ ଚିକିତ୍ସା କରାଯାଇପାରିବ।

HIGH MYOPIA | OCULAR TRAUMA | POSTERIOR VITREOUS DETACHMENT

**DIABETIC RETINOPATHY**
It's the leading cause of blindness worldwide. All diabetic patients are required to get eye check up every 3 to 6 months.

**RETINAL DISEASE IN NEW BORN BABY (ROP)**
Retinal Screening of babies & treatment with monoclonal antibodies and retinal laser.

Treatment of Diabetic Retinopathy - Yag (Green) Laser | Anti VEGF Molecules | Sutureless 25/27G Vitrectomy



## କ୍ୟୁ-ଲାସିକ/ ଆଇସିଏଲ୍

GO SPECS FREE IN LESS THAN 1 MINUTE Q-Lasik Laser
*Actual Laser Time

ଓକ୍ୟୁଲୋପ୍ଲାଷ୍ଟି | ଗ୍ଲୁକୋମା | କର୍ଣ୍ଣିଆ | ଟେରାପଣ

**ଆମର ବିଶେଷଜ୍ଞ ଉପଲବ୍ଧ ୨୪x୭**

**ଡା. ବିଘ୍ନରାଜ ପାଲ୍**
MBBS, MS & CORNEA FELLOW (AECS)
PHACO | CORNEA | ANTERIOR SEGMENT EXPERT | REFRACTIVE (Q-LASIK, ICL & BIOPTICS)

**ଡା. ସୌମ୍ୟା ଜେନା**
MBBS, MS & FELLOWSHIP PHACOEMULSIFICATION (SANKARA NETHRALAYA, CHENNAI) & VITREO-RETINA (ARAVIND EYE HOSPITAL, MADURAI)
PHACO | VITREO-RETINA | UVEA | ROP

**ଡ଼ା ଗାୟତ୍ରୀ କାନୁନ୍‌ଗୋ**
MBBS, MS & Fellowship In IOL Microsurgery And Medical Retina
PHACO | VITREO-RETINA | ROP

**ଡା. ମୋନାଲିସା ପଟ୍ଟନାୟକ**
MBBS, MS & Fellowship in Ophthalmic palstic surgery, Ocular oncology, Dacryology & Socket reconstruction (LVPEI)
Ocular aesthetic | Ocular oncology | Ocular trauma | Socket reconstruction | Dcaryology

**0 ₹/- ନିଃଶୁଳ୍କ ପରାମର୍ଶ ଏବଂ ବିସ୍ତୃତ ଚକ୍ଷୁ ପରୀକ୍ଷା***

**08 DECEMBER 2021 TO 07 JANUARY 2022**

* ଅଫର କେବଳ ପୂର୍ବ ପଞ୍ଜୀକରଣ ସହିତ ନୂତନ ରୋଗୀଙ୍କ ପାଇଁ ବୈଧ।

*Above Offer Includes | ବିଶେଷଜ୍ଞଙ୍କ ଦ୍ୱାରା ପରାମର୍ଶ | ଆଖିର ପରଦା ଯାଞ୍ଚ | ଚଷମା (ରିଫ୍ରାକ୍ସନ) ପାୱାର | ଗ୍ଲୁକୋମା ସ୍କ୍ରିନିଂ (ଆଇଓପି ଯାଞ୍ଚ) | ସ୍ଲିଟ୍ ଲ୍ୟାମ୍ପ ପରୀକ୍ଷା

ପଞ୍ଜୀକରଣ ପାଇଁ ସମ୍ପର୍କ କରନ୍ତୁ

**0674-2380799 | 0674-2380911 | 79925-33537 | 79925-33538**
**79925-33533 | 79925-33536 | 88750-22668 | 79925-33539**

TOLL FREE **1800 1200 111**

Empanelled with **CGHS, BSKY** (for Ration cards holders under NFSA/SFSS), MMTC, HUDCO, FCI, JNV, SBI & All Major TPA's and Insurance Companies

Google Reviews 1094* reviews 4.8 ★★★★★

**COVID-୧୨ର ସମସ୍ତ ସତର୍କତା ଅନୁପାଳନ କରାଯାଉଛି**

OPEN ON SUNDAY | TIME 9:00AM TO 8:00PM | EXPRESS OPD

**Near Sriya Talkies, Kharavela Nagar, Bhubaneswar**

www.asgeyehospital.com | /ASGeyehospitals | Find us on Google Maps

Designed by ASG Hospital Pvt. Ltd.

Our Networks: Kolkata | Pune | Surat | Kathmandu (Nepal) | Kampala (Uganda) | Jaipur | Udaipur | Patna | Bhopal | Jodhpur | Ludhiana | Indore | Kanpur | Guwahati | Srinagar | Bhubaneswar | Raipur | Bikaner | Varanasi | Muzaffarpur | Hajipur | Nagaur | Jamshedpur | Dhanbad | Ujjain | Siliguri | Nasik | Amritsar | Darbhanga | Delhi | Panaji | Aurangabad | Sehore

# ଲାଲ୍‌ଟୋପି ଭାଜପାକୁ ବିପଦ

**ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ଶାସକ ବିରୋଧୀଙ୍କ ବାକ୍‌ଯୁଦ୍ଧ ସେତିକି ତୀବ୍ର ହେବାରେ ଲାଗିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଗୋରଖପୁରରେ ଭାଜପାର ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ସମାଜବାଦୀ ପାର୍ଟି (ଏସ୍‌ପି)କୁ ଟାର୍ଗେଟ କରିଥିଲେ। କହିଥିଲେ, ୟୁପି ପାଇଁ ଲାଲ୍‌ଟୋପି ଏକ ରେଡ୍ ଆଲର୍ଟ। ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ କାଳ ବିଳମ୍ବ ନ କରି ଏହାର ଜବାବରେ କହିଛନ୍ତି, ଲାଲ୍‌ଟୋପି ୟୁପି ପାଇଁ ନୁହେଁ, ବରଂ ଭାଜପା ଲାଗି ବିପଦ। ଦୁଇ ନେତାଙ୍କ ଏଭଳି ବାକ୍ୟ ବିନିମୟ ୟୁପି ଭୋଟରଙ୍କୁ ଆମୋଦିତ କରିଛି।**

- ମୋଦିଙ୍କୁ ଅଖିଳେଶଙ୍କ ଜବାବ
- ଏସ୍‌ପି-ଆର୍‌ଏଲ୍‌ଡି ମେଣ୍ଟ ଚୂଡ଼ାନ୍ତ


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି


ଅଖିଳେଶ ଯାଦବ

**ଗୋରଖପୁର/ଲକ୍ଷ୍ନୌ,୭।୧୨**

ୟୁପି ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇ ନ ଥିଲେ ହେଁ ସବୁ ରାଜନୈତିକ ଦଳ ଭୋଟରଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ପ୍ରାଣପଣେ ଉଦ୍ୟମ ଜାରି ରଖିଛନ୍ତି। ଏହି କ୍ରମରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୋରଖପୁରରେ ଏକ ଏମ୍ସ ଏବଂ ସାର କାରଖାନାକୁ ଉଦ୍‌ଘାଟନ କରିବା ସହ ସଭାକୁ ସମ୍ବୋଧିତ କରିଥିଲେ। ସେ କହିଥିଲେ, ଆଜି ସମଗ୍ର ୟୁପି ଜାଣିଛି ଯେ ଯେଉଁମାନେ ଲାଲ୍‌ଟୋପି ପିନ୍ଧନ୍ତି ସେମାନେ ଲୋକଙ୍କ ଦୁଃଖ ଯନ୍ତ୍ରଣାକୁ ନେଇ ଆଦୌ ଚିନ୍ତିତ ନୁହନ୍ତି। ଲାଲ୍‌ଟୋପି ପରିଧାନ କରୁଥିବା ଲୋକେ କେବଳ କ୍ଷମତା ଚାହାନ୍ତି। ସେମାନେ କ୍ଷମତାକୁ ଆସିଲେ ଦୁର୍ନୀତି କରନ୍ତି, ଲୋକଙ୍କ ଉସକୁ ହଡ଼ପ କରନ୍ତି ଏବଂ ମାଫିଆମାନଙ୍କୁ ସ୍ୱାଧୀନତା ଦିଅନ୍ତି ବୋଲି ମୋଦି ସମାଲୋଚନା କରିଥିଲେ। ଲାଲ୍‌ଟୋପି ସମାଜବାଦୀ ନେତା ଓ କର୍ମୀଙ୍କ ଟ୍ରେଡ୍ ମାର୍କ ହୋଇଥିବାରୁ ସେ ଏପରି ଟାର୍ଗେଟ କରିଥିଲେ।

ଏହାର କିଛି ସମୟ ପରେ ମିରଟ୍‌ରେ ଏସ୍‌ପିର ଏକ ସଭା ହୋଇଥିଲା। ଉକ୍ତ ସଭାରେ ଏସ୍‌ପି ମୁଖିଆ ଅଖିଳେଶ ଯାଦବ କହିଥିଲେ, ଲାଲ୍‌ଟୋପି ପିନ୍ଧୁଥିବା ଲୋକେ ହେଉଛନ୍ତି ଭାଜପା ପାଇଁ ରେଡ୍ ଆଲର୍ଟ। କାରଣ ଭାଜପା ଯୋଗୁ ଦେଶରେ ଦରଦାମ ବୃଦ୍ଧି, ବେକାରି ସମସ୍ୟା, କୃଷକ ଓ ଚାଷୀଙ୍କ ଦୁଃଖ ବହୁଗୁଣିତ ହୋଇ ରେଡ୍ ଆଲର୍ଟ ହୋଇଛି। ସେହିପରି ହାଥ୍‌ରସ୍ ଓ ଲଖିମପୁର ଖେରି ଘଟଣା ରାଜ୍ୟବାସୀଙ୍କ ଚିନ୍ତା ବଢ଼ାଇଦେଇଥିବାବେଳେ ସରକାରଙ୍କ ଅବହେଳା ଯୋଗୁ ମହିଳା ଓ ଯୁବପିଢ଼ିଙ୍କ ଅସୁବିଧା, ସ୍ୱାସ୍ଥ୍ୟ, ଶିକ୍ଷା ଓ ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ୟୁପିରେ ୨୦୨୨ରେ ଲାଲ୍‌ଟୋପି ପରିବର୍ତ୍ତନ ଆଣିବ ବୋଲି ଅଖିଳେଶ କହିଥିଲେ। ଇତିମଧ୍ୟରେ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ନେତା ଜୟନ୍ତ ଚୌଧରୀ ସମାଜବାଦୀ ପାର୍ଟି ସହ ତାଙ୍କ ଦଳର ମେଣ୍ଟ ଚୂଡ଼ାନ୍ତ ହୋଇଥିବା ଘୋଷଣା କରିଛନ୍ତି। ଜୟନ୍ତ କହିଛନ୍ତି, ଆସନ୍ତା ବିଧାନସଭାରେ ଦୁଇଦଳ ଏକାଠି ଲଢ଼ିବେ। କ୍ଷମତାକୁ ଆସିଲେ କେନ୍ଦ୍ରର କୃଷି ଆଇନ ବିରୋଧରେ ଆନ୍ଦୋଳନ ବେଳେ ଶହୀଦ ହୋଇଥିବା କୃଷକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପ୍ରତିଷ୍ଠା କରାଯିବ। ଏଥର ୟୁପି ଭୋଟର ଭାଜପାକୁ ମୁହଁତୋଡ଼ ଜବାବ ଦେବାକୁ ଯାଉଛନ୍ତି ବୋଲି ଜୟନ୍ତ କହିଥିଲେ।

# ୧୦ରେ ବିଧାନସଭା ଘେରାଉ ଧମକଦେଲା ଛାତ୍ର କଂଗ୍ରେସ


ଖବରଦାତା ସମ୍ମିଳନୀରେ ଛାତ୍ରକଂଗ୍ରେସ ସଭାପତି ୟାସିର ନୱାଜ(ମଝି) ଓ ଅନ୍ୟମାନେ।

**ଭୁବନେଶ୍ୱର, ୭।୧୨(ବ୍ୟୁରୋ)**

ମମିତା ମେହେରଙ୍କୁ ନ୍ୟାୟ ଏବଂ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବହିଷ୍କାର ଓ ଗିରଫ ଦାବିରେ ଛାତ୍ର କଂଗ୍ରେସ କ୍ରମାଗତ ରାଜ୍ୟବ୍ୟାପୀ ଆନ୍ଦୋଳନ କରିଆସୁଛି। ମୁଖ୍ୟମନ୍ତ୍ରୀ ପୋଲିସ ବଳ ପ୍ରୟୋଗକରି ଛାତ୍ର କଂଗ୍ରେସର କଣ୍ଠରୋଧ କରିବାପାଇଁ ଅପଚେଷ୍ଟା କରିଆସୁଛନ୍ତି ବୋଲି ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି।

କଂଗ୍ରେସ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ୟାସିର କହିଛନ୍ତି, ମାତ୍ର ନବୀନ ପଟ୍ଟନାୟକଙ୍କର ଏହି ଅଗଣତାନ୍ତ୍ରିକ ପଦକ୍ଷେପକୁ ଛାତ୍ର କଂଗ୍ରେସ ଭ୍ରୂକ୍ଷେପ କରିନାହିଁ ବରଂ ଜେଲ ଯିବାକୁ ପସନ୍ଦ କରିଛି। ଅନେକ ସ୍ଥାନରେ ପୋଲିସ୍ ଉପସ୍ଥିତିରେ ଛାତ୍ର କଂଗ୍ରେସର କର୍ମକର୍ତ୍ତାଙ୍କୁ ବିଜେଡି ଗୁଣ୍ଡାମାନେ ମରଣାନ୍ତକ ଆକ୍ରମଣ କରିଥିବା ବେଳେ ପୋଲିସ ନୀରବ ରହିଛି। ପୋଲିସ ବିଜେଡିର କର୍ମକର୍ତ୍ତା ଭାବରେ ନିଜ ପରିଚୟ ପ୍ରଦାନ କରିଛି। ମୁଖ୍ୟମନ୍ତ୍ରୀ ବିରୋଧୀ ଦଳ ଉପରେ ଯେଉଁ ଆରୋପ ଲଗାଇଛନ୍ତି ସେଥିଲାଗି କ୍ଷମା ମାଗନ୍ତୁ। ଏହି ପ୍ରସଙ୍ଗରେ ୧୦ ତାରିଖ ୧୧ଟା ସମୟରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି।



କୃଷକଙ୍କ ସମସ୍ୟା ନେଇ ପାର୍ଲାମେଣ୍ଟର ସମ୍ପୂର୍ଣ୍ଣ ଶୀତ ଅଧିବେଶନକୁ ମଙ୍ଗଳବାର ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ସଦସ୍ୟମାନେ ବର୍ଜନ କରିଛନ୍ତି।

# 'କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦିଆଯାଉ'

**ଭୁବନେଶ୍ୱର, ୭।୧୨**

ଜୱାଦ ପ୍ରଭାବରେ ପ୍ରବଳ ବର୍ଷା ଓ ପବନ ଯୋଗୁ ଲକ୍ଷ ଲକ୍ଷ ହେକ୍ଟର ଜମି ପାଣିରେ ବୁଡ଼ିଯିବାରୁ ବର୍ତ୍ତମାନ ପାଚିଲା ଧାନ ଜମିରେ ପଚିଲାଣି। ପନିପରିବା ଫସଲ ମଧ୍ୟ ବହୁ ପରିମାଣରେ ନଷ୍ଟ ହୋଇଛି। ଖରିଫ୍ ଓ ରବି ଚାଷ ପାଇଁ ଚାଷୀ ଧାର କରଜ କରିଥିବା ବେଳେ ବର୍ତ୍ତମାନ ଫସଲ କ୍ଷତି ଯୋଗୁ ଏହା ପରିଶୋଧ କରିବା କାଠିକର ପାଠ। ତେଣୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଓ କ୍ଷତିପୂରଣ ପ୍ରଦାନ ପାଇଁ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଦାବି କରିଛନ୍ତି। ଏ ନେଇ ସେ ମଙ୍ଗଳବାର କୃଷି ଭବନରେ କୃଷି ବିଭାଗ ଶାସନ ସଚିବ ସୁରେଶ କୁମାର ବଶିଷ୍ଟଙ୍କୁ ଭେଟି ୭ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଅମୀୟ କହିଛନ୍ତି, ପ୍ରତି ଗୁଣ୍ଠ ପିଛା ଜମିରେ ଚାଷୀଙ୍କୁ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି। ଏଥିସହ କୃଷି ଉତ୍ପାଦନ ପାଇଁ ଆବଶ୍ୟକ ସରକାରୀ କୃଷି ଇନ୍‌ପୁଟ୍ ସହାୟତା ପାଇବାରେ ହଇରାଣ ହୋଇଛନ୍ତି। ଚଳିତ ବର୍ଷ ଏକ ଏକର ଜମିରେ ଚାଷୀକୁ ୬୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିବା ବେଳେ ପ୍ରତି ହେକ୍ଟର ପିଛା ଜଳସେଚିତ ଅଞ୍ଚଳ ପାଇଁ ୧୩,୫୦୦ ଓ ଅଣଜଳସେଚିତ ଅଞ୍ଚଳ ପାଇଁ ୬,୮୦୦ଟଙ୍କା ପ୍ରଦାନ ବ୍ୟବସ୍ଥା ଥିଲେ ମଧ୍ୟ ଏଥିରେ ଚାଷୀର କ୍ଷତି ଭରଣା ସମ୍ଭବପର ନୁହେଁ। ରାଜ୍ୟ ସରକାର ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି।

# ଗୋବିନ୍ଦଙ୍କୁ ବଞ୍ଚାଇବାକୁ ମାମଲା ଲଢ଼ୁଛନ୍ତି ଭାଜପା ନେତା

## ମମିତା ଘଟଣାରେ ବିଜେଡିର ସାଂଘାତିକ ଅଭିଯୋଗ

**ଭୁବନେଶ୍ୱର, ୭।୧୨(ବ୍ୟୁରୋ)**

ମମିତା ମେହେର ହତ୍ୟା ମାମଲାକୁ ନେଇ ଭାଜପା ତୁମ୍ବିତୋଫାନ କରିବା ସହିତ ଏଭଳି ଏକ ସମ୍ବେଦନଶୀଳ ମାମଲାରେ ରାଜନୈତିକ ଫାଇଦା ହାସଲ ପାଇଁ ବିଧାନସଭା ଭିତରେ ଓ ବାହାର ନାଟକବାଜି କରୁଛି। ହେଲେ ସେପଟେ ମମିତା ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ବଞ୍ଚାଇବା ଲାଗି ଭାଜପା ନେତାମାନେ ସାଂଘାତିକ ଷଡ଼ଯନ୍ତ୍ର କରିଛନ୍ତି ବୋଲି ବିଜେଡି ବିଧାୟକ ପ୍ରତାପ କେଶରୀ ଦେବ ଅଭିଯୋଗ କରିଛନ୍ତି।

ଖବରାଦାତା ସମ୍ମିଳନୀରେ ପ୍ରତାପ କହିଛନ୍ତି, ଭାଜପାର ଜଣେ ସକ୍ରିୟ ସଦସ୍ୟ ତଥା ଜଣାଶୁଣା ନେତା ମୋହନ ଲାଲ୍ ଶର୍ମାଙ୍କୁ କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ଗୋବିନ୍ଦଙ୍କ ସପକ୍ଷରେ କେସ୍ ଲଢ଼ାଉଛନ୍ତି। ଏଥିରୁ ଭାଜପା ନେତାଙ୍କ ଅସଲ ଚେହେରା ପଦାରେ ପଡ଼ିଯାଇଛି। ମମିତାଙ୍କୁ ନ୍ୟାୟ ପାଇଁ ଚିତ୍କାର କରୁଥିବା ଭାଜପା ନେତାମାନେ କେବଳ ହୀନ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି, ଏଥିରୁ ତାହା ସ୍ପଷ୍ଟ ହୋଇଯାଇଛି। ଏହି ଜଘନ୍ୟ ମାମଲାରେ ଗୋବିନ୍ଦଙ୍କ ଓକିଲ ସାଜିଥିବା ମୋହନ ଲାଲ୍ ଶର୍ମା କଣ୍ଟାବାଞ୍ଜିରେ ଭାଜପାର ଜନସମ୍ପର୍କ ଯାତ୍ରାଠୁ ଆରମ୍ଭକରି ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରନ୍ତି। ୨୦୧୯ ନିର୍ବାଚନରେ କଣ୍ଟାବାଞ୍ଜିରୁ ଭାଜପା ପ୍ରାର୍ଥୀ ହେବା ଲାଗି ମଧ୍ୟ ସେ ଦୌଡ଼ରେ ଥିଲେ। ଏହାଛଡ଼ା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ପୂର୍ବତନ ସଭାପତି ବସନ୍ତ ପଣ୍ଡା ଏବଂ ଦଳର ଅନ୍ୟ ବରିଷ୍ଠ ନେତାଙ୍କର ଘନିଷ୍ଠ ଭାବେ ସେ ବେଶ୍ ଜଣାଶୁଣା। ତାଙ୍କ ଭଳି ଦଳର ଜଣେ ସକ୍ରିୟ ନେତାଙ୍କୁ ଗୋବିନ୍ଦ ସାହୁଙ୍କୁ ବଞ୍ଚାଇବା ଲାଗି ଭାଜପା ନେତାମାନେ ନିୟୋଜିତ କରିବା ପଛରେ ଯେ ଏକ ବଡ଼ ଷଡଯନ୍ତ୍ର ରହିଛି, ତାହା ଜଳଜଳ ହୋଇ ଦିଶୁଥିବା ପ୍ରତାପ କହିଛନ୍ତି। ପୂର୍ବରୁ ନୟାଗଡ଼ ପରୀ ହତ୍ୟା ମାମଲାରେ ମଧ୍ୟ ଭାଜପା ନେତାମାନେ ଏହିଭଳି ହୀନ ରାଜନୀତି କରିଥିଲେ। ଏସ୍‌ଆଇଟି ତଦନ୍ତରୁ ଅଭିଯୁକ୍ତ ଧରା ପଡ଼ିଯିବା ପରେ ହାଇକୋର୍ଟ ତଦନ୍ତରେ ସନ୍ତୋଷ ପ୍ରକାଶ କରିଥିଲେ। ମାତ୍ର ରାଜନୈତିକ ସ୍ୱାର୍ଥ ଲାଗି ଅଭିଯୁକ୍ତକୁ ବଞ୍ଚାଇବାକୁ ସେତେବେଳେ କୋର୍ଟରେ ବଡ଼ ଓକିଲଙ୍କୁ କିଏ ନିଯୁକ୍ତ କରିଥିଲା ବୋଲି ପ୍ରତାପ ପ୍ରଶ୍ନ କରିଛନ୍ତି।


ପ୍ରତାପ କେଶରୀ ଦେବ

# ମୋହନଲାଲ ଦଳୀୟ ପଦବୀରେ ନାହାନ୍ତି: ଭାଜପା

**ଭୁବନେଶ୍ୱର, ୭।୧୨(ବ୍ୟୁରୋ)**

ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମେତ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ବଞ୍ଚାଇବା ପାଇଁ ବିଜେଡି ଗଳାବାଟ ଖୋଜୁଥିବା ବେଳେ ଜନମାନସରୁ ବର୍ଞ୍ଚିବା ପାଇଁ ନୂଆ ନୂଆ କାହାଣୀ ରଚନା କରୁଛି। ବିଜେଡି ନେତା ପ୍ରତାପ ଦେବଙ୍କ ବକ୍ତବ୍ୟ ମମିତା ମେହେର ମାମଲାରେ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଆଖୁବାଡ଼ି ଘଟଣାର ଆଉ ଏକ ସଂସ୍କରଣର ଉନ୍ମୋଚନ ସଦୃଶ ବୋଲି ଭାଜପା ବିଧାୟକ ମୁକେଶ ମହାଲିଙ୍ଗ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମହାଲିଙ୍ଗ କହିଛନ୍ତି, ମୋହନଲାଲ ଶର୍ମା ଆମ ଦଳରେ କୌଣସି ପଦ ପଦବୀରେ ନାହାନ୍ତି। ପ୍ରତାପ ଦେବଙ୍କ ମନ୍ତବ୍ୟକୁ ଭାଜପା ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରୁଛି। ପ୍ରକୃତିରେ ସରକାରୀ ଓକିଲ କରାଇଦେବା ପ୍ରଲୋଭନ ଦେଖାଇ ମୋହନ ଲାଲ ଶର୍ମାଙ୍କୁ ଏହି କେସ୍ ଲଢ଼ିବା ପାଇଁ ପ୍ରତାପ ଦେବ ଓ ଦିବ୍ୟଶଙ୍କର ମିଶ୍ର ପ୍ରବର୍ତ୍ତାଇଛନ୍ତି। ପ୍ରତାପ ଦେବ ଓ ଦିବ୍ୟଶଙ୍କର ମିଶ୍ରଙ୍କ ସହିତ ମୋହନ ଲାଲ ଶର୍ମାଙ୍କ ପୁରୁଣା ସମ୍ପର୍କ ରହିଛି। ଏହି କଥା ଉନ୍ମୋଚନ ହୋଇଯିବା ଭୟରେ ନିଜ ଆଡ଼ୁ ପ୍ରତାପ ସଫେଇ ଦେଲେ। ପ୍ରତାପ ଦେବ ଓ ଦିବ୍ୟଶଙ୍କର ମିଶ୍ର ମୋହନ ଲାଲ ଶର୍ମାଙ୍କୁ ୨୦୧୯ ନିର୍ବାଚନରେ ବିଜେଡି ଟିକେଟ ଦେବା ପାଇଁ ଚେଷ୍ଟା କରୁଥିଲେ। ଗୋବିନ୍ଦ ସାହୁ ଏହାର ମଧ୍ୟସ୍ଥି ସାଜିଥିଲେ। ରାଜ୍ୟବାସୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବି କରୁଥିବା ବେଳେ ବିଜେଡି ବିଚଳିତ ହୋଇ ମୁକୁଳିବା ପାଇଁ ବାଟ ଖୋଜୁଛି। ମମିତା ମେହେର ମାମଲାରେ ସିବିଆଇ ତଦନ୍ତ, ସମ୍ପୃକ୍ତ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବି ତଥା ମମିତାକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଭାଜପା ଆନ୍ଦୋଳନ ଜାରି ରଖିଛି ଏବଂ ଆଗକୁ ରଖିବ ବୋଲି ମୁକେଶ କହିଛନ୍ତି।


ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

**ଚାଷୀଙ୍କୁ କ୍ଷତିପୂରଣ ପ୍ରସଙ୍ଗ**

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପିସିସି ସଭାପତି

**ଭୁବନେଶ୍ୱର,୭।୧୨**

ବାତ୍ୟା 'ଜୱାଦ' ଫଳରେ ବହୁ ଜିଲାର ଚାଷୀଭାଇମାନେ ନାହିଁ ନ ଥିବା କ୍ଷତିର ସମ୍ମୁଖୀନ ହୋଇଛନ୍ତି। ସେମାନଙ୍କୁ ତୁରନ୍ତ କ୍ଷତିପୂରଣ ଓ ଅନ୍ୟାନ୍ୟ ସୁବିଧା, ସହାୟତା ଯୋଗାଇ ଦେବାକୁ ମଙ୍ଗଳବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ବାତ୍ୟା 'ଜୱାଦ' ଓଡ଼ିଶାର ସ୍ଥଳଭାଗ ଛୁଇଁ ନ ଥିଲେ ସୁଦ୍ଧା ଲଗାଣ ବର୍ଷା ଯୋଗ ଫସଲ ବିଶେଷ ଭାବେ କ୍ଷୟକ୍ଷତି ହୋଇଛି। ଦୁର୍ବିପାକ ପରବର୍ତ୍ତୀ ପ୍ରସଙ୍ଗର ସୁପରିଚାଳନା ଦାୟିତ୍ୱ ସରକାରଙ୍କ। ଉପକୂଳ ଅଞ୍ଚଳରେ ଚାଷୀମାନେ ସାଧାରଣତଃ ଲମ୍ବା ଧାନ ଚାଷ କରନ୍ତି। ଏହି ଧାନ କଟା ଡିସେମ୍ବର ମାସରୁ ଆରମ୍ଭ ହୁଏ। କିନ୍ତୁ ଚଳିତବର୍ଷ ଅନାବୃଷ୍ଟି ଯୋଗୁ ଧାନ ଚାଷ ପ୍ରାୟ ବିଳମ୍ବ ହୋଇଥିଲା। ମରୁଡିରେ ପ୍ରାୟ ୭୦ ଭାଗ ଧାନ ଫସଲ ନଷ୍ଟ ହୋଇଯିବାପରେ ୩୦ ଭାଗ ଫସଲ ଡିସେମ୍ବର ଶେଷ ସପ୍ତାହରେ ଅମଳ ହୋଇଥାନ୍ତା। କିନ୍ତୁ 'ଜୱାଦ' ବାତ୍ୟା ଓ ପ୍ରବଳ ବର୍ଷା ଯୋଗୁ ଧାନ ଏବେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କ୍ଷୟକ୍ଷତିର ଆକଳନ ଯୁଦ୍ଧକାଳୀନ ଭିତ୍ତିରେ କରାଯାଇ କ୍ଷତିପୂରଣ ତୁରନ୍ତ ଯୋଗାଇ ଦେବା ଆବଶ୍ୟକ। ରବି ଋତୁ ଆରମ୍ଭ ହୋଇଯାଇଥିବାରୁ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ମିଳିଲେ ସେମାନେ ଡାଲି ଜାତୀୟ ଫସଲ, ବାଦାମ, ପନିପରିବା ଚାଷ ପୁଣିଥରେ ଆରମ୍ଭ କରିପାରନ୍ତେ। ହେଲେ ସରକାରଙ୍କ କୌଣସି ସ୍ପଷ୍ଟ ନୀତି ନ ଥିବାରୁ କ୍ଷତିଗ୍ରସ୍ତ ଚାଷୀମାନେ କେବେ ତାଙ୍କ କ୍ଷତିପୂରଣ ପାଇବେ ତାହା ସ୍ପଷ୍ଟ ହୋଇପାରୁନି ବୋଲି ସେ କହିଛନ୍ତି। କେବଳ ଧାନ ଚାଷୀ ନୁହନ୍ତି, କପା, ମକା ଓ ଡାଲିଜାତୀୟ ଫସଲ ଚାଷ କରୁଥିବା ଚାଷୀମାନେ ମଧ୍ୟ ଅନେକ କ୍ଷତି ସହିଲେଣି। ଏହି ସବୁର ତୁରନ୍ତ ସମାଧାନ କରିବାକୁ ନିରଞ୍ଜନ ଚିଠିରେ ଉଲ୍ଲେଖ କରିଛନ୍ତି।


ନିରଞ୍ଜନ ପଟ୍ଟନାୟକ

# ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବ ସିପିଆଇଏମ୍

**ଭୁବନେଶ୍ୱର,୭।୧୨**

ଆଗାମୀ ଦିନରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିରୋଧରେ ଆନ୍ଦୋଳନକୁ ଜୋରଦାର କରିବ ସିପିଆଇଏମ୍। ୨୨ତମ ପାର୍ଟି ରାଜ୍ୟ ସମ୍ମିଳନୀରେ ଏହି ନିଷ୍ପତ୍ତି ନିଆଯାଇଛି। ମଙ୍ଗଳବାର ଜୟଦେବ ବିହାରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିପିଆଇଏମ୍ ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, କୃଷକ ଓ ଶ୍ରମିକଙ୍କ ସମସ୍ୟା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ମହିଳା ବିରୋଧୀ ଅପରାଧ ବୃଦ୍ଧି, ବିଦ୍ୟୁତ ଦରବୃଦ୍ଧି, ଜଳସେଚନ, ଖଣି ଲୁଟ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କ ବିରୋଧରେ ସିପିଆଇଏମ୍ ଜୋରଦାର ଆନ୍ଦୋଳନ କରିବ। ସେହିପରି କେନ୍ଦ୍ର ସରକାରଙ୍କ ବିରୋଧରେ ଦରଦାମ ବୃଦ୍ଧି, ବେରୋଜଗାରୀ, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ, ଦଳିତ ଓ ଆଦିବାସୀଙ୍କୁ ଅବହେଳା ପ୍ରସଙ୍ଗରେ ଦଳ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବ। ରାଜ୍ୟର ମୌଳିକ ସମସ୍ୟାର ସମାଧାନ ପାଇଁ ଆନ୍ଦୋଳନ କରାଯିବ। ନଭେମ୍ବର ୩୦ରୁ ଡିସେମ୍ବର ୨ତାରିଖ ପର୍ଯ୍ୟନ୍ତ ବଣାଇଠାରେ ପାର୍ଟିର ୩ଦିନିଆ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।



ଖବରଦାତା ସମ୍ମିଳନୀରେ ସିପିଆଇ(ଏମ୍) ନେତୃବୃନ୍ଦ।

# ପକ୍କାଘର ଯୋଗାଇବା ନେଇ ମୁହାଁମୁହିଁ

- ୪ ଥର ସମୟସୀମା ବୃଦ୍ଧି ହେଲା କୁଆଡ଼େ ଯାଇଥିଲ: ଭାଜପା
- ରାଜ୍ୟବାସୀ ଆଦୌ କ୍ଷମା କରିବେନି: ବିଜେଡି

**ଭୁବନେଶ୍ୱର,୭।୧୨(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୬.୭ ଲକ୍ଷ ହିତାଧିକାରୀଙ୍କୁ ସାମିଲ କରିବାକୁ ପୋର୍ଟାଲ ଖୋଲିବା ନିମନ୍ତେ ରାଜ୍ୟ ସଭାରେ ବିଜେଡି ଏମ୍‌ପି ଯେଉଁ ଦାବି କରିଛନ୍ତି ତାହା ଚୋରି ଏବଂ ଚୋରି ଉପରେ ସିନା ଜୋରି ସଦୃଶ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଆସୁଥିବା ଘରକୁ ଦଳୀୟ ଆଧାରରେ ବଣ୍ଟନ ହେଉଛି। ରାଜ୍ୟ ସରକାର ପ୍ରକୃତ ହିତାଧିକାରୀଙ୍କୁ ଘର ନ ଦେଇ ନିଜ ଦୋଷକୁ ଲୁଚାଇ କେବଳ କେନ୍ଦ୍ର ଉପରେ ବିନା କାରଣରେ ଆରୋପ ଲଗାଉଛନ୍ତି ବୋଲି ଗୋଲକ ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି, ଯଦି ବିଜେଡିକୁ ଗରିବଙ୍କ ଘର ପାଇଁ ଏତେ ଚିନ୍ତା, ତେବେ ଯେତେବେଳେ ଆବାସ ପ୍ଲସ୍‌ରେ ୪ଥର ସମୟସୀମା ବୃଦ୍ଧି କରାଗଲା ସେତେବେଳେ କୁଆଡ଼େ ଯାଇଥିଲା। ସେତେବେଳେ କେବିକେ ସମେତ ୧୬ ଜିଲାର ୬.୭ ଲକ୍ଷ ହିତାଧିକାରୀଙ୍କୁ ସାମିଲ ନ କରି ଏବେ ସମ୍ବିତ୍ ପାତ୍ର କାହିଁକି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ୯ ଜିଲାରେ ଘର ଆବଣ୍ଟନ ଶୂନ ଥିବାବେଳେ ଝାରସୁଗୁଡ଼ାକୁ ଏହି ଯୋଜନାରେ ମାତ୍ର ୪ଟି ଘର ଆବଣ୍ଟନ କରାଯାଇଛି। ପ୍ରଥମେ ରାଜ୍ୟ ସରକାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ତାଲିକାକୁ ସାର୍ବଜନୀନ କରନ୍ତୁ। ସାଧାରଣ ଜନତା ଏହାର ଜବାବ ନିଶ୍ଚୟ ଦେବେ ବୋଲି ଗୋଲକ କହିଛନ୍ତି।

ଭାଜପାକୁ ଟାର୍ଗେଟକରି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଭାଜପା ରାଜ୍ୟର କେବିକେ ଅଞ୍ଚଳ, ପଶ୍ଚିମ ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶାର ପ୍ରାୟ ୬ ଲକ୍ଷ ଆଦିବାସୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧୀନରେ ଘର ପାଇବାରୁ ବଞ୍ଚିତ କରିବାକୁ ଷଡ଼ଯନ୍ତ୍ର କରୁଛି। ରାଜ୍ୟର ୬ ଲକ୍ଷ ପରିବାର ବିରୋଧରେ ଏହି ଷଡ଼ଯନ୍ତ୍ର ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ଭାଜପା ଏମ୍‌ପିମାନେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କୁ ଭେଟି ମିଛରେ ଦାବି କରିଥିଲେ, ପିଏମ୍‌ଏୱାଇ ଯୋଜନାରେ ଅନିୟମିତତା ହୋଇଛି ଏବଂ ୬ ଲକ୍ଷ ଘର ଆଦିବାସୀଙ୍କୁ ଦିଆଯାଇ ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୁଲାଇ ୨୦୨୧ରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ପିଏମ୍‌ଏୱାଇ ଯୋଜନାର ଆୱାସ ପ୍ଲସ୍ ପୋର୍ଟାଲ ଖୋଲିବାକୁ ଅନୁରୋଧ କରିଥିଲେ। କାରଣ ୬ ମାସ ହେଲା ଭାଜପାର ଷଡ଼ଯନ୍ତ୍ର ଯୋଗୁ କେନ୍ଦ୍ର ଦ୍ୱାରା ଆୱାସ ପ୍ଲସ୍ ପୋର୍ଟାଲ ଖୋଲାହେଲା ନାହିଁ କି ୬ ଲକ୍ଷ ଘର ଯୋଗାଇ ଦିଆଗଲା ନାହିଁ। ଏଥିଲାଗି ରାଜ୍ୟବାସୀ ଭାଜପାକୁ ଆଦୌ କ୍ଷମା କରିବେ ନାହିଁ ବୋଲି ଲେନିନ୍ କହିଛନ୍ତି।



48 ଧରିତ୍ରୀ DHARITRI ୪୮
ବୁଧବାର, ଡିସେମ୍ବର ୮/୨୦୨୧ | Wednesday, December 8/2021 | ପୃଷ୍ଠା-୧



**ସାଜିଦ ଖାଁଙ୍କୁ ୬ ଉଇକେଟ**


ଢାକାରେ ଚାଲିଥିବା ବାଂଲାଦେଶ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ୬ ଉଇକେଟ ସଫଳତା ପାଇଛନ୍ତି ପାକିସ୍ତାନ ଅଫ୍ ସ୍ପିନର ସାଜିଦ ଖାଁ ।

୦୯ ୦୮

**କମ୍ ଫିଲ୍ମ ସତ୍ତ୍ୱେ ଶହେ କୋଟିର ମାଲିକାଣୀ**

ମନି ଲଣ୍ଡରିଂ ମାମଲାରେ ଫସିଥିବା ଅଭିନେତ୍ରୀ ଜ୍ୟାକଲିନ କମ୍ ଫିଲ୍ମରେ ଅଭିନୟ କରିଥିଲେ ହେଁ ତାଙ୍କ ସମ୍ପତ୍ତିର ମୂଲ୍ୟ ପ୍ରାୟ ଶହେ କୋଟି ହେବ ବୋଲି ଜଣାଯାଇଛି।






# ଆଜି ନିଷ୍ପତ୍ତି ନେବେ ଚାଷୀ

**ନୂଆଦିଲ୍ଲୀ,୭।୧୨**



ବର୍ଷେରୁ ଊର୍ଦ୍ଧ୍ୱ ସମୟ ଧରି ଦିଲ୍ଲୀ ସୀମାରେ ଆନ୍ଦୋଳନରତ କୃଷକମାନେ ଏଥିରୁ ଓହରିବେ କି ନାହିଁ ସେନେଇ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ବୁଧବାର ନିଷ୍ପତ୍ତି ନିଆଯିବ। ଏସ୍‌କେଏମ୍ ଯାହା ସ୍ଥିର କରିବ ତାହା ହିଁ ଚୂଡ଼ାନ୍ତ ନିଷ୍ପତ୍ତି ହେବ ବୋଲି ମଙ୍ଗଳବାର କୃଷକ ନେତା ରାକେଶ ଟିକାଏତ୍ ସ୍ପଷ୍ଟ କରିଛନ୍ତି।

୨୦୨୦ ସେପ୍ଟେମ୍ବରରେ କେନ୍ଦ୍ର ସରକାର ୩ ବିବାଦୀୟ କୃଷି ଆଇନ ଆଣିଥିଲେ। ସେବେଠୁ କୃଷକମାନେ ଏହାର ପ୍ରତ୍ୟାହାର ଦାବିରେ ଆନ୍ଦୋଳନ ଜାରି ରଖିଥିବାବେଳେ ଗତ ନଭେମ୍ବର ୧୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଉଚ୍ଛେଦ ନେଇ ଟିଭିରେ ଘୋଷଣା କରିଥିଲେ। ଗତ ୨୯ ତାରିଖରେ ପାର୍ଲାମେଣ୍ଟରେ ଏ ସମ୍ପର୍କିତ ବିଲ୍ ଗୃହୀତ ହୋଇଥିଲା। ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ମୋହର ପରେ ଏହା ଆନୁଷ୍ଠାନିକ ଭାବେ ଉଚ୍ଛେଦ ହୋଇଛି। ତେବେ କୃଷିଜାତ ସାମଗ୍ରୀଗୁଡ଼ିକର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି)ର ଆଇନଗତ ଗ୍ୟାରେଣ୍ଟି, ବିଦ୍ୟୁତ୍ ସଂଶୋଧନ ବିଲ୍ ପ୍ରତ୍ୟାହାର, ବାୟୁ ପ୍ରଦୂଷଣ ବିଲ୍‌ରୁ ଦଣ୍ଡବିଧାନ ବ୍ୟବସ୍ଥା ହଟାଇବା, କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କୁ କ୍ୟାବିନେଟରୁ ବହିଷ୍କାର ସହ ଗିରଫ, ଚାଷୀଙ୍କ ଉପରୁ ମିଥ୍ୟା ମାମଲା ହଟାଇବା, ଆନ୍ଦୋଳନ ବେଳେ ପ୍ରାଣ ହରାଇଥିବା ଚାଷୀଙ୍କ ପରିବାରକୁ କ୍ଷତିପୂରଣ ଏବଂ ମୃତକଙ୍କ ସ୍ମୃତିରେ ☞ପୃଷ୍ଠା-୨

## ମୃତ କୃଷକଙ୍କ ପରିବାରକୁ କ୍ଷତିପୂରଣ, ଚାକିରି ଦିଅ: ରାହୁଲ

**ନୂଆଦିଲ୍ଲୀ,୭।୧୨**



୩ ବିବାଦୀୟ କୃଷି ଆଇନ ଉଚ୍ଛେଦ ଦାବିରେ ଆନ୍ଦୋଳନ ବେଳେ ପ୍ରାଣ ହରାଇଥିବା କୃଷକମାନଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ସହ ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ଦିଆଯାଉ ବୋଲି ମଙ୍ଗଳବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦାବି କରିଛନ୍ତି। ୱାୟନାଡ୍ ଏମ୍‌ପି ରାହୁଲ ଲୋକ ସଭାରେ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ପଞ୍ଜାବ ସରକାର କ୍ଷତିପୂରଣ ଦେଇଥିବା ମୃତକଙ୍କ ତାଲିକା ଉପସ୍ଥାପନ କରିଥିଲେ। ସେ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଷୀଙ୍କୁ କ୍ଷମା ମାଗି ନିଜ ଭୁଲ୍ ସ୍ୱୀକାର ☞ପୃଷ୍ଠା-୨


Muthoot Finance
ଗୋଲଡ୍ ଲୋନ୍
57 ପଇସା ମାସିକ ସୁଧ ଦର
6.90% ପ୍ରତି ବର୍ଷ ସୁଧ ଦର
1800 313 1212
muthootfinance.com

## ଫସଲ କ୍ଷତି ଦେଖି ଟଳିପଡ଼ିଲେ ଚାଷୀ

**ଚିକିଟି,୭।୧୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ଚିକିଟି ତହସିଲ ଅନ୍ତର୍ଗତ କଳବାଡ଼ ପଞ୍ଚାୟତ ପାରସମ୍ବା ଗ୍ରାମର ଜଣେ ବୃଦ୍ଧ ଚାଷୀ ସୋମବାର ତାଙ୍କ ଜମିରେ ଫସଲ କ୍ଷତି ଦେଖି ଟଳି ପଡ଼ିଛନ୍ତି। ସେ ହେଲେ ପାରସମ୍ବା ଗ୍ରାମର ଅଭିମନ୍ୟୁ ପ୍ରଧାନ (୬୭)। ବାତ୍ୟା ଜୱାଦ ପ୍ରଭାବରେ ହୋଇଥିବା ବର୍ଷାରେ ପାଚିଲା ଧାନ ବୁଡ଼ି ରହିଥିଲା। ଅଭିମନ୍ୟୁ ଜମିକୁ ଯାଇଥିବା ବେଳେ ଏହା ଦେଖି ହଠାତ୍ ବିଲରେ ଟଳି ପଡ଼ିଥିଲେ। ନିକଟରେ ଥିବା ଚାଷୀମାନେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଅଭିମନ୍ୟୁଙ୍କୁ ଉଦ୍ଧାର କରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ବର୍ମାରେ ଗଣତନ୍ତ୍ରର ମୃତ୍ୟୁ**

# ପଦ୍ମଶ୍ରୀ ନନ୍ଦ ସାର୍‌ଙ୍କ କୋଭିଡ୍‌ରେ ପରଲୋକ

**ଯାଜପୁର ଅଫିସ, ୭।୧୨**


ପଦ୍ମଶ୍ରୀ ନନ୍ଦ ପ୍ରୁଷ୍ଟି

କୋଭିଡ୍‌ରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବା ପଦ୍ମଶ୍ରୀ ନନ୍ଦ ପ୍ରୁଷ୍ଟିଙ୍କ ମଙ୍ଗଳବାର ଅପରାହ୍ନ ୧ଟା ୩୦ ମିନିଟ୍ ସମୟରେ ଭୁବନେଶ୍ୱରର ସମ୍ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୧୦୪ ବର୍ଷ ବୟସ ହୋଇଥିଲା। ଜଣେ ଚାଟଶାଳୀ ଶିକ୍ଷକ ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେଥିପାଇଁ ସେ ନନ୍ଦ ସାର୍ ଭାବେ ସମସ୍ତଙ୍କ ପାଖରେ ପରିଚିତ। ଗରିବ ପିଲାମାନଙ୍କୁ ନିଜ ଚାଟଶାଳୀରେ ଶିକ୍ଷାଦାନ କରି ଶିକ୍ଷାର ମହାସ୍ରୋତରେ ସାମିଲ କରିଥିବା ଏହି ଶତାୟୁ ଶିକ୍ଷକଙ୍କୁ ଗତ ନଭେମ୍ବର ୯ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ

### ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ

କରିଥିଲେ। ନଭେମ୍ବର ୨୯ରେ ନନ୍ଦ ସାର୍ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ପ୍ରଥମେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେ କୋଭିଡ୍‌ରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ଏହାପରେ ଜିଲା ପ୍ରଶାସନ ସହାୟତାରେ ତାଙ୍କୁ ସେଦିନ ରାତିରେ ଟାଟା ମେଡିକା କୋଭିଡ୍ ହସ୍ପିଟାଲ୍ ନିଆଯାଇଥିଲା। ସେଠାରେ ଚିକିତ୍ସା ଚାଲିଥିବା ବେଳେ ଉଚ୍ଚତର ଚିକିତ୍ସା ପାଇଁ ଗତ ୪ ତାରିଖରେ ତାଙ୍କୁ ☞ପୃଷ୍ଠା-୨

## ଅସମ୍ପୂର୍ଣ୍ଣ ଷ୍ଟାଟସ୍ ରିପୋର୍ଟ ଦାଖଲକୁ ନେଇ ହାଇକୋର୍ଟ କ୍ଷୁବ୍ଧ

### ଡିଆର୍‌ଡିଓ ତଥ୍ୟ ଲିକ୍ ମାମଲା

**କଟକ ଅଫିସ, ୭।୧୨:** ଡିଆର୍‌ଡିଓ ତଥ୍ୟ ଲିକ୍ ମାମଲାରେ ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଯାଇଛି। ପୂର୍ବରୁ ଏହି ମାମଲାରେ ତଦନ୍ତର ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ କେନ୍ଦ୍ର ସରକାର ମଙ୍ଗଳବାର କୌଣସି ରିପୋର୍ଟ ଦାଖଲ କରି ନ ଥିବାବେଳେ ରାଜ୍ୟ ସରକାର ମଧ ଅସମ୍ପୂର୍ଣ୍ଣ ଭାବେ ତଦନ୍ତର ଷ୍ଟାଟସ୍ ରିପୋର୍ଟ ଦାଖଲ କରିଥିଲେ। ଏହାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ପରେ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ୍ ଏ.କେ. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ପରବର୍ତ୍ତୀ ଶୁଣାଣି ସୁଦ୍ଧା ସତ୍ୟପାଠ ଆକାରରେ ଜବାବ ତଲବ କରିଛନ୍ତି। ପରବର୍ତ୍ତୀ ଶୁଣାଣି ଫେବୃଆରୀ ୩କୁ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀରୁ ପ୍ରକାଶ, ଡିଆର୍‌ଡିଓରୁ ତଥ୍ୟ ଲିକ୍ ମାମଲା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅଟେ। କିନ୍ତୁ ଏହାର ତଦନ୍ତ କରିବାକୁ ରାଜ୍ୟ ସରକାର କ୍ରାଇମବ୍ରାଞ୍ଚକୁ ଦେଇଛନ୍ତି। ଏହି ମାମଲାରେ ବିଦେଶୀ ମହିଳାଙ୍କ ସଂପୃକ୍ତି ରହିଥିବାରୁ ସିବିଆଇ କିମ୍ବା ଏନ୍‌ଆଇଏ ଦ୍ୱାରା ☞ପୃଷ୍ଠା-୨

# ରତ୍ନଭଣ୍ଡାର ଖୋଲିବା ନେଇ କୌଣସି ନିଷ୍ପତ୍ତି ହୋଇନି: ମନ୍ତ୍ରୀ

**ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବାକୁ ନେଇ ବିଭିନ୍ନ ମହଲରେ ଦାବି ହୋଇ ଆସୁଛି। ହେଲେ ସରକାର ଏନେଇ କୌଣସି ନିଷ୍ପତ୍ତି ନେଇ ନାହାନ୍ତି ବୋଲି ମଙ୍ଗଳବାର ଆଇନମନ୍ତ୍ରୀ ବିଧାନସଭାରେ ଉତ୍ତର ରଖିଛନ୍ତି। ଆଇନମନ୍ତ୍ରୀଙ୍କ ଏଭଳି ବିବୃତ୍ତି ପରେ ରତ୍ନଭଣ୍ଡାର ସମ୍ପର୍କରେ ରାଜ୍ୟ ସରକାରଙ୍କ ଆନ୍ତରିକତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।**

### ରତ୍ନଭଣ୍ଡାର ଖୋଲିବାକୁ ଡରୁଛନ୍ତି ସରକାର



**ପୁରୀ ଅଫିସ,୭।୧୨**

ଭିତର ରତ୍ନଭଣ୍ଡାର ସ୍ଥିତି ଦିନକୁ ଦିନ ଦୁର୍ବଳ ହେଉଥିଲେ ମଧ ମରାମତି ନେଇ ଧ୍ୟାନ ଦିଆଯାଉ ନାହିଁ। ୨୦୧୮ରେ ରତ୍ନଭଣ୍ଡାର ଭିତରକୁ ଯାଇଥିବା ୧୭ ଜଣିଆ ପ୍ରାଧିକୃତ କମିଟି ଯାଞ୍ଚ କରିଥିଲେ। ଯାଞ୍ଚ ପରେ ରତ୍ନଭଣ୍ଡାର ଭିତର ଗୃହ ମରାମତି ଆବଶ୍ୟକ କରୁଥିବା କଥା ଜଣାଇଥିଲେ। ମାତ୍ର ଶ୍ରୀମନ୍ଦିର ପ୍ରଶାସନ ଏ ସମ୍ପର୍କରେ ମୁହଁ ଖୋଲିବାକୁ ମଧ ଚାହୁଁନାହିଁ। ଅନ୍ୟପକ୍ଷରେ ଚାଲିଥିବା ଶୀତ ଅଧିବେଶନରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ରତ୍ନଭଣ୍ଡାର ସ୍ଥିତି, ଏଏସ୍‌ଆଇ, ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କର ରତ୍ନଭଣ୍ଡାର ମରାମତି ନେଇ କ'ଣ ଯୋଜନା ରହିଛି, ସେ ସମ୍ପର୍କରେ ଉତ୍ତର ରଖିବାକୁ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ଜେନା କହିଛନ୍ତି ଯେ, ଶ୍ରୀମନ୍ଦିର ରତ୍ନଭଣ୍ଡାର ବାହାର ଓ ଭିତର ରତ୍ନଭଣ୍ଡାରକୁ ☞ପୃଷ୍ଠା-୨

# ୫ ବର୍ଷରେ ୪୦୬ ହାତୀ ମୃତ



**ଭୁବନେଶ୍ୱର, ୭।୧୨(ବ୍ୟୁରୋ)**


ରାଜ୍ୟରେ ବର୍ଷକୁ ପ୍ରାୟ ୮୧ଟି ହାତୀଙ୍କର ମୃତ୍ୟୁ ଘଟୁଥିବା ଜଣାପଡ଼ିଛି। ୨୦୧୬-୧୭ରୁ ଗତ ୫ବର୍ଷ ମଧ୍ୟରେ ରାଜ୍ୟରେ ୪୦୬ ହାତୀଙ୍କର ମୃତ୍ୟୁ ଘଟିଥିବା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି। ମଙ୍ଗଳବାର ବିଧାନସଭାରେ ବିଧାୟକ ସୁରେଶ ରାଉତରାୟଙ୍କ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ତଥ୍ୟାନୁସାରେ, ରାଜ୍ୟରେ ଗତ ୫ବର୍ଷ ଅର୍ଥାତ୍ ୨୦୧୬-୧୭ ମସିହାରୁ ୨୦୨୦-୨୧ ମଧ୍ୟରେ ୪୦୬ ହାତୀଙ୍କର ଜୀବନ ଯାଇଛି। ସେଥିମଧ୍ୟରୁ କେବଳ ଦୁର୍ଘଟଣାରେ ୧୬୨ଟି ହାତୀ ପ୍ରାଣ ହରାଇଛନ୍ତି। ଟ୍ରେନ୍ ଧକ୍କାରେ ୧୪, ରାସ୍ତା ଦୁର୍ଘଟଣାରେ ୪, ବିଦ୍ୟୁତ ଆଘାତରେ ୫୪ ଏବଂ ଅନ୍ୟାନ୍ୟ କାରଣରୁ ୯୦ ହାତୀଙ୍କର ଜୀବନ ଯାଇଛି। ୨୦୧୮-୧୯ରେ ସର୍ବାଧିକ ୯୩ ହାତୀଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୧୯-୨୦ରେ ୮୨, ୨୦୨୦-୨୧ ଅଗଷ୍ଟ ୩୦ ପର୍ଯ୍ୟନ୍ତ ୩୦ ହାତୀଙ୍କର ମୃତ୍ୟୁ ହୋଇଛି। ତେବେ ରାଜ୍ୟରେ ଶିକାରୀମାନେ ଏହି ୫ ବର୍ଷରେ ୧୧ଟି ହାତୀଙ୍କୁ ମାରିଛନ୍ତି ବୋଲି ମନ୍ତ୍ରୀ ଆରୁଖ କହିଛନ୍ତି। ସୂଚନାଯୋଗ୍ୟ, ୨୦୧୭ ହାତୀ ଗଣନା ରିପୋର୍ଟ ଅନୁସାରେ, ରାଜ୍ୟରେ ୧,୯୭୬ ହାତୀ ଥିଲେ।

## ୮୦୨ ବନ୍ୟଜନ୍ତୁ ଶିକାର ହୋଇଛି

**ଭୁବନେଶ୍ୱର, ୭।୧୨(ବ୍ୟୁରୋ)**

ରାଜ୍ୟରେ ଏବେ ବନ୍ୟଜନ୍ତୁ ଶିକାର ବଢ଼ିବାରେ ଲାଗିଛି। ବନ୍ୟଜନ୍ତୁ ଶିକାର ରୋକିବାକୁ ସରକାର ଯେତେ ପଦକ୍ଷେପ ହାତକୁ ନେଉଥିଲେ ମଧ ଆଶାନୁରୂପ ସଫଳତା ମିଳୁନାହିଁ। ଗତ ୫ବର୍ଷରେ ରାଜ୍ୟରେ ମୋଟ୍ ୮୦୨ଟି ହାତୀ, ବାଘ ଓ ଅନ୍ୟାନ୍ୟ ବିରଳ ବନ୍ୟଜନ୍ତୁଙ୍କୁ ଶିକାର କରାଯାଇଛି। ଏହି ସମୟ ମଧ୍ୟରେ ୩,୨୪୮ ଜଣ ଶିକାରୀ ଗିରଫ ହୋଇଥିବା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି।

ମଙ୍ଗଳବାର ବିଧାନସଭାରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ କେତେ ବନ୍ୟଜନ୍ତୁ ଶିକାର ହୋଇଛନ୍ତି, କେତେଜଣ ଶିକାରୀ ଗିରଫ ହୋଇଛନ୍ତି ଏବଂ ଏହି ସମୟ ମଧ୍ୟରେ ନିଆଁରେ କେତେ ଜଙ୍ଗଲ ନଷ୍ଟ ହୋଇଛି ବୋଲି ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ ଆରୁଖ ଏହି ସୂଚନା ☞ପୃଷ୍ଠା-୨



**ଆଜିର ମନ୍ତବ୍ୟ**

"ଭାଜପା ଏମ୍‌ପିମାନେ ପାର୍ଲାମେଣ୍ଟରେ ଉପସ୍ଥିତ ରହିବା ଜରୁରୀ। ସେମାନେ ନିଜକୁ ନ ବଦଳାଇଲେ ସମୟକ୍ରମେ ପରିବର୍ତ୍ତନ ଆସିବା।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭୋକ କି ଜାଣଇ କଞ୍ଚା ଓଦା, ନିଦ କି ଜାଣଇ ଲଟାବୁଦା?**

କଥାରେ ଅଛି, ଭୋକ ଲାଗୁଥିବାବେଳେ ଆମ୍ବିଳା ଆମ୍ବ ମଧ୍ୟ ପାଟିକୁ ସୁଆଦ ଲାଗିଥାଏ। ତେଣୁ ଭୋକିଲା ବ୍ୟକ୍ତିଙ୍କୁ ଯେକୌଣସି ଖାଦ୍ୟ ମିଳିଲେ ସେଥିରେ ସେ ବାଛବିଚାର ନ କରି ତାକୁ ଆନନ୍ଦରେ ଗ୍ରହଣ କରିଥାଏ। ସେହିପରି ନିଦ ମାଡ଼ି ଆସିଲେ ବ୍ୟକ୍ତିର ସ୍ଥାନ, ପାତ୍ର ଓ କାଳର କୌଣସି ଜ୍ଞାନ ରହେ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଭଗବାନ କେଭେଁ ନୁହନ୍ତି ଭକୁଆ, ପରୀକ୍ଷକ ନିରୀକ୍ଷକ ହୋଇ ସବୁ ଜାଣନ୍ତି ଆଗୁଆ।**

ସୃଷ୍ଟିକର୍ତ୍ତା ଭଗବାନ ସର୍ବବ୍ୟାପକ, ସର୍ବବିଦ୍ୟମାନ। ମନୁଷ୍ୟର ସମସ୍ତ କାର୍ଯ୍ୟକଳାପ ତଥା ମନୋଭାବକୁ ସେ ଭଲ ଭାବେ ପରୀକ୍ଷାନିରୀକ୍ଷା କରି ସବୁ କିଛି ଜାଣିପାରନ୍ତି। ତାଙ୍କର ସର୍ବଜ୍ଞତା ପଣିଆକୁ ଉପେକ୍ଷା କରିବା ଆଦୌ ଉଚିତ ନୁହେଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଅଳିଆରୁ ଖତ ତିଆରି କରୁଛନ୍ତି ମହିଳା

ଉମରକୋଟ, ୭।୧୨(ସ୍ୱ.ପ୍ର.)

ଗାଁଠୁ ସହର ପର୍ଯ୍ୟନ୍ତ ସବୁ ସ୍ଥାନ ସଫା ରଖିବାକୁ ସରକାର ଚେଷ୍ଟାକରି ଆସୁଛନ୍ତି। ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳ ଅଧୀନରେ ଅଳିଆ ସଂଗ୍ରହ ସହ ସେଥିରୁ ଜୈବିକ ସାର ପ୍ରସ୍ତୁତ କରୁଛନ୍ତି ମହିଳାମାନେ। ଏହାଦ୍ୱାରା ସେମାନେ ସ୍ୱାବଲମ୍ବୀ ହୋଇ ବେଶ୍ କିଛି ଟଙ୍କା ମଧ୍ୟ ରୋଜଗାର କରିପାରୁଛନ୍ତି। ୨୦୧୮-୧୯ ଆର୍ଥିକ ବର୍ଷରେ ସହରଠାରୁ ଦୂର ୫ଏକର ଜାଗାରେ ପ୍ରାୟ ୭୪ ଲକ୍ଷ ଟଙ୍କା ବ୍ୟୟରେ ଉମରକୋଟରେ ଅଣୁ ଜୈବ ଖତ ପ୍ରସ୍ତୁତି କେନ୍ଦ୍ର ଓ ସାମଗ୍ରୀ ପୁନରୁଦ୍ଧାର କେନ୍ଦ୍ର ତିଆରି କରାଯାଇଛି। ପୌର ପରିଷଦର ସାଗରିକା ମହାକୁଡ଼ଙ୍କ ତତ୍ତ୍ୱାବଧାନରେ ଏହାର ପରିଚାଳନା ଦାୟିତ୍ୱ ମା' ସନ୍ତୋଷୀ ଏସ୍ଏଚ୍‌ଜିର ୧୦ଜଣ ମହିଳାଙ୍କୁ ଦିଆଯାଇଛି।

ଉମରକୋଟ ପୌର ପରିଷଦ ୧୪ଟି ୱାର୍ଡକୁ ନେଇ ଗଠିତ। ପ୍ରତ୍ୟେକ ୱାର୍ଡରୁ ଓଦା, ଶୁଖିଲା, କାଚ,ଲୁହା, ପ୍ଲାଷ୍ଟିକ ବିଭିନ୍ନ ପ୍ରକାର ଆବର୍ଜନାକୁ ଭାଗ ଭାଗ କରି ଲୋକଙ୍କ ଘରୁ ନେବାପାଇଁ ୭ଟି ବ୍ୟାଟେରିଚାଳିତ ଗାଡ଼ି ପୌର ପରିଷଦ ପକ୍ଷରୁ ଦିଆଯାଇଛି। ବ୍ୟାଟେରି ଗାଡ଼ିଗୁଡ଼ିକୁ ଚଳାଇବାକୁ ବିଭିନ୍ନ ଏସ୍ଏଚ୍‌ଜି ଗ୍ରୁପ୍‌ର ୧୪ଜଣ ମହିଳାଙ୍କୁ ନିୟୋଜିତ କରାଯାଇଛି। ପ୍ରତ୍ୟେକ ମହିଳାଙ୍କୁ ମାସିକ ୪ହଜାର ଟଙ୍କା ଦିଆଯାଉଛି। ଆଗାମୀ ଦିନରେ ସେମାନଙ୍କ ପାରିଶ୍ରମିକ ବୃଦ୍ଧି କରାଯିବ ବୋଲି ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି କହିଛନ୍ତି। ମହିଳାମାନେ ଆବର୍ଜନା ସଂଗ୍ରହକରି ଖତ ପ୍ରସ୍ତୁତି କେନ୍ଦ୍ରକୁ ନେଇଥାନ୍ତି। ସେଠାରେ ଥିବା ଅନ୍ୟ ୧୦ଜଣ ମହିଳା ଓଦା, ଶୁଖିଲା, କାଚ, ଲୁହା ଆବର୍ଜନା ଅଲଗା କରିଥାନ୍ତି। ଓଦା, ଶୁଖିଲା ଆବର୍ଜନାକୁ ନେଇ ସ୍ୱତନ୍ତ୍ର ଖତକୁଣ୍ଡରେ ପକାଇଥାନ୍ତି। ଉକ୍ତ ଆବର୍ଜନା କିଛିଦିନ ମଧ୍ୟରେ ପଚିଶଢି ଶୁଖିଯିବା ପରେ ସେଗୁଡ଼ିକୁ ବସ୍ତାରେ ସଂଗ୍ରହ କରାଯାଏ। ସେ ସବୁକୁ ଏକ ମେଶିନରେ ପକାଇ ଗୁଣ୍ଡ କରାଯାଏ।



ବନ ବିଭାଗ କର୍ମଚାରୀ 'ମୋ ଖତ' କିଣୁଛନ୍ତି।

ଏହାପରେ ଏହି ଗୁଣ୍ଡକୁ ଏକତ୍ର କରି ୫ କେଜି ଲେଖାଏ ପ୍ୟାକେଟ କରି ମୋ ଖତ ନାମରେ ବିକ୍ରି କରାଯାଏ। ଏହି ଜୈବିକ ସାରର ମୂଲ୍ୟ କିଲୋ ପିଛା ୨୦ ଟଙ୍କା ରହିଛି। ଚଳିତ ବର୍ଷ ଏପ୍ରିଲରେ ଉକ୍ତ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ଏବେ ସୁଦ୍ଧା ୧୨ହଜାର କିଲୋ ସାର ତିଆରି କରାଯାଇଛି। ସେଥିରୁ ୮୫୦୦ କିଲୋ ଜୈବିକ ଖତ ବିକ୍ରି କରାଯାଇଛି ବୋଲି ପରିମଳ ବିଶେଷଜ୍ଞ ଏମ୍. ବୀରେନ୍ଦ୍ର କୁମାର କହିଛନ୍ତି।

୧୪ଟି ୱାର୍ଡ ପାଇଁ ୭ଟି ବ୍ୟାଟେରିଚାଳିତ ଗାଡି ପର୍ଯ୍ୟାପ୍ତ ହେଉନାହିଁ। ତେଣୁ ଆଗାମୀ ଦିନରେ ଆହୁରି ୭ ଗାଡି ପାଇଁ ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ସେଗୁଡ଼ିକ ଆସିଲେ ସହର ସମ୍ପୂର୍ଣ୍ଣ ଆବର୍ଜନାମୁକ୍ତ ହୋଇପାରିବ ଓ ଆହୁରି ଅନେକ ମହିଳା ରୋଜଗାରକ୍ଷମ ହୋଇପାରିବେ ବୋଲି ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି କହିଛନ୍ତି। ଉମରକୋଟ ପୌର ପରିଷଦ ର ଏହି ପ୍ରୟାସ ଯୋଗୁ ସହର ଅଳିଆମୁକ୍ତ ହେବା ସହ ୨୪ଜଣ ମହିଳା ସ୍ୱାବଲମ୍ବୀ ହୋଇପାରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପାରିବାରିକ ପରିସ୍ଥିତି ସ୍ୱାଭାବିକ ରହିବ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନ, କଳା, ସାହିତ୍ୟ, ସଙ୍ଗୀତାଦି ପ୍ରତି ରୁଚିବଢ଼ିବ। ମାତ୍ର ଆତ୍ମୀୟମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଦୂରଯାତ୍ରା ପାଇଁ ପ୍ରସ୍ତୁତିରେ ସମସ୍ୟା ଦେଖାଦେଇପାରେ।

**ବୃଷ**
ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ସଫଳତା ହାସଲ କରିବେ। ଖଳ ଲୋକମାନଙ୍କ ପ୍ରରୋଚନାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମିଥୁନ**
ଟିକିଏ ଟିକିଏ କଥାରେ କଳହ ଲାଗିପାରେ ଏଣୁ ଭାବିଚିନ୍ତି କଥାବାର୍ତ୍ତା କରିବା ଭଲ। ପରିବାରରେ ସନ୍ତାନ ହେତୁକ ମାନସିକ ଆଘାତ ପାଇବେ। କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**କର୍କଟ**
ଗ୍ରହ ସଂଯୋଗବଶତଃ ଅର୍ଥଲାଭ ହେଲେ ମଧ୍ୟ ପାରିବାରିକ କ୍ଷେତ୍ର ବିପଦସଙ୍କୁଳ ହୋଇପାରେ। ଶୁକ୍ରଙ୍କ ପ୍ରଭାବରୁ ମନ ପ୍ରଫୁଲ୍ଲ ରହିବ ଓ ମନୋରଞ୍ଜନ ପ୍ରିୟ ହେବେ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ।

**ସିଂହ**
ଆଜିର ଗ୍ରହସ୍ଥିତି ପାଖ ,ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ସାହାଯ୍ୟ କରିବ। କିନ୍ତୁ କର୍ମକ୍ଷେତ୍ରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବାର ସୂଚନା ଦେଖାଦେଇପାରେ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ପରୋକ୍ଷଶତ୍ରୁତା କାରଣରୁ କର୍ମ କ୍ଷେତ୍ରରେ ବାଧା ଉପୁଜିପାରେ।

**କନ୍ୟା**
କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିବେ। ପ୍ରତିଦ୍ୱନ୍ଦ୍ୱିତା, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ ତଥାପି ଆପଣଙ୍କ ଉନ୍ନତ ଚିନ୍ତାରୁ ପ୍ରଶଂସିତ ହେବେ। କଠିନଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହି ବୁଲିବେ।

**ତୁଳା**
ଯାହା ପାଉଛନ୍ତି ସେତିକିରେ ସନ୍ତୁଷ୍ଟ ରହିବା ଭଲ ଅନ୍ୟଥା ବେଶି ଆଶାକରି କିଛି ପାଇବେନାହିଁ। ନିଜ ଲୋକ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ଅର୍ଥ ସଂଗ୍ରହ ସହ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ଆଜିର ଯାତ୍ରା ଶୁଭପ୍ରଦ ହେବ, ମାତ୍ର ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ବିଛା**
ଯାହା ଭାବୁଥିବେ କାମ କରିବା ବେଳକୁ ତାହା ଠିକ୍ ଓଲଟା ହୋଇଯିବ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ସଫଳତା ହାସଲ କରିପାରିବେ। ବାଣିଜ୍ୟ,ବ୍ୟବସାୟ,ପରିବହନ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
ନୂତନ କର୍ମାରମ୍ଭରେ ପ୍ରଥମେ ପ୍ରଥମେ ସଙ୍କଟର ସମ୍ମୁଖୀନ ହେବେ। ବନ୍ଧୁମାନଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ନିର୍ମାଣ ତଥା ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ ।

**ମକର**
ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ଓ ମନରେ ସନ୍ଦେହ ଜନିତ ଅଶାନ୍ତ ଭାବନା ସୃଷ୍ଟି ହୋଇପାରେ। ଯାତ୍ରା ସମୟରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଶ୍ରବଣାର ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିବ।

**କୁମ୍ଭ**
ମିତ୍ରମାନେ ମଧ୍ୟ ଆକସ୍ମିକ ଭାବରେ ଶତ୍ରୁ ପାଲଟି ଯିବାର ଆଶଙ୍କା ରହିଛି। ଅବଶ୍ୟ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ଅଧିକ ବୁଲାବୁଲି କାରଣରୁ ଶିରପୀଡ଼ାଜନିତ ଅସୁସ୍ଥତା ଦେଖାଦେବାର ଆଶଙ୍କା ରହିଛି।

**ମୀନ**
ସକାଳୁ ଖୁସୀ ଖବରଟିଏ ପାଇବେ, ଯାହା କି ମନରେ ଉତ୍ସାହ ଭରିଦେବ। ଆଜିର କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରୁ ମାନସିକ ଶାନ୍ତି ବୃଦ୍ଧିପ୍ରାପ୍ତ ହେବ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇକପାରନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଆଜି ନିଷ୍ପତ୍ତି...

ସିଂଘୁ ସୀମାରେ ସ୍ମାରକୀ ପ୍ରତିଷ୍ଠା କରିବା ଦାବିରେ କୃଷକ ସଙ୍ଗଠନଗୁଡ଼ିକ ଜିଦ୍‌ରେ ଅଟଳ ଥିବାରୁ ଚାଷୀମାନେ ଆନ୍ଦୋଳନ ଶେଷ କରିନାହାନ୍ତି। ସରକାର ସେସବୁକୁ ମାନିନେଲେ ଚାଷୀ ଦିଲ୍ଲୀର ସିଂଘୁ, ଟିକ୍ରି ଓ ଗାଜିପୁର ସୀମା ଖାଲି କରିବେ ବୋଲି ସ୍ପଷ୍ଟ କରିବା ପରେ କେନ୍ଦ୍ର ପକ୍ଷରୁ ଏନେଇ ୫ ନାମ ମଗାଯାଇଥିଲା। ଏସ୍‌କେଏମ୍ ପକ୍ଷରୁ ଗତ ଶନିବାର ସେମାନଙ୍କ ନାମ ବଢ଼ାଯାଇଥିଲା। କେନ୍ଦ୍ର ସହ ଆଲୋଚନା ପାଇଁ କମିଟିରେ ଚାଷୀ ନେତା ବଲବୀର ସିଂ ରାଜେୱାଲ, ଅଶୋକ ଧାୱଲେ, ଶିବ କୁମାର କକ୍କା, ଗୁର୍‌ନାମ ସିଂ ଚଢୁନି ଓ ଯୁଦ୍ଧବୀର ସିଂଙ୍କୁ ରଖାଯାଇଛି। ଏସ୍‌କେଏମ୍ ଉପରୋକ୍ତ ୫ ନାମ ଓ ୬ ଦାବି କେନ୍ଦ୍ରକୁ ଦେଇଥିଲା। ମଙ୍ଗଳବାର ସିଂଘୁ ସୀମାରେ ଏସ୍‌କେଏମ୍‌ର ବୈଠକ ଚାଲିଥିବାବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୃଷକ ସଙ୍ଗଠନ ନିକଟକୁ ଏକ ଚିଠା ପ୍ରସ୍ତାବ ପଠାଯାଇଥିଲା। ଉକ୍ତ ପ୍ରସ୍ତାବକୁ ଅନୁଧାନ କରିବା ପରେ ଅଧିକାଂଶ ଚାଷୀନେତା ଆନ୍ଦୋଳନରୁ ଓହରିବା ସପକ୍ଷରେ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ତେବେ ଭାରତୀୟ କିଷାନ ୟୁନିୟନ୍ (ବିକେୟୁ) ନେତା ରାକେଶ ଟିକାଏତ୍ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଉତ୍ତରାଖଣ୍ଡ ଯାଇଥିବାରୁ ଏହି ବୈଠକରେ ଯୋଗଦେଇପାରି ନାହାନ୍ତି। ଟିକାଏତ୍ କହିଛନ୍ତି, ବୁଧବାର ଅପରାହ୍ନ ୨ଟାରେ ପୁନର୍ବାର ବୈଠକ ହେବ। ଏଥିରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯିବ। ଆଗକୁ ଆନ୍ଦୋଳନ କରାଯିବ କି ନାହିଁ ସେନେଇ ବରିଷ୍ଠ ନେତାମାନେ ଉକ୍ତ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ବୈଠକରୁ ସକାରାତ୍ମକ ପରିଣାମ ଆସିବ, ଯାହାକୁ ସମସ୍ତେ ମାନିବେ ବୋଲି ଟିକାଏତ୍ କହିଛନ୍ତି।

## ମୃତ କୃଷକଙ୍କ ପରିବାରକୁ...

କରିଛନ୍ତି। ନଭେମ୍ବର ୩୦ରେ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ମୃତ ଚାଷୀଙ୍କ ସଂଖ୍ୟା କେତେ ବୋଲି ପ୍ରଶ୍ନ କରାଯାଇଥିଲା। କୃଷିମନ୍ତ୍ରୀ କହିଥିଲେ, ସେମାନଙ୍କ ତଥ୍ୟ ନାହିଁ। କେନ୍ଦ୍ର ପାଖରେ ମୃତକଙ୍କ ହିସାବ ନ ରହିବା ଅତି ଦୁର୍ଭାଗ୍ୟଜନକ। ଆନ୍ଦୋଳନ ବେଳେ ପ୍ରାୟ ୭୦୦ ଚାଷୀଙ୍କ ମୃତ୍ୟୁ ଘଟିଛି। ପଞ୍ଜାବ ସରକାର ୪୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେଇଛନ୍ତି। ସେହି ୪୦୦ ଜଣଙ୍କ ମଧ୍ୟରୁ ୧୫୨ ଜଣଙ୍କୁ ଚାକିରି ମଧ୍ୟ ଦିଆଯାଇଛି। ହରିୟାଣାର ପ୍ରାଣ ହରାଇଥିବା ୭୦ ଚାଷୀଙ୍କ ତାଲିକା ମଧ୍ୟ ରହିଛି। ଚାଷୀଙ୍କୁ ସେମାନଙ୍କ ଅଧିକାର ଦିଆଯାଉ। ସେମାନେ କ୍ଷତିପୂରଣ ପାଇବା ଜରୁରୀ ବୋଲି ରାହୁଲ କହିଥିଲେ। କଂଗ୍ରେସ ସଦସ୍ୟମାନେ କେନ୍ଦ୍ରଠାରୁ ଏନେଇ ବିବୃତି ଦାବି କରି କକ୍ଷତ୍ୟାଗ କରିଥିଲେ। ଏନ୍‌ସିପି ଏବଂ ଡିଏମ୍‌କେ ସଦସ୍ୟମାନେ ମଧ୍ୟ କେନ୍ଦ୍ର ବିରୋଧୀ ସ୍ଲୋଗାନ ଦେଇ ଗୃହକୁ କମ୍ପାଇଥିଲେ।

## ଫସଲ କ୍ଷତି ଦେଖି...

ନିଆଯାଉଥିବା ବେଳେ ରାସ୍ତାରେ ମୃତ୍ୟୁ ଘଟିଥିଲା। ଖବରପାଇ ମଙ୍ଗଳବାର ଟିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର ଗାଁରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଅଭିମନ୍ୟୁଙ୍କ ଉଚ୍ଚ ରକ୍ତଚାପରେ ମୃତ୍ୟୁ ଘଟିଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ପଦ୍ମଶ୍ରୀ ନନ୍ଦ ସାର୍‌ଙ୍କ...

ଭୁବନେଶ୍ୱରର ସମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ନନ୍ଦ ସାରଙ୍କ ପରଲୋକ ଖବର ଜଣାପଡ଼ିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ କହିଛନ୍ତି, ଓଡ଼ିଶାରେ ଶିକ୍ଷାର ପ୍ରସାର ପାଇଁ ନନ୍ଦ ସାର୍‌ଙ୍କ ଉଦ୍ୟମ ଅନେକ ପିଢ଼ି ପର୍ଯ୍ୟନ୍ତ ସ୍ମରଣୀୟ ହେଇ ରହିବ। ରାଜ୍ୟପାଳ ଗଣେଶୀ ଲାଲ ନନ୍ଦ ସାର୍‌ଙ୍କ ବିୟୋଗରେ ଶୋକବ୍ୟକ୍ତ କରିବା ସହ ନନ୍ଦ ସାର୍‌ଙ୍କ ସ୍ଥାନ ଅପୂରଣୀୟ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରି କହିଛନ୍ତି, ଶିକ୍ଷାକ୍ଷେତ୍ରରେ ନନ୍ଦସାର୍‌ଙ୍କ ବହୁମୂଲ୍ୟ ଅବଦାନ ଓ ଜୀବନବ୍ୟାପୀ ତ୍ୟାଗ ଚିରଆଦର୍ଶ ହୋଇ ରହିବ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ବିନା ପାରିଶ୍ରମିକରେ ତିନି ପିଢ଼ିର ଛୋଟ ପିଲାଙ୍କୁ ଶିକ୍ଷାଦାନ କରି ଆସୁଥିବା ନନ୍ଦ ସାର୍‌ଙ୍କ ବିୟୋଗ କେବଳ ଓଡ଼ିଶା ନୁହେଁ ବରଂ ସମଗ୍ର ଭାରତର ଶିକ୍ଷା ସମାଜ ପାଇଁ ଅପୂରଣୀୟ କ୍ଷତି। ସେହିପରି ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ, ୫-ଟି ସଚିବ ଭି.କେ. ପାଣ୍ଡିଆନ, ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ନନ୍ଦ ସାର୍‌ଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି। ଯାଜପୁର ବାରୁଣୀ ପଡ଼ିଆ ମହାଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯିବ ବୋଲି ସୂଚନା ମିଳିଛି।

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଧୀନ କନ୍ତିରା ଗ୍ରାମର ଜଣେ ସୁନାମଧନ୍ୟ ଶିକ୍ଷକ ଭାବେ ସେ ଖ୍ୟାତି ଅର୍ଜନ କରିଥିଲେ। ନାଭ ପୃଷ୍ଟି ଓ ଚନ୍ଦ୍ରମଣି ପୃଷ୍ଟିଙ୍କ ପୁଅ ନନ୍ଦ କିଶୋରଙ୍କ ପ୍ରାଥମିକ ଶିକ୍ଷା ଗାଁ ଚାଟଶାଳୀରୁ ହିଁ ଆରମ୍ଭ ହୋଇଥିଲା। ୧୯୨୯ରେ ସେ ସୁକିନ୍ଦା ବ୍ଲକ ହାତିବାରୀ ସ୍କୁଲରୁ ସପ୍ତମ ଶ୍ରେଣୀ ପାସ୍ କରିଥିଲେ। ହେଲେ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ ଅଧିକ ପାଠ ପଢ଼ି ପାରି ନ ଥିଲେ। ତେଣୁ ପୈତୃକ ଜମିରେ ଚାଷ କରିବାକୁ ପରିବାର ଲୋକଙ୍କୁ ସହଯୋଗ କରିଥିଲେ। ଏହାବାଦ୍ ନିଜ ଗାଁର ପିଲାମାନଙ୍କୁ ଶିକ୍ଷିତ କରିବାର ଆଭିମୁଖ୍ୟ ରଖି ୧୯୪୬ରୁ ଚାଟଶାଳୀ ଶିକ୍ଷା ଆରମ୍ଭ କରିଥିଲେ। ପ୍ରାୟ ୩ ହଜାର ଛାତ୍ରୀଛାତ୍ର ତାଙ୍କ ଚାଟଶାଳୀରେ ପାଠ ପଢ଼ି ଉଚ୍ଚ ଶିକ୍ଷିତ ହୋଇଥିବା ସୂଚନା ମିଳିଛି। ତାଙ୍କ ଜୀବନୀକୁ ନେଇ ଏକ ଚଳଚ୍ଚିତ୍ର ନିର୍ମାଣାଧୀନ ରହିଛି।

## ରତ୍ନଭଣ୍ଡାର ଖୋଲିବା...

ନେଇ ଗଠିତ। ଶ୍ରୀଜଗନ୍ନାଥ ମନ୍ଦିର ନିୟମ,୧୯୬୦ର ନିୟମ ୬(୧) ଅନୁଯାୟୀ, କେବଳ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଆଦେଶ, ଧାର୍ଯ୍ୟ ସର୍ତ୍ତ ଓ ପରିସୀମା ଆଧାରରେ ଭିତର ରତ୍ନଭଣ୍ଡାର ଚାବି ଖୋଲାଯାଇପାରିବ। ଭିତର ରତ୍ନଭଣ୍ଡାର ସଂରକ୍ଷଣ ଓ ମରାମତି ଆବଶ୍ୟକ ଅଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ଅନୁମତି ଅନୁଯାୟୀ ପ୍ରାଧିକୃତ ବ୍ୟକ୍ତିଙ୍କ ସହ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ବିଶେଷଜ୍ଞ ଦଳ ୨୦୧୮ ଏପ୍ରିଲ ୪ରେ ଭିତର ରତ୍ନଭଣ୍ଡାର ଯାଞ୍ଚ କରିଥିଲେ। ରଥଯାତ୍ରା ସମୟରେ ଠାକୁର ମନ୍ଦିରରେ ନ ଥିବାବେଳେ ପୁନଶ୍ଚ ଭିତର ରତ୍ନଭଣ୍ଡାରର ଭିତରପଟ ପରୀକ୍ଷାନିରୀକ୍ଷା କରିବାକୁ ଉକ୍ତ ବିଶେଷଜ୍ଞ ଦଳ ମତ ପ୍ରଦାନ କରିଥିଲେ। ତେବେ ଭିତର ଭଣ୍ଡାର ଖୋଲିବା ନେଇ କୌଣସି ନିଷ୍ପତ୍ତି ହୋଇପାରିନାହିଁ। ଗୋଟିଏ ପଟେ ରାଜ୍ୟ ଆଇନ ବିଭାଗ ଭିତର ରତ୍ନଭଣ୍ଡାର ଖୋଲିବା ନେଇ ଆଗ୍ରହ ଦେଖାଉ ନ ଥିବାବେଳେ ଅନ୍ୟପଟେ ଜିଲା ପ୍ରଶାସନ ଦିନକୁ ଦିନ ରତ୍ନଭଣ୍ଡାର ଚାବି ପ୍ରସଙ୍ଗରେ ଛନ୍ଦି ହେବାରେ ଲାଗିଛି। ଚାବି ଦାଖଲ ଓ ନକଲ ଚାବିକୁ ନେଇ ଭିନ୍ନ ଭିନ୍ନ ତଥ୍ୟ ପ୍ରକାଶ କରି ଜିଲା ଟ୍ରେଜେରି ଗୋଟିଏ କଥା ସ୍ପଷ୍ଟ କରିଛି ଯେ ରତ୍ନଭଣ୍ଡାର ପ୍ରସଙ୍ଗରେ ଅନେକ ଗୁମର ଖୋଲିବା ବାକି ରହିଛି। ପୁରୀ ସହରରେ ଅନେକ ସାମାଜିକ କର୍ମୀ ଓ ରାଜନୈତିକ ଗୋଷ୍ଠୀ କ୍ରମାଗତ ଭାବେ ରାଜ୍ୟ ସରକାରଙ୍କୁ ରତ୍ନଭଣ୍ଡାର ଖୋଲିବା ପାଇଁ ଦାବି କରୁଥିଲେ ମଧ୍ୟ ରାଜ୍ୟ ସରକାର ଏଭଳି ଦାବିକୁ ଖାତିର କରୁନାହାନ୍ତି ବୋଲି ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ଆବାହକ ସୂର୍ଯ୍ୟ ନାରାୟଣ ରଥ କହିଛନ୍ତି। ରତ୍ନଭଣ୍ଡାର ପ୍ରସଙ୍ଗରେ କ୍ରମାଗତ ଭାବେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ଯୋଗାଡ଼ କରୁଥିବା ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ କହିଛନ୍ତି, ଆଇନ ମନ୍ତ୍ରୀଙ୍କ ଉତ୍ତର ସନ୍ତୋଷଜନକ ନୁହେଁ। ୨୦୧୮ ଏପ୍ରିଲ ୪ରୁ ଆଜି ସୁଦ୍ଧା ୪ଟି ରଥଯାତ୍ରା ଶେଷ ହେଲାଣି। ସରକାରଙ୍କ ତରଫରୁ ରତ୍ନଭଣ୍ଡାର ମରାମତି କରିବା ପାଇଁ ଆନ୍ତରିକତା ନାହିଁ। ସେଥିପାଇଁ ରତ୍ନଭଣ୍ଡାର ପୁନଃ ଯାଞ୍ଚ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ରତ୍ନଭଣ୍ଡାର ମରାମତି କରିବାକୁ ହେଲେ ଉଭୟ ବାହାର ଓ ଭିତର ଖାଲି ଗୃହକୁ ଏଏସ୍‌ଆଇକୁ ହସ୍ତାନ୍ତର କରିବାକୁ ପଡ଼ିବ। ଖାଲି ଗୃହ ହସ୍ତାନ୍ତର କରିବାକୁ ହେଲେ ରତ୍ନଭଣ୍ଡାରର ସମସ୍ତ ରତ୍ନ ଅଳଙ୍କାର ପୂର୍ବ ତାଲିକା ଅନୁସାରେ ଗଣତି କରି ବାହାରକୁ କାଢ଼ିବାକୁ ପଡ଼ିବ। ରତ୍ନ ଅଳଙ୍କାର ଗଣତି ପରେ ଯଦି ପୂର୍ବ ତାଲିକାଠାରୁ ରତ୍ନ ଅଳଙ୍କାର କମିବ, ତେବେ ସରକାର ଭାଙ୍ଗିବାର ଭୟ ରହୁଛି। ସରକାର ଏହି ଭୟରେ ରତ୍ନଭଣ୍ଡାର ଖୋଲିବାକୁ ଇଚ୍ଛା କରୁନାହାନ୍ତି ବୋଲି ବରାଳ କହିଛନ୍ତି।

## ୮୦୨ ବନ୍ୟଜନ୍ତୁ ଶିକାର...

ଦେଇଛନ୍ତି। ସେ କହିଛନ୍ତି, ଗତ ୫ ବର୍ଷ ମଧ୍ୟରେ ମୋଟ୍ ୮୦୨ଟି ହାତୀ, ବାଘ ସମେତ ୩୩ ପ୍ରଜାତିର ବିରଳ ବନ୍ୟଜନ୍ତୁଙ୍କୁ ଶିକାର କରାଯାଇଛି। ଏହି ୫ବର୍ଷ ମଧ୍ୟରେ ସର୍ବାଧିକ ୩୩୪ଟି ବାର୍‌ହା ଶିକାର ହୋଇଛି। ସେହିପରି ୧୧ ହାତୀ, ୧୦ କଲରାପତରିଆ ବାଘ, ଗୋଟିଏ ମହାବାଳ ବାଘ, ୧୨ ଭାଲୁ, ୨୩ ଝିଙ୍କ, ୬୬ ସମ୍ବର, ୯୭ ମୃଗ, ୨୬ ସାର୍କ, ୧୧୪ କୁଟୁରା, ୬ ଅହିରାଜ, ୮ ଜଙ୍ଗଲୀ ବିଲେଇ, ୭ ଗୟଳ, ୨୦ ଗୁରାଣ୍ଡି ଇତ୍ୟାଦି ଶିକାର କରାଯାଇଛି। ୨୦୨୦-୨୧ରେ ସର୍ବାଧିକ ୧୧୧ଟି ବାର୍‌ହା ଶିକାର କରାଯାଇଥିବା ମନ୍ତ୍ରୀ କହିଛନ୍ତି। ସେହିପରି ଏହି ୫ବର୍ଷ ମଧ୍ୟରେ ବନ୍ୟଜନ୍ତୁ ଶିକାର ମାମଲାରେ ୩,୨୪୮ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ୨୦୧୮-୧୯ରେ ସର୍ବାଧିକ ୧,୨୭୪ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୨୦୧୬-୧୭ରେ ୬୩୭, ୨୦୧୭-୧୮ରେ ୪୭୪, ୨୦୧୯-୨୦ରେ ୩୫୪, ୨୦୨୦-୨୧ରେ ୬୦୯ଜଣ ଶିକାରୀ ଗିରଫ ହୋଇଛନ୍ତି। ଏହି ସମୟ ମଧ୍ୟରେ ଉଭୟ ଅଣଜଙ୍ଗଲ ଓ ଜଙ୍ଗଲ ଅଞ୍ଚଳରେ ୧,୪୧,୩୮୫ ଥର ବନାଗ୍ନି ହୋଇଥିବା ବେଳେ ୬୫,୭୩୯.୨୭ ହେକ୍ଟର ଆଂଶିକ କ୍ଷତିଗ୍ରସ୍ତ ହୋଇଛି ବୋଲି ମନ୍ତ୍ରୀ ଆରୁଖ ସୂଚନା ଦେଇଛନ୍ତି।

## ଅସମ୍ପୂର୍ଣ୍ଣ ଷ୍ଟାଟସ୍ ରିପୋର୍ଟ...

ତଦନ୍ତ କରାଯିବା ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଆଇନ୍‌ଜୀବୀ ଅରୁଣ କୁମାର ବୁଢ଼ିଆ ଗତ ସେପ୍ଟେମ୍ବର ୨୮ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ହାଇକୋର୍ଟ ଗତ ନଭେମ୍ବର ୯ରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଏହି ମାମଲାର ତଦନ୍ତର ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ଡିଆର୍‌ଡିଓ ତଥ୍ୟ ଲିକ୍ ମାମଲାରେ ୫ ଜଣ କର୍ମଚାରୀ ଜେଲ୍‌ରେ ଅଛନ୍ତି।

## classifieds Everyday
0674-2580101, 2549302

**real estate**

**SALE**

ତ୍ରିଶୁଳିଆରେ ଘରବାରି residential ready to construction plot sale with boundary & electric. Registration free. 9124843881. D-22479

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥପୁରବଜାର sqft.- 200/- (outright). 9348232008. D-22469

2400sqft. (40x60) G.A. plot for sale at Bharatpur. Price 1.20cr, only genuine buyer can contact at 7978627900 (No agent). D-71512

କଟକ - ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ବୃହତ୍ତମ Commercial Hub Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ SC/General ପ୍ଲଟ୍ ଶସ୍ତାରେ କିଣନ୍ତୁ। 8249310759. D-71748

ଭୁବନେଶ୍ୱର, ପଟିଆ, ରଘୁନାଥପୁର, ନଖରା ପାଖରେ 1, 2, 3 BHK Simplex / Duplex ଅଛି । 8327785834, 9658122456. D-71731

Layer poultry farm for Lease/Sale 70km. from Bhubaneswar. Contact: 7008566481. D-22420

ଘରବାଡ଼ି ପ୍ଲଟ୍ 30'road ସହିତ Sum Hospitalରୁ 4k.m. ଘଙ୍ଗାପାଟଣାରେ ମିଳୁଛି। Owner- 9090963952. D-71746

Residential gharabari plot near English Medium School, Brahmanjharilo with boundarywall 7km. from Nakhara, Cuttack and 12km. to BBSR. Contact No.- 7809525452. D-71825

ଭୁବନେଶ୍ୱର ଚନ୍ଦକାରେ Nalanda/BCCST College ପାଖରେ road, electricity, water, boundary ଥାଇ ବାସୋପଯୋଗୀ plot ପୋଜେସନ ଥାଇ ମିଳୁଛି। 9348870771, 9090543542. D-71742

Bhubaneswar, Patia, Bigbazar 2.5.k.m.distance 1200sqft. 8,40,000/-. Conatct: 8328864710. D-71740

**PURCHASE**

ମୋର ଦରକାର ରାସ୍ତା କଡ଼ ଜାଗା ନଖରା ଠାରୁ ଅଡଶପୁର ପର୍ଯ୍ୟନ୍ତ। Only owners to Contact: 7978991126. D-71826

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**to-let**

1700sqft. area for Office/ Bank & Room for offsite ATM at mainroad, Oldhi about 200 metre away from Oldhi Chawk (NH-5A). Contact- 8895451983. D-22285

To-Let 60000 sqft. Commercial Space between Cuttack and Bhubaneswar Highway. Contact 7008175963/ 9776050040. D-22211

**healthcare**

Newly open full body massage ladies and gents. 8327740003. D-71828

Newly Open Saikrupa Panchakarma Spa positively health benefits with Expert. 8984068077. D-22470

One hour any therapy by expert therapist @800 only. 9078484455. D-71449

Newly open SPA positively health benefit with expert. Contact: 7749976301. D-71914

**education**

Admissions for Regular B.ED courses of andhra university are available at here in ashoka collage of education, vizayanagaram Contact numbers -9337987055, 9861223512. D-22474

**AFFIDAVIT**

I, Narasingha Mishra has changed my name as Anuraag Mishra. I shall be known in this name for all purpose. D-22475

I, Sanjulata Mohanty, W/o- Kaibalya Kumar Mohanty of Village- Binadanda, P.O.- Rajagharapokhari. P.S.- Naikanidihi, Dist.- Bhadrak have changed my name from Sanjulata Mohanty to Sanjukta Mohanty vide affidavit No. 1604 on dt. 10.06.2020 which also reflects in my Aadhaar No.- 651448537671. Henceforth, I shall be known as Sanjukta Mohanty for all porposes. D-22481

I, Sunita Mishra has changed my name as Aanchal Mishra. I shall be known in this name for all purpose. D-22476

**ଅଗ୍ନିକାଣ୍ଡ, ପୋଡ଼ିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି**

ପଡିଆ,(ଡି.ଏନ୍.ଏ.)- ମାଲକାନଗିରି ଜିଲା ପଡ଼ିଆ ବ୍ଲକ ବାପନପଲି ପଞ୍ଚାୟତ ଅନ୍ତର୍ଗତ ଏମ୍‌ଭି-୫୮ ଗ୍ରାମର କିଶୋର ମଣ୍ଡଳଙ୍କ ଘରେ ସୋମବାର ସନ୍ଧ୍ୟାରେ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଛି। ନିଆଁ ଲାଗିବା ପରେ ପରିବାର ଲୋକଙ୍କ ପାଟିଶୁଣି ଆଖପାଖ ଲୋକେ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ ସଫଳ ହୋଇ ନ ଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ କିଶୋରଙ୍କ ଦୋକାନ ଓ ଘରର ପ୍ରାୟ ୩ ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଧାରକରଜ କରି ୩ବର୍ଷ ତଳେ ନିଜ ଘରକୁ ଲାଗି ଦୋକାନ କରି ପରିବାର ଚଳାଉଥିବା କିଶୋର ଏବେ ହତାଶ ହୋଇପଡିଛନ୍ତି। ଏପରି ଅଗ୍ନିକାଣ୍ଡ ତାଙ୍କୁ ଚିନ୍ତାରେ ପକାଇଛି। ତାଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବାକୁ ଦାବି ହେଉଛି।

## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ବୃଦ୍ଧା ଗୁରୁତର

ପାପଡାହାଣ୍ଡି,୭।୧୨ (ଡି.ଏନ.ଏ.)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମୋକିଆ ଗ୍ରାମର ଡମଣି ନାୟକ (୬୫) ମଙ୍ଗଳବାର ମହୁମାଛି ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ଅଗ୍ନିଶମ ବିଭାଗ ଉଦ୍ଧାର କରି ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ଡମଣି ବନ୍ୟା ଆଶ୍ରୟସ୍ଥଳୀ ପଛ ପଟ ପେଟଫୁଲା ନାଳ ନିକଟରେ ଚାକୁଣ୍ଡା ମଞ୍ଜି ତୋଳିବାକୁ ଯାଇଥିବା ସମୟରେ ତାଙ୍କୁ ମହୁ ମାଛି ଆକ୍ରମଣ କରିଥିଲେ। ସେ ଗୁରୁତର ଅବସ୍ଥାରେ ଦୌଡ଼ିଆସି ବନ୍ୟା ଆଶ୍ରୟସ୍ଥଳି ନିକଟରେ ପହଞ୍ଚିଥିଲେ। ସେଠାରେ ଥିବା ଅଗ୍ନିଶମ କର୍ମଚାରୀ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ମେଡିକାଲ ନେଇଥିଲେ।

### ନିଆଁ ଲାଗି ୩ ବଖରା ପୋଡି ନଷ୍ଟ



ପାପଡାହାଣ୍ଡି,୭।୧୨ (ଡି.ଏନ.ଏ.)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ଚାନ୍ଦିଲି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ନିଆଁ ଲାଗି ଭୁଜ ଗୌଡ଼ଙ୍କ ୩ବଖରା ଘର ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଛି। ଚୁଲି ଉପରେ ରଖାଯାଇଥିବା କାଠରୁ ଏହି ଅଗ୍ନିକାଣ୍ଡ ଘଟିଛି। ପ୍ରଥମେ କାଠରେ ନିଆଁ ଲାଗିବା ପରେ ଘରକୁ ବ୍ୟାପିଛି। ଅଗ୍ନିକାଣ୍ଡରେ ତାଙ୍କର ଘରର ଆସବାବପତ୍ର ସହ ଧାନ, ଚାଉଳ ନଷ୍ଟ ହୋଇଯାଇଛି। ତାଙ୍କ ଗୁହାଳରେ ମଧ ନିଆଁ ଲାଗିଯାଇଥିଲା। ମାତ୍ର ଗୋରୁଗୁଡିକୁ ଖୋଲି ଦେବାରୁ ସେମାନେ ଏଥିରୁ ବର୍ତ୍ତି ଯାଇଛନ୍ତି। ଖବର ପାଇ ପାପଡାହାଣ୍ଡି ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରଥିଲେ। ଭୁଜଙ୍କ ପରିବାରକୁ ସହାୟତା ପ୍ରଦାନ ଲାଗି ସାଧାରଣରେ ଦାବି ହୋଇଛି।

# ହାଣ୍ଡି, ଗରା ଧରି ବ୍ଲକ ଅଫିସ ଆଗରେ ମହିଳାଙ୍କ ଧାରଣା

- ଗାଁରେ ରହିଛି ପାଣି ସମସ୍ୟା
- ୧୫ ଦିନରେ ସମାଧାନ ପ୍ରତିଶ୍ରୁତି ଦେଲେ ଅଧିକାରୀ

କୋଡିଙ୍ଗା, ୭।୧୨(ଡି.ଏନ୍.ଏ.)

ପାଣି ସମସ୍ୟା ସମାଧାନ ଦାବିରେ ହାଣ୍ଡି ଗରା ଧରି ନବରଙ୍ଗପୁର ଜିଲା କୋଷଗୁମୁଡା ବ୍ଲକ ବି.ଏମ୍ ସେମଲା ପଞ୍ଚାୟତ କୁସୁମଡଙ୍ଗରୀ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ମହିଳା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ପ୍ରଶାସନିକ ଅଧିକାରୀମାନେ ସେମାନଙ୍କ ସହ ଆଲୋଚନା କରିଥିଲେ। ୧୫ ଦିନ ମଧ୍ୟରେ ଏହାର ସମାଧାନ ହେବା ନେଇ ପ୍ରତିଶ୍ରୁତି ମିଳିବା ପରେ ମହିଳାମାନେ ଧାରଣାରୁ ହଟିଥିଲେ।

ଦୀର୍ଘ ୮ ବର୍ଷ ହେବ ଏହି ଗ୍ରାମରେ ୧ଲକ୍ଷ ଲିଟରର ବିଶିଷ୍ଟ ପିଇବା ପାଣି ଟାଙ୍କି ନିର୍ମାଣ କରାଯାଇଛି। ଗ୍ରାମରେ ପାଇପ ମଧ ବିଛା ଯାଇଛି। କିନ୍ତୁ ଲୋକମାନଙ୍କୁ ଏଥିରୁ ଦିନେ ମଧ ଜଳ ଯୋଗାଣ ଦିଆଯାଇନି। ଏହି ଗ୍ରାମରେ ପ୍ରାୟ ୧୫୦ ପରିବାର ବସବାସ କରନ୍ତି। ଗ୍ରାମରେ ୨ଟି ନଳକୂପ ଅଛି। ସେଥିରୁ ଗୋଟିଏ ଅଚଳ। ଗୋଟିଏ ନଳକୂପ ଉପରେ ଗ୍ରାମବାସୀ ନିର୍ଭର କରୁଥିବା ଧାରଣାରେ ବସିଥିବା ମହିଳାମାନେ କହିଛନ୍ତି। ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କାମ ସରିଥିଲେ ମଧ ତାହାର କାର୍ଯ୍ୟକ୍ଷମ କରାଯାଉ ନ ଥିବା ଦୁଃଖର ବିଷୟ। ଏହାକୁ କାର୍ଯ୍ୟକ୍ଷମ କରି ଗ୍ରାମର ପାନୀୟ ଜଳ ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଅନେକ ଥର ଜିଲାପାଳ, ସ୍ଥାନୀୟ ବିଧାୟକ, ବିଡିଓ ଓ ସରପଞ୍ଚଙ୍କୁ ଜଣାଇ ଥିଲେ ମଧ କୌଣସି ସୁଫଳ ମିଳି ନ ଥିବା ମହିଳାମାନେ କହିଛନ୍ତି। ବାଧ୍ୟ ହୋଇ ମଙ୍ଗଳବାର ପଞ୍ଚାୟତ ଅଫିସରେ ଅଫିସ ରେ ତାଲା ପକାଇବା ସହ ବ୍ଲକ ଅଫିସ ଆଗରେ ଧାରଣା ବସିଛୁ ବୋଲି ମହିଳାମାନେ କହିଛନ୍ତି। ମହିଳାମାନଙ୍କ ସହ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅମରେଶ ନାୟକ ଏବଂ ବିଡିଓ ଅକ୍ଷମିତା କାର୍ତ୍ତିକ ଆଲୋଚନା କରିଥଲେ। ୧୫ ଦିନ ମଧ୍ୟରେ ସମସ୍ୟା ସମାଧାନ କରାଯିବ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଧାରଣାରୁ ଉଠି ଥିଲେ। ଘଟଣା ସମ୍ପର୍କରେ କନିଷ୍ଠ ଯନ୍ତ୍ରୀକୁ ପଚାରିବାରୁ ପଞ୍ଚାୟତ କର୍ତ୍ତୃପ ବିଦ୍ୟୁତ ସଂଯୋଗ ପାଇଁ ଟଙ୍କା ବାନ୍ଧି ନ ଥିବାରୁ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେଉଛି। ଗତ ଶନିବାର ପଞ୍ଚାୟତ ପକ୍ଷରୁ ଟଙ୍କା ବନ୍ଧା ଯାଇଛି। ତେଣୁ ଅତି ଶୀଘ୍ର ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ। ଧାରଣାରେ ଗାଁର ତିଲତମା ମିର୍ଗାନ, ସୁମିତ୍ରା ମିର୍ଗାନ, ସୁଭାମିନି ମିର୍ଗାନ, ସିଲା ମିର୍ଗାନ, ନିଳା ଗୌଡ଼ ପ୍ରମୁଖ ଉପସ୍ଥିତ ଥଲେ।



ବ୍ଲକ ଅଫିସ ଆଗରେ ଧାରଣା ଦେଇଥିବା ମହିଳାମାନେ।

# ଦୁର୍ଘଟଣାରେ ଜେଜେମା, ନାତି ମୃତ

ଟିକିରି, ୭।୧୨(ଡି.ଏନ୍.ଏ.)



ଦୁର୍ଘଟଣାସ୍ଥଳରେ ଲୋକମାନେ ଜମା ହୋଇଛନ୍ତି ।

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅଙ୍ଗଦ କଲୋନୀ ନିକଟରେ ଏକ ଦୁର୍ଘଟଣାରେ ମଙ୍ଗଳବାର ଜେଜେମା ଓ ନାତିଙ୍କର ମୃତ୍ୟୁ ହୋଇଛି। ଦୋଷୀଙ୍କୁ ଧରିବା ଦାବିରେ ଅଞ୍ଚଳବାସୀ ରାସ୍ତାରୋକୋ କରିଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଛି। ମୃତକମାନେ ହେଲେ କାଶୀପୁରର ବ୍ଲକ କଂଗ୍ରେସ ସଭାପତି ଅଙ୍ଗଦ ନାଏକଙ୍କ ସ୍ତ୍ରୀ ମମତା(୫୦) ଓ ନାତି ନୂତନ (୧୫)।

ସୂଚନାନୁଯାୟୀ, ମମତା ତାଙ୍କ ଦୁଇ ନାତି ନୂତନ ଓ ହଂସରାଜଙ୍କ ସହ ଏକ ବାଇକ୍‌ରେ ଯାଉଥିଲେ। ଏହି ସମୟରେ କଳାହାଣ୍ଡି ଆଡୁ ଦ୍ରୁତ ଗତିରେ ଆସୁଥିବା ଏକ ବୋଲେରୋ (ଓଡି-୦୮ବି-୧୦୭୧) ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ନୂତନଙ୍କ ମୃତ୍ୟୁ ହୋଇ ଯାଇଥିଲା। ମମତାଙ୍କୁ କାଶୀପୁର ଡାକ୍ତରଖାନା ଆଣିବା ସମୟରେ ମୃତ୍ୟୁ ହୋଇଯାଇଛି। ଦୁର୍ଘଟଣାରେ ହଂସରାଜଙ୍କ ଗୋଡ଼ ଭାଙ୍ଗି ଯାଇଛି। ସେ ଗୁରୁତର ଅବସ୍ଥାରେ ବର୍ତ୍ତମାନ କାଶୀପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ବୋଲେରୋ ଡ୍ରାଇଭର ଫେରାର ଅଛନ୍ତି। ଦୋଷୀଙ୍କୁ ଧରିବା ଦାବିରେ ଅଞ୍ଚଳବାସୀ ରାସ୍ତାରୋକୋ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଛି। ୧୩୦/୨୧ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

# ଯୁବକଙ୍କ ସହଯୋଗରେ ସୁନ୍ଦର, ସୁଦୃଢ଼ ସମାଜ ଗଠନ ସମ୍ଭବ

**ପୂର୍ଣ୍ଣିଗୁଡ଼ାରେ ସ୍ୱଚ୍ଛ ଗ୍ରାମ-ସବୁଜ ଗ୍ରାମ କାର୍ଯ୍ୟକ୍ରମ**

ନବରଙ୍ଗପୁର,୭।୧୨(ବି.ପ୍ର.)

ପୂର୍ଣ୍ଣିଗୁଡା ଗ୍ରାମରେ ନେହୁରୁ ଯୁବ କେନ୍ଦ୍ର ପକ୍ଷରୁ ସ୍ୱଚ୍ଛ ଗ୍ରାମ-ସବୁଜ ଗ୍ରାମ ନାମରେ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଯୁବ କେନ୍ଦ୍ରର ଓଡିଶା ରାଜ୍ୟ ସହ ନିର୍ଦ୍ଦେଶକ ବିମଳ ପାତ୍ରିକ ସାହ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗ୍ରାମକୁ ସ୍ୱଚ୍ଛ ଓ ସବୁଜ ରଖିବାକୁ ପରାମର୍ଶ ଦେଇଥିଲେ। ଜିଲା କ୍ରୀଡାଅଧିକାରୀ ମହେନ୍ଦ୍ର ସାହୁ, ଜାତୀୟ ସେବା ସଂସ୍ଥା ଜିଲା ସଂଯୋଜକ ଅଧ୍ୟାପକ ଦିଲୀପ ହୋତା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲା ଶିଳ୍ପ କେନ୍ଦ୍ର ଜେନେରାଲ ମ୍ୟାନେଜର ଏ. ବି. ରାଓ ସୁବୁଦ୍ଧି ଓ ନୀଳ ମାଧବ ପାତ୍ର ଅତିଥିଭାବେ ଉପସ୍ଥିତ ଥିଲେ। ସଭା ମଞ୍ଚ ଆଗରେ କ୍ଲିନ ଭିଲେଜ, ଗ୍ରୀନ ଭିଲେଜ ଓ ବର୍ଷା ଜଳ ସଂଗ୍ରହ ଉପରେ ଦୁଇଟି ପ୍ରକଳ୍ପର ଢାଞ୍ଚା ପ୍ରଦର୍ଶିତ ହୋଇଛି। ଗ୍ରାମ ତଥା ପରିବେଶର ସୁରକ୍ଷା ଓ ଉନ୍ନତି ପାଇଁ ଅତିଥିମାନେ ନିଜ ନିଜ ବିଭାଗରେ ଥିବା ସରକାରୀ ଯୋଜନାଗୁଡିକୁ ଉପସ୍ଥାପନ କରିଥିଲେ। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥା, କର୍ମ ନିଯୋଜନ, ଆତ୍ମନିର୍ଭରଶୀଳତା, ଚାରାରୋପଣ ଆଦି ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। ଯୁବକମାନଙ୍କୁ ନେଇ ଏକ ସୁନ୍ଦର ଓ ସୁଦୃଢ ସମାଜ ଗଠନ ସମ୍ଭବ ବୋଲି ଅତିଥିମାନେ ମତ ଦେଇଥିଲେ। ବିଭିନ୍ନ ଯୁବ ସଂଘଗୁଡିକୁ ଖେଳ ସାମଗ୍ରୀ ବଣ୍ଟା ଯାଇଥିଲା। ଯୁବ ବିକାଶ ପାଇଁ ନେହୁରୁ ଯୁବ ସଂଗଠନ ସବୁବେଳେ ତତ୍ପର ରହିଛି ବୋଲି ଜିଲା ଯୁବ ଅଧିକାରୀ ବି. ରମେଶ ପ୍ରକାଶ କରିଛନ୍ତି । ନେହୁରୁ ଯୁବ କେନ୍ଦ୍ରର ଜିଲା ଯୁବ ଅଧିକାରୀ ବି. ରମେଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ଣ୍ଣିଗୁଡା ଗ୍ରାମର ପୂର୍ଣ୍ଣଗାମୀ ଯୁବକ ସଂଘ ଓ ବିଜୟ ଯୁବକ ସଂଘ ଏଥିରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମର ମଞ୍ଚାସୀନ ଅତିଥିମାନେ।


## CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
MARKETING OFFICER,
Fixed Salary
Contact: 10 A.M. - 8 P.M.
AYURVEDIC MEDICINE
Near Balunkeswar Temple, Mahidharapada, Trinath Bazar, Fulnakhara, Bhubaneswar.

**WALK-IN-INTERVIEW**
For following Posts in Bhubaneswar
1. Salesman for Kitchen & Home appliances store.
2. House Keeping Staff for Hotel for Day & Night Shift.
3. Receptionist for Night Shift.
CONTACT
0674-2533244 OR 8480699659

**Urgent Required**
Ground Staff, Supervisor, Checker, loader, Helper, Driver
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ ।
ହାୱାଇ କ୍ଷେତ୍ରରେ (ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
CONTACT : 8448123162

**WANTED**
LADY OFFICE EXECUTIVE
ONE PEON
Phulnakhara, Cuttack.
Rahiba, Khaiba, Salary within 7500/- & 10,000/-.
7809525452

**WANTED**
FEMALE RECEPTIONISTS, MARKETING PERSONS (Male/Female)
for a Hospital near Bhubaneswar.
MOBILE
9337214020 | 7750893821




**IMMEDIATE APPOINTMENT based at Bhubaneswar**
A fast growing multi-business entity based at Bhubaneswar requires smart **SALES MANAGER (FEMALE)** for Tele Sales & CFA operations handling and other related works. Managing office independently.
**Qualification:** Graduate minimum. **Age:** 20 years to 30 years. **Experience:** Minimum 2-3 years. High on integrity and sincerity. Good communication skills in Odia. Salary negotiable. Performance based monthly incentives extra.
**Apply in confidence within 3 days of publication.**
Mail CV at: octothorp2020@gmail.com
Whatsapp CV at 9938844566

**ଭାରତ ଫାଇନାନ୍ସିଆଲ ଇନକ୍ଲୁଜନ ଲିମିଟେଡ**
BHARAT Financial Inclusion Ltd — Prayaas se pragati
A 100% subsidiary of IndusInd Bank Limited
Formerly known as IIFL
(Also formerly known as IndusInd Financial Inclusion Limited)

**BFIL** ହେଉଛି ଭାରତର ଏକ ଅଗ୍ରଣୀ ଆର୍ଥିକ ପ୍ରତିଷ୍ଠାନ ଯାହାକି 8 ମିଲିୟନ ସଦସ୍ୟାଙ୍କୁ ଆର୍ଥିକ ସେବା ପ୍ରଦାନ କରୁଅଛି ଏବଂ ସମଗ୍ର ରାଜ୍ୟରେ 262ଟି ଶାଖା ସହିତ ଓଡ଼ିଶାର ସମସ୍ତ ଜିଲ୍ଲାରେ ଉପସ୍ଥିତି ରହିଛି।
**BFIL** ବଳିଷ୍ଠ ବ୍ୟକ୍ତିବିଶେଷଙ୍କୁ ଖୋଜୁଛି ଯିଏକି ଆର୍ଥିକ ଦୁର୍ବଳ ଶ୍ରେଣୀୟ ଲୋକମାନଙ୍କୁ ବିସ୍ତୀର୍ଣ୍ଣ ଆର୍ଥିକ ସେବା ଯୋଗାଇବା ପାଇଁ ଦାୟିତ୍ୱ ନେବେ । ଆଗ୍ରହୀ ପ୍ରାର୍ଥୀମାନେ ଏଥିପାଇଁ ଉତ୍ସାହର ସହିତ ଆବେଦନ କରିପାରିବେ ।
**ପଦବୀ: କ୍ଷେତ୍ର ସହାୟକ ପ୍ରଶିକ୍ଷକ (Field Assistant Trainee)** । **ଯୋଗ୍ୟତା:** +2 କିମ୍ବା ତଦୂର୍ଦ୍ଧ୍ୱ, **ବୟସ:** 18ରୁ 27 ବର୍ଷ, ଆଧାର, LL / DL ରହିବା ଉଚିତ୍, ନିଶ୍ଚିତ ଭାବେ ଓଡ଼ିଆ ଭାଷା ଜାଣିଥିବା ଆବଶ୍ୟକ (ଲେଖିବା ଓ ପଢ଼ିବା) । **ଦରମା:** (Confirmation ପରେ) ମୋଟ ଦରମା **10800/-** + ଆକର୍ଷଣୀୟ ପ୍ରୋତ୍ସାହନ (Incentive) + ସ୍ୱତନ୍ତ୍ର ପୁରସ୍କାର ଏବଂ ସ୍ୱୀକୃତି + ଯାନ ଇନ୍ଧନ (Vehicle Fuel) + PF + ESI + ସ୍ୱାସ୍ଥ୍ୟ ବୀମା + ଜୀବନ ବୀମା ଏବଂ ଅନ୍ୟାନ୍ୟ ସୁବିଧା ।
**ନିମ୍ନରେ ଦିଆଯାଇଥିବା ସାକ୍ଷାତ୍‌କାର (Interview)ର କାର୍ଯ୍ୟସୂଚୀ:**

| Date of Interview | Address | Contact Number |
|---|---|---|
| 12.12.2021 | Bharat Financial Inclusion Limited, At- Pragati Nagar (Infront of Gridco Office), Kumanda, Dist.- Angul, Pin- 759143 | 9515321683, 8249239435, 9154556434 |
| | Bharat Financial Inclusion Limited, C/o-Ajaya Kumar Sahoo,At-Kacharamala, Near ITI College, Po-Phulnakhara, Dist.-Cuttack, Pin-754001 | 9100882815, 9154556434 |
| | Bharat Financial Inclusion Limited, C/o-Prasanta Ku. Mohapatra, At-Sunguda, Near Sunguda Gram Panchayat, Chandikhole, Pin-754296 | 9178932181, 7008586594, 7328811841 |
| | At-Karanjia, Colony-Ishan Nagar, Dist-Balasore, Pin-756001 | 9154108449 |
| | Bharat Financial Inclusion Limited, Kheras, Charchika Bazar, Infront of BSNL Office, Jagatsinghpur,PIN-754103, | 7606002536, 8917416162, 9078324099 |
| | Bharat Financial Inclusion Limited, Nabakalebar Road, Back side of Akhandalamani Temple, Puri | 8018098223, 6370682172, 9040904342 |
| | Bharat Financial Inclusion, Sriram Nagar, Near Back Side Postal Colony, Khurda | 7894421932, 6370008219 |
| | Bharat Financial Inclusion, Nayagarh Town, Near Nilamadab Kalyan Mandap, Khandapara Road | 7894421956, 8249819564 |
| | Ward No. 1, Ambika Nagar Colony, Bijipur, Berhampur | 7008242809, 7788880662, 8249344727 |
| | At-Irrigation Colony, Lane No-11, Bhawanipatna, Kalahandi, Odisha-766001 | 9154073500, 7894441503 |
| | Samleswari Market Complex, 1st Floor, Tiwarigali, Khetrajpur, Sambalpur, Pin- 768003 | 7207317747, 7894421944 |

ଦୟାକରି ସିଭି, ସମସ୍ତ ଶିକ୍ଷାଗତ ପ୍ରମାଣପତ୍ର (ମୂଳ-Original ଏବଂ ଫଟୋଗ୍ରାଫି- Xerox) ଏବଂ 2ଟି ପାସ୍‌ପୋର୍ଟ ସାଇଜ୍ ଫଟୋ, ସ୍ମାର୍ଟ ଫୋନ୍, DL / LL ସହିତ ନିର୍ଦ୍ଧାରିତ ତାରିଖ **ସକାଳ 9:30 ସମୟରେ** ରିପୋର୍ଟ କରନ୍ତୁ । ଫ୍ରେଶର୍ ଏବଂ ଆଗରୁ କୌଣସି MFIରେ କାର୍ଯ୍ୟ କରି ନ ଥିବା ପ୍ରାର୍ଥୀଙ୍କୁ ହିଁ କେବଳ ପ୍ରାଧାନ୍ୟ ଦିଆଯିବ ।



## ଡାକ ବିଭାଗ (ସିଭିଲ ୱିଙ୍ଗ୍)
**ମିଳିତ ଶତକଡ଼ା ଦର ଇ-ଟେଣ୍ଡର ଆମନ୍ତ୍ରଣକାରୀ ପ୍ରେସ୍ ବିଜ୍ଞପ୍ତି**
ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଅନଲାଇନ ଶତକଡ଼ା ଦର ମିଳିତ ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:
ଏନ୍‌ଆଇଟି ନଂ. ୩୦/ସିଡିବି/୨୦୨୧-୨୨
**କାର୍ଯ୍ୟର ନାମ:** ଗୋଳନ୍ଥରା ଏସ୍‌ଓ ପରିସର, ବ୍ରହ୍ମପୁରଠାରେ ଏଲ୍୨ ପାର୍ସଲ ହବ୍ ନିର୍ମାଣ ।
**ଅଟକଳ ମୂଲ୍ୟ:** ଟ.୨୮,୮୬,୪୧୯.୦୦
**ଅମାନତ ରାଶି:** ଟ. ଶୂନ । **ସମାପ୍ତି ଅବଧି:** ୯୦ (ନବେ) ଦିନ ।
**ବିଡ୍ ଦାଖଲର ଶେଷ ତାରିଖ ଓ ସମୟ:** ତା୨୦।୧୨।୨୦୨୧ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ ।
ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizarde.comରୁ ହାସଲ କରାଯାଇପାରିବ ।
ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର


# ସାମାଜିକ ସଚେତନତା ଦିଗରେ ଲୋକନାଟକ ବେଶ୍ ଉପାଦେୟ

ଡାବୁଗାଁ, ୭।୧୨ (ଡି.ଏନ.ଏ.)

ସୃଜନୀ ପରିବାର ଚେନ୍ନାଇ ଆନୁକୂଲ୍ୟରେ 'ଦକ୍ଷିଣ ଓଡ଼ିଶାର ଲୋକ ନାଟକ ଓ ଲୋକ ଗୀତ' କାର୍ଯ୍ୟକ୍ରମ ଗୁରୁଲ ମିଟ୍‌ରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଉପଦେଷ୍ଟା ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଆଶୁତୋଷ ସାମନ୍ତ ସିଂହାରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ଷତ୍ରୀୟ ବରହମପୁର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ବି. ଗୋବିନ୍ଦ ରାଓ ଯୋଗ ଦେଇ ଥିଲେ। ସାମାଜିକ ସଚେତନତା ପାଇଁ ଲୋକ ନାଟକର ଉପାଦେୟତା ସମ୍ପର୍କରେ ସେ କହିଥିଲେ। ପ୍ରାଧ୍ୟାପକ ଲୋକନାଥ ମହାନ୍ତି ଦଣ୍ଡନାଚର ଅତୀତ ଓ ବର୍ତ୍ତମାନ ସମ୍ପର୍କରେ ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜଗଦୀଶ ପାଣିଗ୍ରାହୀ, ଲୋକ ସାହିତ୍ୟ କଳା ଓ ସଂସ୍କୃତି ଗବେଷକ 'ଗଞ୍ଜାମ ଜିଲାରେ ଲୋକ ନୃତ୍ୟର ପୃଷ୍ଠଭୂମି, ମୁଖା ଓ ବାଦ୍ୟ ଯନ୍ତ୍ର ବ୍ୟବହାର' ଉପରେ କହିଥିଲେ। ଡାବୁଗାଁ ଭୈରବ ମହାବିଦ୍ୟାଳୟ ଅବସରପ୍ରାପ୍ତ ପ୍ରାଧାପିକା ଡ. ବାସନ୍ତି ମହାନ୍ତି ସ୍ୱରଚିତ ପୁସ୍ତକ 'ଦୂର ଆକାଶର ତାରା' ସମ୍ପର୍କରେ କହିଥିଲେ। ସୃଜନୀପରିବାରର ସମ୍ପାଦକ ଅଶୋକ ସାମନ୍ତ, ସୁମତି ମୁଣ୍ଡ, ବିଦ୍ୟୁତପ୍ରଭା ପଟ୍ଟନାୟକ, କଣ୍ଠଶିଳ୍ପୀ ରୁଦ୍ରରୂପା ବ୍ରହ୍ମା, ଶିଶୁ କବି ତଥା କଣ୍ଠଶିଳ୍ପୀ ରମେଶ ଚନ୍ଦ୍ର ପସାଏତ୍ ଉପସ୍ଥିତ ଥିଲେ।


No. W-27
ନ୍ୟାୟ ସବ କେ ଲିଏ — ACCESS TO JUSTICE FOR ALL

## ରାଷ୍ଟ୍ରୀୟ ଲୋକ ଅଦାଲତ
ତା୧୧।୧୨।୨୦୨୧ରିଖ (ଶନିବାର)

**ବିଶେଷ ସୂଚନା**

୧. ଆଜ୍ଞା, କୌଣସି କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି?
୨. ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ ।
୩. ତା୧୧।୧୨।୨୦୨୧ରିଖ (ଶନିବାର)ରେ ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲାସ୍ତରୀୟ ଏବଂ ରାଷ୍ଟ୍ରସ୍ତରୀୟ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି ।
୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ) ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ ।
୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (କଚେରିରେ ଦାଏର ହୋଇ ନ ଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ଭରଣପୋଷଣ ବିବାଦ, ଅନ୍ୟାନ୍ୟ ସାଲିସ୍‌ଯୋଗ୍ୟ ଫୌଜଦାରି ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ ।
୬. ଲୋକ ଅଦାଲତରେ ମକଦ୍ଦମା/ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ।
୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ ।
୮. ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ ।
୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ
ଯୋଗାଯୋଗ: (୦୬୭୧) ୨୩୦୭୦୭୧
ମୋ: ୯୪୩୮୫୭୮୫୮୬ ଏବଂ ୧୫୧୬
OIPR-18008/11/0008/2122


# ଚନ୍ଦ୍ରପୁରରେ ପୁଷ୍ଟି ମହୋତ୍ସବ



କାର୍ଯ୍ୟକ୍ରମରେ ମହିଳା ଓ ଅନ୍ୟମାନେ ।

ଚନ୍ଦ୍ରପୁର, ୭।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ସଦର ମହକୁମାରେ ଥିବା ଚନ୍ଦ୍ରଶେଖର ମନ୍ଦିର ପରିସରରେ ମଙ୍ଗଳବାର ଓଡିଶା ଜିବିକା ମିଶନ ଏବଂ ମିଶନ ଶକ୍ତିର ସହଯୋଗ କ୍ରମେ ପୁଷ୍ଟି ମହୋତ୍ସବ କାର୍ଯ୍ୟକ୍ରମ କରାଯାଇଛି। ଚନ୍ଦ୍ରପୁର ସିଡିପିଓ ଲଳିତା ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ପାରମ୍ପରିକ ଖାଦ୍ୟ ଶକ୍ତି ଦାୟକ ଖାଦ୍ୟ, ଡାଲି, ମଣ୍ଡିଆ, ମୁର୍ଥା, କାଙ୍ଗ, ଚାଉଳ, ବିରି, ମୁଗ, କୋଳଥ ବିଭିନ୍ନ କିସମର ଶାଗ, ଛତୁଆ, ଅଣ୍ଡା, ରାଶିଲଡ୍ଡୁ, ସହ ଜଙ୍ଗଲଜାତ ସହ ବିଭିନ୍ନ ଜଙ୍ଗଲଜାତ ଖାଦ୍ୟ ଷ୍ଟଲରେ ପ୍ରଦର୍ଶିତ ହୋଇଛି। ଏହି ସବୁ ଖାଦ୍ୟକୁ ବାଳିକା, ପ୍ରସୂତି ଏବଂ ଶିଶ ଦୈନନ୍ଦିନ ବ୍ୟବହାର କରି ପୁଷ୍ଟିହୀନତାକୁ ଦୂରେଇ ପାରିବେ ବୋଲି ଚନ୍ଦ୍ରପୁର ଓଡିଶା ଜୀବୀକା ମିଶନ ବିଏଲ୍‌ଆରପି ଶୁକ୍ରୁ ଦାସ କହିଛନ୍ତି। ସେହିପରି ଡାଙ୍ଗସୋରଡା ସଦର ମହକୁମାର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଧ ଓଡିଶା ପୃଷ୍ଟି ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡାଙ୍ଗସୋରଡା ସରପଞ୍ଚ ଧନୁମାଝି କୁମୁରୁକା ଯୋଗ ଦେଇଥିଲେ। ମିଶନ ଶକ୍ତିର ବ୍ଲକ ପୋଗ୍ରାମ କୋଅର୍ଡିନେଟର ଗଜେନ୍ଦ୍ର ନିଶିକା, ଜୀବିକା ମିଶନର ବ୍ଲକ ପୋଗ୍ରାମ ମ୍ୟାନେଜର ଶ୍ରବଣ କୁମାର ସିଂ,ଏମ୍‌ବିକେ ଟୋଫାନ କିର୍ଦ୍ଦିକାଲିଆଙ୍କ ସମେତ ପଞ୍ଚାୟତରେ ସମସ୍ତ ଅଙ୍ଗନୱାଡି କର୍ମୀ, ଏସ୍‌ଏଚ୍‌ଜି ମହିଳାମାନେ ଉପସ୍ଥିତ ଥିଲେ। ପାରମ୍ପରିକ ନୃତ୍ୟ ମାଧ୍ୟମରେ ଅଞ୍ଚଳବାସୀଙ୍କୁ ସଚେତନ କରାଯାଇଛି। କାର୍ଯ୍ୟକ୍ରମକୁ ଜୀବିକା ମିଶନ ବିଏଲ୍‌ଆରଜି ଶୁକ୍ର ଦାସ ସଂଯୋଜନା କରିଥିଲେ।


**BIJU PATTANAIK FILM & TELEVISION INSTITUTE OF ORISSA**
BOSE Campus, Cuttack-753 007
Tel No. 0671-2413968 /2415480
E-mail: bpftio123@gmail.com

## SPOT ADMISSION NOTICE FOR OJEE / JEE MAIN/BCAT RANK HOLDERS

Few seats are lying vacant after final round of OJEE counselling for academic year 2021-22. Spot Counselling for the remaining vacant seats in Cinematography, Sound Recording & Sound Design and Film Editing shall be conducted as per the following schedule

| Date of Spot Counselling | Time of reporting & Registration | Time of display of merit list | Time of Spot Admission |
|---|---|---|---|
| 13.12.2021 | 10.00 AM to 1.00 PM | 2.00 PM | 2.30 PM to 5.00 PM |

1. Candidates who have not participated in earlier rounds of OJEE counselling / who have withdrawn from the OJEE counselling process.
2. Candidates who have participated in earlier rounds of OJEE counselling but have not got allotment of seats/ allotted a seat but not confirmed / considered further due to any reason.
3. The candidate who have been issued Final Allotment letter after final round of OJEE counselling but have not reported at their allotted institution.
4. Candidate who have BCAT rank but not allotted seats.

The candidates who get allotment in the spot round process, shall have to immediately make payment of Rs.26,000/- (for all category) as part admission fees, failing which his/her allotment will be cancelled.

For any Queries Contact:
8249889162, 9437069564, 9439978071

Sd/-
Director

ଧରିତ୍ରୀ
DHARITRI
ବୁଧବାର, ୮ ଡିସେମ୍ବର, ୨୦୨୧

> ଯଦି ଭଗବାନଙ୍କର ଗୋଟିଏ ହାତ ମୋତେ ଊର୍ଦ୍ଧ୍ୱସ୍ଥ ସ୍ୱର୍ଗ ଆଡକୁ ଟାଣୁଥାଏ ଏବଂ ଅନ୍ୟ ହାତଟି ମୋତେ ନିମ୍ନସ୍ଥ ନରକ ଭିତରେ ଦାବି ରଖୁଥାଏ– ତେବେ ମୁଁ ନିଶ୍ଚୟ ଊର୍ଦ୍ଧ୍ୱଗାମୀ ହେବା ଲାଗି ପ୍ରୟାସ କରି ଚାଲିବି। –ଶ୍ରୀଅରବିନ୍ଦ



# ବର୍ମାରେ ଗଣତନ୍ତ୍ରର ମୃତ୍ୟୁ

ମ୍ୟାନ୍ମାର(ବର୍ମା)ର ଗଣତନ୍ତ୍ର ସପକ୍ଷବାଦୀ ନେତ୍ରୀ ଅଙ୍ଗ୍ ସାନ୍ ସୁ ଚୀଙ୍କୁ ସେଠାକାର ମିଲିଟାରୀ ଶାସକ ଦୁଇଟି ଘଟଣାରେ ୬ ଡିସେମ୍ବରରେ ୪ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଜୁଣ୍ଟା ମୁଖ୍ୟ ଦଣ୍ଡାଦେଶକୁ ଦୁଇବର୍ଷ କୋହଳ କରିଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସୁ ଚୀଙ୍କ ବିରୋଧରେ ଆହୁରି ଅନେକ ମାମଲା ବିଚାରାଧୀନ ରହିଛି। ସାମରିକ ଜୁଣ୍ଟା ବିରୋଧରେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେବା ଓ କୋଭିଡ୍ ପ୍ରୋଟୋକଲ ଭାଙ୍ଗିବା ଅଭିଯୋଗରେ ତାଙ୍କ ବିରୋଧରେ ଏପରି କଠୋର ଆଇନଗତ ଶୁଣାଣି କରାଯାଇଛି। ତାଙ୍କ ଦଳ ନ୍ୟାଶନାଲ ଲିଗ୍ ଫର୍ ଡେମୋକ୍ରାସି (ଏନ୍‌ଏଲ୍‌ଡି) ୨୦୨୦ ନଭେମ୍ବରରେ ନିର୍ବାଚନ ଜିତିଥିଲେ ମଧ୍ୟ ୧ ଫେବୃୟାରୀ ୨୦୨୧ରେ ସାମରିକ ଶକ୍ତି ବ୍ୟବହାର କରାଯାଇ ତାହାକୁ ରଦ୍ଦ କରି ଦିଆଯାଇଥିଲା। ଏହାର ପ୍ରତିବାଦରେ ସୁ ଚୀ ଯେଉଁ ଭାଷଣ ଦେଇଥିଲେ ତାହା ବିଦ୍ୱେଷ ସୃଷ୍ଟିକାରୀ ବୋଲି ମିଲିଟାରୀ ଜୁଣ୍ଟା ବିଚାର କରିଥିଲା। ସେହିପରି ନିର୍ବାଚନ ସଭାରେ ସେ ମାସ୍କ ପିନ୍ଧି ନ ଥିବା ଓ କୋଭିଡ୍ ନିୟମାବଳୀ ପାଳନ କରି ନ ଥିବାରୁ ଦଣ୍ଡିତ କରାଯାଇଛି ବୋଲି ରାୟରେ କୁହାଯାଇଛି। କିନ୍ତୁ ସୁ ଚୀ ସର୍ବଦା ମାସ୍କ ପିନ୍ଧିଥିବା ଦେଖାଯାଉଥିବାରୁ ମିଲିଟାରୀ ଜୁଣ୍ଟା ଗଣତନ୍ତ୍ରକୁ ଫେରାଇ ନ ଆଣିବା ଲକ୍ଷ୍ୟରେ ଏଭଳି ନିଷ୍ପତ୍ତି ନେଇଥିବା ଏନ୍‌ଏଲ୍‌ଡି ପକ୍ଷରୁ କୁହାଯାଇଛି।

ମ୍ୟାନ୍ମାରରେ ଗଣତନ୍ତ୍ର ପ୍ରତିଷ୍ଠା କରିବା ଲକ୍ଷ୍ୟ ନେଇ ସୁ ଚୀ ଜୀବନବ୍ୟାପୀ ଯେଉଁ ସଂଗ୍ରାମ କରିଛନ୍ତି ତାହା ବିଶ୍ୱବାସୀ ଜାଣିଛନ୍ତି ଓ ସେଥିପାଇଁ ତାଙ୍କୁ ଶାନ୍ତି କ୍ଷେତ୍ରରେ ନୋବେଲ ପୁରସ୍କାର ମିଳିଛି। ତାଙ୍କ ଦଳ କ୍ଷମତାକୁ ଆସିବା ଦ୍ୱାରା ଗଣତନ୍ତ୍ର ସୁଦୃଢ଼ ହୋଇଆସୁଥିଲା। ହେଲେ ସାମରିକ କର୍ତ୍ତୃପକ୍ଷଙ୍କୁ ତାହା ଅଡୁଆ ଲାଗିବାରୁ ସୁ କୀଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଗଲା। ଦେଶର ନାଗରିକ ଗଣତନ୍ତ୍ର ଚାହୁଁଥିବା ବେଳେ ସାମରିକ ଶାସନ ଜାରି ହେବାରୁ ଦେଶ ଭିତରେ ଜନଅସନ୍ତୋଷ ଲାଗି ରହିଛି। ଜନସାଧାରଣଙ୍କ ଅସନ୍ତୋଷକୁ ସୁ ଚୀଙ୍କ ଦ୍ୱାରା ଏକଜୁଟ କରି ଦିଆଯାଇପାରେ ବୋଲି ଆଶଙ୍କା କରି ମିଲିଟାରୀ ଜୁଣ୍ଟା ଏଭଳି ପଦକ୍ଷେପ ନେଇଥିବା ସନ୍ଦେହ କରାଯାଉଛି।

ସୁ ଚୀଙ୍କୁ ଦଣ୍ଡିତ କରାଯିବା ଘଟଣାକୁ ଅନ୍ତର୍ଜାତୀୟ ସମୁଦାୟ ନିନ୍ଦା କରିଛନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ କୌଣସି ବୃହତ୍ ବିକଶିତ ରାଷ୍ଟ୍ର ସେଠାରେ ରାଜନୈତିକ ସ୍ଥିରତା ବଜାୟ ରଖିବା ଲାଗି ପଦକ୍ଷେପ ନେଉଥିବା ଭଳି ମନେ ହେଉନାହିଁ। ଚାଇନା-ମ୍ୟାନ୍ମାର ଅର୍ଥନୈତିକ କରିଡରରେ ଚାଇନା ପୁଞ୍ଜି ବିନିଯୋଗ କରିଛି ଓ ଜୁଣ୍ଟା ପ୍ରତି ସମର୍ଥନ ରହିଥିବାରୁ ମ୍ୟାନ୍ମାର ବିରୋଧରେ ପ୍ରତିବନ୍ଧକ ଲଗାଇବାକୁ ଦେବ ନାହିଁ ବୋଲି ସ୍ପଷ୍ଟ ଦିଶୁଛି। ସେହିଭଳି ଆମେରିକା ଭଳି ଶକ୍ତିଶାଳୀ ଦେଶ ନୀରବତା ଅବଲମ୍ବନ କରୁଥିବା ଦେଖିବାକୁ ମିଳୁଛି। ଚଳିତବର୍ଷ ଫେବୃୟାରୀରେ ସାମରିକ ସରକାର ପ୍ରତିଷ୍ଠା ହେବା ପରେ ଗଣତନ୍ତ୍ର ସପକ୍ଷବାଦୀଙ୍କ ବିରୋଧରେ ହିଂସା ବଢ଼ିଚାଲିଛି। ଜାତିସଂଘ ଏସବୁ ଦେଖୁଥିଲେ ମଧ୍ୟ କଠୋର ପଦକ୍ଷେପ ନେଇପାରୁନାହିଁ। କେବଳ ଚେତାବନୀ ଦେଇଛି ଯେ, ସାମରିକ ସରକାର ହିଂସା ବନ୍ଦ କରି ଗଣତନ୍ତ୍ର ପ୍ରତିଷ୍ଠା ଦିଗରେ କାର୍ଯ୍ୟ ନ କଲେ ମ୍ୟାନ୍ମାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଉଁସିଲା ଭଳି ଏପରି ଚେତାବନୀ ମିଲିଟାରୀ ଜୁଣ୍ଟାକୁ କାବୁ କରି ନ ଥିବା ପ୍ରତୀୟମାନ ହେଉଛି। ଏଥିସହିତ ଭାରତ ସରକାର ମଧ୍ୟ ଗଣତାନ୍ତ୍ରିକ ଶକ୍ତି ଅପେକ୍ଷା ବର୍ମାର ମିଲିଟାରୀ ଜୁଣ୍ଟାକୁ ସମର୍ଥନ କରୁଥିବାର ସବୁ ଲକ୍ଷଣ ଦେଖିବାକୁ ମିଳୁଛି। କାରଣ ଉତ୍ତର-ପୂର୍ବାଞ୍ଚଳରେ ଶାନ୍ତି ବଜାୟ ରଖିବାକୁ ହେଲେ ମିଲିଟାରୀ ସହ ସମ୍ପର୍କ ଭଲ ରଖିବାକୁ ପଡ଼ିବ ବୋଲି ମୋଦି ସରକାର ଧରି ନେଇଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ଭାରତ ଓ ବର୍ମା ମଧ୍ୟରେ ୧,୬୪୩ କିଲୋମିଟର ଲମ୍ବା ସୀମା ରହିଛି। ସେଥିପାଇଁ ଭାରତ ତା'ର ଉତ୍ତର-ପୂର୍ବାଞ୍ଚଳରେ ଅସ୍ଥିରତା ସମ୍ଭାଳିବା ପାଇଁ ବର୍ମା ମିଲିଟାରୀ ସହିତ ସୁସମ୍ପର୍କ ରଖିବାକୁ ବ୍ୟଗ୍ର। ବିଶ୍ୱର ଶକ୍ତିଶାଳୀ ଦେଶ ଓ ସର୍ବଉପରେ ଜାତିସଂଘ ମ୍ୟାନ୍ମାରରେ ସୃଷ୍ଟି ହୋଇଥିବା ବିଶୃଙ୍ଖଳାକୁ ସଜାଡ଼ିବାରେ ନିଘା ଦେଉ ନ ଥିବାରୁ ସେଠାକୁ ନିକଟ ଭବିଷ୍ୟତରେ ଗଣତନ୍ତ୍ର ଫେରିବ ବୋଲି ଆଶା କରାଯାଇପାରୁ ନାହିଁ।

## ୨୫ ବର୍ଷ ତଳର ଧରିତ୍ରୀ

୮ ଡିସେମ୍ବର ୧୯୯୬

- ଚାଇନାର ବିଦ୍ରୋହୀ ନେତା ୫୬ ବର୍ଷ ବୟସ୍କ ଝାଙ୍ଗ୍ ଜୋଙ୍ଗାଇଙ୍କୁ ୫ ବର୍ଷ ପାଇଁ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି।
- ଜାତିସଂଘ ମହାସଚିବ ପଦ ପାଇଁ ଆଫ୍ରିକୀୟ ଦେଶଗୁଡ଼ିକ ୪ ଜଣ ପ୍ରାର୍ଥୀଙ୍କୁ ମନୋନୀତ କରିଛନ୍ତି।
- ରଙ୍ଗିନ୍ ଟେଲିଭିଜନ କିଣିବା ବେଳେ ହୋଇଥିବା ୮.୫୩ କୋଟି ଟଙ୍କା ଦୁର୍ନୀତି ଅଭିଯୋଗରେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତା ଗିରଫ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | 5 |
| | 6 | | 9 | | 1 | | | |
| | 8 | | | | | 7 | | |
| 1 | | 4 | | | 5 | 6 | | |
| | | | | | | | | 1 |
| | 3 | 7 | | | | | 4 | 2 |
| 8 | 1 | | | | 3 | | | 4 |
| 5 | | | | 8 | 6 | 2 | 7 | |
| 3 | | | | | 4 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 8 | 9 | 5 | 7 | 1 | 3 | 4 |
| 7 | 4 | 5 | 1 | 6 | 3 | 9 | 8 | 2 |
| 3 | 1 | 9 | 8 | 4 | 2 | 6 | 7 | 5 |
| 5 | 7 | 2 | 6 | 3 | 4 | 8 | 9 | 1 |
| 6 | 9 | 1 | 7 | 2 | 8 | 4 | 5 | 3 |
| 4 | 8 | 3 | 5 | 1 | 9 | 2 | 6 | 7 |
| 8 | 3 | 7 | 4 | 9 | 1 | 5 | 2 | 6 |
| 1 | 2 | 6 | 3 | 8 | 5 | 7 | 4 | 9 |
| 9 | 5 | 4 | 2 | 7 | 6 | 3 | 1 | 8 |

ଗତକାଲିର ଉତ୍ତର

# ଦୁର୍ଭାଗ୍ୟର ଦସ୍ତାବିଜ

ଉପେନ୍ଦ୍ର ବିଶ୍ୱାଳ

ଓଃ, କି ହୃଦୟ ବିଦାରକ ସେ ଦୃଶ୍ୟ ! ନଭେମ୍ବର ୨୬ ଆସିଲେ, ମନେପଡ଼ିଯାଏ ସେହି କାଳରାତ୍ରିର କଥା। ଠିକ୍ ତେରବର୍ଷ ତଳର ଘଟଣା। ଦେଶର ବାଣିଜ୍ୟ ରାଜଧାନୀ ମୁମ୍ବାଇ ଥରିଉଠିଲା ଆତଙ୍କୀ ଆକ୍ରମଣରେ। ପାକିସ୍ତାନ ପ୍ରଶିକ୍ଷିତ ଆତଙ୍କବାଦୀମାନେ ମୁମ୍ବାଇର ପାଞ୍ଚଟି ସ୍ଥାନରେ ଅତର୍କିତ ଆକ୍ରମଣ କରି ଦେଶକୁ ଥରହର କରିପକାଇଲେ। ୧୪୦ ଜଣ ଭାରତୀୟ ନାଗରିକଙ୍କ ସମେତ ୧୪ଟି ଦେଶର ୨୬ଜଣ ବିଦେଶୀ ଟଳି ପଡ଼ିଲେ ଆତଙ୍କୀଙ୍କ ଆକ୍ରମଣରେ। ସାରା ବିଶ୍ୱ ଆଶା କରିଥିଲା ଆତଙ୍କୀଙ୍କ ବିରୋଧରେ ଭାରତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ନିଶ୍ଚିତ। ମାତ୍ର ବିଡ଼ମ୍ବନାର ବିଷୟ ଏହି ଯେ ତତ୍କାଳୀନ କେନ୍ଦ୍ର ସରକାର କିଛି କଠୋର ପଦକ୍ଷେପ ତ ନେଲେ ନାହିଁ ବରଂ ଦେଶକୁ ଉପହସିତ କରେଇଲେ ଦୁନିଆରେ। ବାଘ କାମୁଡ଼ାଠାରୁ ବାଘର ଘୋଷରା ଅଧିକ ବାଧିବା ପରି ସରକାରଙ୍କ ଲଜ୍ଜାଜନକ ପଦକ୍ଷେପ ଅଧିକ ବାଧିଥିଲା ଦେଶବାସୀଙ୍କୁ। ଯେଉଁଥିପାଇଁ କି ସେଇ ସମୟର ଜଣେ କେନ୍ଦ୍ରମନ୍ତ୍ରୀ ତାଙ୍କର ସଦ୍ୟତମ ପୁସ୍ତକରେ ମନମୋହନ ସିଂହଙ୍କ ନେତୃତ୍ୱାଧୀନ ସରକାରଙ୍କ ଅପାରଗତାକୁ ପ୍ରକାଶ କରିବାରେ କୁଣ୍ଠାବୋଧ କରିନାହାନ୍ତି ଆଜି। କଂଗ୍ରେସ ଦଳର ସାଂସଦ ତଥା ଅନ୍ୟତମ ଜାତୀୟ ପ୍ରବକ୍ତା ହେଉଛନ୍ତି ମନୀଷ ତିୱାରୀ। ଗତ ଡିସେମ୍ବର ୨ରେ ଉନ୍ମୋଚିତ ହୋଇଯାଇଛି ତାଙ୍କର ସଦ୍ୟତମ ଚତୁର୍ଥ ପୁସ୍ତକ '10 Flash points, 20 Years' ; ଯେଉଁଥିରେ ନିଜେ ମନ୍ତ୍ରିମଣ୍ଡଳରେ ଥାଇ ବି ଉପା ସରକାରଙ୍କ ଜାତୀୟ ସୁରକ୍ଷା ନୀତି ସମେତ ୨୬।୧୧।୨୦୦୮ ଘଟଣାରେ ସରକାରଙ୍କ ଦୁର୍ବଳ ପଦକ୍ଷେପକୁ ତୀବ୍ର ସମାଲୋଚନା କରିଛନ୍ତି। 'ଉଦାସୀନତା, ସାମର୍ଥ୍ୟର ସୂଚକ ନୁହଁ ବରଂ ଦୁର୍ବଳତାର ଲକ୍ଷଣ' ବୋଲି ସେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି । ଅର୍ଥାତ୍ ଯେତେବେଳେ ସାରା ଭାରତ କାନ୍ଦୁଥିଲା ସେତେବେଳେ ସରକାରଙ୍କ ଭୀରୁତା ଆଦୌ ଗ୍ରହଣୀୟ ନୁହେଁ। ରାଷ୍ଟ୍ରୀୟ ସୁରକ୍ଷା ସହିତ ଜଡ଼ିତ ସେ ଦିନର ସେହି ଘଟଣା ସମ୍ବନ୍ଧେ ସଂକ୍ଷିପ୍ତ ଆଲୋଚନା ଆଜି ବିଶେଷ ମହତ୍ତ୍ୱ ରଖେ। କାରଣ ସୁଖମୟ ଶାନ୍ତିମୟ ଭବିଷ୍ୟତ ଭାରତ ପାଇଁ ଅତୀତକୁ ଦେଖି ବର୍ତ୍ତମାନକୁ ସଜାଡ଼ି ନେବାକୁ ହେବ।

ଆମେରିକା ଗୋଇନ୍ଦା ସଂସ୍ଥାର ତଥ୍ୟ ତଥା ଅନ୍ୟାନ୍ୟ ଉତ୍ସକୁ ଆଧାର କରି 'The New York Times' ନଭେମ୍ବର ୨୮, ୨୦୦୮ରେ ଉଲ୍ଲେଖ କରିଥିଲା ଯେ, ମୁମ୍ବାଇ ବିସ୍ଫୋରଣ ପଛରେ ପାକିସ୍ତାନର ହାତ ଥିବାର ବହୁ ପ୍ରମାଣ ଅଛି । ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ତତ୍ତ୍ୱାବଧାନରେ କୁଖ୍ୟାତ ଆତଙ୍କବାଦୀ ସଂଗଠନ ଲସ୍କର -ଇ- ତୋଇବା ଓ ଜୈସ-ଇ-ମହମ୍ମଦର ସଦସ୍ୟମାନଙ୍କୁ ଏଥିପାଇଁ ପ୍ରସ୍ତୁତ କରାଯାଇଥିଲା। ଆଉ, ଏହି ଆକ୍ରମଣର ଖସଡ଼ା ତା'ର ଛଅ ମାସ ପୂର୍ବରୁ ତିଆରି ହୋଇଥିଲା। ପାକିସ୍ତାନ ନୌସେନା ଦ୍ୱାରା ତାଲିମପ୍ରାପ୍ତ ଦଶଜଣ ବଛାବଛା ଆତଙ୍କବାଦୀ ସମୁଦ୍ର ବାଟେ ବୋଟରେ ଆସି ମୁମ୍ବାଇ ଉପକୂଳରେ ଓହ୍ଲାଇ ଥିଲେ। ଦାଉଦ ଇବ୍ରାହିମ୍‌ର ସ୍ଥାନୀୟ ଗୋଷ୍ଠୀ ମଧ୍ୟ ଏମାନଙ୍କୁ ଅନ୍ୟାନ୍ୟ ସହାୟତା କରିଥିଲେ। ତାଜ ହୋଟେଲରେ ସେଦିନ ଅବସ୍ଥାନ କରୁଥିବା ତୁର୍କୀର କେତେକ ମୁସଲମାନଙ୍କୁ ଛାଡ଼ିଦେଇ (ବାହାରି ଯିବାକୁ ସୁଯୋଗ ଦେଇ) ସେମାନେ ନରସଂହାର ରଚିଚାଲିଲେ। ଏଭଳି ନୃଶଂସ ଆକ୍ରମଣ ପଛରେ ଜିହାଦୀ ସଙ୍ଗଠନଗୁଡ଼ିକର ହାତ ଅଛି ବୋଲି ଭାରତୀୟ ଗୋଇନ୍ଦା ବିଭାଗ ମଧ୍ୟ ସରକାରଙ୍କୁ ଅବଗତ କରେଇଥିଲେ। ଏହାସତ୍ତ୍ୱେ ଜିହାଦୀ ଇସ୍ଲାମିକ ସଙ୍ଗଠନଗୁଡ଼ିକ ବିରୋଧରେ ନା ପ୍ରଧାନମନ୍ତ୍ରୀ ନା ଗୃହମନ୍ତ୍ରୀ, କେହି ବି ନିନ୍ଦା ସୂଚକ କଡ଼ା ମନ୍ତବ୍ୟ ଦେଇ ନ ଥିଲେ। ବରଂ ତତ୍କାଳୀନ ଉପା ସରକାର ଏହାକୁ ଭିନ୍ନ ରୂପ ଦେବାକୁ ପ୍ରୟାସ କରୁଥିଲେ ଓ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ପ୍ରକାଶ ଜୟସ୍ୱାଲ ଏହି ଆକ୍ରମଣ ପଛରେ ହିନ୍ଦୁ ଆତଙ୍କବାଦୀଙ୍କ ସମ୍ପୃକ୍ତିକୁ ଏଡ଼ାଇ ଦିଆ ଯାଇ ନ ପାରେ ବୋଲି ମନ୍ତବ୍ୟ ଦେବାକୁ ପଛାଉ ନ ଥିଲେ। ଏହାକୁ ଆଳକରି ଚାଇନାର 'ପିପୁଲ୍‌ସ ଡେଲି' ଭାରତରେ ଆତଙ୍କୀ ଆକ୍ରମଣ ପଛରେ ଦକ୍ଷିଣପନ୍ଥୀ ଆତଙ୍କବାଦୀଙ୍କ ସମ୍ପୃକ୍ତିଥିବାର ପ୍ରଚାର କଲା। ଅର୍ଥାତ୍ ବିଶ୍ୱକୁ ଏକପ୍ରକାର ଭ୍ରମିତ କରିବାକୁ ଚେଷ୍ଟା କରାହେଲା। ସୂଚନାଯୋଗ୍ୟ ଯେ ୨୬।୧୧ ଘଟଣାର କେଇମାସ ପୂର୍ବରୁ (ଜୁଲାଇ ୭), କାବୁଲସ୍ଥିତ ଭାରତୀୟ ଦୂତାବାସ ଉପରେ ହୋଇଥିଲା ଆତଙ୍କବାଦୀ ବୋମାମାଡ଼ ଘଟଣା ; ଯେଉଁଥିରେ ୫୮ଜଣଙ୍କ ଜୀବନ ଯିବା ସହିତ ୧୪୧ଜଣ କ୍ଷତାକ୍ତ ହୋଇଥିଲେ। ଏହି ଘଟଣା ପରେ ଅଗଷ୍ଟ ୧ରେ ଅନୁସନ୍ଧାନ ଆଧାରିତ ତଥ୍ୟମୂଳକ ଖବରଟିଏ The New York Timesରେ ପ୍ରକାଶିତ ହୋଇଥିଲା। ସେଥିରେ ମଧ୍ୟ ଆମେରିକୀୟ ଏହି କାଗଜଟି ଜୁଲାଇ ୭ର ଆକ୍ରମଣ ପଛରେ ଇସ୍ଲାମିକ ଆତଙ୍କୀ ସଙ୍ଗଠନର ସମ୍ପୃକ୍ତି ସମ୍ବନ୍ଧେ ସ୍ପଷ୍ଟ ଉଲ୍ଲେଖ କରିଥିଲା। ତତ୍‌ସହିତ ଆମେରିକାର ଗୋଇନ୍ଦା ସଂସ୍ଥା ମଧ୍ୟ ଇସ୍ଲାମିକ ଆତଙ୍କବାଦୀଙ୍କ ଦ୍ୱାରା ଭାରତରେ ଆଗକୁ ଏହିପରି ଭୟଙ୍କର ଆକ୍ରମଣ ହୋଇପାରେ ବୋଲି ଭାରତ ସରକାରଙ୍କୁ ସତର୍କ କରାଇଥିଲା। ସୂଚନାଯୋଗ୍ୟ ଯେ ସେହି ସମୟରେ ଆଫଗାନିସ୍ତାନ ଥିଲା ଆମେରିକା ସେନା ନିୟନ୍ତ୍ରଣରେ। ପରିତାପର ବିଷୟ, ଏହାର ଠିକ୍ ସାଢ଼େ ତିନିମାସ ପରେ ହେଲା ମୁମ୍ବାଇ ଆକ୍ରମଣ।

ସୁଦୀର୍ଘ ତିକ୍ତ ଅଭିଜ୍ଞତାରୁ ଭାରତ ଜାଣିଛି ଆଇଏସ୍‌ଆଇର ଅଭିସନ୍ଧିକୁ। ଭାରତରେ ଯେତେସବୁ ଆତଙ୍କୀ ଆକ୍ରମଣ ହୁଏ, ତା' ପଛରେ ଏହି ସଂସ୍ଥାର ହାତ ନିଶ୍ଚିତ ନିହିତ ଥାଏ। ଉଗ୍ର ଇସ୍ଲାମିକ ଆତଙ୍କବାଦୀ ସଂଗଠନଗୁଡ଼ିକର ପ୍ରଚ୍ଛଦପଟରେ ପାକିସ୍ତାନର ପୃଷ୍ଠପୋଷକତା ରହି ଆସିଛି ବୋଲି ସାରା ବିଶ୍ୱ ଜାଣିଛି। ଆଉ, ଆଇଏସ୍‌ଆଇ ହିଁ ସେମାନଙ୍କ ତତ୍ତ୍ୱାବଧାରକ। ଆମେରିକୀୟ ଗୋଇନ୍ଦା ସମେତ ଆମ ନିଜସ୍ୱ ଗୋଇନ୍ଦା ସଂସ୍ଥାର ସ୍ପଷ୍ଟ ସୂଚନା ସତ୍ତ୍ୱେ ଇସ୍ଲାମିକ ଆତଙ୍କବାଦୀ ସଂଗଠନଗୁଡ଼ିକ ପ୍ରତି ଆଖି ବୁଜି ଦେଇ ଦକ୍ଷିଣପନ୍ଥୀ ସଙ୍ଗଠନଗୁଡ଼ିକୁ ଦାୟୀ କରିବା ଅତ୍ୟନ୍ତ ହାସ୍ୟାସ୍ପଦ କଥା ନୁହଁ କି? ଅର୍ଥାତ୍ ଆରବସାଗର ଭିତରେ ହଜିଥିବା ଜାହାଜକୁ ଠାବ କରିବାକୁ ମହାକାଶରେ ଅଣ୍ଡାଳି ବୁଲିବା ପରି। ଆହୁରି ମଧ୍ୟ ଏହି ଘଟଣାର ଅନୁସନ୍ଧାନ ପାଇଁ ପାକିସ୍ତାନକୁ ଚିଠି ଲେଖି ଆଇଏସ୍‌ଆଇର ମୁଖ୍ୟ ଅହମ୍ମଦ ଏସ. ପାସାଙ୍କୁ ଭାରତ ଆସିବାକୁ ନିମନ୍ତ୍ରଣ କରିବା, ତତ୍କାଳୀନ କେନ୍ଦ୍ର ସରକାରଙ୍କ ଏହା କି ପ୍ରକାର ମାନସିକତା ଥିଲା ତାହା ହିଁ ବିଚାର୍ଯ୍ୟ। ଏହାଦ୍ୱାରା ବିଶ୍ୱରେ ଭାରତ ଆହୁରି ଲଜ୍ଜିତ ହେଲା ନାହିଁ କି? ପ୍ରଶ୍ନ ଉଠେ, ଆତଙ୍କବାଦୀଙ୍କ କିଛି ଧର୍ମ ନ ଥାଏ ବୋଲି ଜାଣି ମଧ୍ୟ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନକୁ ଇସ୍‌ଲାମ ଉପରେ ଆକ୍ରମଣ ବୋଲି କାହିଁକି ଆମ ରାଜନେତାମାନଙ୍କ ମନକୁ ବିଚାର ଆସେ? ଫଳରେ ଆତଙ୍କୀ ଗୋଷ୍ଠୀଙ୍କୁ ଆମେ ପରୋକ୍ଷ ସମର୍ଥନ ଦେଉନାହୁଁ କି? ତାଙ୍କ ଭିତରେ ଆମେ ଉତ୍ସାହ ଭରୁ ନାହୁଁ କି? କେଉଁ ସ୍ୱାର୍ଥରେ କଂଗ୍ରେସ ନେତୃତ୍ୱରେ ପରିଚାଳିତ ଉପା ସରକାର ଆତଙ୍କବାଦୀ ଓ ମୌଳବାଦୀ ସଙ୍ଗଠନଗୁଡ଼ିକୁ ତୁଷ୍ଟୀକରଣ କଲାଭଳି ପଦକ୍ଷେପ ନେଉଥିଲେ? ଏଇଯେମିତି, ଆତଙ୍କବାଦକୁ ଦୃଢ଼ହସ୍ତରେ ଦମନ କରିବାକୁ ଯାଇ ବାଜପେୟୀଙ୍କ ସରକାର 'Prevention of Terrorism Act- 2002' (POTA) ଆଇନ ପ୍ରଣୟନ କରିଥିଲେ। ମାତ୍ର ସୋନିଆ ଗାନ୍ଧୀଙ୍କ ନେତୃତ୍ୱାଧୀନ 'ଉପା' ସରକାର ମଇ ୨୦୦୪ରେ କ୍ଷମତାକୁ ଆସୁଆସୁ ଅଗ୍ରାଧିକାର ଭିତ୍ତିରେ ସେପ୍ଟେମ୍ବର ୨୦୦୪ରେ ସେଇ କଠୋର ଆଇନକୁ ରଦ୍ଦ କରିଦେଲେ। କଂଗ୍ରେସ ନେତୃତ୍ୱରେ ପରିଚାଳିତ ୟୁପିଏ ଶାସନର ଦୁର୍ବଳ ପଦକ୍ଷେପ ଯୋଗୁ ଦେଶ ବହୁ ଆତଙ୍କୀ ଆକ୍ରମଣର ଶିକାର ହୋଇଛି। କେବଳ ୨୦୦୮ରେ ୧୧ ଥର ଆକ୍ରମଣ ହୋଇଥିଲା। କେବଳ ୟୁପିଏ ସରକାରଙ୍କ ମନ୍ତ୍ରୀ ଥିବା ସାଂସଦ ମନୀଷ ତିୱାରୀ ନୁହନ୍ତି, ସେହି ୨୬।୧୧ ମୁମ୍ବାଇ ଘଟଣା ସମୟରେ (୨୦୦୬-୨୦୦୯) ବିଦେଶ ସଚିବ ଏବଂ ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଜାତୀୟ ସୁରକ୍ଷା ଉପଦେଷ୍ଟା ଥିବା ଶିବ ଶଙ୍କର ମେନନ ମଧ୍ୟ ତାଙ୍କର 'CHOICES : Inside the Making of Indian Foreign Policy' ପୁସ୍ତକରେ ଉପା ସରକାରଙ୍କ ସୁରକ୍ଷା ନୀତିକୁ କଡ଼ା ସମାଲୋଚନା କରିଛନ୍ତି। ୨୬।୧୧ ଘଟଣା ପରେ 'ସମସ୍ତ ସୀମା ଲଙ୍ଘି ସାରିଥିବା ପାକିସ୍ତାନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଜରୁରୀ' ବୋଲି ସରକାରଙ୍କୁ ଏହି ବିଦେଶ ସଚିବ ନିଜେ ପରାମର୍ଶ ଦେଇଥିବାର ପ୍ରକାଶ। ମାତ୍ର ୟୁପିଏ ସରକାର ଏହାକୁ କର୍ଣ୍ଣପାତ କରି ନ ଥିଲେ ବୋଲି ପ୍ରକାଶ କରିଛନ୍ତି ପ୍ରାକ୍ତନ ଏହି ବିଦେଶ ସଚିବ। ଏ ପରିପ୍ରେକ୍ଷୀରେ ପ୍ରଶ୍ନ ଆସେ, କ୍ଷମତା ଲୋଭରେ ରାଜନେତା ଓ ତାଙ୍କ ଦଳ ଦ୍ୱାରା ଦେଶରେ ଯେଉଁ ଭୀଷଣ କ୍ଷତ ସୃଷ୍ଟି ହେଉଛି ତା'ର ଉପଚାର କ'ଣ? ଏଭଳି ଅସୁମାରି କ୍ଷତିକୁ ଭରଣା କରିବ କିଏ? ଏହାର ଚିରସ୍ଥାୟୀ ପ୍ରତିକାର ହେବା ଉଚିତ ନୁହେଁ କି?

ଗୋଡ଼ିଶୁଳ, ସଜନାଗଡ଼, ବାଲେଶ୍ୱର
ମୋ:୯୪୩୭୪୩୬୦୭୩
unbiswal05@gmail.com

# ସୃଷ୍ଟିକରୁ ନିଜ ସୁରକ୍ଷାବଳୟ

ମୀରା ବେଉରା

ଫ୍ରାନ୍ସର ଲେଖକ ରୁଷୋ ଯୁକ୍ତି କରିଥିଲେ, ମଣିଷ ବଞ୍ଚିରହୁ ନିଜର ସ୍ୱର ଓ ସ୍ୱାଭିମାନକୁ ନେଇ। ଯଦି ସେତକ ସିଏ ହରେଇ ଦିଏ ତେବେ ସେ ପାଲଟିଯିବ ଏକ ଆତ୍ମପ୍ରତ୍ୟୟହୀନ ଭିକ୍ଷୁକରେ। ଏଇଠି ପ୍ରଶ୍ନ ଉଠୁଛି ଆଜିର ସଭ୍ୟ ମଣିଷର ସ୍ୱର ଓ ସ୍ୱାଭିମାନ ଅଛି ତ?

କେବଳ ଭାରତରେ ନୁହେଁ, ସମଗ୍ର ପୃଥିବୀରେ ନାରୀ ଓ ପୁରୁଷ ସମାନ ବୋଲି ପ୍ରକମ୍ପିତ ହେଉଛି। ପ୍ରକୃତରେ ଏହା ସତ୍ୟ ନୁହେଁ । ନାରୀ'ର ସ୍ୱାଭିମାନ ଏବଂ ଆତ୍ମମର୍ଯ୍ୟାଦାକୁ କ୍ଷୁଣ୍ଣ କରାଯାଉଛି। ତା'ର ଦୁର୍ବଳତା ଓ ଅସହାୟତାକୁ ନେଇ ତାକୁ ନିର୍ଯାତନା ଦିଆଯାଉଛି। ଦିଲ୍ଲୀରୁ ସୁରଟ ପର୍ଯ୍ୟନ୍ତ ଏବଂ ଉତ୍ତରପ୍ରଦେଶର ହାଥରସ୍‌ଠାରୁ ହରିୟାଣାର ଫରିଦାବାଦ ପର୍ଯ୍ୟନ୍ତ ଓ ଓଡ଼ିଶାର ବଲାଙ୍ଗୀର ଗୋଲାମୁଣ୍ଡାଠାରୁ କେନ୍ଦୁଝର ପର୍ଯ୍ୟନ୍ତ ସବୁଠି ନାରୀର ବର୍ବରତାର ନାରକୀୟକାଣ୍ଡର ଜୀବନଯାତ୍ରା କେତେ କଣ୍ଟକିତ, କେତେ ବିପଦପୂର୍ଣ୍ଣ ତାହା ଆମେ ଦେଖୁଛୁ। ସ୍ୱାଧୀନତାର ୭୫ ବର୍ଷ ପୂର୍ଣ୍ଣ ହୋଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ମହିଳାମାନଙ୍କ ସୁରକ୍ଷା ପାଇଁ ଆମେ ଗୋଟିଏ ଆଖିଦୃଶିଆ ଆଇନ ଆଣିପାରିଲୁ ନାହିଁ। ଆଶ୍ଚର୍ଯ୍ୟ ଲାଗେ, ଗୋଟିଏ ଜାତି ଜନସଂଖ୍ୟାର ଅର୍ଦ୍ଧେକ ମହିଳାମାନଙ୍କୁ ସେମାନଙ୍କର ବଞ୍ଚିବାର ଅଧିକାର ଦେବା ପାଇଁ ଏତେ କାର୍ପଣ୍ୟତା ଓ ଉଦାସୀନ କାହିଁକି? ନାରୀ ଚାହିଁଲେ ନିଜର ସୁରକ୍ଷା ବଳୟ ସୃଷ୍ଟି କରିପାରିବ। ପୁରାଣରେ ଆମେ ମହିଷମର୍ଦ୍ଦିନୀ ଦୁର୍ଗା ମହିଷାସୁରକୁ ମାରିବାର ଜାଣିଛୁ। ଭାରତବର୍ଷର ସ୍ୱାଧୀନତା ସଂଗ୍ରାମରେ ଆମେ ବୀରାଙ୍ଗନା ରାଣୀ ଦୁର୍ଗାବତୀ ଓ ଝାନ୍‌ସୀରାଣୀ ଲକ୍ଷ୍ମୀବାଈଙ୍କର ବୀରତ୍ୱର କାହାଣୀ ବି ଶୁଣିଛୁ।

ଏକବିଂଶ ଶତାବ୍ଦୀରେ ନାରୀ ତା' ଶକ୍ତିକୁ ଯଥାସମ୍ଭବ ପରିବାର ଏବଂ ରାଷ୍ଟ୍ର ଗଠନରେ ବିନିଯୋଗ କରୁଛି। ନିଜକୁ ସ୍ୱୟଂସିଦ୍ଧା କରି ଗଢ଼ିତୋଳିବା ପାଇଁ ଓ ସମାଜରେ ପ୍ରତିଷ୍ଠା କରିବା ଲାଗି ସଂଘର୍ଷ ଏବଂ ପ୍ରଚେଷ୍ଟା ଜାରି ରଖିଛି। ଦୁଃଖର କଥା କେତେକ ସାମାଜିକ ସମସ୍ୟା ନାରୀର ସ୍ଥିତିକୁ ସମ୍ପୂର୍ଣ୍ଣ ଦୋହଲାଇ ଦେଇଛି। ସ୍ତ୍ରୀଶକ୍ତି ସମ୍ପର୍କରେ ଏକ ବଦ୍ଧମୂଳ ଭ୍ରମାତ୍ମକ ଧାରଣା ଆଜି ବି ରକ୍ଷଣଶୀଳ ସମାଜରେ ରହିଛି; ଯେଉଁଥିପାଇଁ ନାରୀ ବାରମ୍ବାର ନିର୍ଯାତିତ ହେଉଛି। ରାଷ୍ଟ୍ରର ପିତା ମହାତ୍ମା ଗାନ୍ଧୀ କହିଥିଲେ- ଯେଉଁ ଜାତି ତା'ର ମହିଳାଙ୍କୁ ସମାଜ ଗଠନ ତଥା ରାଷ୍ଟ୍ର ଗଠନ କାର୍ଯ୍ୟରେ ଲଗାଇବାରେ ଅସମର୍ଥ, ସେ ରାଷ୍ଟ୍ର କଦାପି ବିକାଶ ଲାଭ କରିପାରେ ନାହିଁ।

ସେଦିନ ଗାନ୍ଧୀ, ଗୋପବନ୍ଧୁ, ସ୍ୱାମୀ ବିବେକାନନ୍ଦ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ସୁଭାଷ ବୋଷ ଚିନ୍ତା କରିଥିଲେ ନାରୀମାନଙ୍କୁ ଗୃହକୋଣରୁ ବିକାଶ କ୍ଷେତ୍ରକୁ ଯଦି ଅଣାଯାଏ ତେବେ ଦେଶର ପ୍ରଗତି ସମ୍ଭବ ହେବ। କିନ୍ତୁ ସାମ୍ପ୍ରତିକ ସ୍ଥିତିରେ ଦେଖାଯାଉଛି, ପ୍ରଗତି ପଥରେ ନାରୀର ସ୍ଥିତି ସମ୍ମାନଜନକ ନ ହୋଇ ଲଜ୍ଜାଜନକ ହୋଇଯାଉଛି। ପ୍ରତିଦିନର ନାରକୀୟ କାର୍ଯ୍ୟାବଳୀ ସୂଚାଇ ଦେଉଛି ଯେ ଆଜି ମଧ୍ୟ ନାରୀଟିଏ ବା ଝିଅଟିଏ ନିର୍ଯାତିତ, ଶୋଷିତ, ପୀଡ଼ିତ ହୋଇ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛି। ନିଜର ସ୍ଥିତି ପାଇଁ ସଂଗ୍ରାମ କରି ନ ପାରି ମୃତ୍ୟୁମୁଖରେ ପଡୁଛି। ଉପଯୁକ୍ତ ଶିକ୍ଷା ସେମାନେ ପାଇପାରୁନାହାନ୍ତି। ସାମାଜିକ ମର୍ଯ୍ୟାଦା ପାଇଁ ସେ ସଂଘର୍ଷରତ। ନିଜର ସୁରକ୍ଷା ଖୋଜି ଖୋଜି ସେ ଦିନକୁ ଦିନ ଦୁର୍ବଳ ହୋଇପଡୁଛି। ନାରୀଟିଏ ହୀନମନ୍ୟତାର ଶିକାର ହେଉଛି। ନିଜ ଭିତରେ ଆତ୍ମପ୍ରତ୍ୟୟ ସୃଷ୍ଟି କରିପାରିନାହିଁ ବୋଲି ପ୍ରତି ମୁହୂର୍ତ୍ତରେ ମୃତ୍ୟୁ ସହ ଲଢ଼ି ହାରିଯାଉଛି। ନେତୃତ୍ୱ ନେବା ତ ଦୂରର କଥା, କେଉଁ ଏକ ଦୁର୍ବଳ ମୁହୂର୍ତ୍ତରେ ପରିସ୍ଥିତିର ଦାସ ହୋଇ କାମନା ମୋହରେ କବଳିତ ହୋଇ କ୍ରୀଡ଼ନକ ସାଜୁଛି। ପରିସ୍ଥିତି ଯାହା ହେଉନା କାହିଁକି ସବୁ ପ୍ରତିକୂଳ ପରିବେଶକୁ ଆହ୍ୱାନ ଭାବି ଯଦି ପ୍ରତିଟି ଅସମୟର ମୁହୂର୍ତ୍ତକୁ ନାରୀଟିଏ ସାମ୍ନା କରିବ ତେବେ ନାରୀ ହିଁ ସୃଷ୍ଟି କରିବାକୁ ସମର୍ଥ ହେବ ନିଜର ସୁରକ୍ଷାବଳୟ।

ଆମ ସାମାଜିକ ଚଳଣି, ପ୍ରଥା, ପରମ୍ପରା ମଧ୍ୟ ପରିବର୍ତ୍ତନ ହେବା ଆବଶ୍ୟକ। ନାରୀ ଯଦି ଭୋଗବିଳାସ ପ୍ରତି ଆକୃଷ୍ଟ ହୋଇ ନିଜକୁ ଭୋଗ୍ୟବସ୍ତୁ ପରି ସଜାଇ ପୁରୁଷକୁ ଆକର୍ଷିତ କରିବାରେ ନିଜର ସମସ୍ତ ଶକ୍ତିକୁ ବିନିଯୋଗ କରେ ତେବେ ତା'ର ସେହି ଦୁର୍ବଳ ମୁହୂର୍ତ୍ତରେ ସେ କାମନାର ଶିକାର ହେବ। ତେଣୁ ନାରୀ ସର୍ବଦା ନିଜକୁ ସଂଯତ କରି ପୁରୁଷ ସମାଜର ସାଥୀ ହୋଇ ପ୍ରଗତିରେ ଅଂଶୀଦାର ହେବା ଆବଶ୍ୟକ।

ଲୋକ ଦେଖାଣିଆ ରାତାରାତି ଆଇନ ଗଢ଼ିଦେଲେ ପୀଡ଼ିତା ନ୍ୟାୟ ପାଇପାରିବେ ନାହିଁ। ଏହି ସମସ୍ୟା ପାଇଁ ରାଜନୀତି ନ କରି ଏହାର ପ୍ରକୃତ ସମାଧାନର ସୂତ୍ର ବାହାରିବା ଆବଶ୍ୟକ। ସମ୍ବିଧାନର ଧାରା ୨୧ କହେ ଆତ୍ମମର୍ଯ୍ୟାଦା ସହ ବଞ୍ଚିବା ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରର ସାମ୍ବିଧାନିକ ଅଧିକାର। ଏଥିରୁ ତାକୁ କେହି ବଞ୍ଚିତ କରିପାରିବେ ନାହିଁ। ଏହା ସତ୍ୟ କିନ୍ତୁ ବାସ୍ତବରେ ହୋଇଛି କ'ଣ? ଯେଉଁ ନାରୀକୁ 'ମାତୃ ଦେବ ଭବ' କହି ପୂଜାର୍ଚ୍ଚନା କରୁଛେ ତାକୁ ପାଶବିକ ଅତ୍ୟାଚାର କରି ପୋଡ଼ି, ଖଣ୍ଡଖଣ୍ଡ କରି କାଟି ମାଟିରେ ପୋତି ଦିଆଯାଉଛି। ଏହାଠାରୁ ଭଳି ହିଂସା, ଅପରାଧ ଆଉ କ'ଣ ଥାଇପାରେ। ଆମ ସଭ୍ୟ ସମାଜରେ ପାଶବିକ ଅତ୍ୟାଚାରର ବୈମାତୃକ ମନୋବୃତ୍ତି ଏତେ ବୃଦ୍ଧି ପାଇଛି ଯେ ପୁରାଣଯୁଗର କଂସ, ମହିଷାସୁର, ରାବଣ, ଦୁର୍ଯ୍ୟୋଧନଠାରୁ ଆହୁରି ବର୍ବରତାର କାଣ୍ଡ ଭିଆଇ ପାରୁଛୁ। ପୁଣି ମରିଗଲା ପରେ ତା'ର ମୂଲ୍ୟ ନିର୍ଦ୍ଧାରଣ ମଧ୍ୟ କରୁଛୁ।

ସତରେ କେତେ ଅସହାୟ ପ୍ରତିଟି କନ୍ୟାରତ୍ନ। ମାତୃଶକ୍ତିକୁ ପାଶବିକ ଅତ୍ୟାଚାର କରି ତାକୁ ହତ୍ୟା କରିବା ମାନେ ନିଜ ସଂସ୍କୃତିର ଗଳାଚିପି ହତ୍ୟାକରିବା । ଯେଉଁଦିନ ଭାରତର ପ୍ରତ୍ୟେକ ନାରୀ ସ୍ୱାଭିମାନକୁ ଆଦରି ମର୍ଯ୍ୟାଦା ଏବଂ ନିର୍ଭୀକତାର ସହ ବଞ୍ଚିବାର ଅଧିକାର ପାଇବେ, ଆମେ ସେହିଦିନ ଦାବି କରିବା ଆମେ ଏ ଦେବଭୂମି, ସାଧନାର ଭୂମି, ଅଖଣ୍ଡ ଭାରତବର୍ଷର ଉପଯୁକ୍ତ ଦାୟାଦ। ମାତୃଜାତି ମଧ୍ୟ ନିଜକୁ ସଂଯତ କରି ନିଜର ଲକ୍ଷ୍ମଣରେଖାକୁ ବିସ୍ମରି ନ ଯାଉ। ସ୍ୱାଧୀନତା ଓ ସ୍ୱେଚ୍ଛାଚାରିତା ଆଳରେ ନିଜର ସ୍ୱାଭିମାନକୁ ହରାଇ କୌଣସି ଦୁର୍ବଳ ମୁହୂର୍ତ୍ତର ବଶବର୍ତ୍ତୀ ହୋଇ ପୁରୁଷର ଅଦମିତ କାମନାକୁ ଚରିତାର୍ଥ ନ କରୁ। ନିଜର ସ୍ୱାଭିମାନ ଓ ଆତ୍ମମର୍ଯ୍ୟାଦାକୁ ଉଲ୍ଲଂଘନ କରିବା ଅର୍ଥ ନିଜ ପ୍ରତି ବିପଦକୁ ନିମନ୍ତ୍ରଣ କରିବା। ନାରୀ ନିଜେ ହିଁ ସୃଷ୍ଟି କରୁ ନିଜର ସୁରକ୍ଷାବଳୟ। ଏଥିରେ ହିଁ ଉଭୟ ରାଷ୍ଟ୍ର ଏବଂ ସୃଷ୍ଟିର ମଙ୍ଗଳ।

ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳ ସାହି, ତୁଳସୀପୁର, କଟକ
ମୋ-୯୮୫୩୩୫୦୩୮୪

## ଏଇ ଭାରତରେ

ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଓ ପରିବେଶଗତ ପ୍ରଭାବ ଏଡ଼ାଇବା ଲାଗି ଝାଡ଼ଖଣ୍ଡର ଇଞ୍ଜିନିୟର ବିଶାଳ ପ୍ରସାଦ ଗୁପ୍ତା ଶୈବାଳରୁ ପ୍ରସ୍ତୁତ କରିଛନ୍ତି ବାୟୋ ଫୁଏଲ ବା ଜୈବ ଇନ୍ଧନ। ଏହା ପେଟ୍ରୋଲର ଏବକାର ଦାମ୍‌ଠାରୁ ପାଖାପାଖି ୨୭ଟଙ୍କା କମ୍ ରହୁଛି। ଝାଡ଼ଖଣ୍ଡର ବିଭିନ୍ନ ଗଡ଼ିଆପୋଖରୀରେ ବଢୁଥିବା ଛୋଟ ଶୈବାଳରୁ ଏହା ବାୟୋ ଫୁଏଲ ପ୍ରସ୍ତୁତ ହେଉଛି। ୨୦୨୦ରେ କେନ୍ଦ୍ର ପେଟ୍ରୋଲ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟରୁ ସ୍ୱୀକୃତି ପାଇବା ପରେ ରାଞ୍ଚିସ୍ଥିତ ତାଙ୍କ ପେଟ୍ରୋଲ ପମ୍ପରେ ବାୟୋଫୁଏଲ ବିକ୍ରି କରୁଛନ୍ତି। ଅଧିକ ଜୈବ ଇନ୍ଧନ ଉତ୍ପାଦନ ପାଇଁ ସେ ସିଟି ଡ୍ୟାମ୍‌ରେ ଶୈବାଳ ଚାଷ କରିବା ସକାଶେ ରାଞ୍ଚି ମ୍ୟୁନିସିପାଲିଟି ସହ ଏକ ବୁଝାମଣା କରିଛନ୍ତି। ବିର୍ଲା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିରୁ ଡିଗ୍ରୀ ହାସଲ କରିବା ପରେ ବହୁ ରାଷ୍ଟ୍ରୀୟ ତୈଳ ଓ ଗ୍ୟାସ କମ୍ପାନୀ ଟୋଟାଲ୍ ଏନର୍ଜିସ ଏସ୍‌ଇ, ଯାହା ଭାରତୀୟ ତୈଳ ନିଗମ ସହ ଚୁକ୍ତି କରିଥିଲା, ସେଥିରେ କାମ କରିବା ପରେ ଅନ୍ୟ ପବ୍ଲିକ ସେକ୍ଟର ୟୁନିଟ୍‌ରେ ୧୫ ବର୍ଷ କାର୍ଯ୍ୟ କରିଥିଲେ। କେନ୍ଦ୍ରରେ ଜୈବ ଇନ୍ଧନ ଉପରେ ଏକ ଜାତୀୟ ନୀତି ଆସିବା ପରେ ସେ ୨୦୧୮ରେ ଗବେଷଣା ଆରମ୍ଭ କରି ଏହି ବାୟୋଫୁଏଲ ପ୍ରସ୍ତୁତ କରିବାରେ ସକ୍ଷମ ହୋଇପାରିଛନ୍ତି। ସେ ଦିନକୁ ୨,୦୦୦ରୁ ୨,୫୦୦ କିଲୋଲିଟର ବାୟୋଫୁଏଲ ବିକ୍ରି କରୁଛନ୍ତି ଏବଂ ଏଯାବତ୍ ୨,୫୦,୦୦୦ କିଲୋଲିଟର ବିକ୍ରି କରି ସାରିଲେଣି। ଉତ୍ପାଦନର ପ୍ରତ୍ୟେକ ପର୍ଯ୍ୟାୟରେ ସେ ୭,୦୦୦ କିଲୋଲିଟର ଉତ୍ପାଦନ କରୁଛନ୍ତି। ବିଭିନ୍ନ ଜଳାଶୟରେ ଶୈବାଳ ଚାଷ କରିବାକୁ ଏନ୍‌ଜିଓଗୁଡ଼ିକ ତାଙ୍କୁ ସହଯୋଗ କରୁଛନ୍ତି।

## ଚିରନ୍ତନୀ

ବଦନେ ଲୁଚେ ତବ ନିଶାର ଅନ୍ଧକାରେ
ଅନ୍ତର କାନ୍ଦେ ମୋର ନିରାଟ ହାହାକାରେ।
ଯାଏଁ ମୁଁ ଅପସରି
ଡାକିବି କାନି ଧରି
ନିଶାର ଅନ୍ଧକାରେ
ନିରାଟ ହାହାକାରେ !

–(ଆଶ୍ୱାସନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ସାଇବର ଅପରାଧୀଙ୍କୁ ଦଣ୍ଡ ମିଳୁ

ମହାଶୟ,

ସାଇବର ଅପରାଧ ଆଜି ସାମାଜିକ ଜୀବନକୁ କଳଙ୍କିତ କରି ରଖିଛି। ସହରାଞ୍ଚଳଠାରୁ ଆରମ୍ଭ କରି ଗାଁଗୁଡ଼ିକରେ ମଧ୍ୟ ଛତୁ ଫୁଟିବା ପରି ସାଇବର କେଫ୍ ସୃଷ୍ଟି ହେବାରେ ଲାଗିଛି। ଆଜିକାଲି ଦେଖାଯାଏ ଏହି ସାଇବର କେଫ୍‌ଗୁଡ଼ିକରେ ଉଚ୍ଚ ଶିକ୍ଷିତ ଯୁବତୀଯୁବକମାନେ ଅର୍ଥ ଲୋଭାକୃଷ୍ଟ ହୋଇ ସମାଜ ବିରୋଧୀ କାର୍ଯ୍ୟ କରୁଛନ୍ତି। ସାଇବର କେଫ୍‌ର ମାଲିକମାନେ ଯୁବତୀଯୁବକମାନଙ୍କୁ ଏହି କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରୁଛନ୍ତି ; ଯାହାଫଳରେ ମାତାପିତାଙ୍କର କଷ୍ଟୋପାର୍ଜିତ ଧନକୁ ସେହି ପିଲାମାନେ ଅସଦ୍ ବ୍ୟବହାର କରିବା ସହିତ ନିଜ ଭବିଷ୍ୟତ ନିଜେ ଅନ୍ଧକାର କରୁଛନ୍ତି। ମାତାପିତା ମାନେ ନିଜେ କଷ୍ଟ ସହି ପିଲାମାନେ ଭଲ ମଣିଷ ହେବା ପାଇଁ ଯେଉଁ ସ୍ୱପ୍ନ ଦେଖୁଛନ୍ତି, ତାହା ଏହି କାର୍ଯ୍ୟ ଦ୍ୱାରା ମାଟିରେ ମିଶିଯାଉଛି। ଏହି ସାଇବର ଠକମାନଙ୍କ ଯୋଗୁ ଅନେକ ଲୋକ ଠକାମିର ଶିକାର ମଧ୍ୟ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ, ସାଇବର କେଫ୍‌ଗୁଡ଼ିକରେ ଚାଲିଥିବା ଅନୈତିକ ବା ସମାଜ ବିରୋଧୀ କାର୍ଯ୍ୟ ଗୁଡ଼ିକ କମାଇବା ଗୁରୁତ୍ୱ ପୂର୍ଣ୍ଣ । ସରକାର ଏ ଦିଗରେ ସଚେତନ ହୋଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।

– ବିକାଶ ନାୟକ, କଇଁପୁର, ମୟୂରଭଞ୍ଜ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୬,୭୦,୧୮,୬୮୧ | ୫୨,୮୨,୪୬୭ | ୨୪,୦୫,୯୩,୬୧୭ |
| ଭାରତ | ୩,୪୬,୪୮,୩୮୩ | ୪,୭୩,୭୫୭ | ୩,୪୦,୭୯,୬୧୨ |
| ଓଡ଼ିଶା | ୧୦,୫୦,୫୦୫ | ୮୪୨୪(+୫୩) | ୧୦,୪୦,୧୩୯ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# 'ମାଇକ୍ରୋ ଲେଭଲରେ ବିଦେଶ ଫେରନ୍ତାଙ୍କୁ ଠାବ ପ୍ରଚେଷ୍ଟା'

■ ୨୪୬ ନମୁନା ଜିନୋମ୍ ସିକ୍ୱେନ୍ସିଂ ପାଇଁ ପଠାଯାଇଛି

■ ପୁଣି ସଂକ୍ରମଣ ବଢ଼ିଲା, ୧୫୧ ପଜିଟିଭ୍ ଚିହ୍ନଟ

**ଭୁବନେଶ୍ୱର, ୭।୧୨(ବ୍ୟୁରୋ)**

ସାରା ବିଶ୍ୱକୁ ଏବେ ଓମିକ୍ରନ ଚିନ୍ତା ଘାରିଥିବାବେଳେ ଓଡ଼ିଶାରେ ମଧ୍ୟ ସମାନ ଚିତ୍ର ଦେଖିବାକୁ ମିଳୁଛି। ଯଦିଓ ଓଡ଼ିଶାରେ ଏ ପର୍ଯ୍ୟନ୍ତ ଜଣେ ହେଲେ ବି ଓମିକ୍ରନ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି, ତଥାପି ସତର୍କ ରହିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। ସବୁଠାରୁ ବଡ଼ କଥା ହେଉଛି ବିଦେଶ ଫେରନ୍ତାଙ୍କ ମଧ୍ୟରୁ ୪୦ ପ୍ରତିଶତଙ୍କ ପତ୍ତା ମିଳୁ ନାହିଁ, ଯାହା କେବଳ ସରକାର ନୁହେଁ, ରାଜ୍ୟବାସୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ଯେଉଁମାନେ ଓମିକ୍ରନ ସଂକ୍ରମିତ ଦେଶରୁ ଫେରିଛନ୍ତି, ସେମାନଙ୍କୁ ଠାବ କରିବା ପାଇଁ ଜିଲାସ୍ତରରେ ମାଇକ୍ରୋ ଲେଭଲରେ ପ୍ରଚେଷ୍ଟା ଜାରି ରହିଛି। ଆମେ ନିଶ୍ଚିତ ସମସ୍ତଙ୍କୁ ଖୋଜି ବାହାର କରିବୁ। ସେ ଆହୁରି ମଧ୍ୟ କହିଛନ୍ତି, ସୋମବାର ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ବିଦେଶ ଫେରନ୍ତା ପଜିଟିଭ୍ ବାହାରିନାହାନ୍ତି। ୬ଜଣ ବିଦେଶ ଫେରନ୍ତା ପଜିଟିଭ୍ ବାହାରିଥିବା ନେଇ ଯେଉଁ ଖବର ଆସୁଛି, ତାହାର ତର୍ଜମା କରାଯାଉଛି।

ସେପଟେ ଓମିକ୍ରନକୁ ନେଇ ଭୟଭୀତ ହେବାର ଆବଶ୍ୟକତା ନାହିଁ ବୋଲି ଡିଏମ୍ଇଟି ଡା. ରମାରମଣ ମହାନ୍ତି କହିଛନ୍ତି। ସେ କହିଛନ୍ତି, ରାଜ୍ୟରୁ ୨୪୬ ନମୁନା ଜିନୋମ୍ ସିକ୍ୱେନ୍ସିଂ ପାଇଁ ପଠାଯାଇଛି। ଏସବୁ ବୁର୍ଲା, ମୟୁରଭଞ୍ଜ ସମେତ ବିଭିନ୍ନ କୋଭିଡ୍ କ୍ଲଷ୍ଟରର ପଜିଟିଭ୍ ନମୁନା। କୌଣସି ବିଦେଶ ଫେରନ୍ତା ଓମିକ୍ରନ ଆକ୍ରାନ୍ତ ହୋଇଛନ୍ତି ନା ନାହିଁ, ତାହା ଶୁକ୍ରବାର ଜଣାପଡ଼ିବ। ତେବେ ଓମିକ୍ରନକୁ ନେଇ ଭୟଭୀତ ହେବାର ଆବଶ୍ୟକତା ନାହିଁ। ଯେଉଁ ଜାଗାରେ ଓମିକ୍ରନ ଚିହ୍ନଟ ହେଲାଣି, ସେଠାରେ ତା'ର ସ୍ୱଳ୍ପ ଲକ୍ଷଣ ଦେଖାଦେଉଛି। ୧୮ ବର୍ଷରୁ କମ୍ ବୟସ୍କଙ୍କ ଟିକାକରଣ ପ୍ରକ୍ରିୟା ଆରମ୍ଭ ପର୍ଯ୍ୟାୟରେ ଅଛି। ଯଦି ସେମାନଙ୍କୁ ଟିକା ଦିଆଯାଏ, ତେବେ ଶତପ୍ରତିଶତ ଜନସଂଖ୍ୟାକୁ ଟିକାକରଣ କରାଯାଇପାରିବ। ଅନ୍ୟପକ୍ଷରେ ରାଜ୍ୟରେ ପୁଣି ସଂକ୍ରମଣ ସାମାନ୍ୟ ବଢ଼ିଥିବା ଦେଖାଯାଇଛି। ସୋମବାର କୋଭିଡ୍ ସଂକ୍ରମଣ ୦.୨% ଥିବାବେଳେ ମଙ୍ଗଳବାର ଏହା ୦.୩୨% ହୋଇଛି। ମିଳିଥିବା ସୂଚନାନୁସାରେ, ରାଜ୍ୟରେ ଗତ ୨୪ ଘଣ୍ଟାରେ ୪୬,୬୬୯ ନମୁନା ପରୀକ୍ଷା କରଯାଇଥିବା ବେଳେ ୨୧ଟି ଜିଲାରୁ ୧୫୧ ଜଣ କରୋନା ପଜିଟିଭ୍ ବାହାରିଛନ୍ତି। ଏମାନଙ୍କ ମଧ୍ୟରେ ୧୨ଜଣ ୧୮ବର୍ଷରୁ କମ୍ ବୟସ୍କ ରହିଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୬୩ଜଣ ରହିଥିବାବେଳେ ବାକି ସବୁ ଜିଲାରେ ୧୫ ତଳେ ଥିବା ଦେଖାଯାଇଛି। ରାଜ୍ୟରେ ଏବେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୧୦,୫୦,୫୦୫ରେ ପହଞ୍ଚିଛି। ଢେଙ୍କାନାଳ ଜିଲାରେ ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଫଳରେ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୪୨୪କୁ ବୃଦ୍ଧି ପାଇଛି।

# ଭିଜିଲାନ୍ସରେ ଜଳସେଚନ ସହକାରୀ ନିର୍ବାହୀ ଯନ୍ତ୍ରୀ

## ବିଲ୍ ପାସ୍ ପାଇଁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିଲେ

**ଖୋର୍ଦ୍ଧା ଅଫିସ,୭।୧୨:** ଏକ ବିଲ୍ ପାସ୍ ପାଇଁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମଙ୍ଗଳବାର ଖାର୍ଦ୍ଧା ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କାମଦେବ ବିଶ୍ୱାଳ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ ହୋଇଛି। ଏଥିସହ ସରକାରୀ କାର୍ଯ୍ୟାଳୟରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛନ୍ତି। ଭୁବନେଶ୍ୱର ଗଙ୍ଗନଗରସ୍ଥିତ ତାଙ୍କ ବାସଭବନରେ ମଧ୍ୟ ଭିଜିଲାନ୍ସ ଚଢ଼ାଉ କରିଛି। ସୂଚନା ମୁତାବକ, ପୁରୀ ଜିଲା ଅଢ଼ାଲା ଦୋଛିଆଁ ଠାରେ ସାଲାଇନ ଘେରି(ନଦୀବନ୍ଧ) ପୁନରୁଦ୍ଧାର ଲାଗି ଠିକାଦାର ଶଶିଭୂଷଣ କର ଗତ ଫେବୃୟାରୀ ୧୯ରେ ଠିକା ନେଇଥିଲେ। ଏହାର ଅବଧି ମେ' ୧୮ତାରିଖ ରହିଥିଲା। ଏଥିଲାଗି ୩୮.୮୨ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଥିଲା। ଶଶିଭୂଷଣଙ୍କ ଠାରୁ ଅନ୍ୟ ଜଣେ ଠିକାଦାର ଶୁଭ୍ରଜିତ ସାମନ୍ତରାୟ ଲିଜ୍ ନେଇ କାମ କରୁଥିଲେ। ତେବେ ବଳକା ୩ ଲକ୍ଷ ୭୦ହଜାର ଟଙ୍କା ବିଲ୍ ପାସ କରିବା ପାଇଁ ଯନ୍ତ୍ରୀ ବିଶ୍ୱାଳ ତାଙ୍କ ଠାରୁ ପ୍ରଥମେ ୨୦ହଜାର ପରେ ୧୦ହଜାର ଟଙ୍କାରେ ରାଜି ହୋଇଥିଲେ। ଏନେଇ ଶୁଭ୍ରଜିତ ଭୁବନେଶ୍ୱର ଭିଜିଲାନ୍ସ ଅଫିସରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଭୁବନେଶ୍ୱର ଏବଂ ଖୋର୍ଦ୍ଧା ଭିଜିଲାନ୍ସକୁ ନେଇ ଏକ ୮ଜଣିଆ ଟିମ୍ ଗଠନ ହୋଇଥିଲା। ଭୁବନେଶ୍ୱର ଭିଜିଲାନ୍ସ ଡିଏସ୍ପି କେ.ବି.ଆଚାର୍ଯ୍ୟ, ଖୋର୍ଦ୍ଧା ଇନିସ୍ପେକ୍ଟର ମନୋରଞ୍ଜନ ପାଇକରାୟଙ୍କ ନେତୃତ୍ୱରେ ଏହି ଟିମ୍ ସାଦା ପୋଷାକରେ ଯୋଜନା ମୁତାବକ ମଙ୍ଗଳବାର ପୂର୍ବାହ୍ନରେ ଯନ୍ତ୍ରୀ ବିଶ୍ୱାଳଙ୍କ କାର୍ଯ୍ୟାଳୟ ପରିସରରେ ରହିଥିଲେ। ଏହି ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ବିଶ୍ୱାଳଙ୍କୁ ମାଡି ବସିଥିଲା। ତାଙ୍କ ଠାରୁ ରଙ୍ଗ ପ୍ରଲେପ ଦିଆ ଟଙ୍କା ଜବତ କରିଥିଲେ। ଏହାର ତଦନ୍ତ ଜାରି ରହିଛି ବୋଲି ଭିଜିଲାନ୍ସ ଡିଏସ୍ପି ଆଚାର୍ଯ୍ୟ କହିଛନ୍ତି।

# ସିପାହିଙ୍କ ଘରୁ ମିଳିଲା ୨.୯୪ ଲକ୍ଷ

**କଟକ ଅଫିସ,୭।୧୨:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଡ଼ିଶା ସ୍ପେଶାଲ ଆର୍ମ୍ଡପୋଲିସ(ଓଏସ୍ଏପି) ଷଷ୍ଠ ବାଟାଲିୟନର ସିପାହି ସହଦେବ ପରିଡାଙ୍କ ଘରେ ମଙ୍ଗଳବାର ଭିଜିଲାନ୍ସ ଚଢାଉ କରିଛି। ତାଙ୍କ ଘର ସମେତ ମୋଟ୍ ୫ଟି ସ୍ଥାନରେ ଏକକାଳୀନ ଚଢାଉ କରାଯାଇଥିବା ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ମିଳିଛି। ସୂଚନା ମୁତାବକ, ପରିଡାଙ୍କ ସରକାରୀ କ୍ୱାର୍ଟର୍ସ, କଟକ ତିନିଘରିଆ ଛକସ୍ଥିତ ୩ମହଲା କୋଠା, ଗଣ୍ଡରପୁରରେ ଥିବା ଘର, ପୁରୀ ଜିଲା ଚନ୍ଦନପୁରରେ ଥିବା ପୈତୃକ ବାସଭବନ ଓ ପୁରୀ ମାଳତୀପାଟପୁରସ୍ଥିତ ଶ୍ୱଶୁର ଘରେ ଭିଜିଲାନ୍ସ ଚଢାଉ ଜାରି ରଖିଛି। ଏହି ସମୟ ମଧ୍ୟରେ ୨ ଲକ୍ଷ ୯୪ ହଜାର ୬୦୦ ଟଙ୍କା, ୪ଟି ବାଇକ, ୧୭ଟି ବ୍ୟାଙ୍କ ପାସ ବୁକ୍ ମିଳିଛି। ପରେ ପରିଡାଙ୍କ ନାଁରେ ଭୁବନେଶ୍ୱର ପାଣ୍ଡରା, ପୁରୀ ମାଳତୀପାଟପୁରରେ ଥିବା ପ୍ଲଟ୍ ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ପରିଡାଙ୍କ ନାଁରେ କଣ୍ଟିଲୋ, ଗୋପାଳପୁରରେ ରହିଥିବା ପ୍ଲଟ୍କୁ ଭିଜିଲାନ୍ସ ଠାବ କରିଛି।

# ନୂଆଗଡ଼ ଫରେଷ୍ଟରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ପାରଳାଖେମୁଣ୍ଡି/ଆର୍.ଉଦୟଗିରି,୭।୧୨(ଡି.ଏନ୍.ଏ.):** ଗଜପତି ଜିଲା ନୂଆଗଡ଼ ଫରେଷ୍ଟର ଗଣେଶ ପ୍ରଧାନଙ୍କ ଘରେ ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଭିଜିଲାନ୍ସର ୫ଜଣିଆ ଟିମ୍ ଫରେଷ୍ଟରଙ୍କ ପାରଳାଖେମୁଣ୍ଡି ଗାନ୍ଧୀନଗରସ୍ଥିତ ଭଡ଼ାଘର, ହରିଶ୍ଚନ୍ଦ୍ରପୁରରେ ଥିବା ପୈତୃକ ବାସଭବନ, ଆନ୍ଧ୍ରପ୍ରଦେଶର ପୁରୁଣାପାଟନାସ୍ଥିତ ବାସଭବନ ଓ ନୂଆଗଡ ସରକାରୀ କାର୍ଯ୍ୟାଳୟରେ ଚଢ଼ାଉ କରିଛନ୍ତି। ପାରଳାଖେମୁଣ୍ଡି ଭଡ଼ାଘରୁ ୩ଟି ପ୍ଲଟର ନଥିପତ୍ର, ୨୬ ହଜାର ଟଙ୍କା ଓ ୧୪୩ ଗ୍ରାମ୍ ସୁନା ମିଳିଛି। ଏଥିସହ ଏକ କାର ଓ କିଛି ବ୍ୟାଙ୍କ ଖାତା ମଧ୍ୟ ଜବତ ହୋଇଛି। ଦୀର୍ଘ ୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଭିଜିଲାନ୍ସ ଟିମ୍ ଖୋଳତାଡ଼ କରିଥିଲା। ତେବେ ଫରେଷ୍ଟର ନିଜ ପ୍ରତିକ୍ରିୟାରେ କେହି ଜଣେ ତାଙ୍କ ବିରୋଧରେ ଅଭିଯୋଗ କରିଥିବା କହିଛନ୍ତି। ତାଙ୍କର ପୈତୃକ ସମ୍ପତ୍ତି ଥିବା ଜଣାଇଛନ୍ତି। ବ୍ୟାଙ୍କ ବାଲାନ୍ସ ୫୦ ହଜାରରୁ କମ୍, ଘରେ ୧୦ ତୋଲା ମଧ୍ୟରେ ସୁନା ଓ ବାପାଙ୍କ ସମୟର କିଛି ଜମି ଓ ଘର ରହିଥିବା ଫରେଷ୍ଟର କହିଛନ୍ତି।


**ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ**
Mail: champuanac@gmail.com
**ଜରୁରୀ ସୂଚନା**
ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆର ସମସ୍ତ ଜନସାଧାରଣ ଓ ବ୍ୟବସାୟୀ ବନ୍ଧୁମାନଙ୍କୁ ଅନୁରୋଧ କରାଯାଉଛି ଯେ, ହୋଲ୍ଡିଂ ଟ୍ୟାକ୍ସ, ଦୋକାନଗୃହ ଟ୍ୟାକ୍ସ, ଟ୍ରେଡ୍ ଲାଇସେନ୍ସ ଫି ଓ ବିଲ୍ଡିଂ ପ୍ଲାନ ଆପ୍ରୋଭାଲ ଫି, ବିଜ୍ଞାପିତ ଅଞ୍ଚଳ ପରିଷଦର ଟ୍ୟାକ୍ସ କଲେକ୍ଟରମାନଙ୍କ ପାଖରେ ପଇଠ କରି ରସିଦ୍ ଗ୍ରହଣ କରିନିଅନ୍ତୁ।
ଆପଣମାନେ ସରକାରୀ ଦେୟରୁ ମୁକ୍ତ ରହି ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆର ସର୍ବାଙ୍ଗୀନ ଉନ୍ନତି ପାଇଁ ସହଯୋଗ କରନ୍ତୁ। ଯଦି ଆପଣ ଉପରୋକ୍ତ ଦେୟକୁ ଖିଲାପ କରନ୍ତି ତେବେ ମ୍ୟୁନିସିପାଲ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ।
**ସୌଜନ୍ୟ: କାର୍ଯ୍ୟ ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, PHULBANI**
Phone-06842-253708, E-mail: rw_phulbani@yahoo.co.in
No.5779 RWDP, Dated the 25.11.2021
**Government of Odisha e-Procurement Notice**
No.O-1184:- **Bid Identification No. Online Tender / 19/SERWD PHULBANI / 2021-22**

1. Name of the work : Road works (13 Nos.)
2. Estimated cost : Rs.8.84 lakhs to Rs.31.85 lakhs
3. Period of completion : One & two calendar months
4. Date & time of availability of bid documents in the portal : From 10.12.2021 to 18.12.2021
5. Last date / time for receipt of bids in the portal : 18.12.2021 upto 5.00 P.M.
6. Name and address of the officer inviting bid : Superintending Engineer, Rural Works Division, Phulbani

Further details can be seen from the e-procurement portal website www.tendersodisha.gov.in.
**Sd./- Superintending Engineer, Rural Works Division, Phulbani**
OIPR-25077/11/0015/2122



**ODISHA RENEWABLE ENERGY DEVELOPMENT AGENCY**
**S-3/59, MANCHESWAR INDUSTRIAL ESTATE, BHUBANESWAR- 751010**
Phone: (0674) 2588260, 2586398, 2588554, Fax: 2586368
Website: www.oredaorissa.com, Email: ceoreda@oredaorissa.com
**e-TENDER CALL NOTICE**
Notice No.: 3695 Date: 02.12.2021
No.CAD- 2161:- Odisha Renewable Energy Development Agency (OREDA) invites request for proposal (RFP) for the empanelment of Engineering, Procurement and Construction (EPC) Contractors for design, engineering, supply, installation, testing, commissioning and acceptance of solar fence along with Comprehensive Maintenance for five (5) years accross various districts of Odisha on a rate contract basis.
Details can be seen from the website www.tenderwizard.com/OREDA or www.oredaorissa.com. Further corrigendum, if any, will be uploaded in these websites only.
**Sd./- Chief Executive**
OIPR-28005/11/0009/2122



**GOVERNMENT OF ODISHA**
**OFFICE OF THE CHIEF CONSTRCUTION ENGINEER**
**NORTHERN (R&B) CIRCLE, SAMBALPUR**
Mail ID: sepwdsbp@rediffmail.com
No.B-746:-
**e-Procurement**
**BID IDENTIFICATION No. CCENC (R AND B) / 14 / 2021-22**
**No.3275 Dtd.30.11.2021**

1. The Chief Construction Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in double cover system in ONLINE MODE for the constrcution of Building works as detailed in the DTCN from the eligible class of contractors.
2. No. of works : 01 (One) (Building Works).
3. Tender cost : Rs.10,000/-.
4. Class of contractor: "Special" Class and "Super" Class.
5. Date & time of available in website & receipt of bids from 10.12.2021 to 17.00 hours of 27.12.2021.
6. Date of opening of technical bid 28.12.2021 at 11.00 hours.
7. The bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum / addendum will be displayed in the website www.tendersodisha.gov.in.

**Sd./- Chief Construction Engineer**
**Northern (R&B) Circle, Sambalpur**
OIPR-34035/11/0016/2122



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**BURLA IRRIGATION DIVISION, BURLA**
No.A-694:- **PHONE NO. 0663-2430445**
**E-mail id- sambalpurirrigation@rediffmail.com**
**'e' Tender Call Notice No. BID-06/2021-22 (Online)**

| | | | |
|---|---|---|---|
| 1 | Nature of works | : | Road works |
| 2 | No. of works | : | 03 (Three) Nos. |
| 3 | Amount put to tender | : | Rs.5.37 lakhs to 6.98 lakhs approximately |
| 4 | Period of completion | : | As per DTCN |
| 5 | Date and time of availability of bid document in the portal | : | Dt.08.12.2021 at 11.00 P.M. to Dt.17.12.2021 upto 5.00 P.M. |
| 6 | Last date / time for receipt of bids in the portal | : | Dt.17.12.2021 upto 5.00 P.M. |
| 7 | Date of opening of bid | : | Dt.18.12.2021 at 11.00 A.M. |
| 8 | Last date & time of seeking tender clarification | : | Dt.16.12.2021 upto 04.00 P.M. |
| 9 | Name and address of the officer inviting bid | : | Superintending Engineer, Burla Irrigation Division, Burla, At/P.O.- Burla - 768017, Dist.- Sambalpur, Email Id: sambalpurirrigation@rediffmail.com |

Further details can be seen from the e-procurement portal www.tendersodisha.gov.in.
**Superintending Engineer,**
**Burla Irrigation Division, Burla**
OIPR-32129/11/0011/2122



GOVERNMENT OF ODISHA
**e-Procurement Notice, ANGUL (R&B) DIVISION**
**Bid Identification No. 21 of 2021-22**
No.B-745:- e-mail ID- angulrbdivision@yahoo.co.in

1. Number of works : 01 (One) number of Road works
2. Approximate estimated cost : Rs.97.52 lakhs
3. Period of completion : 05 (Five) calendar months
4. Date & time of availability of bid document in the portal : Dt.17.12.2021 at 10.00 A.M.
5. Last date / time for receipt of bid in the portal : Dt.01.01.2022 upto 5.00 P.M.
6. Date of opening of Bid : Dt.02.01.2022 at 11.00 A.M.
7. Name and address of the office inviting bid : Superintending Engineer, Angul (R&B) Division, Angul
8. The bidders have to participate in ONLINE bidding only.

Further details can be seen from the e-procurement portal https:/tendersodisha.gov.in
**Sd./- Superintending Engineer,**
**Angul (R&B) Division**
OIPR- 34074/11/0010/2122



**GOVERNMENT OF ODISHA**
**CHIEF CONSTRUCTION ENGINEER,**
**PHULBANI (R&B) CIRCLE, PHULBANI**
E-mail: sernbphulbani@gmail.com
**1st Corrigendum to Tender Call Notice vide Bid Identification No. CCE-(R&B)-PLB-09/2021-22**
**No. 1557** **Dtd.04.12.2021**
No. B-761: The following changes are made in respect of the Bid Identification No. CCE-(R&B)-PLB-09/2021-22 due to some unavoidable circumstances.

1. Date and time of sale and receipt of Bids : From 10.00 A.M. of Dtd.06.12.2021 to 5.00 P.M. of Dtd.15.12.2021
2. Last date and time for Submission of Bid : 5.00 P.M. of Dtd.15.12.2021
3. Date and time of Opening of the Bid : 11.00 A.M. of 16.12.2021
4. The other terms & conditions stipulated in the original tender call notice vide the above Bid Identification No. CCE-(R&B)-PLB-09/2021-22 for all works remain unchanged.
5. The Addendum/Corrigendum, if any, will be hosted in the website **http://tendersodisha.gov.in.**

**Sd./- Chief Construction Engineer**
**Phulbani (R&B) Circle, Phulbani**
OIPR-34129/11/0015/2122



**DISTRICT RURAL DEVELOPMENT AGENCY, KENDRAPARA**
Notice No. 3674 Date: 07.12.21
Sealed tenders are invited by District Rural Development Agency, Kendrapara from reputed and registered Firms/ Service provider as per Tender specifications for "Selection of registered firms/ service provider agencies for providing manpowers for Rural Housing and MGNREGA Schems under DRDA, Kendrapara". The detailed tender documents may be downloaded from the district website of Kendrapara District i.e. www.kendrapara.nic.in from 08.12.21 to 22.12.21 by 5.00 P.M.
**Sd./- Project Director, DRDA, Kendrapara**



**ପୌରପରିଷଦ କାର୍ଯ୍ୟାଳୟ, ଝାରସୁଗୁଡ଼ା**
**MUNICIPAL OFFICE, JHARSUGUDA**
**e-Mail: jsgmunicipality@yahoo.com, jharsugudam.hud@nic.in**
**Fax: 06645-273019, Tel.: 06645-273019**
**No. 4603/JM** **Dt.06.12.21**
**TENDER CALL NOTICE**
No. C-1519: Sealed quotations are invited from the different firms having valid GST, PAN Card and IT return (last three year) for supplying, fitting, fixing, fabricating and erecting "Jaga Mission" hoarding in slums of Jharsuguda Municipality. The quotation paper can be available from the office during the office hour on payment of Tender Paper cost of Rs.10000 only (Non-refundable) from Ritwik Mohapatra CMM, Jharsuguda Municipality. The quotation paper should accompany with the EMD of Rs.20000 (Refundable) in favour of the Executive Officer, Jharsuguda Municipality along with copy of GST, PAN Card and IT return (last three year). Tender paper will be received till Dt.13.12.21 upto 3.00 P.M. and the same will be opened on the same day at 3.30 P.M. in presence of the bidders or their authorized agents. Tender paper submitted beyond the schedule date, time & EMD shall not be entertained in any ways. The authroity reserves the right to reject or accept any or all the tenders without assigning any reasons thereof.
The undersigned is not responsible for any delay in submission.
**Sd./- Executive Officer,**
**Jharsuguda Municipality**
OIPR-13165/11/0012/2122



**ଓଡ଼ିଶା ସରକାର**
**ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଅଧିସୂଚନା**
**File No. 316** **Date: 13.09.2021**
No. XXVIII-11: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ରାୟଗଡ଼ା ଜିଲ୍ଲାର ଟିଟିଲାଗଡ଼-ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: ଟିକରପଡ଼ା, ତହସିଲ: ମୁନିଗୁଡ଼ା, ଥାନା: ମୁନିଗୁଡ଼ା, ଜିଲ୍ଲା: ରାୟଗଡ଼ାରେ ନିମ୍ନ ତଫସିଲମତେ ପ୍ରାୟ ରକବା ଏ.୧.୨୮୫ଡି. ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।
ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ 2013 (RFCTLAR & R Act - 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।
ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।
ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗୀତା ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ରାୟଗଡ଼ା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**
୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଟିଟିଲାଗଡ଼-ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ) ବିଶାଖାପାଟଣା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟର ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ SIA STUDY VIDE No. SIA-460/NCDS Dt.08.11.2019 ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ଗୁଣୁପୁର
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ରାୟଗଡ଼ା | ମୁନିଗୁଡ଼ା | ଟିକରପଡ଼ା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏ.୮.୨୦୮ ଡି. | ଏ.୧.୨୮୫ ଡି. | ଏଥିସହ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଟିଟିଲାଗଡ଼-ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ରାୟଗଡ଼ା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା./– ଜିଲ୍ଲାପାଳ, ରାୟଗଡ଼ା

**(ଭୂମି ଅଧିଗ୍ରହଣ ଅନୁସୂଚୀ)**
**ପୂର୍ବତଟ ରେଳପଥ ଟିଟିଲାଗଡ଼-ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିମନ୍ତେ ଭୂ-ଅର୍ଜନ ହେବାକୁଥିବା ରୟତି ଜମିର ତଫସିଲ ବିବରଣୀ**
**ମୌଜା: ଟିକରପଡ଼ା, ତହସିଲ: ମୁନିଗୁଡ଼ା, ଥାନା: ମୁନିଗୁଡ଼ା, ଥାନା ନଂ. ୩୨, ଜିଲ୍ଲା: ରୟଗଡ଼ା**
ବ୍ୟକ୍ତିଗତ ଜମି:

| କ୍ର.ନଂ. | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକର) | କିସମ | ରୟତଙ୍କ ନାମ, ପିତାଙ୍କ ନାମ/ସ୍ୱାମୀଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୪ | ୩୩୬ | ୧.୨୬୦ | ୦.୩୦୦ | ଡଙ୍ଗର/୨ | ନାଗବଂଶ ଆଶାରାମ, ପି.: ନାଗବଂଶ ଧନୁଞ୍ଜୟ, ଜା: ଡମ୍ବ, ବା: ନିଜଗାଁ |
| ୨ | ୭୭/୪୩ | ୩୩୮ | ୧.୫୧୯ | ୦.୨୩୦ | ଡଙ୍ଗର/୨ | ବାଗୀରଥି ନାଗବଂଶ, ପି.: ଆଶାରାମ ନାଗବଂଶ, ବା: ଟିକରପଡ଼ା |
| ୩ | ୬୯ | ୩୪୬ | ୧.୪୧୫ | ୦.୨୩୫ | ଡଙ୍ଗର/୩ | ନିଳାମ୍ବର ବେହେରା, ପି.– ମୋହନ ବେହେରା, ଜା: ଷୋଳ ଖଣ୍ଡିଆ ଗଉଡ, ବା: ନିଜଗାଁ |
| ୪ | ୭୭/୬୮ | ୩୪୫ | ୨.୪୯୩୯ | ୦.୨୩୦ | ଡଙ୍ଗର/୩ | ଓଲା ରାମା ରାଓ, ପି.– ବାଲା ପାରାୟ, ବା: ମୁନିଖୋଲ |
| ୫ | ୭୭/୧୧୧୬ | ୩୪୮ | ୧.୫୨୦ | ୦.୨୯୦ | ଡଙ୍ଗର/୩ | ରାମଚନ୍ଦ୍ର ମହାନ୍ତି, ପି.: ରଘୁନାଥ ମହାନ୍ତି, ଜା: ବ୍ରାହ୍ମଣ, ବା: ବିଷମକଟକ |
| | | ମୋଟ | ୮.୨୦୮ | ୧.୨୮୫ | | |

ଭୂ-ଅର୍ଜନ ଅଧିକାରୀ
ଟିଟିଲାଗଡ଼-ବିଜୟନଗରମ ୩ୟ ରେଳପଥ ପ୍ରକଳ୍ପ
ଭବାନୀପାଟଣା, କଳାହାଣ୍ଡି
OIPR-24169/14/0018/2122



**ଓଡ଼ିଶା ସରକାର**
**ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଅଧିସୂଚନା**
**File No. 358** **Date: 13.09.2021**
No. XXVIII-16: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ରାୟଗଡ଼ା ଜିଲ୍ଲାର ଟିଟିଲାଗଡ଼-ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: ପୁଝାରିଗୁଡ଼ା, ଥାନା/ତହସିଲ: କୋଲନରା, ଜିଲ୍ଲା: ରାୟଗଡ଼ାରେ ନିମ୍ନ ତଫସିଲମତେ ପ୍ରାୟ ରକବା ଏ.୧.୬୩୦ଡି. ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।
ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ 2013 (RFCTLAR & R Act - 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।
ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।
ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗୀତା ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ରାୟଗଡ଼ା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**
୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଟିଟିଲାଗଡ଼-ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ) ବିଶାଖାପାଟଣା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟର ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ SIA STUDY VIDE No. SIA-460/NCDS Dt.08.11.2019 ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ରାୟଗଡ଼ା।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ରାୟଗଡ଼ା | କୋଲନରା | ପୁଝାରିଗୁଡ଼ା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏ.୪.୪୯୦ ଡି. | ଏ.୧.୬୩୦ ଡି. | ଏଥିସହ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଟିଟିଲାଗଡ଼-ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ରାୟଗଡ଼ା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା./– ଜିଲ୍ଲାପାଳ, ରାୟଗଡ଼ା

**(ଭୂମି ଅଧିଗ୍ରହଣ ଅନୁସୂଚୀ)**
**ପୂର୍ବତଟ ରେଳପଥ ଟିଟିଲାଗଡ଼-ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣ ବିବରଣୀ।**
**ମୌଜା: ପୁଝାରୀଗୁଡ଼ା, ତହସିଲ: କୋଲନରା, ଥାନା: ରାୟଗଡ଼ା, ଥାନା ନଂ. ୩୩, ଜିଲ୍ଲା: ରୟଗଡ଼ା**
ବ୍ୟକ୍ତିଗତ ଜମି:

| କ୍ର.ନଂ. | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକର) | କିସମ | ରୟତଙ୍କ ନାମ, ପିତାଙ୍କ ନାମ/ସ୍ୱାମୀଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧ | ୩୬୫ | ୧.୪୦୦ | ୦.୨୦୦ | ଧାନ/୧ | ଶ୍ରୀ ଚନ୍ଦ୍ର ଶେଖର ମହାପ୍ରଭୁ, ବା: ପାଇକପଡ଼ା |
| ୨ | ୧ | ୩୬୬ | ୦.୩୯୦ | ୦.୧୦୦ | କ୍ଷେତ୍ର ଆଡ଼ି | ଶ୍ରୀ ଚନ୍ଦ୍ର ଶେଖର ମହାପ୍ରଭୁ, ବା: ପାଇକପଡ଼ା |
| ୩ | ୨୬/୧୦୩ | ୩୬୭ | ୦.୩୮୦ | ୦.୨୫୦ | ଡଙ୍ଗର/୩ | ଅନିମା କୋଶଲ୍ୟା, ପି.: କୌଶଲ୍ୟ ମାରିଗା, ଜା: ଡମ୍ବ, ବା: ଗେରାପୁଟ |
| ୪ | ୯ | ୩୬୮ | ୦.୭୯୦ | ୦.୨୧୦ | ଡଙ୍ଗର/୩ | ହିମ୍ବିରିକା ଜାମ୍ବିରୀ, ପି.: ହିମିରିକା ଦାନା, ଜା: କନ୍ଧ, ବା: ନିଜଗାଁ |
| ୫ | ୨୨ | ୩୬୯ | ୦.୪୧୦ | ୦.୨୦୦ | ଡଙ୍ଗର/୩ | ପେରେସିକା ହର୍ଷ, ସ୍ୱା.: ପେରିସିକା ସୁକଦେବ, ପେରିସିକା ନାମା, ପେରିସିକା ସିବାନା, ପି.: ପେରିସିକା ସାରୁ, ଜା: କନ୍ଧ, ବା: ନିଜଗାଁ |
| ୬ | ୧୦ | ୩୭୧ | ୦.୪୨୦ | ୦.୧୭୦ | ଡଙ୍ଗର/୩ | ମିଣିଆକା ଡାଲ, ପି.: ମିଣିଆକା ଦିନବନ୍ଧୁ, ଜା: କନ୍ଧ, ବା: ନିଜଗାଁ |
| ୭ | ୨୬/୫ | ୩୭୩ | ୦.୨୪୦ | ୦.୨୦୦ | ଡଙ୍ଗର/୩ | ପେରିସିକା ଆପାୟା, ପେରିସିକା ମୂର୍ତ୍ତୀ, ପି.: ପେରିସିକା ମାହାରୁ, ଜା: କନ୍ଧ, ବା: ନିଜଗାଁ |
| ୮ | ୨୬/୫୦ | ୩୭୫ | ୦.୪୬୦ | ୦.୩୦୦ | ଡଙ୍ଗର/୩ | ତୋଟାପିଲା ଆଦିନାଇଡ, ପି.: ତୋଟାପିଲା କୀର୍ତ୍ତନ, ଜା: ୟେନେଟି ଦୋରା, ବା: କାର୍ତ୍ତିକ ଗୁଡ଼ା |
| | | ମୋଟ | ୪.୪୯୦ | ୧.୬୩୦ | | |

ଭୂ-ଅର୍ଜନ ଅଧିକାରୀ
ଟିଟିଲାଗଡ଼-ବିଜୟନଗରମ ୩ୟ ରେଳପଥ ପ୍ରକଳ୍ପ
ଭବାନୀପାଟଣା, କଳାହାଣ୍ଡି
OIPR-24169/14/0023/2122

**ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଅନାବରଣ**

କୋରାପୁଟ,(ସ୍ୱ.ପ୍ର.)- ଭାରତର ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡ଼. ବାବା ସାହେବ ଭୀମରାଓ ଆମ୍ବେଡକରଙ୍କ ୬୫ ତମ ଶ୍ରାଦ୍ଧବାର୍ଷିକୀ ସୋମବାର କୋରାପୁଟରେ ପାଳିତ ହୋଇଛି। ଏହିଅବସରରେ ସ୍ଥାନୀୟ ଆମ୍ବେଡକର ପାର୍କଠାରେ ଏକ ନୂତନ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡାଲ, ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, ରାଜେନ୍ଦ୍ର ମାଝି, ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିରସାନି, ପୂର୍ବତନ ବିଧାୟକ ନିମାଇଁ ସରକାର, ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ଏସ୍‌ଡିପିଓ ଗୁଣନିଧି ମଲ୍ଲିକ, ଡେପୁଟି ଜିଲାପାଳ ଆଲୋକ ଅନୁଲିଆ, ଏମ୍‌ପି ପ୍ରତିନିଧି ମନୋଜ ଆଚାର୍ଯ୍ୟ, ବିଡିଓ ନରେନ୍ଦ୍ର ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଧାନମଣ୍ଡି ଖୋଲିବା ନେଇ ଅନିଶ୍ଚିତତା

- ଲ୍ୟାମ୍ପ ପରିଚାଳକ,କର୍ମଚାରୀ ଆନ୍ଦୋଳନ
- ରାଜ୍ୟ ବାହାରକୁ ଚାଲାଣ ହେଉଛି ଧାନ
- ସମବାୟ ଋଣ ପାଇବାରୁ ବଞ୍ଚିତ ହେଉଛନ୍ତି ଚାଷୀ

ମାଲକାନଗିରି,୭।୧୨ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ୮ଟି ସମବାୟ ଲ୍ୟାମ୍ପର ପରିଚାଳକ ଦୀର୍ଘ ୨୨ ଦିନ ଧରି ଆନ୍ଦୋଳନ ଜାରି ରଖି ଭୁବନେଶ୍ୱରରେ ଧାରଣାରେ ବସିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ବୁଧବାର ହେବାକୁ ଥିବା ଧାନମଣ୍ଡି ଉଦ୍‌ଘାଟନକୁ ବାତିଲ କରିଛି। ଫଳରେ ମଣ୍ଡି ଖୋଲିବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଥିବା ବେଳେ ମଣ୍ଡିରେ ଧାନ ବିକ୍ରି କରିବା ନେଇ ଅପେକ୍ଷାରେ ଥିବା ଚାଷୀ ଚିନ୍ତାରେ ପଡିଛନ୍ତି। ଏହାର ଫାଇଦା ବାହାର ରାଜ୍ୟର ଧାନ ବ୍ୟବସାୟୀ ଉଠାଇବାକୁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। କିଛି ଉପାୟ ନ ପାଇ ଚାଷୀ କେତେଜଣ ବାହାର ରାଜ୍ୟ ବ୍ୟବସାୟୀଙ୍କ ହାତରେ କମ୍ ଦରରେ ଧାନ ଟେକି ଦେଉଛି। ମଙ୍ଗଳବାର ବାହାର ରାଜ୍ୟକୁ ଯିବା ପାଇଁ ଏମ୍‌ଭି-୧୧ ବାଲିମେଳା ରାସ୍ତାର ଟେକଗୁଡା ପୋଲ ନିକଟରେ ଏକ ଟ୍ରକ୍‌ରେ ପ୍ରାୟ ୪୦୦ ବସ୍ତା ଧାନ ଲୋଡ ହୋଇଥିବା ଦେଖିବାକୁ ମିଳିଥିଲା। ସେଠାରେ ଉପସ୍ଥିତ ଜଣେ ବ୍ୟକ୍ତି ଧାନ ମୋର, ପ୍ରଶାସନ ଏହି ଧାନ କିଣିବ ନାହିଁ। ଏହା ଖରାପ ଏବଂ ଓଦା ଥିବାରୁ ଏହାକୁ ନେଇ ଆନ୍ଧ୍ରରେ ବିକ୍ରି କରିବେ ବୋଲି କହିଥିଲେ। ଏ ସମ୍ପର୍କରେ ଉପଜିଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେ, ମଣ୍ଡି ଖୋଲି ନ ଥିବାରୁ ଧାନ ଖରିଦ ହୋଇନାହିଁ। ଖରିଦ ପୂର୍ବରୁ ରାଜ୍ୟ ବାହାରକୁ ଧାନ ଚାଲାଣ ଏକ ଅପରାଧ । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିବା ସେ କହିଥିଲେ। ଅନ୍ୟ ପକ୍ଷରେ ସମବାୟ କର୍ମଚାରୀଙ୍କ ଆନ୍ଦୋଳନକୁ ୨୨ ଦିନ ବିତିଯାଇଛି। ଦାବି ପୂରଣ ନ ହେବା ଯାଏ ସମବାୟ କର୍ମଚାରୀ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଜିଦ୍ ଧରି ବସିଛନ୍ତି। ବୁଧବାରଠାରୁ ୧୩ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରିବେ ବୋଲି ଜଣାପଡିଛି। ସମବାୟ ବିଭାଗର ନିବନ୍ଧକ ଦ୍ୱାରା ମୁଖ୍ୟ କାର୍ଯ୍ୟ ନିର୍ବାହୀ ନିଯୁକ୍ତି ରଦ୍ଦ କରିବା, ୨୭୦୮ ପ୍ରାଥମିକ ସମବାୟ ସମିତି ଓ ଲ୍ୟାମ୍ପସ୍‌ର କାର୍ଯ୍ୟରତ କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ସପ୍ତମ ବେତନ କମିଶନ ଅନୁଯାୟୀ ମହଙ୍ଗା ଭତ୍ତା, ଆଗାମୀ ବଜେଟରେ ଲ୍ୟାମ୍ପ କର୍ମଚାରୀ ଓ ପ୍ରଶାସନିକ ପାଣ୍ଠି ସହ ଆସନ୍ତା ସମବାୟ ବର୍ଷରେ ୧ ହଜାର କୋଟି ଟଙ୍କା ମଞ୍ଜୁର କରିବା, କରୋନାରେ ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ସହାୟତା ପ୍ରଦାନ ଦାବିରେ ସେମାନେ ଆନ୍ଦୋଳନ ଚଳାଇଛନ୍ତି। ସରକାର ଓ ସମବାୟ କର୍ମଚାରୀଙ୍କ ମଧ୍ୟରେ ଟାଳଟୁଳ ନୀତି ହେତୁ ଚାଷୀ ବଳି ପଡୁଛନ୍ତି। ଏ ସମ୍ପର୍କରେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଗୁରୁଚରଣ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ୮ ତାରିଖରେ ଆରମ୍ଭ ହେବାକୁ ଥିବା ଧାନମଣ୍ଡି ଆସନ୍ତା ୧୫ତାରିଖରେ ଆରମ୍ଭ ହେବ। ଲ୍ୟାମ୍ପ ପରିଚାଳକ ଓ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଚାଷୀମାନେ ଆଉ ସପ୍ତାହେ ଅପେକ୍ଷା କରିବାକୁ ସେ ପରାମର୍ଶ ଦେଇଛନ୍ତି।



ବାହାର ରାଜ୍ୟକୁ ଚାଲାଣ ପାଇଁ ଟ୍ରକ୍‌ରେ ଲୋଡ୍ କରାଯାଉଥିବା ଧାନ।

## ସଂକ୍ଷେପରେ

### ଗଞ୍ଜେଇ ଚାଲାଣ ମାମଲା: ଅଟକ ୪ ଅଭିଯୁକ୍ତ ଗିରଫ

ଜୟପୁର, ୭।୧୨(ନି.ପ୍ର.)- ଏକ ପଇଡ଼ ବୋଝେଇ ଟ୍ରକ୍ (ଏଚ୍‌ଆର୍ ୬୮ ଏ ୧୫୬୭) ରେ ବାହାର ରାଜ୍ୟକୁ ଗଞ୍ଜେଇ ଚୋରାଚାଲାଣ ମାମଲାରେ ସୋମବାର ଅଟକ ଥିବା ୪ଜଣ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ସେମାନେ ହେଲେ ମିରଟର ସରଫରାଜ (୩୦) ଓ ମୋହିତ କୁମାର (୪୨), ହରିୟାଣାର ସାକିଲ ଖାନ(୪୫), କୋରାପୁଟ ଜିଲା ମାଛକୁଣ୍ଡର ସାଧୁ ଖିଲ (୪୦) । ଲମତାପୁଟ ଅଞ୍ଚଳରୁ ଏମାନେ ଗଞ୍ଜେଇ ନେଇ ଜୟପୁର ଘାଟି ଦେଇ ଯାଉଥିବା ଖବର ପାଇ ସଦର ଥାନା ଅଧିକାରୀ ଆଦିତ୍ୟ ମହାକୁଡ ଚଢାଉ କରି ଟ୍ରକ୍‌କୁ ଥାନାକୁ ଆଣିଥିଲେ। ଯାଞ୍ଚ ବେଳେ ସେଥିରେ ଥିବା ପଇଡ଼ ତଳୁ ଗଞ୍ଜେଇ ମିଳିଥିଲା। ଏହାର ପରିମାଣ ୩ କୁଇଣ୍ଟାଲ ୧କେଜି। ଏହାର ବଜାର ମୂଲ୍ୟ ୩୦ଲକ୍ଷ ୧୦ ହଜାର ଟଙ୍କା ହେବ । ଏଥିସହ ଟ୍ରକ୍, ୨୫ ହଜାର ଟଙ୍କା, ୪ଟି ମୋବାଇଲ ଫୋନ ପୋଲିସ ଜବତ କରିଛି। ୪ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ମହାକୁଡ କହିଛନ୍ତି ।

### ଜିଲାରେ ଧାନ,ମକା ମଣ୍ଡି ଶୀଘ୍ର ଖୋଲିବାକୁ ଦାବି

ଜୟପୁର, ୭।୧୨(ନି.ପ୍ର.)-କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ କୋରାପୁଟ ଜିଲାରେ ମକା ଓ ଧାନ ମଣ୍ଡି ତୁରନ୍ତ ଆରମ୍ଭ କରିବାକୁ ଦାବି କରାଯାଇଛି । ଏନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଖରିଫ ଋତୁରେ ଜିଲାରେ ବିଭିନ୍ନ ବ୍ଲକରେ ୮୦ ପ୍ରତିଶତରୁ ଅଧିକ ଧାନ ଓ କମା ଅମଳ ସରିଛି। ଜିଲାରେ ମଣ୍ଡି ଆରମ୍ଭ ହୋଇ ନ ଥିବାରୁ ଚାଷୀମାନେ ମକା ଓ ଧାନ ଅତି କମ୍ ଦରରେ ବିକ୍ରିକରି ଦେଉଛନ୍ତି। ସେମାନେ ଏମ୍‌ଏସ୍‌ପି ଠାରୁ କୁଇଣ୍ଟଲ ପିଛା ମକା ୩ ଶହରୁ ୪ ଶହ ଏବଂ ଧାନ ୩ ଶହରୁ ୬ ଶହ ଟଙ୍କା କମ୍ ଦରରେ ବିକ୍ରି କରି ଦେଉଥିବା ମଞ୍ଚ ଅଭିଯୋଗ କରିଛି। ତୁରନ୍ତ ଜିଲାରେ ଏହି ଉଭୟ ମଣ୍ଡି ଖୋଲି ଚାଷୀଙ୍କୁ ଅଭାବୀ ବିକ୍ରିରୁ ରୋକିବାକୁ ମଞ୍ଚର ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନ ଦାବି କରିଛନ୍ତି । ଏହାର ନକଲ ଜିଲା ଯୋଗାଣ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି ।

### ମେଡିକାଲରୁ ନିଖୋଜ ରୋଗୀଙ୍କୁ ଉଦ୍ଧାର କଲା ପୋଲିସ

କୋରାପୁଟ,୭।୧୨(ସ୍ୱ.ପ୍ର.)- କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରୁ ନିଖୋଜ ଥିବା ରୋଗୀଙ୍କୁ ସୋମବାର ବିଳମ୍ବିତ ରାତିରେ ମେଡିକାଲ ଅଞ୍ଚଳରୁ ଉଦ୍ଧାର କରାଯାଇଛି । ରାତିରେ ଟାଉନଥାନା ପୋଲିସ ପେଟ୍ରୋଲିଂ ବେଳେ ଏହି ନିଖୋଜ ରୋଗୀ ଗୌତମ ରଥ ବୁଲୁଥିବା ଦେଖି ତାଙ୍କୁ ପଚରାଉଚରା କରି ଉଦ୍ଧାର କରାଯାଇଥିବା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ସୋମବାର ସୁନାବେଡା ଅଞ୍ଚଳର ଗୌତମ ଉକ୍ତ ମେଡିକାଲରେ ଭର୍ତ୍ତି ହୋଇ ୩୦୭ନଂ. ବେଡ୍‌ରେ ଚିକିତ୍ସିତ ହେଉଥିଲେ। ସେ ପୂର୍ବାହ୍ନ ୧୦ଟାରୁ ହଠାତ କେଉଁଆଡେ ଚାଲିଯାଇଥିଲେ । ପରେ ରୋଗୀଙ୍କ ପରିବାର ସଦସ୍ୟ ତାଙ୍କୁ ନ ପାଇ ଟାଉନ ଥାନାରେ ଏତଲା ଦେଇଥିଲେ ।

### ସ୍ୱାଭିମାନ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ



ଚିତ୍ରକୋଣ୍ଡା,୭।୧୨(ଡି.ଏନ.ଏ.)- ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ପଣଷପୁଟ ଏବଂ ଯୋଡ଼ାମ୍ବଠାରେ ପରୋବର୍ତ୍ତନ ଅନୁଷ୍ଠାନ ପକ୍ଷରୁ ଆକସନେଡ଼ ଇଣ୍ଡିଆ ସହାୟତାରେ ମହିଳାଙ୍କ ପ୍ରତି ଘଟୁଥିବା ନିର୍ଯାତନା ଓ ଘରୋଇ ହିଂସା ରୋକିବାକୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳାଙ୍କ ପ୍ରତି ହେଉଥିବା ଅନ୍ୟାୟର ବିରୋଧ କରିବା ଲାଗି ରହିଥିବା ମହିଳା ସୁରକ୍ଷା ଆଇନ ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ସନ୍ତୋଷ ଶୁକ୍ଳା ପରିଚାଳନା କରିଥିଲେ ।

### ୬କୋଟି ଟଙ୍କାର ଗଞ୍ଜେଇ ଗଛ ନଷ୍ଟ

ଚିତ୍ରକୋଣ୍ଡା,୭।୧୨(ଡି.ଏନ.ଏ.)- ଚିତ୍ରକୋଣ୍ଡା ପୋଲିସ ଏବଂ ମାଲକାନଗିରି ଜିଲା ଅବକାରୀ ବିଭାଗ ମିଳିତ ଉଦ୍ୟମରେ ଦୋରାଗୁଡା ପଞ୍ଚାୟତର ଭୁଷୁଣ୍ଡିଗୁଡ଼ା ଏବଂ ଆରଏସସି-୪ ନମ୍ବର ଗ୍ରାମରେ ବେଆଇନ ଭାବେ ୩୮ ଏକର ଜମିରେ ଲଗାଯାଇଥିବା ୫୭ ହଜାର ଗଞ୍ଜେଇ ଗଛକୁ କାଟି ନଷ୍ଟ କରିବା ସହ ପୋଡାଯାଇଛି। ଏହାର ଆନୁମାନିକ ମୂଲ୍ୟ ୬କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ନଭେମ୍ବର ୧୧ରୁ ଚିତ୍ରକୋଣ୍ଡା ପୋଲିସ ଏବଂ ଅବକାରୀ ବିଭାଗ ମିଳିତ ଭାବେ ଗଞ୍ଜେଇ କଟା ଅଭିଯାନ ଜାରି ରହିଛି।

## ଭାଲୁକୁ ଉଦ୍ଧାର କଲା ବନ ବିଭାଗ



ମାଲକାନଗିରି/ଗୋବିନ୍ଦପାଲି, ୭।୧୨(ଡି.ଏନ.ଏ.)

ଗୋବିନ୍ଦପଲି ବନାଞ୍ଚଳ ପକ୍ଷରୁ ମଙ୍ଗଳବାର ରାତିରେ ଏକ ଭାଲୁ ଶାବକକୁ ଉଦ୍ଧାର କରାଯାଇଛି। କେହି ବ୍ୟକ୍ତି ଭାଲୁଟିକୁ କୌଣସି ବିଷାକ୍ତ ଖାଦ୍ୟ ଦେଇଥିଲେ। ଏହା ଖାଇବା ପରେ ଭାଲୁ ମୂର୍ଚ୍ଛା ହୋଇ ଜଙ୍ଗଲରେ ପଡି ରହିଥିଲା। ଏନେଇ ବନବିଭାଗ କର୍ମଚାରୀ ଖବର ପାଇ ଭାଲୁଟିକୁ ଟିଲୁଗୁଡାଠାରୁ ଉଦ୍ଧାର କରି ତାର ଚିକିତ୍ସା କରି ନିଜ ଦାୟିତ୍ୱରେ ରଖିଛନ୍ତି। ସୁସ୍ଥ ହେଲା ପରେ ଭାଲୁକୁ ନେଇ ଅନ୍ୟତ୍ର ଛାଡିବା ଯୋଜନା ରହିଛି ବୋଲି ମାଥିଲି ଡେପୁଟି ରେଞ୍ଜର ବାସୁଦେବ ନାୟକ କହିଛନ୍ତି। ଏହି ଉଦ୍ଧାର କାର୍ଯ୍ୟରେ ଫରେଷ୍ଟର ଫକୀର ଚନ୍ଦ୍ର ମହାଳିକ, ପାରା ଷ୍ଟାଫ ଏବଂ ୱାଇଲଡ ଲାଇଫ କର୍ମଚାରୀ ସାମିଲ ହୋଇଥିଲେ।

## ଦୁର୍ଘଟଣାରେ ନାଲ୍‌କୋ ଅଧିକାରୀଙ୍କ ସ୍ତ୍ରୀ ବିୟୋଗ

ଦାମନଯୋଡି, ୭।୧୨(ଡି.ଏନ.ଏ.)

ଆନ୍ଧ୍ରରେ ଏକ ସଡ଼କ ଦୁର୍ଘଟଣାରେ ନାଲ୍‌କୋ ଏସ୍‌ପିପି ବିଭାଗର ମହାପ୍ରବନ୍ଧକ ସୁରେଶ ଚନ୍ଦ୍ର ସାମଲଙ୍କ ସ୍ତ୍ରୀ ତୃପ୍ତି ସାମଲ (୫୫)ଙ୍କ ମୃତ୍ୟୁ ଘଟିଛି। ୨ଜଣ ଆହତ ହୋଇଛନ୍ତି। ସୁରେଶ, ତୃପ୍ତି ଓ ଝିଅ ସଂସ୍କୃତି, ସମ୍ପର୍କୀୟ ନାଲ୍‌କୋ ଏଜିଏମ୍ ପି.କେ. ସାମଲ ଓ ତାଙ୍କ ସ୍ତ୍ରୀଙ୍କୁ ଧରି କାର୍ ଯୋଗେ ସୋମବାର ଭୁବନେଶ୍ୱରରୁ ଦାମନଯୋଡ଼ି ଆସୁଥିଲେ। ଅପରାହ୍ନ ୨ଟାରେ ଆନ୍ଧ୍ରର ଟେକାଲି ଓ ଶ୍ରୀକାକୁଲମ ମଝିରେ ସମ୍ମୁଖରେ ଯାଉଥିବା ଏକ ଟ୍ରକ୍ ହଠାତ୍ ବ୍ରେକ୍ ଦେବାରୁ ସାମଲଙ୍କ କାର୍ ଟ୍ରକ୍ ସହ ଧକ୍କା ହୋଇଥିଲା। ଏଥିରେ ପଛରେ ବସିଥିବା ତୃପ୍ତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପଛରେ ବସିଥିବା ପି.କେ. ସାମଲ ଓ ତାଙ୍କ ସ୍ତ୍ରୀ ମଧ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ଶ୍ରୀକାକୁଲମରେ ପ୍ରାଥମିକ ଚିକିତ୍ସା ପରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ତୃପ୍ତିଙ୍କ ବିୟୋଗରେ ଦାମନଯୋଡ଼ିରେ ଶୋକର ଛାୟା ଖେଳିଯାଇଛି।

## ଏଆର୍‌ସିଏସି ଅଫିସରେ ତାଲା ପକାଇଲେ ଜମାକାରୀ

ଜୟପୁର,୭।୧୨(ନି.ପ୍ର.)

ଚିଟ୍‌ଫଣ୍ଡ ଜମାକାରୀ ଜମାଟଙ୍କା ଫେରି ପାଇବାକୁ ଉପ ନିବନ୍ଧକ (ଏଆର୍‌ସିଏସି)ଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ତାଲା ପକାଇଛନ୍ତି। ପ୍ରଥମେ ସେମାନେ ଜୟପୁର ଟାଉନ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପରେ ସମସ୍ୟା ସମାଧାନ ନେଇ ପ୍ରତିଶ୍ରୁତି ନ ମିଳିବାରୁ ସେଠାରୁ ଆସି ଏଆର୍‌ସିଏସିଙ୍କ କାର୍ଯ୍ୟାଳୟ ଘେରାଉକରି ଗେଟ୍‌ରେ ତାଲା ପକାଇଥିଲେ। ଉଚ୍ଚ ହାରର ସୁଧ ଲୋଭ ଦେଖାଇ ଚିଟଫଣ୍ଡ ସଂସ୍ଥା ଲାଇଫ୍‌ଲାଇନ କୋ-ଅପରେଟିଭ ସୋସାଇଟି ୫୦୦ ଜମାକାରୀଙ୍କଠାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଛି। ଏବେ ଜମାକାରୀଙ୍କୁ ସଂସ୍ଥା ଟଙ୍କା ଫେରାଉ ନାହିଁ। ଇତି ମଧ୍ୟରେ ସଂସ୍ଥାର ଜୟପୁର ଅଫିସ ବନ୍ଦ ହୋଇଯାଇଛି। ଫଳରେ ଚିନ୍ତାରେ ଜମାକାରୀମାନେ ଅଛନ୍ତି। ଟଙ୍କା ଫେରିପାଇବାକୁ ଟାଉନ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ସେଠାରୁ ନିରାଶ ହେବା ପରେ ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଟଙ୍କା ଫେରସ୍ତ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି କେତେଜଣ ଜମାକାରୀ ଚେତାବନୀ ଦେଇଛନ୍ତି। ଏହି ସଂସ୍ଥା ୨୦୦୫ରୁ ଜୟପୁରରେ କାର୍ଯ୍ୟକ୍ଷମ ଥିଲା। ଲୋକଙ୍କଠାରୁ ପ୍ରତ୍ୟହ ଟଙ୍କା ଜମା ପାଇଁ ଆସୁଥିଲା। ଠିକ ସମୟରେ ମଧ୍ୟ ଜମାକାରୀଙ୍କୁ ଟଙ୍କା ଫେରସ୍ତ କରୁଥିଲା। ମାତ୍ର ୨ ବର୍ଷ ହେଲା କରୋନା ଯୋଗୁ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ଋଣ ଆଦାୟ ବନ୍ଦ ରହିଛି। ସେବେଠାରୁ ସଂସ୍ଥା ଜମାକାରୀଙ୍କୁ ଟଙ୍କା ଦେଇପାରିନାହିଁ। ଏହାର କର୍ମଚାରୀମାନେ ମଧ୍ୟ ଦୀର୍ଘଦିନ ହେଲା ଦରମା ପାଇନାହାନ୍ତି। ତେବେ ଏପରି ପରିସ୍ଥିତି ପାଇଁ କର୍ମଚାରୀ ଓ ଜମାକାରୀ ସଂସ୍ଥାର ତତ୍କାଳୀନ ସମ୍ପାଦକ ଗଙ୍ଗାଧର ସାହୁ ଓ ସଭାପତି ରାଜେଶ ତ୍ରିପାଠୀଙ୍କୁ ଦାୟୀ କରିଛନ୍ତି। ୨୦୧୨ରୁ ସଂସ୍ଥାର ଅଡିଟ ହୋଇ ନ ଥିବାରୁ ତଦନ୍ତ ଆଗକୁ ବଢ଼ିପାରୁନାହିଁ। ଅଡିଟ ପରେ ହିଁ ଠକେଇ ପଛରେ କିଏ ଅଛି ଜଣାପଡିବ ବୋଲି ଏସ୍‌ଡିପିଓ କହିଛନ୍ତି। ସଂସ୍ଥାର ପୂର୍ବତନ ସମ୍ପାଦକ ସାହୁ ନିଜକୁ ନିର୍ଦ୍ଦୋଷ ବୋଲି ପ୍ରକାଶ କରିବା ସହ କର୍ମଚାରୀ ଋଣ ଆଦାୟ କରି ନ ଥିବାରୁ ଏହି ସମସ୍ୟା ଦେଖାଦେଇଥିବା କହିଛନ୍ତି।



ଏଆରସିଏସିଙ୍କ କାର୍ଯ୍ୟାଳୟ ଘେରାଉ କରିଥିବା ଜମାକାରୀ।

## ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର

**ପଦୋନ୍ନତି ନ ମିଳିଲେ ୧୬୮୫ ଶିକ୍ଷକ ବରିଷ୍ଠତା ହରାଇବେ**

ମାଲକାନଗିରି,୭।୧୨ (ଡି.ଏନ୍.ଏ.)

ମାଲକାନଗିରି ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରଞ୍ଜିତ କୁମାର ନାୟକଙ୍କ ନେତୃତ୍ୱରେ ଜିଲାର ସମସ୍ତ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଜିଲା ଶିକ୍ଷାଧିକାରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀଙ୍କୁ ମଙ୍ଗଳବାର ଏକ ଦାବିପତ୍ର ଦେଇଛନ୍ତି। ଜିଲାରେ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ପ୍ରକ୍ରିୟା ଅଦ୍ୟାବଧି ହୋଇପାରିନାହିଁ। ବାରମ୍ବାର ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କଲେ ସୁଦ୍ଧା ସେ ଏହି ପଦୋନ୍ନତି ପ୍ରକ୍ରିୟା କାର୍ଯ୍ୟକାରୀ କରୁନାହାନ୍ତି। ଫଳରେ ପଦୋନ୍ନତି ପାଇବାକୁ ଥିବା ୧୬୮୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିଜ ବରିଷ୍ଠତା ହରାଇବେ। ରାଜ୍ୟ ସରକାରଙ୍କ ପଦୋନ୍ନତି ଓ ରିଜରଭେସନ ନିର୍ଦ୍ଦେଶନାମା ତଥା କ୍ଲାରିଫିକେଶନକୁ ଆଧାର କରି ତା୧୦।୧୨।୨୦୨୧ ରିଖ ସୁଦ୍ଧା ଜିଲାରେ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପଦୋନ୍ନତି ଦିଆ ନ ଯାଏ ତେବେ ୧୩।୧୨।୨୧ରୁ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସଂଘ ନେତୃତ୍ୱରେ ଜିଲାର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଧାରଣାରେ ବସିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଂଘ କର୍ମକର୍ତ୍ତା ରମେଶ ଚନ୍ଦ୍ର ସ୍ୱାଇଁ, ତାରକ ମଣ୍ଡଳ, ପ୍ରଶାନ୍ତ ବେହେରା, ରାମପ୍ରସାଦ ପାଢୀ, ଗୁରୁପଦ ସରକାର, ପୂର୍ଣ୍ଣଚନ୍ଦ୍ର ଖଣ୍ଡପାଣି, କବୀନ୍ଦ୍ର ମଲ୍ଲିକ, ଖଗେଶ୍ୱର ରାଉତ, କଳ୍ପତରୁ ନାୟକ, ବସନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଲିସର ତ୍ୱରିତ ପଦକ୍ଷେପ ନେଇ ଦାବି କଲେ ବାପା

**ଅର୍ପଣ ଅନୁରାଗ ଆତ୍ମହତ୍ୟା ମାମଲା**

କୋରାପୁଟ,୭।୧୨(ସ୍ୱ.ପ୍ର.)

ଅର୍ପଣ ଅନୁରାଗଙ୍କୁ ହତ୍ୟା କରାଯାଇ ଏହାକୁ ଆତ୍ମହତ୍ୟା ରୂପ ଦିଆଯାଇଛି ବୋଲି କୋରାପୁଟ ପ୍ରେସ କ୍ଲବଠାରେ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅନୁରାଗଙ୍କ ବାପା ଅରୁଣ ଓଝା ଅଭିଯୋଗ କରିଛନ୍ତି। ଘଟଣାର ତ୍ୱରିତ ତଦନ୍ତ ପାଇଁ ସେ ଜିଲା ପୋଲିସ ପ୍ରଶାସନକୁ ନିବେଦନ କରିଛନ୍ତି। ଅର୍ପଣ ଜୟପୁର ପାରାବେଡା ଶ୍ରୀରାମ ନଗର ଅଞ୍ଚଳରେ ଏକ ଭଡା ଘରେ ରହୁଥିଲେ। ଗତ ଜୁଲାଇ ୩୧ରେ ଅର୍ପଣଙ୍କ ବେକରେ ଚାଦର ବନ୍ଧାଯାଇ ଘର ସିଲିଂ ଫ୍ୟାନରେ ଝୁଲୁଥିବା ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ମାତ୍ର ଅନୁରାଗ ଆତ୍ମହତ୍ୟା କରିନାହାନ୍ତି ତାଙ୍କୁ ହତ୍ୟା କରାଯାଇଛି। ଏଥିପାଇଁ ୪ ଜଣଙ୍କୁ ଦାୟୀ କରି ଅରୁଣ ଗତ ନଭେମ୍ବର ୧୭ରେ ଜୟପୁର ଟାଉନ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତିକରି ଜୟପୁର ଟାଉନ ଥାନାରେ ୩୦୫/୨୧ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି । ଏହାର ତ୍ୱରିତ ତଦନ୍ତ ପାଇଁ ଓଝା ଖବରଦାତା ସମ୍ମିଳନୀ ଜରିଆରେ ପୋଲିସକୁ ନିବେଦନ କରିଛନ୍ତି।

## ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଗୁଣପୁର,୭।୧୨(ଡି.ଏନ୍.ଏ.)

ଗୁଣପୁର ଲକ୍ଷ୍ମୀ ନୃସିଂହ କଲ୍ୟାଣ ମଣ୍ଡପରେ ଚାଲିଥିବା ଭାଜପାର ଜିଲା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଜିଲା ସଭାପତି ଶିବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ପ୍ରଶିକ୍ଷଣ ଶିବିରରେ ନବରଙ୍ଗପୁରର ପୂର୍ବତନ ଏମ୍‌ପି ବଳଭଦ୍ର ମାଝି, ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ଯୋଜନାକୁ ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ଅତିଥିମାନେ ମତ ରଖିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଜିଲା ଉପସଭାପତି ୱାଇ.ଗଣପତି, ଉଦୟ ପାଢୀ, ରାମକଷ୍ଣ ପଣ୍ଡା, ଜିଲା ସାଧାରଣ ସମ୍ପାଦକ କିଶୋର ପଣ୍ଡା, ହରେକୃଷ୍ଣ ପାଢୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାମଚନ୍ଦ୍ରବେହେରା, ବସନ୍ତ ଉଲାକା, ଜିଲାସମ୍ପାଦକ ରବି ଗମାଙ୍ଗ, ଯୁବମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଅମର ସାହୁ, ଜିଲା କୋଷାଧ୍ୟକ୍ଷ ପି.ନାଗରାଜୁ, ମହିଳା ମୋର୍ଚ୍ଚା ଜିଲା ସଭାପତି ରଞ୍ଜନା ଉପାଧ୍ୟାୟ, କୃଷକ ମୋର୍ଚ୍ଚା ଜିଲା ସଭାପତି ଗୋପାଳସାହୁ, ଆଦିବାସୀ ମୋର୍ଚ୍ଚା ଜିଲା ସଭାପତି ଗୁନା ଶବର,ଆଦିବାସୀ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ବିଦ୍ୟାଧରଶବର ଉପସ୍ଥିତ ଥିଲେ।

## ସୁଙ୍କି ଘାଟିରେ ୨ଟ୍ରକ୍ ମୁହାଁମୁହିଁ ଧକ୍କା

ପଟ୍ଟାଙ୍ଗୀ,୭।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁଙ୍କି ଘାଟିରେ ମଙ୍ଗଳବାର ୨ଟି ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଘାଟିର ଉଭୟ ପାର୍ଶ୍ୱରେ ଗାଡ଼ି ଚଳାଚଳ ବନ୍ଦ ରହିଛି। ଯାତ୍ରୀ ହଇରାଣ ହୋଇଛନ୍ତି। ଖବରରୁ ଜଣାପଡ଼ିଛି ସୁଙ୍କି ଘାଟିରେ ଓଡ଼ିଶା ଏବଂ ଆନ୍ଧ୍ର ଦିଗରୁ ଆସୁଥିବା ଟ୍ରକ୍ ଘାଟିର ଏକ ବୁଲାଣିଆ ରାସ୍ତାରେ ମୁହାଁମୁହିଁ ହୋଇଥିଲା। ଏହା ପୂର୍ବରୁ ଏଠାରେ ଏକ ଟ୍ରେଲର ଖରାପ ହୋଇ ଛିଡ଼ା ହୋଇଥିଲା। ଏହି ଖବର ଜଣାପଡିବା ପରେ ଜିଲାପାଳ ଅବଦଲ ଏମ୍. ଅଖତରଙ୍କ ନିର୍ଦ୍ଦେଶରେ ତହସିଲଦାର ହରିପଦ ମଣ୍ଡଳଙ୍କ ନେତୃତ୍ୱରେ ପଟ୍ଟାଙ୍ଗୀ ଓ ସୁଙ୍କି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ଟ୍ରକ୍‌କୁ ହଟାଇ ଘାଟି ରାସ୍ତାର ଜାତୀୟ ରାଜପଥକୁ ସ୍ୱାଭାବିକ କରିଥିଲେ। ଫଳରେ ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିବା ଗାଡ଼ିମୋଟର ଚଳାଚଳ କରିଥିଲା। ସମସ୍ତ ଛୋଟ ଗାଡ଼ିଗୁଡିକ ରାଲେଗଡ଼ା ହୋଇ ପେଟୁରୁ ଦେଇ ସୁଙ୍କିରେ ବାହାରି ନିଜ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲେ।



ଫଟୋ: ଦୁର୍ଘଟଣାଗ୍ରସ୍ତ ଟ୍ରକ୍।

## ଖଳାରେ ପୋଡ଼ିଗଲା ୫ ଚାଷୀଙ୍କ ଧାନ

ବୈପାରିଗୁଡ଼ା,୭।୧୨(ଡି.ଏନ୍.ଏ.)

ବୈପାରିଗୁଡ଼ା ନିକଟସ୍ଥ ବଡ୍ରିପୁଟ୍ ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ଏକ ଖଳାରେ ଥିବା ୫ଜଣ ଚାଷୀଙ୍କ ୫ଟି ଧାନଗଦା ପୋଡ଼ି ପାଉଁଶ ହୋଇଯାଇଛି। ଗ୍ରାମର ଡମ୍ବୁରୁ କୁମ୍ଭାର,ସନିଆ କୁମ୍ଭାର, ଭଗବାନ ପରଜା, କୁଳଧର କୁମ୍ଭାର ଏବଂ ରଘୁ କୁମ୍ଭାର ଏହି ଖଳାରେ ଧାନ ରଖିଥିଲେ। ସ୍ଥାନୀୟ ଲୋକେ ଓ ଅଗ୍ନିଶମ କର୍ମଚାରୀଙ୍କ ଉଦ୍ୟମରେ ନିଆଁ ଲିଭିଥିଲା । ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ମହିଳା ସଶକ୍ତୀକରଣ ନେଇ ଆଲୋଚନା

ଗୁଣପୁର,୭।୧୨(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ବ୍ଲକ ଡମ୍ବସରାସ୍ଥିତ ଯୁକ୍ତ ଦୁଇ କଲେଜରେ ମଙ୍ଗଳବାର ମହିଳା ସଶକ୍ତୀକରଣ ଏବଂ ନିର୍ଯ୍ୟାତିତ ମହିଳାଙ୍କ ସହାୟତା ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ରାୟଗଡା ଜିଲା ସଖି ଓ ଭୁବନେଶ୍ୱର ଯୁବାଜ୍ୟୋତି ଯୁବକ ସଂଘ ସହଭାଗିତାରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ବାଲ୍ୟ ବିବାହ ନିଷେଧ ବିଭାଗର ଜିଲା ପରାମର୍ଶଦାତା ରତ୍ନେଶ୍ୱର ସାହୁ ଯୋଗ ଦେଇଥିଲେ। ବାଲ୍ୟ ବିବାହର ସମସ୍ୟା ଓ ସଚେତନତା ଉପରେ ସେ ଆଲୋକପାତ କରିଥିଲେ। ସଖିର ଆଇନ ଉପଦେଷ୍ଟା ପ୍ରଦୀପ କୁମାର ଦାସ ଆଇନଗତ ସୁରକ୍ଷା ଏବଂ ଅଧିକାର ସମ୍ପର୍କରେ ମତ ଦେଇଥିଲେ। କଲେଜର ଅଧ୍ୟକ୍ଷ ବିଦ୍ୟାଧର ନାହାକ ଆଲୋନାରେ ଭାଗ ନେଇଶିକ୍ଷା ବାଳିକା ଶିକ୍ଷାର୍ଥୀଙ୍କ ପ୍ରସଙ୍ଗରେ ଦୃଷ୍ଟିପାତ କରିଥିଲେ। ସଖୀ ଅନୁଷ୍ଠାନ ଆଡମିନ ଗୀତାରାଣୀ ମିଶ୍ର, ଅର୍ଣ୍ଣପୂର୍ଣ୍ଣା ମଲିକ, ରାଜେଶ୍ୱରୀ ଦଳେଇ, କେତକୀ ହିମିରିକା, ଦେବକୀ ମେଲକା ଉପସ୍ଥତି ଥିଲେ। ଅଧ୍ୟାପକ ଡ.ପ୍ରଶାନ୍ତ କୁମାରହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।





ବୈଠକରେ ଉପସ୍ଥିତ ଅତିଥିମାନେ।

## ବିଭାଗ ଉଦାସୀନ, ସଳାସୁତରାରେ ଚାଲିଛି ଜଙ୍ଗଲ ଲୁଟ୍

- ପ୍ରତିଦିନ ଜଙ୍ଗଲରୁ ଶତାଧିକ ଗଛ କଟାଯାଇ ଚାଲାଣ ହେଉଛି
- ଜଙ୍ଗଲରେ ତିଆରି ହେଉଛି ଫର୍ନିଚର ସାମଗ୍ରୀ
- ଉଠିଯାଇଛି ବୈପାରିଗୁଡା, ଜୟପୁର ଯାଞ୍ଚ ଫାଟକ

ବୈପାରିଗୁଡା,୭।୧୨ (ଡି.ଏନ୍.ଏ.)

ବନ ବିଭାଗର ଉଦାସୀନତାରୁ କୋରାପୁଟ ଜିଲା ବୈପାରିଗୁଡା ବ୍ଲକ ଅଞ୍ଚଳରେ ପ୍ରାକୃତିକ ଜଙ୍ଗଲ ଲୋପ ପାଇବାକୁ ବସିଛି। ବୈପାରୀଗୁଡା ଓ ଗୁପ୍ତେଶ୍ୱର ବନାଞ୍ଚଳ ସମୟ ଥିଲା ଗୁପ୍ତେଶ୍ୱର ପୀଠ ତଥା ଏହାର ପାର୍ଶ୍ୱବର୍ତ୍ତୀ ସ୍ଥାନ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ସମୟକ୍ରମେ ବିଭାଗର ତଦାରଖ ଅଭାବରୁ ଜଙ୍ଗଲ ସହ ଏଠାରେ ଥିବା ବନ୍ୟପ୍ରାଣୀ ଲୋପ ପାଇବାକୁ ବସିଲାଣି। ପୂର୍ବରୁ ଜଙ୍ଗଲରୁ ମିଳୁଥିବା ମହୁ,ଲାଖ, ଝୁଣା,ଟସର ଆଦି ବନ୍ୟଜାତ ଦ୍ରବ୍ୟ ମଧ୍ୟ ମିଳିବା କଷ୍ଟକର ହେଲାଣି।

ମାଓବାଦୀମାନେ ୨୦୦୯ରେ ରାମଗିରି ଫାଣ୍ଡି ଏବଂ ୨୦୧୦ରେ ରାମଗିରି ବନାଞ୍ଚଳ କାର୍ଯ୍ୟାଳୟକୁ ବିସ୍ଫୋରଣରେ ଉଡାଇ ଦେଇଥିଲେ। ରାମଗିରିରେ ଥିବା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ କେବଳ ଔପଚାରିକ ଭାବେ କାମ କରୁଥିଲା। ଏଠାରେ ନିଯୁକ୍ତ ବନାଞ୍ଚଳ ଅଧିକାରୀମାନେ ରାମଗିରିରେ ରହିବା ବଦଳରେ ଜୟପୁରରେ ରହି ଅଫିସ୍ କାମ କରୁଥିଲେ । ପରେ ବିଏସ୍‌ଏଫ୍ କ୍ୟାମ୍ପ ସ୍ଥାପିତ ହେବା ପରେ ରାମଗିରିରେ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଚାଲିଥିଲା। ମାତ୍ର ଅଧିକାରୀମାନେ ଜୟପୁରରେ ହିଁ ରହୁଥିଲେ। । ଏବେ ଗତ ୬ ମାସ ତଳେ ସେଠାରେ କାର୍ଯ୍ୟରତ ବନାଞ୍ଚଳ ଅଧିକାରୀଙ୍କୁ କୌଣସି କାରଣରୁ ନିଲମ୍ବିତ କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ଆଉ କାହାକୁ ନିଯୁକ୍ତି ମିଳିନାହିଁ। ବୈପାରୀଗୁଡା ବନାଞ୍ଚଳର ମହିଳା ରେଞ୍ଜ ଅଫିସର ଦିବ୍ୟାମାଧୁରୀ ସେଠୀଙ୍କୁ ରାମଗିରି ବନାଞ୍ଚଳର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ତାଙ୍କର ଆନ୍ତରିକତା ଅଭାବରୁ ଉକ୍ତ ଅଞ୍ଚଳରେ କାଠମାଫିଆଙ୍କ ରାଜ ଚାଲୁଛି। ପ୍ରତିଦିନ ଜଙ୍ଗଲରୁ ଶହ ଶହ ସଂଖ୍ୟାକ ଗଛ କଟାଯାଇ ବାହାରକୁ ଚାଲାଣ ହେଉଛି । ସେମାନେ ପ୍ରଥମେ ଜୀବନ୍ତ ଗଛ ଗଣ୍ଡି ଚାରିପଟୁ ଛାଲି ବାହାର କରି ଦେଉଛନ୍ତି। ଫଳରେ ଗଛଟି କିଛି ଦିନ ପରେ ଆପେ ଆପେ ମରିଯାଉଛି । ଶୁଖିଲା ଗଛ ଗଣ୍ଡିକୁ ସେଠାରେ ହିଁ କାଟି ପଟା କରାଯାଉଛି । ଅଥଚ ବନ ବିଭାଗ ପାଖରେ ଏହି ସୂଚନା ରହୁନି । ଏହି ବନାଞ୍ଚଳର ବିଭିନ୍ନ ସ୍ଥାନରେ ମଧ୍ୟ ବେଆଇନ ଭାବେ କାଠ ଫର୍ଣ୍ଣିଚର ତିଆରି କରାଯାଇ ବାହାରକୁ ରପ୍ତାନି ହେଉଛି । ରାଞ୍ଚି-ବିଜୟୱାଡା ରାସ୍ତା ନିର୍ମାଣ ପରେ ବୈପାରିଗୁଡା ଓ ଜୟପୁରଠାରେ ଥିବା ବନ ବିଭାଗର ଯାଞ୍ଚ ଫାଟକ ଆଉନାହିଁ। ବନ ବିଭାଗର ନାଇଟ୍ ପାଟ୍ରୋଲିଂ କଡାକଡି ଭାବେ ହେଉନାହିଁ। ସୀମାନ୍ତ ମାଲକାନାଗିରି ଜିଲା ଗୋବିନ୍ଦପାଲି ପର୍ଯ୍ୟନ୍ତ ବିସ୍ତୃତ ଜଙ୍ଗଲକୁ କାଠ ମାଫିଆମାନେ ଲୁଟ୍ କରି ଚାଲିଛନ୍ତି। ବୈପାରିଗୁଡା ଓ ଜୟପୁରକୁ କାଠ ପଟା ଚାଲାଣ କରୁଛନ୍ତି। ସେମାନଙ୍କୁ ସଳାସୁତରାରେ ଧରିପାରୁ ନ ଥିବା ବିଭାଗୀୟ କର୍ମଚାରୀମାନେ ବେଳେ ବେଳେ ଶ୍ରମିକ ଶ୍ରେଣୀର ଲୋକଙ୍କୁ ଧରି ବାହାବା ନେଉଛନ୍ତି। ରାମଗିରି, ବୈପାରିଗୁଡା ଓ ଜୟପୁର ଅଞ୍ଚଳରେ ଅଟ୍ଟାଳିକା ନିର୍ମାଣ କରୁଥିବା ଲୋକେ ବ୍ୟବହୃତ କାଠ ସରକାରୀ ଭାବେ ନ କିଣି ଚୋରାରେ କିଣୁଛନ୍ତି। ରାତିରେ ଚାରି ଚକିଆ ଓ ୨ ଚକିଆରେ କାଠ ପଟା ଓ ସାଇଜ୍ କାଠ ବିନା ବାଧାରେ ସେମାନଙ୍କ ନିକଟରେ ପହଞ୍ଚିଯାଉଛି। ଏ ସମ୍ପର୍କରେ ବୈପାରିଗୁଡା ସହ ରାମଗିରି ବନାଞ୍ଚଳ ଦାୟିତ୍ୱରେ ଥିବା ବନାଞ୍ଚଳ ଅଧିକାରୀ ସେଠୀଙ୍କୁ ପଚାରିଲେ ଆବଶ୍ୟକ ସଂଖ୍ୟକ ବନ କର୍ମଚାରୀ ନ ଥିବାରୁ ଚୋରା କାଠଚାଲାଣକୁ ରୋକି ହେଉନାହିଁ ବୋଲି ସଫେଇ ଦେଇଛନ୍ତି। ଏ ସମ୍ପର୍କରେ ଡିଏଫଓ ଏନଏସ ଜଗଦିଶ ପ୍ରସାଦ ସିଂଙ୍କୁ ପଚାରିବାରୁ ସେ କହିଲେ ଯେ, ଜୟପୁର ବନଖଣ୍ଡରେ ୬୮ଟି ବିଟ୍ ରହିଛି। ଏଥିପାଇଁ ମାତ୍ର ୧୩ ଜଣ ଗାର୍ଡ ରହିଛନ୍ତି। ସେମାନେ ବେଳେବେଳେ ଚୋରା କାଠଚାଲାଣ ଉପରେ ରେଡ୍ କରୁଛନ୍ତି। ଏହାକୁ ଅଧିକ ତରାନ୍ୱିତ କରିବା ଲାଗି ସେ ରେଞ୍ଜରମାନଙ୍କୁ ଚିଠି ଲେଖିବେ ବୋଲି ଡିଏଫଓ ସିଂ କହିଛନ୍ତି।



ଉଜୁଡା ଜଙ୍ଗଲ ।

# ସାଟେଲାଇଟ ଇମେଜ ବ୍ୟବହାରରେ ପ୍ରକୃତ ଧାନଚାଷ ଜମିର ସମୀକ୍ଷା

**ଭୁବନେଶ୍ୱର,୭।୧୨(ବ୍ୟୁରୋ):** ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରବର୍ତ୍ତିତ ୫-ଟି ଅନ୍ତର୍ଗତ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଦ୍ୱାରା ରାଜ୍ୟରେ ଚଳିତ ଖରିଫ ଧାନସଂଗ୍ରହ ନିମନ୍ତେ ଏକ ନିର୍ଭୁଲ ଚାଷୀ ନାମ ପଞ୍ଜୀକରଣ ତାଲିକା ପ୍ରସ୍ତୁତ କରାଯାଉଛି । ଏଥିଲାଗି ଓଡ଼ିଶା ସ୍ପେସ୍ ଆପ୍ଲିକେଶନ ସେଣ୍ଟର ସହଯୋଗରେ ସାଟେଲାଇଟ୍ ଇମେଜକୁ ବ୍ୟବହାର କରାଯାଉଛି। ଏହାକୁ ପାଇଲଟ୍ ପ୍ରକଳ୍ପ ଭାବେ ରାଜ୍ୟର ୭ ଜିଲାରେ କାର୍ଯ୍ୟକାରୀ କରାଯାଉଛି । ନାମ ପଞ୍ଜୀକରଣ ସମୟରେ ଚାଷୀମାନେ ଦେଇଥିବା ତଥ୍ୟ ଅନୁସାରେ ସମ୍ପୃକ୍ତ ପ୍ଲଟ୍‌ରେ ଧାନଚାଷ କରାଯାଇଛି କି ନାହିଁ, ସେ ସମ୍ପର୍କରେ ଯାଞ୍ଚ କରାଯାଉଛି ବୋଲି ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଲୋକସେବା ଭବନଠାରେ ମଙ୍ଗଳବାର ଆୟୋଜିତ ବୈଠକରେ ମନ୍ତ୍ରୀ ସ୍ୱାଇଁ ଯାଞ୍ଚ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷାକରି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକୃତ ଚାଷୀମାନେ ଯେପରି ସର୍ବନିମ୍ନ ସହାୟକ ମୂଲ୍ୟରେ ମଣ୍ଡିରେ ସେମାନଙ୍କ ଖରିଫ ଧାନ ବିକ୍ରି କରିପାରିବେ ସେଥିଲାଗି ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଓର୍‌ସାକ୍ ସହାୟତାରେ ସାଟେଲାଇଟ୍ ଦ୍ୱାରା ଉତ୍ତୋଳିତ ଫଟୋଚିତ୍ର ବିଶ୍ଳେଷଣ ମାଧ୍ୟମରେ ଧାନଚାଷ ସମ୍ପର୍କରେ ପ୍ରକୃତ ତଥ୍ୟ ସଂଗ୍ରହରେ ସହାୟକ ହୋଇପାରୁଛି। ଉତ୍ତୋଳିତ ହାଇ ରିଜୋଲ୍ୟୁସନ ଫଟୋଚିତ୍ରକୁ ରାଜସ୍ୱ ବିଭାଗର କାଡାଷ୍ଟ୍ରାଲ୍ ମ୍ୟାପ୍ ଓ ଜମିଜମା ପଟ୍ଟା ସହିତ ଜିଓ ରେଫରେନ୍ସିଂ ମାଧ୍ୟମରେ ମେଳ କରାଯାଇ ଧାନଚାଷ ସମ୍ବନ୍ଧିତ ପ୍ଲଟ୍ ଯାଞ୍ଚ କରାଯାଉଛି । ଏଥିସହ ମନ୍ତ୍ରୀ ସ୍ୱାଇଁ ବିଭାଗ ଦ୍ୱାରା ମଣ୍ଡିରେ ଧାନସଂଗ୍ରହ କାର୍ଯ୍ୟ ସମ୍ପର୍କରେ ସମୀକ୍ଷାକରି ମଣ୍ଡି ଦାୟିତ୍ୱରେ ଥିବା କ୍ଷେତ୍ର ଅଧିକାରୀମାନେ ଅଧିକ ତତ୍ପର ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ମଣ୍ଡିରେ ଜିଲା ଧାନ ସଂଗ୍ରହ କମିଟି ଦ୍ୱାରା ପ୍ରସ୍ତୁତ ଧାର୍ଯ୍ୟ ତାରିଖରେ ଧାନକିଣା କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।


## ଓଡ଼ିଶା ସରକାର
# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

**No. 928** **Date: 9.12.2020**

**No. V-12:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲାର ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର ପିଙ୍ଗୁପାଟଣା ମାଇନର କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: ପିଙ୍ଗୁପାଟଣା (ଅତିରିକ୍ତ) ଥାନା: ପାଟଣା, ନଂ. ୨୦୧, ତହସିଲ: ସାହାରପଡ଼ା, ଜିଲ୍ଲା: କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୦.୧୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର ପିଙ୍ଗୁପାଟଣା ମାଇନର କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ଦେଓ କେନାଲ ଡିଭିଜନ, କରଞ୍ଜିଆ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ .................. ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ପୁନଃ ବସତି ଓ ଥଇଥାନ ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆ।
୫. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ସାହାରପଡ଼ା | ପିଙ୍ଗୁପାଟଣା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧.୬୮ | ଏ.୦.୧୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ପୁନଃ ବସତି ଓ ଥଇଥାନ ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– ଜିଲ୍ଲାପାଳ, କେନ୍ଦୁଝର**

### LAND SCHEDULE FOR PERMANENT ACQUISITION OF LAND FOR LEFT MAIN DISTRIBUTARY MINOR, SUB-MINOR OF DEO IRRIGATION PROJECT

**ମୌଜା: ପିଙ୍ଗୁପାଟଣା, କ୍ରମିକ ସଂଖ୍ୟା: ୨୦୧, ଥାନା: ପାଟଣା, ତହସିଲ: ସାହାରପଡ଼ା, ଜିଲ୍ଲା: କେନ୍ଦୁଝର**

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧. | ୪୩ | ୫୦୩ | ୧.୬୮ | ୦.୧୦ | ବାଜେଫସଲ ଦୁଇ | ସୂର୍ଯ୍ୟୋ ମାଝୀ, ସୁରାଇ ମାଝୀ, ମଙ୍ଗଲ ମାଝୀ, ପି.– ସାଉତୋ ମାଝୀ, ଜାନୁ ମାଝୀ, ଲେଡା ମାଝୀ, ମଙ୍ଗଲ ମାଝୀ, ଚନ୍ଦ୍ରାଏ ମାଝୀ, ପି.– ମୋଚିଆ ମାଝୀ, ସାଉତୋ ମାଝୀ, ବିସୁନ ମାଝୀ, ପି.: ସୁରାଇ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| | ମୋଟ | ୧ | ୧.୬୮ | ୦.୧୦ | | | |

ସ୍ୱା./– ପ୍ରସ୍ତୁତକାରୀ ଅମିନ | ସ୍ୱା./– କନିଷ୍ଠଯନ୍ତ୍ରୀ ଦେଓ କେନାଲ ଉପଖଣ୍ଡ ବିଭାଜନ ସଂଖ୍ୟା–୨, କରଞ୍ଜିଆ | ସ୍ୱା./– ସହକାରୀ ନିର୍ବାହୀ ଯନ୍ତ୍ରୀ ଦେଓ କେନାଲ ଉପଖଣ୍ଡ ବିଭାଜନ ସଂଖ୍ୟା–୨, କରଞ୍ଜିଆ | ସ୍ୱା./– ନିର୍ବାହୀ ଯନ୍ତ୍ରୀ ଦେଓ କେନାଲ ବିଭାଜନ କରଞ୍ଜିଆ

OIPR-24045/14/0008/2122

## ଓଡ଼ିଶା ସରକାର
# ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

**File No. 388** **Date: 13.09.2021**

No. XXVIII-27: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ରାୟଗଡ଼ା ଜିଲ୍ଲାର ଟିଟିଲାଗଡ଼–ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: କୋଲଜିଙ୍ଗ, ଥାନା/ତହସିଲ: ରାୟଗଡ଼ା, ଜିଲ୍ଲା: ରାୟଗଡ଼ାରେ ନିମ୍ନ ତଫସିଲ ମତେ ପ୍ରାୟ ରକବା ଏ.2.080 ଡି. ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, 2013 (RFCTLAR&R Act 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ରାୟଗଡ଼ା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ: ଟିଟିଲାଗଡ଼–ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ) ବିଶାଖାପାଟଣା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟର ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ SIA STUDY VIDE No. SIA-460/NCDS Dt.08.11.2019 ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ ରାୟଗଡ଼ା।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ରାୟଗଡ଼ା | ରାୟଗଡ଼ା | କୋଲଜିଙ୍ଗ | ଗ୍ରାମାଞ୍ଚଳ | ଏଥି ସହ ସଂଲଗ୍ନ ଅଛି | ଏଥି ସହ ସଂଲଗ୍ନ ଅଛି | ଏ.୨୦.୪୬୦ଡି. | ଏ.୨.୦୮୦ଡି | ଏଥି ସହ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଟିଟିଲାଗଡ଼–ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ରାୟଗଡ଼ା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶ କ୍ରମେ**
**ଜିଲ୍ଲାପାଳ, ରାୟଗଡ଼ା**

**(ଭୂମି ଅଧିଗ୍ରହଣ ଅନୁସୂଚୀ)**
**ପୂର୍ବତଟ ରେଳପଥ ଟିଟିଲାଗଡ଼–ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣ ବିବରଣୀ**
**ମୌଜା: କୋଲଜିଙ୍ଗ, ତହସିଲ: ରାୟଗଡ଼ା, ଥାନା: ରାୟଗଡ଼ା, ଥାନା ନଂ. ୧୦୫, ଜିଲ୍ଲା: ରାୟଗଡ଼ା**

**ବ୍ୟକ୍ତିଗତ ଜମି:**

| କ୍ର.ନଂ. | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକର) | କିସମ | ରୟତଙ୍କ ନାମ, ପିତାଙ୍କ ନାମ/ସ୍ୱାମୀଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୮ | ୨୬୦ | ୧.୬୪୦ | ୦.୦୩୦ | ଡଙ୍ଗର/୧ | ମିନକା ତାମନା, ମିନକା ସିତାରାମ, ପି.: ମିନକା ଦାସୁ, ଜା: କନ୍ଧ, ବା: ନିଜଗାଁ ପୁରୁଣା ଗୁଡା |
| ୨ | ୬ | ୨୬୧ | ୨.୧୧୦ | ୦.୦୯୦ | ଡଙ୍ଗର/୧ | ମିନକା ଯୋଗୀ, ପି.– ମିନକା ଏର୍କା, ବା: ନିଜଗାଁ ନୂଆ ଗୁଡ଼ା |
| ୩ | ୮ | ୨୬୨ | ୨.୨୦୦ | ୦.୧୧୦ | ଡଙ୍ଗର/୨ | ମିନକା ତାମନା, ମିନକା ସୀତାରାମ, ପି.– ମିନକା ବାସୁ, ଜା: କନ୍ଧ, ବା: ନିଜଗାଁ ପୁରୁଣା ଗୁଡ଼ା |
| ୪ | ୩୪/୩୩ | ୨୬୩ | ୧.୧୯୦ | ୦.୦୪୦ | ଡଙ୍ଗର/୨ | ହିମରିକା ଗଙ୍ଗାଧର, ପି.– ହିମିରିକା ମୁକୁନା, ଜା: କନ୍ଧ, ବା: ନିଜଗାଁ |
| ୫ | ୧୬ | ୨୬୪ | ୧.୧୩୦ | ୦.୦୫୦ | ଡଙ୍ଗର/୨ | ହିମିରିକା ବୁଚାମ୍ମା, ପି.– ହିମିରିକା ପୁଲୁ, ହିମିରିକା ଲଛମି, ସ୍ୱା.: ହିମିରିକା ଗୁରୁବା, ଜା: କନ୍ଧ, ବା: ପୁରୁଣା ଗୁଡା |
| ୬ | ୩୪/୪୧ | ୨୬୫ | ୨.୧୩୦ | ୦.୧୦୦ | ଡଙ୍ଗର/୨ | ହିମିରିକା ତାଉଡୁ, ହିମିରିକା ଚଇତନ, ପି.: ହିମିରିକା ବିସି, ଜା: କନ୍ଧ, ବା: କୁଲଜିଙ୍ଗ |
| ୭ | ୨ | ୨୬୭ | ୦.୭୫୦ | ୦.୦୮୦ | ଡଙ୍ଗର/୨ | ମିନାକା ରୂପଦେଇ, ସ୍ୱା.: ମିନାକା କ୍ରିଷ୍ଣାମା, ଜା: କନ୍ଧ, ବା: ନିଜଗାଁ, ମିନାକା କମାନା, ପି.: ମିନାକା କ୍ରିଷ୍ଣାମା, ଜା: କନ୍ଧ, ବା: ନିଜଗାଁ (ନୂଆଗୁଡ଼ା) |
| ୮ | ୩୪/୧୫ | ୨୬୮ | ୧.୩୦୦ | ୦.୧୨୦ | ଡଙ୍ଗର/୨ | କୁଲସିକା ଉଟନା, ପି.: କୁଲସିକା ଭାଲ, ଜା: କନ୍ଧ, ବା: ପାଲିଗୁଡ଼ା |
| ୯ | ୧୮ | ୪୧୫ | ୨.୯୫୦ | ୦.୨୨୦ | ଡଙ୍ଗର/୨ | କାଡ଼ରାକା ବୁଚାନା, ପି.: କାଡରାକା ଶିବ, କାଡରାକା ସନସା, ପି.: କାଡରାକା ତେଲି, କାଡରାକା ମୁତିଲି, ସ୍ୱା.: କାଡରାକା ବିରୁସୁ, ଜା: କନ୍ଧ, ବା: ନିଜଗାଁ ପୁରୁଣାଗୁଡା |
| ୧୦ | ୧୩ | ୪୧୬ | ୨.୦୦୦ | ୦.୨୧୦ | ଡଙ୍ଗର/୨ ଆଖୁ | ହିମେରିକା ପୁର୍ଟା, ପି.: ହିମେରିକା ଲୋଦିଜାନି, ଜା: କନ୍ଧ, ବା: ନିଜଗାଁ |
| ୧୧ | ୧୧ | ୧୮୬ | ୦.୩୬୦ | ୦.୦୫୦ | ଡଙ୍ଗର/୨ | ହିମେରିକା ଦିହୁଡୁ, ହିମେରିକା ଦୀନବନ୍ଧୁ, ହିମେରିକା ତାମାନା,ପି.: ହିମେରିକା ଲେବିଜାନି, ଜା: କନ୍ଧ, ବା: ନିଜଗାଁ |
| ୧୨ | ୩୦ | ୧୮୭ | ୦.୩୧୦ | ୦.୦୭୦ | ଡଙ୍ଗର/୨ | ମିନକା ହିରୁସୁ, ପି.: ମିନକା ନୀଳାମ୍ବର, ଜା: କନ୍ଧ, ବା: ନିଜଗାଁ ଗୁଡା ପୁରୁଣା ଗୁଡା |
| ୧୩ | ୬ | ୧୮୮ | ୦.୪୫୦ | ୦.୦୯୦ | ଡଙ୍ଗର/୨ | ମିନକା ଯୋଗୀ, ପି.: ମିନକା ଏକା, ଜା: କନ୍ଧ, ବା: ନିଜଗାଁ ନୂଆ ଗୁଡ଼ା |
| ୧୪ | ୧୧ | ୧୮୯ | ୦.୪୩୦ | ୦.୧୧୦ | ଡଙ୍ଗର/୨ | ହିମେରିକା ଦିହୁଡୁ, ହିମେରିକା ଦୀନବନ୍ଧୁ, ହିମେରିକା ତାମାନା, ପି.– ହିମେରିକା ଲେବିଜାନି, ଜା: କନ୍ଧ, ବା: ନିଜଗାଁ |
| ୧୫ | ୩୪/୩୩ | ୧୯୦ | ୦.୨୦୦ | ୦.୦୫୦ | ଡଙ୍ଗର/୨ | ହିମିରିକା ଗଙ୍ଗାଧର, ପି.– ହିମିରିକା ମୁକୁନା, ଜା: କନ୍ଧ, ବା: ନିଜଗାଁ |
| ୧୬ | ୧୬ | ୧୯୧ | ୦.୧୮୦ | ୦.୦୫୦ | ଡଙ୍ଗର/୨ | ହିମିରିକା ବୁଚାମ୍ମା, ପି.– ହିମିରିକା ପୁଲୁ, ହିମିରିକା ଲଛମି, ସ୍ୱା: ହିମିରିକା ଗୁରୁବା, ଜା: କନ୍ଧ, ବା: ପୁରୁଣା ଗୁଡା |
| ୧୭ | ୨୭ | ୧୯୨ | ୦.୩୩୦ | ୦.୧୧୦ | ଡଙ୍ଗର/୨ | ହିମେରିକା ଲିଙ୍ଗନା, ପି.– ହିମେରିକା ମାଳତି, ଜା: କନ୍ଧ, ବା: ନିଜଗାଁ ପୁରୁଣା ଗୁଡା |
| ୧୮ | ୨ | ୧୯୩ | ୦.୧୯୦ | ୦.୦୬୦ | ଡଙ୍ଗର/୨ | ମିନିକା ରୂପଦେଇ, ସ୍ୱା.– ମିନିକା କ୍ରିଷ୍ଣାମା, ଜା: କନ୍ଧ, ବା: ନିଜଗାଁ, ମିନିକା କମାନା, ପି.– ମିନିକା କ୍ରିଷ୍ଣାମା, ଜା: କନ୍ଧ, ବା: ନିଜଗାଁ, ନୂଆଁଗୁଡ଼ା |
| ୧୯ | ୨୩ | ୧୯୪ | ୦.୨୮୦ | ୦.୧୧୦ | ଡଙ୍ଗର/୨ | ମିନାକା କୁଲଞ୍ଜି, ସ୍ୱା.– ମିନାକା ବାଲାଜି, ଜା: କନ୍ଧ, ବା: ନିଜଗାଁ |
| ୨୦ | ୩୪/୨୮ | ୧୯୫ | ୦.୩୩୦ | ୦.୩୩୦ | ଡଙ୍ଗର/୨ | ହିମିରିକା ଲୋକନାଥ, ପି.– ହିମିରିକା ଡିବା, ଜା: କନ୍ଧ, ବା: କୁଲଜିଙ୍ଗ |
| | | ମୋଟ | ୨୦.୪୬୦ | ୨.୦୮୦ | | |

**ଭୂ–ଅର୍ଜନ ଅଧିକାରୀ**
**ଟିଟିଲାଗଡ଼–ବିଜୟନଗରମ ୩ୟ ରେଳପଥ ପ୍ରକଳ୍ପ,**
**ଭବାନୀପାଟଣା, କଳାହାଣ୍ଡି**

OIPR-24169/14/0034/2122

## ଓଡ଼ିଶା ସରକାର
# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

**SPL.LAO.R.I.P.-JAJ-22/21/1056/R.I.P.** **Dated: 20.09.2021**

No. V-16: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲାର ରେଙ୍ଗାଳି ଜଳସେଚନ ପ୍ରକଳ୍ପର ବାମ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: ମଦନପୁର, ଥାନା: ରାମଚନ୍ଦ୍ରପୁର, ତହସିଲ: ଘସିପୁରା, ଜିଲ୍ଲା: କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୨୪.୪୫୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତିଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ରେଙ୍ଗାଳି ଜଳସେଚନ ପ୍ରକଳ୍ପର ବାମ ପାର୍ଶ୍ୱ କେନାଲ–୨, ବରପଦା ଶାଖା କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ବାମ ପାର୍ଶ୍ୱ କେନାଲ ଡିଭିଜନ–୩, ଢୁବୁରି।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, କେନ୍ଦୁଝର।
୬. ଜମିର ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଘସିପୁରା | ମଦନପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୨୪.୪୫୦ ଏକର | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରେଙ୍ଗାଳି ଜଳସେଚନ ପ୍ରକଳ୍ପ, ବାମ ପାର୍ଶ୍ୱ କେନାଲ–୨, ସୁକିନ୍ଦାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ଜିଲ୍ଲାପାଳ, କେନ୍ଦୁଝର**

### ଜମି ଅନୁସୂଚୀ

**ଗ୍ରାମର ନାମ: ମଦନପୁର, ଥାନାର ନାମ: ରାମଚନ୍ଦ୍ରପୁର ନଂ. ୬୫,**
**ତହସିଲ: ଘସିପୁରା, ଜିଲ୍ଲା: କେନ୍ଦୁଝର**
**ଜମି ଅଧିଗ୍ରହଣ କେସ୍ ନଂ. ୨୨/୨୦୨୧**

| କ୍ର. ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିଗୃହୀତ ଜମିର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୮ | ୩୩୧୦ | ୯.୧୨୦ | ୦.୬୨୦ | ଅନନ୍ତ ଜେନା, ପିତା: ଚେମେଇ ଜେନା ଓଗେର, ଜା: ଖଣ୍ଡାୟତ, ବା: ହରିଡାପାଳ | |
| ୨ | ୪୬ | ୩୧୬୧ | ୦.୨୯୦ | ୦.୦୨୦ | ଏକାଦଶୀ ପ୍ରସାଦ ନନ୍ଦ, ପିତା: ଦାଶରଥି ନନ୍ଦ, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୩ | ୭୫ | ୩୧୬୪ | ୦.୧୫୦ | ୦.୦୯୦ | କାହ୍ନୁ କୁଅଁର, ପିତା: ବର୍ଦ୍ଧ କୁଅଁର, ଜା: ଖଣ୍ଡାୟତ, ବା:ନିଜଗାଁ | |
| ୪ | ୧୧୩ | ୩୩୦୬ | ୨.୨୪୦ | ୧.୫୮୦ | କେଲୁଚରଣ ଦାଶ, ପିତା: ଭିକାରୀ ଦାଶ, ଜା: ବ୍ରାହ୍ମଣ, ବା: ବାମ୍ଭିଡି | |
| ୫ | ୧୧୮ | ୩୧୬୭ | ୦.୪୬୦ | ୦.୩୪୦ | ଖଗେଶ୍ୱର ସାହୁ, ପିତା: ମଧୁ ସାହୁ ଓଗେର, ଜା: ତେଲି, ବା: ଗୋଡ଼ିପାଟଣା | |
| ୬ | ୧୨୪ | ୨୬୩୫ | ୦.୨୨୦ | ୦.୦୪୦ | କ୍ଷେତ୍ରବାସି ପରିଡ଼ା, ପିତା: ବଳି ପରିଡ଼ା, ଜା: ଗୋପାଳ, ବା: ନିଜଗାଁ | |
| ୭ | ୧୨୯ | ୩୦୫୩ | ୦.୬୫୦ | ୦.୬୫୦ | କ୍ଷେତ୍ର ବେହେରା, ପିତା: ଦୀନବନ୍ଧୁ ବେହେରା, ଜା: ଚଷା, ବା: ନିଜଗାଁ | |
| ୮ | ୧୪୫ | ୩୩୦୭ | ୦.୭୨୦ | ୦.୨୮୦ | ଗୋପୀନାଥ ପତି, ପିତା: ଲୋଚନ ପତି, ଜା: ବ୍ରାହ୍ମଣ, ବା: ବାମ୍ଭିଡି | |
| ୯ | ୧୪୬ | ୩୨୯୦ | ୧.୬୨୦ | ୦.୩୦୦ | ଘନଶ୍ୟାମ ପତି, ପିତା: ଗୋପୀନାଥ ପତି ଓଗେର, ଜା: ବ୍ରାହ୍ମଣ, ବା: ବାମ୍ଭିଡି | |
| ୧୦ | ୧୮୭ | ୩୩୦୪/ ୩୪୫୭ | ୧.୦୦୦ | ୦.୮୪୦ | ଚକ୍ରଧର ବାରିକ, ପିତା: ବଂଶି ବାରିକ ଓଗେର, ଜା: ଭଣ୍ଡାରି, ବା: ବାମ୍ଭିଡି | |
| ୧୧ | ୨୦୭ | ୩୦୫୫ | ୧.୦୪୦ | ୦.୫୫୦ | ଚୌଧୁରୀ ରାଉତ, ପିତା: ଦାଶରଥୀ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୨ | ୨୩୫ | ୩୦୫୨ | ୦.୨୮୦ | ୦.୧୮୦ | ଯୋଗୀ ବେହେରା, ପିତା: ରଘୁ ବେହେରା, ଜା: ଚଷା, ବା: ନିଜଗାଁ | |
| ୧୩ | | ୩୦୫୫/ ୩୯୬୯ | ୦.୪୮୦ | ୦.୨୮୦ | ଯୋଗୀ ବେହେରା, ପିତା: ରଘୁ ବେହେରା, ଜା: ଚଷା, ବା: ନିଜଗାଁ | |
| ୧୪ | ୨୫୭ | ୩୧୬୫ | ୦.୨୭୦ | ୦.୨୧୦ | ଚୈତନ୍ୟ ସାହୁ, ପିତା: ଅଇଁଠୁ ସାହୁ ଓଗେର, ଜା: ତେଲି, ବା: ଗୋଡ଼ିପାଟଣା | |
| ୧୫ | | ୩୧୬୬ | ୧.୧୦୦ | ୦.୨୯୦ | ଚୈତନ୍ୟ ସାହୁ, ପିତା: ଅଇଁଠୁ ସାହୁ ଓଗେର, ଜା: ତେଲି, ବା: ଗୋଡ଼ିପାଟଣା | |
| ୧୬ | ୨୬୦ | ୩୧୬୩ | ୦.୧୭୦ | ୦.୦୧୦ | ଦାଶରଥୀ ନନ୍ଦ, ପିତା: ନିଧି ନନ୍ଦ ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୧୭ | ୩୧୩ | ୨୬୪୦/ ୩୭୫୧ | ୦.୩୭୦ | ୦.୦୪୦ | ନରି ପରିଡ଼ା, ପିତା: ଲକ୍ଷ୍ମୀ ପରିଡ଼ା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୧୮ | ୩୪୮ | ୨୬୩୬/ ୩୯୧୧ | ୧.୧୦୦ | ୦.୮୦୦ | ବେଙ୍ଗ ପରିଡ଼ା, ପିତା: ବଳି ପରିଡ଼ା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୧୯ | ୩୫୭ | ୩୦୫୧ | ୦.୦୫୦ | ୦.୦୫୦ | ପାଗଳ ବେହେରା, ପିତା: ବଂଶୀଧର ବେହେରା, ଜା: ଚଷା, ବା: ନିଜଗାଁ | |
| ୨୦ | | ୩୦୫୪ | ୦.୧୮୦ | ୦.୧୮୦ | ପାଗଳ ବେହେରା, ପିତା: ବଂଶୀଧର ବେହେରା, ଜା: ଚଷା, ବା: ନିଜଗାଁ | |
| ୨୧ | | ୩୦୫୬ | ୦.୩୬୦ | ୦.୦୭୦ | ପାଗଳ ବେହେରା, ପିତା: ବଂଶୀଧର ବେହେରା, ଜା: ଚଷା, ବା: ନିଜଗାଁ | |
| ୨୨ | ୩୭୬ | ୨୬୩୪ | ୧.୨୦୦ | ୦.୧୯୦ | ଫକୀର ସାହୁ, ପିତା: ଅପି ସାହୁ, ଜା: ତେଲି, ବା: ଗୋଡ଼ିପାଟଣା | |
| ୨୩ | | ୨୬୪୪ | ୧.୧୧୦ | ୦.୦୧୦ | ଫକୀର ସାହୁ, ପିତା: ଅପି ସାହୁ, ଜା: ତେଲି, ବା: ଗୋଡ଼ିପାଟଣା | |
| ୨୪ | | ୨୬୪୬ | ୦.୨୬୦ | ୦.୨୬୦ | ଫକୀର ସାହୁ, ପିତା: ଅପି ସାହୁ, ଜା: ତେଲି, ବା: ଗୋଡ଼ିପାଟଣା | |
| ୨୫ | | ୨୬୪୬/ ୩୭୩୧ | ୦.୪୩୦ | ୦.୩୭୦ | ଫକୀର ସାହୁ, ପିତା: ଅପି ସାହୁ, ଜା: ତେଲି, ବା: ଗୋଡ଼ିପାଟଣା | |
| ୨୬ | | ୨୬୪୮/ ୩୯୭୫ | ୧.୨୪୦ | ୦.୧୬୦ | ଫକୀର ସାହୁ, ପିତା: ଅପି ସାହୁ, ଜା: ତେଲି, ବା: ଗୋଡ଼ିପାଟଣା | |
| ୨୭ | ୪୧୬ | ୩୧୬୨ | ୦.୨୧୦ | ୦.୦୫୦ | ବାଞ୍ଛାନିଧି କୁଅଁର, ପିତା: ତିଳ କୁଅଁର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୮ | ୪୫୪ | ୨୬୪୧/ ୩୯୧୯ | ୦.୫୦୦ | ୦.୩୦୦ | ବେଙ୍ଗ ପରିଡ଼ା, ପିତା: ବଳୀ ପରିଡ଼ା, ଜା: ଗୋପାଳ ବା: ନିଜଗାଁ | |
| ୨୯ | ୪୬୧ | ୨୭୫୩ | ୨.୫୨୦ | ୧.୫୦୦ | ଅଖଜି ମିଶ୍ର, ପିତା: ଗୋବର୍ଦ୍ଧନ ମିଶ୍ର ଓଗେର, ଜା: ବ୍ରାହ୍ମଣ, ବା: ବାମ୍ଭିଡି | |
| ୩୦ | ୪୭୪ | ୨୬୪୩/ ୩୯୧୭ | ୦.୨୮୦ | ୦.୨୧୦ | ଅଭିମନ୍ୟୁ କୁଅଁର, ପିତା: ବଂଶୀଧର କୁଅଁର ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୧ | ୪୯୨ | ୨୭୫୩/ ୪୧୦୬ | ୦.୪୮୦ | ୦.୪୩୦ | ଭବାନୀ ଶତପଥୀ, ସ୍ୱାମୀ: ଅଭିରାମ ଶତପଥୀ, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୩୨ | ୫୧୫ | ୨୪୨୦ | ୦.୫୫୦ | ୦.୨୩୦ | ମଣି ଚରଣ ପରିଡ଼ା, ପିତା: ରାମଚନ୍ଦ୍ର ପରିଡ଼ା, ଜା: ଗୋପାଳ, ବା: ନିଜଗାଁ | |
| ୩୩ | | ୨୬୪୦ | ୦.୬୮୦ | ୦.୬୦୦ | ମଣି ଚରଣ ପରିଡ଼ା, ପିତା: ରାମଚନ୍ଦ୍ର ପରିଡ଼ା, ଜା: ଗୋପାଳ, ବା: ନିଜଗାଁ | |
| ୩୪ | | ୨୬୪୯ | ୧.୪୨୦ | ୦.୨୬୦ | ମଣି ଚରଣ ପରିଡ଼ା, ପିତା: ରାମଚନ୍ଦ୍ର ପରିଡ଼ା, ଜା: ଗୋପାଳ, ବା: ନିଜଗାଁ | |
| ୩୫ | ୫୮୩ | ୩୧୫୨ | ୦.୨୦୦ | ୦.୦୧୦ | ରଣାଧର ମିଶ୍ର, ପିତା: ନିଧି ମିଶ୍ର ଓଗେର, ଜା: ବ୍ରାହ୍ମଣ, ବା: ବାମ୍ଭିଡି | |
| ୩୬ | | ୩୧୫୩ | ୦.୮୬୦ | ୦.୧୮୦ | ରଣାଧର ମିଶ୍ର, ପିତା: ନିଧି ମିଶ୍ର ଓଗେର, ଜା: ବ୍ରାହ୍ମଣ, ବା: ବାମ୍ଭିଡି | |
| ୩୭ | | ୩୧୫୬ | ୦.୦୮୦ | ୦.୦୭୦ | ରଣାଧର ମିଶ୍ର, ପିତା: ନିଧି ମିଶ୍ର ଓଗେର, ଜା: ବ୍ରାହ୍ମଣ, ବା: ବାମ୍ଭିଡି | |
| ୩୮ | ୫୮୭ | ୩୧୫୭ | ୧.୦୦୦ | ୦.୪୮୦ | ରଘୁନାଥ ମିଶ୍ର, ପିତା: ଶୁକ ମିଶ୍ର ଓଗେର, ଜା: ବ୍ରାହ୍ମଣ, ବା: ବାମ୍ଭିଡି | |
| ୩୯ | ୬୧୪ | ୨୬୩୫/ ୪୧୫୩ | ୦.୧୭୦ | ୦.୧୦୦ | ରାମଚନ୍ଦ୍ର ସାହୁ, ପିତା: ରଘୁ ସାହୁ ଓଗେର, ଜା: ତେଲି, ବା: ଉଗାନଇ | |
| ୪୦ | ୬୪୭ | ୩୩୦୯ | ୧.୦୦୦ | ୦.୪୮୦ | ନୀଳମଣୀ ବଳ, ପିତା: ପାଣୁ ବଳ ଓଗେର, ଜା: ଖଣ୍ଡାୟତ, ବା: ହରିଡାପାଳ | |
| ୪୧ | ୬୫୫ | ୨୭୫୫ | ୦.୬୦୦ | ୦.୩୫୦ | ଶତ୍ରୁଘ୍ନ ରାଉତ, ପିତା: ବଇ ରାଉତ ଓଗେର, ଜା: ଚଷା, ବା: ନିଜଗାଁ | |
| ୪୨ | ୬୭୫ | ୩୨୯୧ | ୦.୮୬୦ | ୦.୦୧୦ | ଶୁକ ବେହେରା, ପିତା: ଚନ୍ଦ୍ରୁ ବେହେରା ଓଗେର, ଜା: ଗୋପାଳ, ବା: ବାମ୍ଭିଡି | |
| ୪୩ | | ୩୩୦୧ | ୪.୧୧୦ | ୪.୧୧୦ | ଶୁକ ବେହେରା, ପିତା: ଚନ୍ଦ୍ରୁ ବେହେରା ଓଗେର, ଜା: ଗୋପାଳ, ବା: ବାମ୍ଭିଡି | |
| ୪୪ | ୭୨୮ | ୩୨୯୪ | ୦.୪୪୦ | ୦.୪୪୦ | ହୃଷିକେଶ ଶତପଥୀ, ପିତା: ଆରତ ଶତପଥୀ ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୪୫ | ୭୩୧/ ୨୪୦ | ୨୭୫୧ | ୦.୫୨୦ | ୦.୦୧୦ | ଅର୍ଜୁନ ଚରଣ ପରିଡ଼ା, ପିତା: ଭଗତ ପରିଡ଼ା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୪୬ | ୭୩୧/ ୨୬୪ | ୨୭୫୧/ ୩୪୬୭ | ୦.୭୬୦ | ୦.୩୮୦ | ଭୀମସେନ ପରିଡ଼ା, ପିତା: ଭରତ ପରିଡ଼ା ଓଗେର, ଜା: ଖଣ୍ଡାୟତ, ବା: ମଦନପୁର | |
| ୪୭ | ୭୩୧/ ୨୬୫ | ୨୭୫୨ | ୦.୪୪୦ | ୦.୪୪୦ | ବାମନ ପରିଡ଼ା, ପିତା: ଭରତ ପରିଡ଼ା ଓଗେର, ଜା: ଖଣ୍ଡାୟତ, ବା: ମଦନପୁର | |
| ୪୮ | ୭୩୧/ ୩୦୦ | ୩୦୪୮ | ୦.୮୬୦ | ୦.୬୬୦ | ଯୁଧିଷ୍ଠିର କୁଅଁର, ପିତା: ରଙ୍କନାଥ କୁଅଁର, ଜା: ଖଣ୍ଡାୟତ, ବା: ମଦନପୁର | |
| ୪୯ | ୭୩୧/ ୩୩୭ | ୩୦୪୭ | ୦.୫୫୦ | ୦.୫୫୦ | ରାଧାମାଧବ ନନ୍ଦ, ପିତା: ଭଗବାନ ନନ୍ଦ, ଜା: ବ୍ରାହ୍ମଣ, ବା: ମଦନପୁର | |
| ୫୦ | ୭୩୧/ ୩୯୫ | ୩୦୪୬/ ୪୧୮୪ | ୦.୪୦୦ | ୦.୧୭୦ | ଲକ୍ଷ୍ମୀଧର ମିଶ୍ର, ପିତା: ଭୀମସେନ ମିଶ୍ର, ଜା: ବ୍ରାହ୍ମଣ, ବା: ଶାଳପଡ଼ା | |
| ୫୧ | ୭୩୧/ ୪୩୨ | ୨୭୫୬/ ୪୧୮୮ | ୧.୦୧୦ | ୧.୦୧୦ | ରମେଶ ଚନ୍ଦ୍ର ସାହୁ, ପିତା: କୁଶ ସାହୁ, ଜା: ତେଲି, ବା: ଗୋଡ଼ିପାଟଣା | |
| ୫୨ | ୭୩୧/ ୪୩୪ | ୩୨୮୭ | ୧.୫୪୦ | ୧.୫୪୦ | ବନବିହାରୀ କୁଅଁର, ପିତା: ବଂଶୀଧର କୁଅଁର, ଜା: ଖଣ୍ଡାୟତ, ବା: ମଦନପୁର | |
| ୫୩ | ୭୩୧/ ୪୭୫ | ୨୬୪୬/ ୪୧୧୮ | ୦.୫୭୦ | ୦.୫୭୦ | କାଳନ୍ଦୀ ଚରଣ ସାହୁ, ପିତା: ଫକିର ସାହୁ, ଜା: ତେଲି, ବା: ଗୋଡ଼ିପାଟଣା | |
| ୫୪ | ୭୩୧/ ୫୧୫ | ୩୧୫୪ | ୧.୦୦୦ | ୦.୪୦୦ | ମାଳତୀଲତା କର, ସ୍ୱାମୀ: ଶରତ ଚନ୍ଦ୍ର କର, ଜା: ବ୍ରାହ୍ମଣ, ବା: ବାମ୍ଭିଡି | |
| ୫୫ | ୭୩୧/ ୫୪୧ | ୩୧୫୫ | ୦.୫୦୦ | ୦.୫୦୦ | ଶରତ ଚନ୍ଦ୍ର କର, ପିତା: ଶ୍ରୀଧର କର, ଜା: ବ୍ରାହ୍ମଣ, ବା: ବାମ୍ଭିଡି | |
| | | | ମୋଟ | ୨୪.୪୫୦ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୫୫ (ପଞ୍ଚାବନ), ମୋଟ ଅଧିଗୃହୀତ ଜମି: ୨୪.୪୫୦ ଏକର।

OIPR-24045/14/0004/2122

## ସଂକ୍ଷେପରେ

### ଦେବଦତ୍ତଙ୍କୁ ଡକ୍ଟରେଟ୍ ପ୍ରଦାନ

**ନୂଆଦିଲ୍ଲୀ,୭।୧୨:** ଶିକ୍ଷାର ପ୍ରଚାର ଓ ପ୍ରସାର ସାଙ୍ଗକୁ ଉନ୍ନତ ତଥା ଅଭିନବ ପ୍ରଣାଳୀରେ ଶିକ୍ଷାକୁ ଲୋକପ୍ରିୟ କରାଇବା ଦିଗରେ ବିଶେଷ ଅବଦାନ ରଖିଥିବା ବିଶିଷ୍ଟ ଶିକ୍ଷାବିତ, ଶିକ୍ଷା ଉଦ୍ୟୋଗୀ ତଥା ସାମାଜିକ କର୍ମୀ ଦେବଦତ୍ତ ସ୍ୱାଇଁଙ୍କୁ ଆମେରିକା ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନଜନକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଇଛି।



ମଙ୍ଗଳବାର ସ୍ଥାନୀୟ ନୂଆଦିଲ୍ଲୀ ସ୍ଥିତ ଇଣ୍ଡିଆ-ଇଣ୍ଟରନ୍ୟାଶନାଲ ସେଣ୍ଟର ପରିସରରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମାର ନିର୍ଦ୍ଦେଶକ ଡକ୍ଟର ଦିନେଶ ଖାନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେବଦତ୍ତଙ୍କୁ ଏହି ପଦକ ସହ ମାନପତ୍ର ଓ ସାର୍ଟିଫିକେଟ ଦେଇ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ମେଧାବୀ ଶିକ୍ଷାର୍ଥୀଙ୍କୁ ମୁକ୍ତ ଶିକ୍ଷା ପ୍ରଦାନ କରିବା ଓ ଶିକ୍ଷାରେ ମାନବିକ ଅଧିକାର ଓ ମାନବୀୟ ଚିନ୍ତାଧାରାକୁ ପ୍ରାଧାନ୍ୟ ଦେବାକୁ ସ୍ୱାଇଁ ଗୁରୁତ୍ୱ ଦେଇ ଆସୁଛନ୍ତି। ସେହିପରି ମେଧାବୀ ଛାତ୍ରୀଛାତ୍ରଙ୍କୁ ଆବଶ୍ୟକ ପ୍ରୋତ୍ସାହନ ଦେବା ସହିତ ସେମାନଙ୍କୁ ସମାଜର ଆଗଧାଡିରେ ପହଞ୍ଚାଇବା ଦିଗରେ ସେ ତାଙ୍କର ପ୍ରଚେଷ୍ଟା ଜାରି ରଖିଛନ୍ତି।

### ଗୋଦ୍‌ରେଜ ରିସର୍ଚ୍ଚ ରିପୋର୍ଟ

**ନୂଆଦିଲ୍ଲୀ,୭।୧୨:** ଗୋଦ୍‌ରେଜ୍ ଗ୍ରୁପ୍‌ର ପ୍ରମୁଖ ସଂସ୍ଥା ଗୋଦରେଜ୍ ଆଣ୍ଡ୍ ବଏସ୍ ପକ୍ଷରୁ ଘୋଷଣା କରାଯାଇଛି ଯେ ଭାରତରେ ସର୍ବବୃହତ ଆସବାବପତ୍ର ସମାଧାନ ପ୍ରଦାନକାରୀ ଏହାର ସଂସ୍ଥା ଗୋଦ୍‌ରେଜ୍ ଇଣ୍ଟେରିଓ ପକ୍ଷରୁ 'ମେଟାମୋର୍‌ଫୋସିସ୍ ଅଫ୍ ଦି ଇଣ୍ଡିଆନ୍ ୱାର୍କସ୍ପେସ୍'ର ଟ୍ରେଣ୍ଡ୍ ରିପୋର୍ଟକୁ ଜାରି କରାଯାଇଛି। ଏହି ରିପୋର୍ଟରେ ଘୋଷଣା କରାଯାଇଛି ଯେ ପ୍ରତ୍ୟକ୍ଷ ଭାବେ ଅଫିସ ଖୋଲୁଥିବା ବେଳେ ସ୍ଥାନ, ପ୍ରଯୁକ୍ତି ଓ ମାନବ ସମ୍ବଳ ନୀତିର ମିଶ୍ରଣରେ ଏକ ଫଳପ୍ରଦ କର୍ମ କ୍ଷେତ୍ର ରୂପାନ୍ତରଣ ହୋଇଛି। ଏଥିରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ ସଂସ୍ଥାର ଢ଼ାଞ୍ଚା, ପ୍ରଯୁକ୍ତିରେ ଉନ୍ନତି ଓ ବିବିଧ ଶ୍ରମ ଶକ୍ତି ଯୋଗୁଁ କର୍ମ କ୍ଷେତ୍ର ଏବେ କ୍ୟୁବ୍ ଭଳି ସ୍ଥାନରୁ ମହାମାରୀ ସମୟରେ ବହୁତ ଆଗକୁ ବଢ଼ିପାରିଛି।

# ଉଲ୍ଲଂଘନକାରୀଙ୍କୁ ମିଳିବ ଜେଲଦଣ୍ଡ

**ନୂଆଦିଲ୍ଲୀ,୭।୧୨**

- ଆସିବ ନୂଆ କ୍ରିପ୍ଟୋକରେନ୍ସି ବିଲ୍
- ୨୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା



ଦେଶରେ କ୍ରିପ୍ଟୋକରେନ୍ସିର ବ୍ୟବହାର ବହୁମାତ୍ରାରେ ବଢ଼ିବାରେ ଲାଗିଛି। ଏପରିକି ୨୦୨୦ ଜୁନ୍‌ରୁ ୨୦୨୧ ଜୁନ୍ ମଧ୍ୟରେ ଭାରତରେ କ୍ରିପ୍ଟୋକରେନ୍ସିର ବ୍ୟବହାର ୬୪୧% ବୃଦ୍ଧି ପାଇଥିବା ଗତ ଅକ୍ଟୋବରରେ ପ୍ରକାଶ ପାଇଥିବା ରିପୋର୍ଟରୁ ଜଣାପଡ଼ିଛି। ତେଣୁ ଏହାର ବ୍ୟବହାରର ତଦାରଖ ପାଇଁ କେନ୍ଦ୍ର ସରକାର ନୂଆ ବିଲ୍ ପ୍ରସ୍ତୁତ କରୁଛନ୍ତି। କ୍ରିପ୍ଟୋ ଧାରକମାନେ ସେମାନଙ୍କ ସମ୍ପତ୍ତି ଘୋଷଣା କରିବେ ଏବଂ ଉଲ୍ଲଂଘନକାରୀଙ୍କୁ ୨୦ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ସହ ଦେଢ଼ବର୍ଷ ଜେଲଦଣ୍ଡ ଦିଆଯିବାର ବ୍ୟବସ୍ଥା ବିଲ୍‌ରେ ରହିଥିବା ଜଣାପଡ଼ିଛି। ସଂସଦର ଚଳିତ ଅଧିବେଶନରେ ଏହି ବିଲ୍ ଗୃହରେ ଉପସ୍ଥାପନ ହେବାର କାର୍ଯ୍ୟକ୍ରମ ରହିଛି।

ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, କ୍ଷୁଦ୍ର ନିବେଶକଙ୍କୁ ସୁରକ୍ଷା ଦେବା ପାଇଁ କ୍ରିପ୍ଟୋ ସମ୍ପତ୍ତିରେ ବିନିଯୋଗ ନିମନ୍ତେ ସର୍ବନିମ୍ନ ସୀମା ନିର୍ଦ୍ଧାରଣ କରିବାକୁ କେନ୍ଦ୍ର ସରକାର ବିଚାର କରୁଛନ୍ତି। ଏହାର ତଦାରଖ ପାଇଁ ପୁଞ୍ଜି ବଜାର ନିୟନ୍ତ୍ରକ ନିଯୁକ୍ତ କରାଯିବ। ଏପରିକି ନୂତନ କ୍ରିପ୍ଟୋକରେନ୍ସି ବିଲ୍‌ରେ 'କ୍ରିପ୍ଟୋକରେନ୍ସି' ବଦଳରେ 'କ୍ରିପ୍ଟୋଆସେଟ୍'ଶବ୍ଦ ବ୍ୟବହାର ହୋଇପାରେ। ତେବେ ରିଜର୍ଭ ବ୍ୟାଙ୍କ ନିଜର ଡିଜିଟାଲ୍ ମୁଦ୍ରା ସୃଷ୍ଟି କରିବାର ଯୋଜନା ସମ୍ପର୍କରେ ଏହି ବିଲ୍‌ରେ କୌଣସି ବ୍ୟବସ୍ଥା ରହିବ ନାହିଁ। ଗତ ସପ୍ତାହରେ ଇନ୍‌ଫିନିଟି ଫୋରମ୍ ୨୦୨୧ରେ ଯୋଗଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଥିଲେ ଯେ, ସମସ୍ତ ପ୍ରକାର ଘରୋଇ କ୍ରିପ୍ଟୋକରେନ୍ସିକୁ ନିଷିଦ୍ଧ କରିବାକୁ ପୂର୍ବରୁ ହୋଇଥିବା ବିଲ୍‌ର ଏହା ଏକ ନୂଆ ରୂପରେଖ। ଏପରି କି ବିଟ୍ କଏନ୍‌କୁ ଦେଶରେ ମୁଦ୍ରାର ମାନ୍ୟତା ଦେବା ପାଇଁ କେନ୍ଦ୍ର ସରକାରଙ୍କ କୌଣସି ପ୍ରସ୍ତାବ ନ ଥିବା ସୀତାରାମନ କହିଥିଲେ। ସର୍ବଦା ବଦଳୁଥିବା ଟେକ୍ନୋଲୋଜି ଏବଂ ପ୍ରଯୁକ୍ତି ପରିଚାଳିତ ଦେୟ ବ୍ୟବସ୍ଥାର ପ୍ରଭାବଶାଳୀ ନିୟନ୍ତ୍ରଣ ପାଇଁ ବିଶ୍ୱସ୍ତରରେ ଏକ ସାମୂହିକ ପଦକ୍ଷେପ ନିଆଯିବାକୁ ସୀତାରାମନ ଆହ୍ୱାନ ଦେଇଛନ୍ତି। କ୍ରିପ୍ଟୋକରେନ୍ସିକୁ ନେଇ ଭାରତ ଯେଉଁ ନୂତନ ବିଲ୍ ପ୍ରସ୍ତୁତ କରୁଛି,ତାହା ଭର୍ଚୁଆଲ୍ ମୁଦ୍ରା ଜାଗାରେ ଦ୍ରୁତ ଗତିରେ ହେଉଥିବା ପରିବର୍ତ୍ତନର ପରିମାଣକୁ ଧ୍ୟାନରେ ରଖିବ। କ୍ରିପ୍ଟୋକରେନ୍ସି ଏବଂ ରେଗୁଲେଶନ୍ ଅଫ୍ ଅଫିସିଆଲ୍ ଡିଜିଟାଲ୍ ମୁଦ୍ରା ବିଲ୍, ୨୦୨୧, ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି ହେବାକୁ ଥିବା ସରକାରୀ ଡିଜିଟାଲ୍ ମୁଦ୍ରା ସୃଷ୍ଟି ପାଇଁ ଏକ ସୁବିଧାଜନକ ଢାଞ୍ଚା ସୃଷ୍ଟି କରିବା ସହ ଭାରତର ସମସ୍ତ ବେସରକାରୀ କ୍ରିପ୍ଟୋକରେନ୍ସି ଉପରେ ପ୍ରତିବନ୍ଧକ ଲଗାଇବାକୁ ବ୍ୟବସ୍ଥା କରୁଛି ବୋଲି ସୀତାରାମନ୍ କହିଛନ୍ତି।

## ହୋଣ୍ଡାର ଆକ୍ଟିଭା ୧୨୫ ପ୍ରିମିୟମ ଏଡିଶନ

**ଭୁବନେଶ୍ୱର,୭।୧୨**



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆକ୍ଟିଭା ୧୨୫ ପ୍ରିମିୟମ ଏଡିଶନକୁ ନିକଟରେ ଉନ୍ମୋଚନ କରାଯାଇଛି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍‌ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ସଭାପତି ଓ ସିଇଓ, ଆତ୍‌ସୁସି ଓଗାଟା କହିଛନ୍ତି, ଏହା ଉନ୍ମୋଚନ ହେବା ପରଠାରୁ ଆକ୍ଟିଭା ବ୍ରାଣ୍ଡ୍ ପରିବର୍ତ୍ତନର ମୁଖ୍ୟ ଆଲୋକଧାରୀ ଭାବେ ଉଭା ହୋଇଛି। ଐତିହାସିକ ଦୃଷ୍ଟିକୋଣରୁ ଆକ୍ଟିଭା ପରିବାରରେ ପ୍ରତିଟି ନୂଆ ଯୋଗଦାନ ସହ ଉତ୍ପାଦର ଗୁଣାତ୍ମକ ମାନ ଓ ଭରସାଯୋଗ୍ୟ ଦୃଷ୍ଟିକୋଣରୁ ହୋଣ୍ଡା ଅଗ୍ରଣୀ ସ୍ଥାନ ବଜାୟ ରଖିଛି। ନୂଆ ଆକ୍ଟିଭା ୧୨୫ ପ୍ରିମିୟମ ଏଡିଶନ ଏହାର ପ୍ରିମିୟମ ଭାବ ସହିତ ଗ୍ରାହକଙ୍କୁ ଉତ୍ସାହିତ କରିବାକୁ ପ୍ରସ୍ତୁତ ହୋଇଯାଇଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି କମ୍ପାନୀର ନିର୍ଦ୍ଦେଶକ (ବିକ୍ରି ଓ ମାର୍କେଟିଂ), ୟଦ୍‌ବିନ୍ଦର ସିଂହ ଗୁଲେରିଆ କହିଛନ୍ତି। ଆକ୍ଟିଭା ୧୨୫ ପ୍ରିମିୟମ ଏଡିଶନର ଉନ୍ମୋଚନ ସହିତ ଆମେ ଏକ ଆକର୍ଷଣୀୟ ଓ ପ୍ରିମିୟମ୍ ଷ୍ଟାଇଲ ଆଣିଛୁ। କମ୍ପାନୀର ଆକ୍ଟିଭା ୧୨୫ ପ୍ରିମିୟମ ଏଡିଶନରେ ଡୁଆଲ୍ ଟୋନ୍ ବଡି ରଙ୍ଗ ରହିଛି। ଏହାର ଇଞ୍ଜିନ ଓ ସାମ୍ନାର ସସ୍‌ପେନ୍‌ସନ୍ କଳା ରଙ୍ଗର। ଅତି ସୁନ୍ଦର ଭାବେ ତିଆରି କରାଯାଇଥିବା ଏଲ୍‌ଇଡି ହେଡ୍ ଲ୍ୟାମ୍ପରେ କେବଳ ଡୁଆଲ୍ ଟୋନ୍ କଲର ନାହିଁ। ଏହା ସ୍କୁଟରକୁ ଏକ ଶକ୍ତିଶାଳୀ ଉପସ୍ଥାପନା ମଧ୍ୟ ପ୍ରଦାନ କରୁଛି। ବଡି ରଙ୍ଗର ଗ୍ରାବ୍‌ରେଲ୍ ଓ ପ୍ରିମିୟମ୍ ଗ୍ରାଫିକ୍ ସହିତ ଷ୍ଟାଇଲିଶ୍ ଟେଲ୍ ଲ୍ୟାମ୍ପ୍ ଆକ୍ଟିଭାର ପଛ ପାର୍ଶ୍ୱକୁ ବେଶ୍ ଆକର୍ଷଣୀୟ କରିପାରିଛି। ଏହି ଏଡିଶନ ପର୍ଲ ଆମେଜିଂ ହ୍ୱାଇଟ୍ ଓ ମ୍ୟାଟ୍ ମ୍ୟାଗ୍ନିଫିସେଣ୍ଟ କପର ମେଟାଲିକ୍ ଏବଂ ମ୍ୟାଟ୍ ଷ୍ଟିଲ୍ ବ୍ଲାକ୍ ମେଟାଲିକ୍ ଓ ମ୍ୟାଟ୍ ଆର୍ଲ ସିଲ୍‌ଭର ମେଟାଲିକ୍ ରଙ୍ଗରେ ଉପଲବ୍ଧ ହେଉଛି। ଏହାର ମୂଲ୍ୟ ଡ୍ରମ୍ ଆଲଏ ପାଇଁ ୭୮,୭୨୫ ଟଙ୍କା ଓ ଡିସ୍କ ଭାରିଆଣ୍ଟ ପାଇଁ ୮୨,୨୮୦ ଟଙ୍କା (ଏକ୍ସ ଶୋ'ରୁମ୍, ଦିଲ୍ଲୀ) ରହିଥିବା ସୂଚନା ମିଳିଛି।

# ୨ଦିନ ପରେ ଶେୟାର ବଜାରରେ ଉତ୍ସାହ

**ମୁମ୍ବାଇ,୭।୧୨**



**ସେନ୍‌ସେକ୍ସ ୮୮୭, ନିଫ୍ଟି ୨୬୫ ପଏଣ୍ଟ ବୃଦ୍ଧି**

କୋଭିଡ୍ ସଂକ୍ରମଣର ନୂତନ ଭାରିଆଣ୍ଟ ଓମିକ୍ରନ୍‌ର ଭୟ ମଧ୍ୟରେ ମଙ୍ଗଳବାର ଦାଲାଲ ଷ୍ଟ୍ରିଟ୍‌ରେ ଉତ୍ସାହ ଦେଖିବାକୁ ମିଳିଛି। ଗୋଟିଏ ପଟେ ଓମିକ୍ରନ୍‌ର ଭୟ ଅପରପକ୍ଷରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ନୂତନ ମୁଦ୍ରାନୀତିକୁ ନେଇ ବାଣିଜ୍ୟିକ ସଂସ୍ଥା ଓ ନିବେଶକମାନେ ଆଶା ଓ ଆଶଙ୍କା ମଧ୍ୟରେ ରହିଛନ୍ତି। ଉଭୟ ଶୁକ୍ରବାର ଓ ସୋମବାର ଶେୟାର ବଜାର ତଳମୁହାଁ ରହିଥିଲେ ମଧ୍ୟ ନିବେଶକମାନେ ଆଶା ଛାଡ଼ି ନ ଥିଲେ। ଫଳ ସ୍ୱରୂପ ଡିସେମ୍ବର ଦ୍ୱିତୀୟ ସପ୍ତାହର ୨ଦିନରେ ନିବେଶକଙ୍କ ମନରେ ଆଶା ସଞ୍ଚାର ହୋଇଛି। ମଙ୍ଗଳବାର ଶେୟାର ବଜାର ଆରମ୍ଭରୁ ଧିମା ରହିଥିଲେ ମଧ୍ୟ ଧୀରେ ଧୀରେ ଏହାର ପରିବର୍ତ୍ତନ ଘଟି ଅଭିବୃଦ୍ଧି ହୋଇଥିଲା। ଫଳରେ ବମ୍ବେ ଷ୍ଟକ୍ ବଜାର (ବିଏସ୍‌ଇ) ର ସୂଚକାଙ୍କ ସେନ୍‌ସେକ୍ସ ପ୍ରାୟ ୮୮୭ ପଏଣ୍ଟ ବୃଦ୍ଧି ପାଇ ୫୭ ହଜାର ଟପିଯାଇଥିଲା। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ସୂଚକାଙ୍କ ନିଫ୍ଟିରେ ମଧ୍ୟ ୨୬୫ ପଏଣ୍ଟ ବୃଦ୍ଧି ପାଇ ୧୭ ହଜାର ପଏଣ୍ଟ ଉପରେ ରହିଛି। ବିଏସ୍‌ଇର ସୂଚନା ଅନୁସାରେ ଡିସେମ୍ବର ୭ରେ ସେନ୍‌ସେକ୍ସ ୩୭୮ ଅଙ୍କରୁ ଆରମ୍ଭ ହୋଇ ୮୮୭ ପଏଣ୍ଟ ବୃଦ୍ଧି ପାଇ ୫୭,୬୩୪ ଅଙ୍କରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟିର ଇଣ୍ଡେକ୍ସ ମଧ୍ୟ ୫୦ଅଙ୍କରୁ ଆରମ୍ଭ ହୋଇ ୨୬୫ ଅଙ୍କ ବୃଦ୍ଧି ଘଟି ୧୭,୧୭୭ ପଏଣ୍ଟରେ ପହଞ୍ଚିଛି।

ସେନ୍‌ସେକ୍ସର ଶ୍ରେଷ୍ଠ ୩୦ଟି ଶେୟାର ମଧ୍ୟରୁ ପ୍ରାୟ ସମସ୍ତ ଷ୍ଟକ୍ ନୀଳ ସଙ୍କେତରେ ବନ୍ଦ ହୋଇଥିବା ବେଳେ ଏସିଆନ ପେଣ୍ଟ୍ସ ସହିତ ଆଉ କେତେକ କମ୍ପାନୀ ଓ ନିବେଶକଙ୍କ ଶେୟାର ମୂଲ୍ୟ ହ୍ରାସ ପାଇଥିବା ସୂଚନା ମିଳିଛି। ସେହିପରି ଟାଟା ଷ୍ଟିଲ ସର୍ବାଧିକ ବୃଦ୍ଧି କରିଥିବା ବେଳେ ଏସ୍‌ବିଆଇ,ଆଇସିଆଇସିଆଇ ବ୍ୟାଙ୍କ, ଟାଇଟନ୍, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଏବଂ ଆକ୍ସିସ୍ ବ୍ୟାଙ୍କର ଶେୟାର ମୂଲ୍ୟ ବୃଦ୍ଧି ପାଇଛି।

ସେକ୍ଟୋରିଆଲ ଇଣ୍ଡେକ୍ସ କଥା କହିବାକୁ ଗଲେ ମଙ୍ଗଳବାର ପ୍ରାୟ ସମସ୍ତ ସେକ୍ଟର ମୂଲ୍ୟ କିଛି ପରିମାଣରେ ବୃଦ୍ଧି ପାଇଛି। ଆଇଟି, ଅଟୋ, ଆର୍ଥିକ କାରବାର, ଏଫ୍‌ଏମ୍‌ସିଜି,ମେଟାଲ, ଫାର୍ମା, ପିଏସ୍‌ୟୁ ବ୍ୟାଙ୍କ, ଘରୋଇ ବ୍ୟାଙ୍କ, ହେଲ୍‌ଥ କେୟାର ଏବଂ ଅଏଲ ଓ ଗ୍ୟାସ୍ ଭଳି ନିବେଶକ କମ୍ପାନୀର କାରବାର ନୀଳ ସଙ୍କେତ ସହ ବନ୍ଦ ହୋଇଛି ବୋଲି ସୂଚନା ମିଳିଛି।

## ସିପିପିଗୁଡ଼ିକରେ କୋଇଲା ସଙ୍କଟ

**ନୂଆଦିଲ୍ଲୀ,୭।୧୨**

ଦେଶର ବହୁ ଶିଳ୍ପ ସଂସ୍ଥା ନିଜର ବିଦ୍ୟୁତ ଆବଶ୍ୟକତା ପୂରଣ କରିବା ଲାଗି ସ୍ଥାପନ କରିଥିବା କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ (ସିପିପି) ରେ ବର୍ତ୍ତମାନ କୋଇଲା ସଙ୍କଟ ଦେଖାଦେଇଛି। ଏହି ସମସ୍ୟାର ସମାଧାନ ଲାଗି 'ଦି ଇଣ୍ଡିଆ କ୍ୟାପ୍ଟିଭ୍ ପାୱାର ପ୍ରଡ୍ୟୁସର୍ସ ଆସୋସିଏସନ୍' (ଆଇସିପିପିଏ) ପକ୍ଷରୁ କେନ୍ଦ୍ର ସରକାରଙ୍କ ରେଳପଥ ଓ କୋଇଲା ମନ୍ତ୍ରଣାଳୟର ହସ୍ତକ୍ଷେପ ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି। ରେକ୍ ଅଭାବ ବର୍ତ୍ତମାନ ସବୁଠୁ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ସିପିପିମାନଙ୍କ ଲାଗି ଏବେ ଉପଲବ୍ଧ ଥିବା ରେକ୍ ୪୦-୫୦% ସ୍ତରରେ ରହିଛି। ଏହି ସମସ୍ୟାର ତତ୍କାଳ ସମାଧାନ ନହେଲେ ଜାତୀୟ ସମ୍ପତ୍ତିକୁ ବଡ଼ ଧରଣର କ୍ଷତି ହେବ ବୋଲି ଶିଳ୍ପ ସଂଘ ସତର୍କ କରାଇ ଦେଇଛନ୍ତି। କିଛି ମାସ ପୂର୍ବେ କୋଇଲାର ଘୋର ଅଭାବ ଦେଖାଦେବାରୁ ବିଦ୍ୟୁତ କ୍ଷେତ୍ରର ଆବଶ୍ୟକତା ପୂରଣ କରିବା ଲାଗି ଅନ୍ୟ କ୍ଷେତ୍ରଗୁଡ଼ିକୁ ଦିଆଯାଉଥିବା କୋଇଲା ଯୋଗାଣ ବନ୍ଦ କରାଯାଇଥିଲା କିମ୍ବା ହ୍ରାସ କରାଯାଇଥିଲା।

# ଓଡ଼ିଶା ଆଲୁମିନିୟମ ପାର୍କ ପାଇଁ ବେଦାନ୍ତର ପ୍ରୟାସ

**ଭୁବନେଶ୍ୱର,୭।୧୨**

ବେଦାନ୍ତ ଆଲୁମିୟମ ବିଜ୍‌ନେସ୍ ପକ୍ଷରୁ ଝାରସୁଗୁଡ଼ାରେ ହେବାକୁ ଥିବା ଏହାର ଆଲୁମିନିୟମ୍ ପାର୍କ ପ୍ରୋଜେକ୍ଟ ପାଇଁ ଏଣ୍ଟରପ୍ରାଇଜ୍ ଓଡ଼ିଶା-୨୦୨୧ରେ ଅଂଶୀଦାର ଆମନ୍ତ୍ରଣ ସମ୍ପର୍କରେ ଘୋଷଣା କରାଯାଇଛି। ମେକ୍ ଇନ୍ ଇଣ୍ଡିଆ ଫର୍ ଦ ୱାର୍ଲ୍ଡ ଲକ୍ଷ୍ୟ ନେଇ କମ୍ପାନୀ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକଚର ଡେଭଲପମେଣ୍ଟ କର୍ପୋରେଶନ (ଇଡ୍‌କୋ) ସହିତ ମିଳିତ ଭାବେ ଏହି ପାର୍କ ସ୍ଥାନୀୟ ଝାରସୁଗୁଡ଼ାସ୍ଥିତ ଆଲୁମିନିୟମ୍ ସ୍ମେଲଟର ନିକଟରେ ସ୍ଥାପନ ହେବ ବୋଲି ଜଣାପଡ଼ିଛି। ଆଲୁମିନିୟମ୍ ସ୍ମେଲଟର ଅଞ୍ଚଳରେ ଥିବା ଆଲୁମିନିୟମ ପାର୍କ ସହଯୋଗୀ ଶିଳ୍ପସଂସ୍ଥାଗୁଡ଼ିକୁ ନିର୍ମାଣ ୟୁନିଟ୍ ଏବଂ ସ୍ମେଲଟରରୁ ହଟ୍ ମେଟାଲ ସଂଗ୍ରହ କରି ଉତ୍ପାଦ ପ୍ରସ୍ତୁତିର ସୁଯୋଗ ପ୍ରଦାନ କରିଥାଏ। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ଆଲୁମିନିୟମ୍ ବିଜ୍‌ନେସ୍ ସିଇଓ ରାହୁଲ ଶର୍ମା କହିଛନ୍ତି, ଓଡ଼ିଶା ଦେଶରେ ଆଲୁମିନିୟମ୍ କ୍ୟାପିଟାଲ ଭାବେ ମାନ୍ୟତା ହାସଲ କରିଛି। ଏହା ଝାରସୁଗୁଡ଼ାଠାରେ ଆଲୁମିନିୟମ୍ ଏସ୍‌ଏମ୍‌ଇ ଏବଂ ଏମ୍‌ଏସ୍‌ଏମ୍‌ଇ ବିକାଶ କ୍ଷେତ୍ରରେ କାର୍ଯ୍ୟ ଜାରି ରଖିଛି। ଆଲୁମିନିୟମ୍ ପାର୍କରେ ବାର୍ଷିକ ୩ ଲକ୍ଷ ମେଟ୍ରିକ୍ ଟନ୍ ଆଲୁମିନିୟମ୍ ଉତ୍ପାଦନ ପାଇଁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ। ଆଲୁମିନିୟମ୍ ପାର୍କ ଦ୍ୱାରା ଜଳ, ଶକ୍ତି, ହଟ୍ ମେଟାଲ ଯୋଗାଣ, ଡ୍ରୋସ୍ ପ୍ରୋସେସିଂ ପ୍ଲାଣ୍ଟ ସହିତ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ହୋଇପାରିବ। ବେଦାନ୍ତ ଝାରସୁଗୁଡ଼ା ସ୍ମେଲଟର ବେଦାନ୍ତ ସେଣ୍ଟର ଅଫ୍ ଏକ୍ସଲେନ୍ସ ଏବଂ ସହଯୋଗୀ ଆଲୁମିନିୟମ୍ ଉତ୍ପାଦ ପାଇଁ ଆର୍ ଆଣ୍ଡ ଡି ସେଣ୍ଟର ସାବ୍ୟସ୍ତ ହେବ। ଏହାଦ୍ୱାରା ଉଚ୍ଚ ଗୁଣବତ୍ତାଯୁକ୍ତ ତରଳ ମେଟାଲ ସିଧାସଳଖ ପ୍ରୋସେସିଂ ୟୁନିଟ୍‌କୁ ଯୋଗାଇ ଦିଆଯାଇପାରିବ।

## ଫୁର୍‌ସତ୍

# ନାନ୍ ବେଡ୍‌ଶିଟ୍



**ନୂଆଦିଲ୍ଲୀ:** ଖଟ ଉପରେ ବେଡ୍‌ଶିଟ୍ ପଡ଼ିଥିବ କିନ୍ତୁ ଦେଖିଲେ ହଠାତ୍ ମନେହେବ କି ବିରାଟ ବଡ଼ ନାନ୍ ତିଆରି ହୋଇଛି। ବେଡ୍‌ଶିଟ୍ ହୋଇଥିଲେ ବି ନାନ୍‌ର ଭ୍ରମ ସୃଷ୍ଟି କରୁଥିବାରୁ ଏବେ ଏହା ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି।

ସେଲିବ୍ରିଟି ସେଫ ପଦ୍ମାଲକ୍ଷ୍ମୀ ତାଙ୍କ ଟୁଇଟରରେ ପ୍ରଥମେ ଏହି ନାନ୍ ବେଡ୍‌ଶିଟ୍‌ର ଫଟୋ ଶେୟାର କରିଥିଲେ। ପଦ୍ମାଲକ୍ଷ୍ମୀ ଏହି ଫଟୋ ଶେୟାର କରି ସେଥିରେ କ୍ୟାପଶନ୍ ଲେଖିଥିଲେ କି ନାନ୍ ବେଡ୍ ବିକ୍ରି ହେଉଛି ତା' ପୁଣି ତକିଆ ଖୋଳ ସହିତ। ଫଟୋଟି ଏତେ ବାସ୍ତବ ଲାଗୁଛି ଯେ ପ୍ରଥମେ ଦେଖିଲେ ଯେ କେହି ବି ବେଡ୍‌ଶିଟ୍‌କୁ ଏକ ବଡ଼ ନାନ୍ ବୋଲି ଭାବିବ। କିନ୍ତୁ ବେଡ୍‌ଶିଟ୍‌ରେ ଥ୍ରି-ଡି ପ୍ରିଣ୍ଟ ହୋଇଥିବାରୁ ତାହା ଏପରି ଭ୍ରମ ସୃଷ୍ଟି କରୁଛି। ଫଟୋକୁ ଲୋକେ ବାରମ୍ବାର ଶେୟାର କରିବା ସହିତ ସୁନ୍ଦର କମେଣ୍ଟ ମଧ୍ୟ ଦେଉଛନ୍ତି।

# କ୍ୱାରାଣ୍ଟାଇନ ବବଲ ପାର୍ଟି ଦେବେ ମୁକେଶ ଅମ୍ବାନୀ



**ମୁମ୍ବାଇ:** ଶିଳ୍ପପତି ମୁକେଶ ଅମ୍ବାନୀ ତାଙ୍କ ନାତି ପୃଥ୍ୱୀ ଅମ୍ବାନୀଙ୍କ ପ୍ରଥମ ଜନ୍ମଦିନ ଖୁବ ଧୁମ୍‌ଧାମରେ ପାଳନ କରିବାକୁ ଯାଉଛନ୍ତି। ଏହି ସମୟରେ ପରିବାର ପକ୍ଷରୁ କୋଭିଡ ନିୟମକୁ ବି କଡାକଡି ଭାବେ ପାଳନ କରାଯିବ ବୋଲି ଜଣାପଡିଛି । ପୃଥ୍ୱୀଙ୍କ ଜନ୍ମଦିନରେ ଆସିବାକୁ ଥିବା ସମସ୍ତ ଅତିଥି ଟିକା ନେଇଥିବେ। ଜନ୍ମଦିନ ପୂର୍ବରୁ ପରିବାର ପକ୍ଷରୁ ହଜାରେ ଗାଁକୁ ଭୋଜନ ଦିଆଯିବା ସହ ଅନାଥାଶ୍ରମକୁ ଉପହାର ପଠାଇବାର ବ୍ୟବସ୍ଥା କରାଯାଉଛି। ପୃଥ୍ୱୀଙ୍କ ଜନ୍ମଦିନରେ ଅମ୍ବାନୀ ପରିବାର ପକ୍ଷରୁ ୧୦୦ରୁ ଅଧିକ ପୂଜାରୀଙ୍କୁ ନିମନ୍ତ୍ରଣ କରାଯାଇଛି । ଏମାନେ ସମସ୍ତେ ଜାମନଗର ଫାର୍ମ ହାଉସରେ ପହଞ୍ଚିବେ । ଥାଇଲାଣ୍ଡଓଇଟାଲୀରୁରୋଷେୟାଆସିବେ। ତେବେ ମହାମାରୀ ଭିତରେ ଏହି ଜନ୍ମଦିନ ପାର୍ଟି ପାଇଁ ସତନ୍ତ୍ର ବ୍ୟବସ୍ଥା କରାଯାଇଥିବା କୁହାଯାଇଛି। ପରିବାର, ସମ୍ପର୍କୀୟ ଏବଂ ଅନ୍ୟମାନଙ୍କ ସୁରକ୍ଷା ପାଇଁ କ୍ୱାରାଣ୍ଟାଇନ ବବଲ୍ ପାର୍ଟିର ବ୍ୟବସ୍ଥା ମଧ୍ୟ କରାଯାଇଛି। ସମସ୍ତ ଅତିଥି କ୍ୱାରାଣ୍ଟାଇନରେ ରହିବା ଏବଂ ସେମାନଙ୍କ କରୋନା ନେଗେଟିଭ୍ ରିପୋର୍ଟ ଥିବାକୁ ବାଧ୍ୟତାମୂଳକ କରାଯାଇଛି।




**Marriage Wish**

Vishnupriya weds Naresh

Talapatratikra, Po.- Saranda, Dist.- Bargarh (Odisha)

Wish you both a happy married life.

-:With Best Compliments from:-

Sri P. Harikrishna, Smt. Leelavati.

D-22477

**CLASSIFIED DISPLAY**

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)

for Booking Contact: 0674-2580385 8637280816, 7894447167, 9338226625



## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ତପସ୍ୱିନୀ ନନ୍ଦ**

ଆବିର୍ଭାବ: ୦୩।୦୫।୧୯୭୫
ତିରୋଧାନ: ୨୯।୧୧।୨୦୨୧

ଅଭିମାନ କରି ଚାଲିଗଲ ଅଫେରା ରାଇଜକୁ।
ଛାଡ଼ିଗଲ କେବଳ ଲୁହ ଓ ଯନ୍ତ୍ରଣା।
ଯେଉଁଠି ବି ଥାଅ,
କାଳିଆ ଠାକୁର ତୁମକୁ ଶାନ୍ତି ଦିଅନ୍ତୁ।

ହତଭାଗ୍ୟ ସ୍ୱାମୀ:- ପ୍ରବୋଧ କୁମାର ନନ୍ଦ, ସୀମା, ଲିମା, ଲିଟୁ, ମିକି ଏବଂ ବନ୍ଧୁ ଓ ପରିବାରବର୍ଗ।

ଧ-୨୨୪୬୮






# କମ୍ ଫିଲ୍ମ ସତ୍ତ୍ୱେ ଶହେ କୋଟିର ମାଲିକାଣୀ

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଜ୍ୟାକଲିନ ଫର୍ନାଣ୍ଡିଜ ମନିଲଣ୍ଡରିଂ ମାମଲାରେ ଫସିଛନ୍ତି। ଡିସେମ୍ବର ୮ରେ ପଚରାଉଚରା ପାଇଁ ଜ୍ୟାକଲିନଙ୍କୁ ଇଡି ଡାକିଛି। ସୁକେଶ ଚନ୍ଦ୍ରଶେଖର ଏବଂ ଅନ୍ୟମାନଙ୍କ ବିରୋଧରେ ପ୍ରାୟ ୨୦୦ କୋଟି ଟଙ୍କା ଠକେଇ ଅଭିଯୋଗରେ ତାଙ୍କୁ ପଚରାଉଚରା କରାଯିବ। ଜ୍ୟାକଲିନ ଏବଂ ସୁକେଶ ପରସ୍ପରର ନିକଟତର ବୋଲି ବିବେଚନା କରାଯାଏ। ଜ୍ୟାକଲିନଙ୍କୁ ସୁକେଶ ଅନେକ ମହଙ୍ଗା ଉପହାର ମଧ୍ୟ ଦେଇଛନ୍ତି। ଜ୍ୟାକଲିନଙ୍କ ଫିଲ୍ମ କ୍ୟାରିୟରକୁ ଦେଖିଲେ ସେ ହାତ ଗଣତି କିଛି ଫିଲ୍ମ କରିଛନ୍ତି, କିନ୍ତୁ ତାଙ୍କ ସମ୍ପତ୍ତି ପ୍ରାୟ ଶହେ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ଜ୍ୟାକଲିନ ଏକ ଫିଲ୍ମ ପାଇଁ ୩ରୁ ୪ କୋଟି ଚାର୍ଜ କରନ୍ତି। ୨୦୧୯ ରେ, ଫୋବର୍ସ ଇଣ୍ଡିଆ ଜ୍ୟାକଲିନଙ୍କ ବାର୍ଷିକ ଆୟ ୯.୫ କୋଟି ଟଙ୍କା ବୋଲି ରିପୋର୍ଟ କରିଛି। କୌତୁହଳର ବିଷୟ, ନେଟଫ୍ଲିକ୍ସ ଫିଲ୍ମ ଡ୍ରାଇଭ ବ୍ୟତୀତ ସେହି ବର୍ଷ ତାଙ୍କର କୌଣସି ପ୍ରମୁଖ ଫିଲ୍ମ ରିଲିଜ ହୋଇ ନ ଥିଲା। ଚଳିତ ବର୍ଷ ଜାନୁୟାରୀରେ ଜ୍ୟାକଲିନ ମୁମ୍ବାଇରେ ନିଜ ପାଇଁ ଏକ ନୂତନ ଘର କିଣିଥିଲେ। ପୂର୍ବରୁ ସେ ପ୍ରିୟଙ୍କା ଚୋପ୍ରାଙ୍କ ଘରେ ଭଡାରେ ରହୁଥିଲେ। କିନ୍ତୁ ନିକଟରେ ଜ୍ୟାକଲିନ ତାଙ୍କ ନୂଆ ଘରକୁ ଯାଇଛନ୍ତି। ଜ୍ୟାକଲିନଙ୍କ ମଧ୍ୟ ୧୦ଟି ବଡ଼ ବ୍ରାଣ୍ଡ ପାଇଁ ଏଣ୍ଡୋର୍ସମେଣ୍ଟ ଅଛି। ଏହା ବ୍ୟତୀତ ଜ୍ୟାକଲିନଙ୍କର ବିଳାସପୂର୍ଣ୍ଣ କାର ଗୁଡିକର ସଂଗ୍ରହ ମଧ୍ୟ ଅଛି ।

## କାଟ୍ରିନା-ଭିକ୍କିଙ୍କ ନାଁରେ ମାମଲା



**ଜୟପୁର:** ଅଭିନେତ୍ରୀ କାଟ୍ରିନା ଏବଂ ଭିକ୍କି କୌଶଲଙ୍କ ବିବାହ ରୀତିନୀତି ଆରମ୍ଭ ହୋଇଛି। ରାଜସ୍ଥାନର ଜୋଧପୁରରେ ଅତିଥି ଓ ସେଲିବ୍ରିଟିମାନେ ମଧ୍ୟ ପ୍ରାୟ ଆସିସାରିଥିବା କୁହାଯାଉଛି। ତେବେ ବିବାହ ପୂର୍ବରୁ କାଟ୍ରିନା ଏବଂ ଭିକ୍କିଙ୍କ ନାଁରେ ମାମଲା ରୁଜୁ ହୋଇଛି। ରାଜସ୍ଥାନର ଜଣେ ଓକିଲ ନେତ୍ରାବିନ୍ଦୁ ସିଂହ ଉଭୟଙ୍କ ନାଁରେ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ଚୌଥ ମନ୍ଦିର ନିକଟରେ ରାସ୍ତା ଅବରୋଧ କରାଯାଇଥିବା ଓକିଲ ଅଭିଯୋଗ ଆଣିଛନ୍ତି। ମନ୍ଦିରକୁ ଯିବା ବାଟରେ ହୋଟେଲ ସିକ୍ସ ସେନ୍ସଟି ପଡୁଛି। କଲେକ୍ଟରଙ୍କ ତତ୍ତ୍ୱାବଧାନରେ ହୋଟେଲ ମ୍ୟାନେଜର ମନ୍ଦିରକୁ ଯାଉଥିବା ରାସ୍ତା ବନ୍ଦ କରି ଦେଇଛନ୍ତି। ଫଳରେ ଶ୍ରଦ୍ଧାଳୁ ମନ୍ଦିରକୁ ଯିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ରାସ୍ତା ତୁରନ୍ତ ଖୋଲିବାକୁ ସେ ଦାବି କରିଛନ୍ତି।


**FINANCE**

ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ପର୍ସନାଲ, ବିଜ୍‌ନେସ, ପ୍ରପୋର୍ଟି, ମଡ଼ଗେଜ ଲୋନ୍ ମାତ୍ର ୮.୫% ସୁଧରେ ୭ ରୁ ୧୦ ଦିନ ମଧ୍ୟରେ ଯୋଗାଇ ଦିଆ ଯାଉଛି।

DK Small Finance Ltd
Navi Mumbai
www.dksfl.in
7684939383

**ALL EDITION - B/W (Everyday)**

for Booking Contact:
0674-2580385
8637280816,
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**କେମିତି ମଦ ଛାଡ଼ିବେ**

ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ଣ ୧୦ଘଟିକାରୁ ଅପରାହ୍ଣ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ. ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ. ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ. ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ. ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୁଜା ହେଲ୍‌ଥ ସେଣ୍ଟର।

ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

## ବକ୍ସିଂ: ସାବରୀ ଡବ୍ଲ୍ୟୁବିସି ଇଣ୍ଡିଆର ପ୍ରଥମ ଚାମ୍ପିୟନ



**ହାଇଦ୍ରାବାଦ,୭।୧୨:** ଚେନ୍ନାଇର ସାବରୀ ଜେ ୱାର୍ଲ୍ଡ ବକ୍ସିଂ କାଉନସିଲ (ଡବ୍ଲ୍ୟୁବିସି) ଇଣ୍ଡିଆ ୱେଲଟରୱେଟ ଟାଇଟଲ ଜିତିଛନ୍ତି। ପ୍ରଥମଥର ପାଇଁ ଅନୁଷ୍ଠିତ ଏହି ବକ୍ସିଂ ପ୍ରତିଯୋଗିତାରେ ସବାରୀ ଚଣ୍ଡିଗଡର ଅପେକ୍ଷାକୃତ ଅଭିଜ୍ଞ ବକ୍ସର ଆକାଶଦୀପ ସିଂଙ୍କୁ ୮ ରାଉଣ୍ଡ ବିଶିଷ୍ଟ ବାଉଟ୍‌ରେ ପରାସ୍ତ କରି ବାଜି ମାରିଛନ୍ତି। ସୋମବାର ରାତିରେ ସ୍ଥାନୀୟ ଗାଚିବୋଲି ଷ୍ଟାଡିୟମରେ ଏହି ମୁକାବିଲା ଅନୁଷ୍ଠିତ ହୋଇଥିଲା। ପାଖାପାଖି ଏକ ହଜାର ଦର୍ଶକଙ୍କ ସମ୍ମୁଖରେ ଏହି ପେସାଦାର ବକ୍ସିଂ ମୁକାବିଲାରେ ସାବରୀ ୭୬–୭୬, ୭୯– ୭୩ ଓ ୭୯– ୭୩ରେ ବିଜୟୀ ହୋଇଥିଲେ। ସେହିପରି ଡବ୍ଲ୍ୟୁବିସି ଏସିଆ ସିଲଭର ଲାଇଟ୍‌ୱେଟ ଟିଟଲ ବାଉଟ୍‌ରେ କାର୍ତ୍ତିକ ସତିଶ କୁମାର ଇଣ୍ଡୋନେସିଆର ହିରୋ ଟିଟୋଙ୍କୁ କଡ଼ା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ବାଉଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। କାର୍ତ୍ତିକ ମିଳିତ ନିଷ୍ପତ୍ତିକ୍ରମେ ୮୦– ୭୨, ୭୯–୭୩ ଓ ୭୯– ୭୩ରେ ବିଜୟୀ ହୋଇଛନ୍ତି। ୨୪ ବର୍ଷୀୟ ସାବରୀ ଗତ ଫାଇଟ୍‌ଗୁଡିକରେ ୪ଥର ବିଜୟୀ ହୋଇଥିବା ବେଳେ ଗୋଟିଏରେ ପରାଜୟ ବରଣ କରିଛନ୍ତି। ଗତବର୍ଷ ଜାନୁୟାରୀରେ ସେ ବକ୍ସିଂରେ ଡେବ୍ୟୁ କରିଥିଲେ। ଅନ୍ୟପଟେ ୨୭ ବର୍ଷୀୟ ଆକାଶଦୀପ ପୂର୍ବରୁ ୮ଟି ଫାଇଟ୍‌ରେ ଅବତୀର୍ଣ୍ଣ ହୋଇଥିଲେ।

## ୱିଲିୟମସନ ଆହତ

**ୱେଲିଂଟନ,୭।୧୨:** କହୁଣୀରେ କହୁଣିରେ ଆଘାତ କାରଣରୁ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ଆଗାମୀ ୨ ମାସ କ୍ରିକେଟରୁ ବାଦ୍ ପଡିବେ। ଏଲ୍‌ବୋ ଇଞ୍ଜୁରି କାରଣରୁ ସେ ଦୁଇମାସ ଖେଳିପାରିବେ ନାହିଁ ବୋଲି ନ୍ୟୁଜିଲାଣ୍ଡ କୋଚ୍ ଗ୍ୟାରୀ ଷ୍ଟେଡ ସୂଚନା ଦେଇଛନ୍ତି। ଆସନ୍ତାବର୍ଷ ଖେଳାଯିବାକୁ ଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ସେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। ଖ୍ରୀଷ୍ଟଚର୍ଚ୍ଚରେ ଫେବୃୟାରୀ ୧୭ ତାରିଖରେ ଏହି ଟେଷ୍ଟ ସିରିଜ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଗତ ଭାରତ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ମଧ୍ୟ ୱିଲିୟମସନ ଖେଳିପାରି ନ ଥିଲେ। ତାଙ୍କର କୌଣସି ଅସ୍ତ୍ରୋପଚାରର ଆବଶ୍ୟକତା ନ ଥିଲେ ମଧ୍ୟ ସେ ୮ରୁ ୯ ସପ୍ତାହ ବିଶ୍ରାମ ନେବାର ଆବଶ୍ୟକତା ରହିଛି ବୋଲି ଷ୍ଟେଡ୍ କହିଛନ୍ତି।

# ଆଶେଶସ ସିରିଜ ଆଜିଠାରୁ

**ବ୍ରିସ୍‌ବେନ,୭।୧୨**

ଆଶେଷ କ୍ରିକେଟ ଟେଷ୍ଟ ସିରିଜ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। ୫ ମ୍ୟାଚ ବିଶିଷ୍ଟ ଏହି ହାଇପ୍ରୋଫାଇଲ ସିରିଜର ପ୍ରଥମ ମ୍ୟାଚ୍ ସ୍ଥାନୀୟ ଗାବା ଗ୍ରାଉଣ୍ଡରେ ଖେଳାଯିବ। ଟେଷ୍ଟ ଲଢେଇ ପାଇଁ ଇଂଲଣ୍ଡ ଓ ଘରୋଇ ଅଷ୍ଟ୍ରେଲିଆ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛନ୍ତି। ଅଷ୍ଟ୍ରେଲୀୟ ଅଭିଜ୍ଞ ଦ୍ରୁତ ବୋଲର ତଥା ଅଧିନାୟକ ପ୍ୟାଟ କୁମିନ୍ସ ଓ ଇଂଲଣ୍ଡ ତାରକା ବ୍ୟାଟର ତଥା ଅଧିନାୟକ ଜୋ ରୁଟଙ୍କ ଲଢେଇ ତଥା ପ୍ରଦର୍ଶନ ଉପରେ ଏହି ସିରିଜ ନିର୍ଭର କରିବ। ୧୯୫୦ ପରେ କୁମିନ୍ସ ପ୍ରଥମଥର ପାଇଁ କୌଣସି ଦ୍ରୁତ ବୋଲର ଭାବେ ଆଶେସ୍‌ରେ ଅଷ୍ଟ୍ରେଲିଆର ନେତୃତ୍ୱ ନେବେ। ସେହିପରି ରୁଟ୍ ନିଜର ଅସାଧାରଣ ବ୍ୟାଟିଂ ବଳରେ ଇଂଲଣ୍ଡକୁ ନୂଆ ନେତୃତ୍ୱ ପ୍ରଦାନ କରିବେ। ସିରିଜରେ ଜଣେ ବୋଲିଂ ଓ ବ୍ୟାଟିଂ ଅଧିନାୟକଙ୍କ ମଧ୍ୟରେ ମୁକାବିଲା ଦେଖିବାକୁ ମିଳିବ। ଦୁଇ ଦଳ ମଧ୍ୟରେ ଲଢେଇ ସଂଘର୍ଷପୂର୍ଣ୍ଣ ହେବ ବୋଲି ଇଂଲଣ୍ଡ ଉଇକେଟ କିପର ଜୋଶ ବଟଲର ପ୍ରଥମ ଟେଷ୍ଟର ଅବ୍ୟବହିତ ପୂର୍ବରୁ କହିଛନ୍ତି।

ଇଂଲଣ୍ଡର ସଫଳତମ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ପ୍ରଥମ ଟେଷ୍ଟ ଖେଳୁ ନ ଥିବାରୁ ରୁଟ ଚାପରେ ରହିଛନ୍ତି। ତେବେ ତାରକା ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ପ୍ରତ୍ୟାବର୍ତ୍ତନ କରିଥିବାରୁ ଦଳ ଆହୁରି ଶକ୍ତିଶାଳୀ ହେବ ବୋଲି ବଟଲର ଆଶା ପ୍ରକାଶ କରିଛନ୍ତି। ଦଳର ଅଭିଜ୍ଞ ଖେଳାଳିମାନେ ମଧ୍ୟ ରୁଟ୍‌ଙ୍କୁ ସମର୍ଥନ ଜଣାଇଛନ୍ତି। ରୁଟ ଜବରଦସ୍ତ ଫର୍ମରେ ରହିଛନ୍ତି ଓ ଏହାକୁ ସେ ଏହି ସିରିଜରେ ଜାରି ରଖିବେ। । ସେ ୨୦୨୧ରେ ୧୨ଟି ଟେଷ୍ଟ ଖେଳି ୬୬ ରନ ହାରରେ ୧, ୪୫୫ ରନ ସଂଗ୍ରହ କରିଛନ୍ତି। କିନ୍ତୁ ୨୦୧୦–୧୧ ପରେ ଅଷ୍ଟ୍ରେଲିଆରେ ଇଂଲଣ୍ଡ ଖେଳିଥିବା ୧୦ଟି ଟେଷ୍ଟରୁ ୯ଟିରେ ପରାଜୟ ବରଣ କରିଛି। ଅଧିକାଂଶ ମ୍ୟାଚ୍ ବୃହତ୍ ବ୍ୟବଧାନରେ ଇଂଲଣ୍ଡ ହାରିଛି। ଗତ ଦୁଇଟି ଗସ୍ତରେ ରୁଟ୍ ସାମିଲ ରହିଥିଲେ ଓ ସେ ୨୦୧୭–୧୮ ସିରିଜରେ ଇଂଲଣ୍ଡର ନେତୃତ୍ୱ ନେଇଥିଲେ। ଏହି ସିରିଜରେ ଇଂଲଣ୍ଡ ୪–୦ରେ ପରାସ୍ତ ହୋଇଥିଲା। ପୁଣି ଗାବାରେ ଇଂଲଣ୍ଡ ରେକର୍ଡ ଭଲ ରହିନାହିଁ। ୧୯୮୬ ପରେ ଇଂଲଣ୍ଡ ଏଠାରେ ଜିତିନାହିଁ। ୧୯୪୬ ପରେ ଇଂଲଣ୍ଡ ଗାବାରେ ମାତ୍ର ୨ଟି ମ୍ୟାଚ୍‌ରେ ବିଜୟୀ ହୋଇଛି।

ଅପରପକ୍ଷରେ ନେତୃତ୍ୱ ନେଇ କୁମିନ୍ସ ବେଶ୍ ଉତ୍ସାହିତ ଅଛନ୍ତି। ଦଳର ଭଲ ପ୍ରଦର୍ଶନ ନେଇ ମଧ୍ୟ ସେ ଆଶାବାଦୀ ଅଛନ୍ତି। ୨୮ ବର୍ଷୀୟ କୁମିନ୍ସ ୨୦୧୧ ଜଣେ ଟିନ୍ ଏଜର ଦ୍ରୁତ ବୋଲର ଭାବେ ପଦାର୍ପଣ କରିଥିଲେ। ଟିମ ପେନ୍ ନେତୃତ୍ୱରୁ ଓହରିଯିବାପରେ ତାଙ୍କୁ ଅଧିନାୟକ ନିଯୁକ୍ତି କରାଯାଇଥିଲା। ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥ୍‌ଙ୍କ ଉପରେ ଦଳ ଅତ୍ୟଧିକ ଭାବେ ନିର୍ଭର କରିବ। ସ୍ମିଥ୍ ଜଣେ ମହାନ ବ୍ୟାଟ୍ସମ୍ୟାନ ହୋଇଥିବାରୁ ଦଳର ସେ ମୁଖ୍ୟ ଅସ୍ତ୍ର ବୋଲି କୁମିନ୍ସ ସ୍ୱୀକାର କରିଛନ୍ତି।

ଗତ ଜାନୁୟାରୀରେ ଭାରତଠାରୁ ୨–୧ରେ ପରାଜୟ ବରଣ କରିବା ପରେ ଅଷ୍ଟ୍ରେଲିଆ କୌଣସି ଟେଷ୍ଟ ସିରିଜ ଖେଳିନାହିଁ। ଅନ୍ୟପଟେ ଇଂଲଣ୍ଡ ଶ୍ରୀଲଙ୍କା ଓ ଭାରତ ବିପକ୍ଷରେ ଟେଷ୍ଟ ସିରିଜ ଖେଳିଛି। ନ୍ୟୁଜିଲାଣ୍ଡ ଓ ଭାରତ ବିପକ୍ଷରେ ଘରୋଇ ସିରିଜ ମଧ୍ୟ ଆୟୋଜନ କରିଛି। ପ୍ରଥମ ଟେଷ୍ଟ ସହିତ ପୂରା ଆଶେସ ସିରିଜ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

**ଅଷ୍ଟ୍ରେଲିଆ ଦଳ:** ପ୍ୟାଟ କୁମିନ୍ସ (ଅଧିନାୟକ), ଷ୍ଟିଭ ସ୍ମିଥ୍ (ଉପ-ଅଧିନାୟକ), ଆଲେକ୍ସ କାରେ, କାମେରନ ଗ୍ରୀନ, ମାର୍କୁସ ହାରିସ, ଜୋଶ ହାଜେଲଉଡ, ଟ୍ରଭିସ୍ ହେଡ, ଉସ୍‌ମାନ ଖ୍ୱାଜା, ମାର୍ନସ ଲାବୁସେନ, ନାଥନ ଲିୟନ, ମାଇକେଲ ନେସେର, ଝେ ରିଚାର୍ଡସନ, ମିଚେଲ ଷ୍ଟାର୍କ, ମିଚେଲ ସ୍ୱେପଶନ ଓ ଡେଭିଡ୍ ୱାର୍ନର।

**ଇଂଲଣ୍ଡ ଦଳ:** ଜୋ ରୁଟ୍ (ଅଧିନାୟକ), ଜେମ୍ସ ଆଣ୍ଡରସନ, ଜନୀ ବେୟାରଷ୍ଟୋ, ଡୋମ ବେସ, ଷ୍ଟୁଆର୍ଟ ବ୍ରଡ, ରୋରୀ ବର୍ନ୍ସ, ଜୋଶ ବଟଲର, ଜ୍ୟାକ କ୍ରଲି, ହାସିବ ହମିଦ, ଡାନ ଲରେନ୍ସ, ଜ୍ୟାକ ଲିଚ୍, ଦାଉିଦ ମଲନ, କ୍ରେଗ୍ ଓଭରଟନ, ଓଲି ପୋପ୍, ଓଲି ରବିନ୍‌ଶନ, ବେନ୍ ଷ୍ଟୋକ୍ସ, କ୍ରିସ୍ ୱକ୍ସ ଓ ମାର୍କ ଉଡ୍।


ଟ୍ରଫି ସହ ପ୍ୟାଟ କୁମିନ୍ସ ଓ ଜୋ ରୁଟ୍।

ମ୍ୟାଚ୍ ଆରମ୍ଭ: ଭୋର ୫.୩୦
ସ୍ଥାନ: ଗାବା, ବ୍ରିସ୍‌ବେନ
ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟ୍‌ୱର୍କ

## ଅମନ ଫାରୋ ସଞ୍ଜୟଙ୍କୁ ଟାଇଟଲ


ଅମନ ଫାରୋ ସଞ୍ଜୟ

**ଜୋହାନ୍ସବର୍ଗ,୭।୧୨**

ଭାରତୀୟ ଯୁବ ବ୍ୟାଡ୍‌ମିଣ୍ଟନ ଖେଳାଳି ଅମନ ଫାରୋ ସଞ୍ଜୟ ଏକ ବଡ଼ ଧରଣର ସଫଳତା ଅର୍ଜନ କରିଛନ୍ତି। ଏଠାରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ଅନ୍ତର୍ଜାତୀୟ ଫ୍ୟୁଚର ସିରିଜ୍‌ରେ ସେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ସେ ଦ୍ୱିତୀୟ ସିଡ୍ ଦକ୍ଷିଣ ଆଫ୍ରିକାର ରୋବର୍ଟ ସୁମର୍ସଙ୍କୁ ହରାଇ ଟାଇଟଲ ଜିତିଛନ୍ତି। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୩୦୦ତମ ସ୍ଥାନରେ ଥିବା ଅମନ ଦମ୍‌ଦାର ପ୍ରଦର୍ଶନ କରି ବିପର୍ଯ୍ୟୟ ଘଟାଇବା ସହ ବିଶ୍ୱସ୍ତରୀୟ ସଫଳତା ଅର୍ଜନ କରିଛନ୍ତି। ପ୍ରଥମ ଗେମ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ପରେ ପ୍ରତ୍ୟାବର୍ତ୍ତନ କରି ସେ ବାଜି ମାରିଥିଲେ। ମାତ୍ର ୪୪ ମିନିଟ୍ ମଧ୍ୟରେ ସେ ରୋବର୍ଟଙ୍କୁ ୧୫– ୨୧, ୨୧–୧୬, ୨୧–୧୨ରେ ପରାସ୍ତ କରିଥିଲେ। ୨୧ ବର୍ଷୀୟ ଅମନ ଖେଲୋ ଇଣ୍ଡିଆ ଯୁଥ ଗେମ୍ସ ଚାମ୍ପିୟନଶିପ ହାସଲ କରିଥିଲେ। ସେ ଗତ ସପ୍ତାହରେ ବୋସ୍‌ୱାନା ଅନ୍ତର୍ଜାତୀୟ ଫ୍ୟୁଚର ସିରିଜରେ ମଧ୍ୟ ଟାଇଟଲ ହାସଲ କରିଥିଲେ। ଥାନେ ବ୍ୟାଡ୍‌ମିଣ୍ଟନ ଏକାଡେମୀରୁ ଅମନ ସୃଷ୍ଟି ହୋଇଛନ୍ତି। ଚଳିତ ବର୍ଷ ଅଗଷ୍ଟରେ ସେ ବେନିନ ଓପନ ଟାଇଟଲ ହାସଲ କରିଥିଲେ। ପୂର୍ବରୁ ସେ ୧୯ ବର୍ଷରୁ କମ୍ ଜାତୀୟ ଟୁର୍ନାମେଣ୍ଟରେ ଟାଇଟଲ ହାସଲ କରିଥିଲେ ଓ ୨୦୧୯ କେନିୟା ଅନ୍ତର୍ଜାତୀୟ ଫ୍ୟୁଚର ସିରିଜରେ ଦ୍ୱିତୀୟ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବ୍ୟାଡ୍‌ମିଣ୍ଟନ ସାଉଥ୍ ଆଫ୍ରିକା ଏହି ୪ ଦିନିଆ ଟୁର୍ନାମେଣ୍ଟର ଆୟୋଜକ ରହିଛି।

**ଦକ୍ଷିଣ ଆଫ୍ରିକା ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ**

# ଫଲୋଅନ ଏଡ଼ାଇବାକୁ ବାଂଲାଦେଶର ସଂଘର୍ଷ

**ଢାକା,୭।୧୨**

ଅଫ୍ ସ୍ପିନର ସାଜିଦ ଖାଁ ୩୫ ରନ ଦେଇ କ୍ୟାରିୟର ଶ୍ରେଷ୍ଠ ୬ ଉଇକେଟ ଅକ୍ତିଆର କରିବା ସହ ବାଂଲାଦେଶ ଦ୍ୱିତୀୟ ଇନିଂସରେ ବିପର୍ଯ୍ୟୟ ଘଟାଇଛନ୍ତି। ଫଳରେ ବାଂଲାଦେଶ ଫଲୋଅନ ଏଡ଼ାଇବା ପାଇଁ ଏବେ ସଂଘର୍ଷ କରୁଛି।


ବର୍ଷାବାଧା ପ୍ରାପ୍ତ ଏହି ମ୍ୟାଚରେ ପାକିସ୍ତାନ ଟସ୍ ଜିତି ପ୍ରଥମ ବ୍ୟାଟିଂ କରି ୯୮.୩ ଓଭରରେ ୪ ଉଇକେଟ ହରାଇ ୩୦୦ ରନକରି ଇନିଂସ ଘୋଷଣା କରିଥିଲା।

**ଦ୍ୱିତୀୟ ଟେଷ୍ଟ**

ଜବାବରେ ବାଂଲାଦେଶ ମଙ୍ଗଳବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୨୬ ଓଭରରେ ୭ ଉଇକେଟ ହରାଇ ୭୬ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଗୋଟିଏ ଦିନ ବାକିଥିବା ବେଳେ ବାଂଲାଦେଶ ୩ ଉଇକେଟ ହାତରେ ରଖି ୨୨୪ ରନ ପଛରେ ପଡିଛି ଓ ଫଲୋଅନ ଏଡାଇବାକୁ ଆହୁରି ୨୫ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପାସରଣ ବେଳକୁ ଶକିବ ଅଲ ହାସନ ୨୩ ଓ ତାଇଜୁଲ ଇସଲାମ ବିନା ସ୍କୋରରେ ଅପରାଜିତ ରହିଛନ୍ତି। ନାଜମୁଲ ହୋସେନ ସାଣ୍ଟୋ ୩୦ ରନକରି ଆଉଟ ହୋଇଥିଲେ। ଶକିବ ଓ ନାଜମୁଲଙ୍କ ବାଦ୍ ଦେଲେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ସାଜିଦ୍ ୬ଟି ଉଇକେଟ ଅକ୍ତିଆର କରିଥିବା ବେଳେ ଅଧିନାୟକ ମୋମିନୁଲ ହକ ୧ ରନକରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ।

ବର୍ଷା ଯୋଗୁ ତୃତୀୟ ଦିନର ଖେଳ ସମ୍ପୂର୍ଣ୍ଣ ରୂପେ ଧୋଇଯାଇଥିଲା। ଦ୍ୱିତୀୟ ଦିବସର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୮୮/୨ରୁ ପାକିସ୍ତାନ ଖେଳ ଆରମ୍ଭ କରି ଇନିଂସ ଘୋଷଣା କରିଥିଲା। ଓଭରନାଇଟ୍ ସ୍କୋର ୫୨ରୁ ଆଝାର ଅଲି ଓ ୭୧ରୁ ଅଧିନାୟକ ବାବର ଆଜମ ଖେଳ ଆରମ୍ଭ କରି ଯଥାକ୍ରମେ ୫୬ ଓ ୭୬ ରନକରି ଆଉଟ ହୋଇଥିଲେ। ଏହାପରେ ଫୱାଦ ଆଲମ ୫୦ ଓ ଉଇକେଟକିପର ବ୍ୟାଟର ମହମ୍ମଦ ରିଜ୍‌ୱାନ ୫୩ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ଅପରାଜିତ ରହିଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ତାଇଜୁଲ ଇସଲାମ ୨, ଇବାଦୋତ ହୋସେନ ଓ ଖଲଦ ଅହମ୍ମଦ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ବର୍ଷା ଓ ଖରାପ ଆଲୋକ ଯୋଗୁ ୪ ଦିନର ଖେଳ ବାଧାପ୍ରାପ୍ତ ହୋଇଛି।

**ସଂକ୍ଷିପ୍ତ ସ୍କୋର:**
ପାକିସ୍ତାନ ପ୍ରଥମ ଇନିଂସ– ୯୮.୩ ଓଭରରେ ୩୦୦/୪ ଇନିଂସ ଘୋଷଣା (ବାବର– ୭୬, ଆଝର– ୫୬, ଫୱାଦ– ୫୦*, ରିଜ୍‌ୱାନ– ୫୩*, ତାଇଜୁଲ– ୨/୭୩, ଖଲଦ ଅହମ୍ମଦ– ୧/୪୯, ଇବାଦୋତ– ୧/ ୮୮)। ବାଂଲାଦେଶ ପ୍ରଥମ ଇନିଂସ: ୨୬ ଓଭରରେ ୭୬/୭ (ନାଜମୁଲ– ୩୦, ଶକିବ– ୨୩*, ସାଜିଦ୍– ୬/୩୫ )।


ଉଇକେଟ ନେବା ପରେ ସାଜିଦ୍ ଖାଁଙ୍କ ପ୍ରତିକ୍ରିୟା।

# ଦକ୍ଷିଣ ଆଫ୍ରିକା ଦଳ ଘୋଷିତ

**ଜୋହାନ୍ସବର୍ଗ,୭।୧୨:** ଡିସେମ୍ବର ୨୬ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଭାରତ ବିପକ୍ଷ ଘରୋଇ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଦକ୍ଷିଣ ଆଫ୍ରିକା ଏକ୨୧ ଜଣିଆ ଦଳ ଘୋଷଣା କରିଛି। ନୂଆ ମୁହଁ ଭାବେ ଦ୍ରୁତ ବୋଲର ସିସାନ୍ଦା ମାଗାଲା ଓ ଉଇକେଟକିପର ବ୍ୟାଟର ରିଆନ ରିକ୍‌ଲେଟନ ଦଳରେ ସ୍ଥାନ ପାଇଛନ୍ତି। ୨୦୧୯ରେ ଶେଷଥର ପାଇଁ ଟେଷ୍ଟ ଖେଳିଥିବା ଦ୍ରୁତ ବୋଲର ଡୁଆନ ଓଲିଭର ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଡିନ୍ ଏଲଗାର ଦକ୍ଷିଣ ଆଫ୍ରିକା ଦଳର ନେତୃତ୍ୱ ନେବେ। ସେହିପରି ଦୁଇ ତାରକା ଦ୍ରୁତ ବୋଲର କାଗିସୋ ରାବାଡ଼ା ଓ ଅନରିଚ ନୋର୍ଜ ମଧ୍ୟ ଦଳକୁ ଫେରିଛନ୍ତି। ଗତ ନେଦରଲାଣ୍ଡ୍ସ ବିପକ୍ଷ ଦିନିକିଆ ସିରିଜରେ ଏହି ଦୁଇ ବୋଲରଙ୍କୁ ବିଶ୍ରାମ ଦିଆଯାଇଥିଲା। ସେହିପରି ଗ୍ଲେଣ୍ଟନ ଷ୍ଟୁରମ୍ୟାନ ଓ ପ୍ରେନେଲାନ ସୁବ୍ରେ ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କୋଭିଡ୍–୧୯ ନୂଆ ଭାରିଆଣ୍ଟ ଚିହ୍ନଟ ହେବାରୁ ପ୍ରଥମ ଟେଷ୍ଟକୁ ଗୋଟିଏ ସପ୍ତାହ ଘୁଞ୍ଚାଇ ଦିଆଯାଇଛି ଓ ଏହା ବକ୍ସିଂ ଡେ ଅର୍ଥାତ ଡିସେମ୍ବର ୨୬ ତାରିଖରୁ ଆରମ୍ଭ ହେବ। କୋଭିଡ୍‌ର ନୂଆ ଭାରିଆଣ୍ଟ ଚିହ୍ନଟ ହେବା ପରେ ଏହି ସିରିଜ ନେଇ ଆଶଙ୍କା ସୃଷ୍ଟି ହୋଇଥିଲା। ତେବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ କ୍ରିକେଟ ସାଉଥ ଆଫ୍ରିକା (ସିଏସ୍‌ଏ) ମିଳିତ ଭାବେ କାର୍ଯ୍ୟ କରି ସିରିଜକୁ ଆଗକୁ ବଢାଇବାକୁ ନିଷ୍ପତ୍ତି ନେଇଥିଲେ। ଏହି ସିରିଜ ଆୟୋଜନ କରିବାକୁ ଆମେ ବଦ୍ଧପରିକର ବୋଲି ସିଏସ୍‌ଏ କନ୍‌ଭେନର ଅଫ୍ ସିଲେକ୍ଟର ଭିକ୍ଟର ଏମ୍‌ପିସାଙ୍କ କହିଛନ୍ତି। ଚୟନ ହୋଇଥିବା ଏହି ଦଳ ଭାରତ ବିପକ୍ଷ ସିରିଜରେ ଭଲ ପ୍ରଦର୍ଶନ କରିବ ବୋଲି ସେ କହିଛନ୍ତି। ଏହି ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶବିଶେଷ। ତେଣୁ ଏହି ଚାମ୍ପିୟନଶିପ୍‌ରେ ଦକ୍ଷିଣ ଆଫ୍ରିକା ମାଟିରେ ଭାରତ ତା'ର ପ୍ରଥମ ସିରିଜ ବିଜୟ ହାସଲ କରିବା ଲକ୍ଷ୍ୟରେ ରହିଛି। ପ୍ରଥମ ଟେଷ୍ଟ ସେଞ୍ଚୁରିୟନରେ ଖେଳାଯିବ। ସେହିପରି ଜାନୁୟାରୀ ୩ରେ ଜୋହାନ୍ସବର୍ଗରେ ଦ୍ୱିତୀୟ ଓ ୧୧ ତାରିଖରେ କେପ୍ ଟାଉନ୍‌ରେ ତୃତୀୟ ଟେଷ୍ଟ ଆରମ୍ଭ ହେବ। ଏହାପରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଖେଳାଯିବ। ମୂଳ କାର୍ଯ୍ୟସୂଚୀର ଅଂଶବିଶେଷ ଥିବା ୪ଟି ଟି୨୦ ପରେ ଆୟୋଜନ ହେବ ବୋଲି କୁହାଯାଇଛି। ପୁନଃନିର୍ଦ୍ଧାରିତ ଏହି ସିରିଜର କାର୍ଯ୍ୟସୂଚୀ ସୋମବାର ଘୋଷଣା କରାଯିବ।

**ଦକ୍ଷିଣ ଆଫ୍ରିକା ଦଳ:** ଡିନ୍ ଏଲଗାର (ଅଧିନାୟକ), ଟେମ୍ବା ବଭୁମା (ଉପ–ଅଧିନାୟକ), କ୍ୱିଣ୍ଟନ ଡିକକ୍ (ଉଇକେଟକିପର), କାଗିସୋ ରାବାଡା, ସାରେଲ ଏରୱି, ବେଉରାନ ହେଣ୍ଡ୍ରିକ୍ସ, ଜର୍ଜ ଲିଣ୍ଡେ, କେଶବ ମହାରାଜ, ଲୁନ୍‌ଗି ଏନ୍‌ଗିଡି, ଏଡେନ ମାରାକ୍ରାମ, ୱିଆନ ମୁଲ୍ଡର, ଅନରିଚ ନୋର୍ଜ, କିଗାନ ପିଟରସନ, ରାସି ଭାନ ଡେର ଡୁସେନ, କାଏଲ ଭେରେଇନ୍, ମାର୍କୋ ଜାନସେନ, ଗ୍ଲେଣ୍ଟୋନ ଷ୍ଟୁରମ୍ୟାନ, ପ୍ରିନିଲାନ ସୁବ୍ରାୟେନ, ସିସାଣ୍ଡା ମାଗାଲା, ରିଆନ ରିକ୍ଲେଟନ ଓ ଡୁଆନ ଓଲିଭର।


ସିସାନ୍ଦା ମାଗାଲା ଓ ରିଆନ ରିକ୍‌ଲେଟନ।

**ଭାରତ ବିପକ୍ଷ ଟେଷ୍ଟ ସିରିଜ**

# ନଠୁଆବର, ବ୍ରହ୍ମବରଦା ବିଜୟୀ

**ରସୁଲପୁର,୭।୧୨(ଡି.ଏନ.ଏ.)**

ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ଅତଲାପୁର ଖେଳ ପଡ଼ିଆରେ ୭ମ ବାର୍ଷିକୀ କଳ୍ପତରୁ ଦାସ ମେମୋରିଆଲ୍ (କେଡିଏମ୍) କ୍ରିକେଟ୍ ଟୁର୍ନାମେଣ୍ଟର ବରୀ ଜୋନସ୍ତରୀୟ ଖେଳ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ୨ଟି ମ୍ୟାଚ୍‌ରେ ନଠୁଆବର ଓ ବ୍ରହ୍ମବରଦା ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ନଠୁଆବର ଓ ଅର୍ଥଗାଁ କ୍ରିକେଟ ଟିମ୍ ମଧ୍ୟରେ ହୋଇଥିଲା। ନଠୁଆବର ଦଳ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ବିନିମୟରେ ୨୮୪ ରନ୍ କରିଥିଲା। ବ୍ୟାଟସ୍‌ମ୍ୟାନ ପ୍ରଦ୍ୟୁମ୍ନ ସ୍ୱାଇଁ ୫୨ ବଲରେ ୧୭୩ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଅର୍ଥଗାଁ ଦଳରୁ ମନୋଜ ବାରିକ ୨ ଓଭର ବୋଲିଂ କରି ୨ ଉଇକେଟ ନେଇଥିଲେ। ଅର୍ଥଗାଁ ଦଳ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୫୩ରନ କରି ପରାଜୟ ବରଣ କରିଥିଲା। ଦଳ ପକ୍ଷରୁ ଏକମାତ୍ର ବ୍ୟାଟସ୍‌ମ୍ୟାନ ପ୍ରକାଶ ଦଳାଇ ସର୍ବାଧିକ ୨୨ ବଲରେ ୪୧ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ବୋଲର ନିରାକାର ମହାନ୍ତି, ଛବି ରଣା ୩ଓଭର ବୋଲିଂ କରି ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ବ୍ରହ୍ମବରଦା ଓ ସାମନ୍ତରାପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମବରଦା ଟସ୍ ଜିଣି ବୋଲିଂ ନିଷ୍ପତ୍ତି ନେଇଥିଲା। ସାମନ୍ତରାପୁର ଦଳ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୨୦୯ରନ ସଂଗ୍ରହ କରିଥିଲା। ଦଳର ମଜିଦ୍ ଖାନ୍ ସର୍ବାଧିକ ୫୧ରନ୍ ସଂଗ୍ରହ କରିଥିଲେ। ବ୍ରହ୍ମବରଦାର ରିତେଶ ଓଝା ୩ ଓଭର ବୋଲିଂ କରି ୩ ଉଇକେଟ ନେଇଥିଲେ। ବ୍ରହ୍ମବରଦା ଦଳର ରାଜାବୁଦ୍ଦିନ ଖାନ୍‌ଙ୍କ ଧୂଆଁଧାର ବ୍ୟାଟିଂ ସହ ବ୍ୟକ୍ତିଗତ ସର୍ବାଧିକ ୧୧୫ରନ ସ୍କୋର ବଳରେ ଦଳ ବିଜୟୀ ହୋଇଥିଲା। ପ୍ରତିପକ୍ଷ ସାମନ୍ତରାପୁର ଦଳର ଗଣେଶ୍ୱର ଦାସ ୩ ଓଭରରେ ୨ ଉଇକେଟ୍ ଅକ୍ତିଆର କରିଥିଲେ।

ଉଦ୍‌ଘାଟନୀ ସମାରୋହରେ ସରପଞ୍ଚ ପ୍ରଫୁଲ୍ଲ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ସମ୍ମାନିତ ଅତିଥି ରସୁଲପୁର ବ୍ଲକ ବିଜେଡି ସଭାପତି ଅରୁଣ ରାଉତ, ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ମନୋଜ ରାଉତ, ମହିଳା ବିଜେଡି ଉପସଭାନେତ୍ରୀ ଆରତୀ ଦେଓ, ସରପଞ୍ଚ ସୁଶାନ୍ତ ବେହେରା ପ୍ରମୁଖ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଅମରେଶ ପରିଡ଼ା ଓ ଦିଲୋକ ଜେନା ଖେଳ ପରିଚାଳନା କରିଥିବା ବେଳେ ଅମିୟ ପରିଡ଼ା, ଦେବରାଜ ମିଶ୍ର ଓ ଚନ୍ଦନ ଦାସ ଅଫିସିଆଲ ଭାବେ କାର୍ଯ୍ୟ ତୁଲାଇଥିଲେ।

**ବରୀ ଜୋନସ୍ତରୀୟ କେଡିଏମ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ**


ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

# ଇଷ୍ଟବେଙ୍ଗଲକୁ ହରାଇଲା ଗୋଆ

**ଗୋଆ, ୭।୧୨:** ସ୍ଥାନୀୟ ତିଳକ ମୈଦାନରେ ମଙ୍ଗଳବାର ଅନୁଷ୍ଠିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍) ମ୍ୟାଚରେ ଏଫ୍‌ସି ଗୋଆ ୪–୩ ଗୋଲରେ ଇଷ୍ଟବେଙ୍ଗଲକୁ ପରାସ୍ତ କରିଛି। ଚଳିତ ସିଜନରେ ଗୋଆର ଏହା ପ୍ରଥମ ବିଜୟ। ଅନ୍ୟପକ୍ଷରେ ରେଡ୍ ଆଣ୍ଡ ଗୋଲ୍ଡ ବ୍ରିଗେଡ୍ ଦଳ ଏବେ ମଧ୍ୟ ବିଜୟ ସନ୍ଧାନରେ ଅଛନ୍ତି। ମ୍ୟାଚର ୧୪ତମ ମିନିଟରେ ଆଲବର୍ଟ ନୋଗୁଏରା ଗୋଲ ଦେଇ ଗୋଆକୁ ଅଗ୍ରଣୀ କରାଇଥିଲେ। ମାତ୍ର ୨୬ତମ ମିନିଟରେ ଇଷ୍ଟବେଙ୍ଗଲର ଆଣ୍ଟୋନିଓ ପର୍ସୋଭିକ୍ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ତେବେ ୩୨ତମ ମିନିଟରେ ଜର୍ଜ ଓର୍ଟିଜ ଏକ ଗୋଲ ଦେଇ ଗୋଆକୁ ପୁଣି ଅଗ୍ରଣୀ କରାଇଥିଲେ। ବକ୍ସ ଏରିଆ ମଧ୍ୟରେ ଇଷ୍ଟବେଙ୍ଗଲର ସେରିଟନ ଫାଉଲ କରିବାରୁ ଗୋଆକୁ ପେନାଲ୍ଟି ଶୁଟ୍ ପାଇଁ ସୁଯୋଗ ମିଳିଥିଲା। ଓର୍ଟିଜ ଏହାର ସଦ୍‌ବ୍ୟବହାର କରିଥିଲେ। ସଂଘର୍ଷପୂର୍ଣ୍ଣ ଲଢ଼େଇ ମଧ୍ୟରେ ଇଷ୍ଟବେଙ୍ଗଲର ଅମିର ଡେର୍ଭିସେଭିକ୍ ୩୭ତମ ମିନିଟରେ ପୁଣି ଗୋଲ ପରିଶୋଧ କରିବାରୁ ମ୍ୟାଚ ୨–୨ ସ୍ଥିତିକୁ ଚାଲି ଆସିଥିଲା। ୪୪ତମ ମିନିଟରେ ଆଣ୍ଟୋନିଓ ପେର୍ସୋଭିକ୍‌ଙ୍କ ଆତ୍ମଘାତୀ ଗୋଲ ଗୋଆକୁ ତୃତୀୟଥରପାଇଁ ଅଗ୍ରଣୀ କରାଇଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେବେ ଇଷ୍ଟବେଙ୍ଗଲର ପେର୍ସୋଭିକ୍ ୫୯ତମ ମିନିଟରେ ଗୋଲ କରି ମ୍ୟାଚକୁ ପୁଣି ୩–୩କୁ ନେଇ ଆସିଥିଲେ। ତେବେ ଗୋଆର ନୋଗୁଏରା ୭୯ତମ ମିନିଟରେ କରିଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ଏଫ୍‌ସି ଗୋଆ ଏହାର ପରବର୍ତ୍ତୀ ମ୍ୟାଚ ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ଶନିବାର ଖେଳିବ। ଇଷ୍ଟବେଙ୍ଗଲ ରବିବାର କେରଳ ବ୍ଲାଷ୍ଟର୍ସ ବିପକ୍ଷରେ ମୁକାବିଲା କରିବ।


ଗୋଲ କରିବାପରେ ଖୁସି ମନାଉଛନ୍ତି ଗୋଆର ଆଲବର୍ଟ ନୋଗୁଏରା।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



MARUTI SUZUKI ARENA
DRIVE YOUR STYLE
INTRODUCING THE ALL-NEW
CELERIO
3D ଅର୍ଗାନିକ ସ୍କଲ୍ପଟେଡ୍ ଡିଜାଇନ ସହିତ
ଭାରତର ସବୁଠାରୁ ଅଧିକ ମାଇଲେଜ ଦେଉଥିବା ପେଟ୍ରୋଲ କାର^
26.68** km/l
ନୂତନ K-ସିରିଜ ଇଞ୍ଜିନ, ଆଇଡଲ ଷ୍ଟାର୍ଟ-ଷ୍ଟପ ସହିତ
ଏନାର୍ଜେଟିକ ଏବଂ ସ୍ପେସିଅସ କେବିନ
12+ ସେଫ୍ଟୀ ଫିଚର୍ସ ଫାସ୍ଟର୍-ଇନ-ସିଗମେଣ୍ଟ ହିଲ ହୋଲ୍ଡ ଆସିଷ୍ଟ ସହିତ
ସ୍ମାର୍ଟପ୍ଲେ ଷ୍ଟୁଡିଓ ସହିତ ସ୍ମାର୍ଟଫୋନ୍ ନେଭିଗେଶନ
CELERIO SAVE UP TO ₹15 000*
CELERIO
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in.
LEGEND CARS
JEYPORE: 7894442905.
BHAWANIPATNA: 7894442907.
SKY AUTOMOBILES
BERHAMPUR: 9778202019.
BHANJANAGAR: 9778202019.
PARALAKHEMUNDI: 9778202019.
PHULBANI: 9778202019.
ODYSSEY MOTORS
SAMBALPUR: 7381433909. BOLANGIR: 9438068327.
BARGARH: 9556352943. NUAPADA: 7381017851.
SONEPUR: 9438068327. JHARSUGUDA: 9439892153.
BOUDH: 8594908009.
ORBIT MOTORS
ROURKELA: 9040404444, 9040404333.
SUNDARGARH: 9437049161.
DEOGARH: 9437061223.
*Offer includes consumer offer, exchange bonus, retail support and corporate offer (wherever applicable) on selected models/ variants. Above mentioned savings amount is the value of maximum savings on selected models. Terms and conditions apply. The terms and conditions are subject to change without any prior notice Features and accessories shown may not be part of standard fitment. **As certified by Test Agency Under Rule 115 (G) of CMVR 1989. ^Claim supported by independent research agency-JATO Dynamics Limited and is applicable in the petrol category. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st December, 2021.




Piramal
Polycrol®
XPRESS RELIEF
ପୋଲିକ୍ରୋଲ ଇନ,
ଏସିଡିଟି ଆଉଟ,
ଦାଦାଙ୍କ ଭରସା,
ଉଇଦାଉଟ ଏନି ଡାଉଟ!
10 ସେକେଣ୍ଡରେ କାମ ଆରମ୍ଭ ହୁଏ#
ବର୍ତ୍ତମାନ ନୂଆ ପ୍ୟାକରେ
ANTACID ANTIGAS GEL
Polycrol
XPRESS RELIEF
Sugar-Free
#Refers to start of the acid neutralization reaction that will occur in the stomach when product comes in contact with stomach acid. *If acidity persists, please contact your physician.
For queries or feedback, contact consumer care officer at toll free no. 1800229898 or consumercare@piramal.com | Available at Apollo, Frank Ross and local chemist stores near you.

(ପୃଷ୍ଠା-୧୨+୮) 48

# ଧରିତ୍ରୀ
DHARITRI

୪୮

ରାୟଗଡ଼ା, ବୁଧବାର, ଡିସେମ୍ବର ୮/୨୦୨୧ (୧୨+୮=୨୦ ପୃଷ୍ଠା) | Rayagada, Wednesday, December 8/2021 | ପୃଷ୍ଠା-୧



**ରିଲିଫ୍ ଫଣ୍ଡକୁ କୋଟିଏ ଦେଲେ ପ୍ରଭାସ**
ବନ୍ୟା ବିପନ୍ନଙ୍କ ସହାୟତା ପାଇଁ 'ବାହୁବଳୀ' ଅଭିନେତା ପ୍ରଭାସ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ୧ କୋଟି ଟଙ୍କା ଦାନ କରିଛନ୍ତି। ୦୩

୦୮ **ଆଇସିସି ପୁରସ୍କାର ଦୌଡ଼ରେ ୱାର୍ନର**
ଅଷ୍ଟ୍ରେଲିଆ କ୍ରିକେଟ ଓପନର ଡେଭିଓ ୱାର୍ନର ନଭେମ୍ବର ମାସପାଇଁ ଆଇସିସି ପୁରୁଷ ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି।











ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ଦାବିରେ କଂଗ୍ରେସ ବିଧାୟକମାନେ ମଙ୍ଗଳବାର ବିଧାନସଭା ପରିସର ପରିକ୍ରମା କରୁଥିବାବେଳେ ଭାଜପା ବିଧାୟକମାନେ ଘଣ୍ଟ ବାଡ଼େଇ ମହାପ୍ରଭୁଙ୍କୁ ପୂଜା କରୁଛନ୍ତି। ପ୍ରତିବାଦ ସ୍ୱରୂପ ଅନୁରୂପ ଢଙ୍ଗରେ ବିଜେଡି ବିଧାୟକମାନେ ଗାନ୍ଧୀମୂର୍ତ୍ତି ତଳେ କେନ୍ଦ୍ର ଅବହେଳା ବିଷୟ ଉଠାଇ ବିକ୍ଷୋଭ କରୁଛନ୍ତି।

# ମହାପ୍ରଭୁଙ୍କୁ ଭଜିଲେ ଶାସକ, ବିରୋଧୀ

- ଘଣ୍ଟ ନାଦରେ କମ୍ପିଲା ବିଧାନସଭା
- ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଲା ବିଜେଡି
- ବିଧାନସଭା ପରିକ୍ରମା କଲା କଂଗ୍ରେସ
- ଘଣ୍ଟ ବାଡ଼େଇ ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା କଲା ଭାଜପା

**ଭୁବନେଶ୍ୱର,୭।୧୨(ବ୍ୟୁରୋ)**

ମହାପ୍ରଭୁ କେନ୍ଦ୍ର ସରକାରଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ, କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁ। ହେ ମହାପ୍ରଭୁ ମୁଖ୍ୟମନ୍ତ୍ରୀଙ୍କୁ ଶକ୍ତି ଦିଅନ୍ତୁ, ମମିତାଙ୍କୁ ନ୍ୟାୟ ଦେବା ପାଇଁ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ବହିଷ୍କାର ଓ ସିବିଆଇକୁ ତଦନ୍ତ ନିର୍ଦ୍ଦେଶ ଦେଇ ବିଧାନସଭାକୁ ଆସନ୍ତୁ। ଶାସକ-ବିରୋଧୀ ଦଳ ସଦସ୍ୟମାନେ ନିଜର ଦାବି ପୂରଣ ପାଇଁ ଏଭଳି ଉପାୟରେ ମହାପ୍ରଭୁ ଜଗନ୍ନାଥଙ୍କ ଶରଣ ପଶିଛନ୍ତି। ପରସ୍ପରକୁ ସଦ୍‌ବୁଦ୍ଧି ଦେବାକୁ ପ୍ରଭୁଙ୍କୁ ଭଜିଛନ୍ତି। ବିରୋଧୀ ଭାଜପା ସଦସ୍ୟମାନେ ଘଣ୍ଟନାଦ ଓ ବିଧାନସଭା ବାହାରେ ଶ୍ରୀଜଗନ୍ନାଥଙ୍କୁ ପୂଜା କରି ପ୍ରତିବାଦ କରିଥିବା ବେଳେ କଂଗ୍ରେସ ସଦସ୍ୟମାନେ ପୋଷ୍ଟର, ବ୍ୟାନର ଧରି ବିଧାନସଭା ପରିକ୍ରମା କରିଥିଲେ। ଏଭଳିସ୍ଥଳେ ଶାସକ ଦଳର ମହିଳା ସଦସ୍ୟମାନେ ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟଙ୍କ ଉପରେ ଗଙ୍ଗାଜଳ ଛିଞ୍ଚି ପ୍ରତିବାଦ କରିଥିଲେ। ଏସବୁ ପ୍ରତିବାଦ ଯୋଗୁ ଷଷ୍ଠ ଦିନ ଲାଗି ମଧ୍ୟ ବିଧାନସଭା ପ୍ରାୟ ଅଚଳ ହୋଇଯାଇଛି। କେବଳ ପାଇକ ବିଦ୍ରୋହ ସଂକଳ୍ପ ପାରିତ ହେବା ଛଡ଼ା ଗୃହରେ କୌଣସି କାର୍ଯ୍ୟକ୍ରମ ହୋଇପାରି ନ ଥିଲା। ଗୃହକୁ ସ୍ୱାଭାବିକ କରିବାକୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ମଙ୍ଗଳବାର ପୁଣି ଡାକିଥିବା ସର୍ବଦଳୀୟ ବୈଠକ ମଧ୍ୟ ଫେଲ୍ ମାରିଛି।

ପୂର୍ବାହ୍ନ ୧୦ଟା ୩୦ ମିନିଟରେ ବାଚସ୍ପତି ସଭା କାର୍ଯ୍ୟ ଚଳାଇବାକୁ ଗୃହକୁ ପ୍ରବେଶ କରିଥିଲେ। ବାଚସ୍ପତି ନିଜ ସିଟ୍‌ରେ ବସିବା ପୂର୍ବରୁ ଆରମ୍ଭ ହୋଇଯାଇଥିଲା ହଇଗୋଳ। ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ କଂଗ୍ରେସ ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମକୁ କବ୍‌ଜା କରି ପୋଷ୍ଟର,ବ୍ୟାନର ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିବା ବେଳେ ମୁଖ୍ୟ ବିରୋଧୀ ଦଳ ଭାଜପା ସଦସ୍ୟମାନେ ଘଣ୍ଟ ବାଡ଼େଇ ପ୍ରତିବାଦ ☞ପୃଷ୍ଠା-୬

## ବିଧାନସଭାରେ ପାରିତ ହେଲା ପାଇକ ବିଦ୍ରୋହ ସଂକଳ୍ପ

**ଭୁବନେଶ୍ୱର,୭।୧୨(ବ୍ୟୁରୋ)**

ପାଇକ ବିଦ୍ରୋହକୁ ପ୍ରଥମ ଜାତୀୟ ସ୍ୱାଧୀନତା ସଂଗ୍ରାମ ଦାବି ପୁଣି ଜୋର ଧରିଛି। ଓଡ଼ିଆ ସ୍ୱାଭିମାନ ଓ ଅସ୍ମିତା ପାଇଁ ମଙ୍ଗଳବାର ବିଧାନସଭାରେ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ମାନ୍ୟତା ଦେବା ନେଇ ସଂକଳ୍ପ ପାରିତ ହୋଇଛି। ଅପରାହ୍ନରେ ବିରୋଧୀ ଦଳଙ୍କ ହଇଗୋଳ ମଧ୍ୟରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହି ସଂକଳ୍ପକୁ ବିଧାନସଭାର ଅନୁମୋଦନ ପାଇଁ ଆଗତ କରିଥିଲେ। ଏହାକୁ ଗୃହ ପାରିତ କରିଛି ।

ସଂକଳ୍ପରେ ଦର୍ଶାଯାଇଛି, ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ୧୮୧୭ ମସିହାର ପାଇକ ବିଦ୍ରୋହ ଏକ ଗୌରବମୟ ଅଧ୍ୟାୟ। ଭାରତୀୟ ମୁକ୍ତି ସଂଗ୍ରାମ ଇତିହାସରେ ପାଇକ ବିଦ୍ରୋହର ସ୍ଥାନ ସ୍ୱତନ୍ତ୍ର। ଇଂରେଜମାନଙ୍କ ☞ପୃଷ୍ଠା-୬

## ହାଇକୋର୍ଟରେ ପଡ଼ିରହିଛି ୧.୮୭ ଲକ୍ଷ ମାମଲା

**ଭୁବନେଶ୍ୱର, ୭।୧୨(ବ୍ୟୁରୋ)**

ରାଜ୍ୟର ସମସ୍ତ ଜିଲା କୋର୍ଟ ଏବଂ ହାଇକୋର୍ଟରେ ଲକ୍ଷାଧିକ ମାମଲା ବିଚାର ନ ହୋଇ ପଡ଼ିରହିଛି। ବିଧାୟକ ସୌଭିକ୍ ବିଶ୍ୱାଳ ବିଧାନସଭାରେ ପଚାରିଥିବା ପ୍ରଶ୍ନର ଉତ୍ତରରେ ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ୩୧ ଅକ୍ଟୋବର ୨୦୨୧ ସୁଦ୍ଧା ଜିଲା କୋର୍ଟରେ ୧୭ ଲକ୍ଷ ୬୮ ହଜାର ୭୦୪ଟି ମାମଲା ବିଚାର ନ ହୋଇ ପଡ଼ିରହିଛି। ହାଇକୋର୍ଟରେ ଏହି ସମୟ ମଧ୍ୟରେ ୧ ଲକ୍ଷ ୮୭ ହଜାର ୦୨୮ ଟି ମାମଲା ପଡ଼ିରହିଛି। ଏଭଳିସ୍ଥଳେ ବିଗତ ୩ ବର୍ଷରେ ୮ ଲକ୍ଷ ୯୫ ହଜାର ୪୧୨ ମାମଲା ଫଇସଲା ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ ଜେନା ଆହୁରି ଉଲ୍ଲେଖ କରିଛନ୍ତି ଯେ, ବକେୟା ରହିଥିବା ମାମଲାଗୁଡ଼ିକର ☞ପୃଷ୍ଠା-୬

# ସୁଇଜରଲାଣ୍ଡରେ ଇଚ୍ଛାମୃତ୍ୟୁ ମେଶିନ ବୈଧ

**ବର୍ନ, ୭।୧୨**

ସୁଇଜରଲାଣ୍ଡରେ ଇଚ୍ଛାମୃତ୍ୟୁ ଆଇନ ଲାଗୁ ହେବାପରେ ସେଠାକାର ସରକାର ଆତ୍ମହତ୍ୟା ନିମନ୍ତେ ଏକ ସାର୍କୋ ସୁଇସାଇଡ୍ ପଡ୍(ଏକ ମେଶିନ୍)କୁ ଆଇନଗତ ଅନୁମୋଦନ ମିଳିଛି। ଏହି ଯନ୍ତ୍ର ସହାୟତାରେ ଦୀର୍ଘ ଦିନ ଧରି ଗୁରୁତର ରୋଗରେ ପୀଡ଼ିତ କିମ୍ବା ବଞ୍ଚିବା ଆଶାକ୍ଷୀଣ ଥିବା ବ୍ୟକ୍ତି ବିନା ଯନ୍ତ୍ରଣାରେ ନିଜ ଜୀବନ ହାରି ପାରିବେ। ଏକ୍‌ଜିଟ୍ ଇଣ୍ଟରନ୍ୟାଶନାଲ କମ୍ପାନୀ ଏହି ମେଶିନ୍ ନିର୍ମାଣ କରିଛି। କେହି ଏହି ଯନ୍ତ୍ର ମଧ୍ୟରେ ପଶିବା ପରେ ସେଥିରେ ଅମ୍ଳଜାନ ସ୍ତର କମିଯାଏ। ପ୍ରାୟ ୧ ମିନିଟ୍ ମଧ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯିବ।

**୧ ମିନିଟ୍‌ରେ ଚାଲିଯିବ ଜୀବନ**



ସେହି ବ୍ୟକ୍ତି ମେଶିନକୁ ଭିତରୁ ହିଁ ପରିଚାଳିତ କରିପାରିବେ। ଏଥିରେ ୩-ଡି ପ୍ରିଣ୍ଟେଡ୍ ବାୟୋଡିଗ୍ରେଡେବଲ୍ କ୍ୟାପସୁଲ ରହିଛି, ଯାହାକୁ କଫିନ୍ ଭାବେ ବ୍ୟବହାର କରାଯାଇପାରିବ। ମେଶିନ୍‌କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ମଧ୍ୟ ନିଆଯାଇପାରିବ। ତେବେ ମୃତ୍ୟୁ ମେଶିନ୍‌କୁ ବୈଧ ଘୋଷଣା କରାଯିବାକୁ ଅନେକେ ସମାଲୋଚନା କରିଛନ୍ତି। ଏହା ଆତ୍ମହତ୍ୟାକୁ ପ୍ରୋତ୍ସାହିତ କରିବ ବୋଲି ସେମାନେ କହିଛନ୍ତି। ଗତବର୍ଷ ସୁଇଜରଲାଣ୍ଡରେ ପ୍ରାୟ ୧୩ଶହ ଲୋକ ବିଭିନ୍ନ ସଙ୍ଗଠନ ଜରିଆରେ ଇଚ୍ଛାମୃତ୍ୟୁ ପାଇଁ ସହାୟତା ଲୋଡ଼ିଥିଲେ।

## ଭିଏଲ୍-ଏସ୍‌ଆର୍‌ଏସ୍‌ଏମ୍‌ର ସଫଳ ପରୀକ୍ଷଣ

**ବାଲେଶ୍ୱର ଅଫିସ, ୭।୧୨**

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥା(ଡିଆରଡିଓ) ପକ୍ଷରୁ ମଙ୍ଗଳବାର ଅପରାହ୍ନ ୩ଟାରେ ଭର୍ଟିକାଲ ଲଞ୍ଚ - ସର୍ଟ ରେଞ୍ଜ ସରଫେସ୍ ଟୁ ଏୟାର ମିଶାଇଲ୍ (ଭିଏଲ୍-ଏସ୍‌ଆର୍‌ଏସ୍‌ଏମ୍)ର ପରୀକ୍ଷଣ ସଫଳ ହୋଇଛି। ଭାରତୀୟ ନୌସେନା ଲାଗି ଡିଆରଡିଓ ଦ୍ୱାରା ବିକଶିତ ଏହି କ୍ଷେପଣାସ୍ତ୍ର ନିକଟବର୍ତ୍ତୀ ଏବଂ ଆକାଶମାର୍ଗରୁ ଶତ୍ରୁପକ୍ଷର ଆକ୍ରମଣକୁ ପ୍ରତିହତ କରିବାରେ ସକ୍ଷମ ହେବ। ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍)ର ☞ପୃଷ୍ଠା-୬



ଭିଏଲ୍-ଏସ୍‌ଆର୍‌ଏସ୍‌ଏମ୍‌ର ପରୀକ୍ଷଣ କରାଯାଉଛି।

# ବଢ଼ୁଛି ଦରଦାମ, ବଦଳୁନି ୨୦୧୫ ଖାଦ୍ୟ ମୂଲ୍ୟ

- ସୀମିତ ସମ୍ବଳରେ ଅସୀମିତ ଦାୟିତ୍ୱ ଭାର
- ଛାତ୍ରୀଛାତ୍ରଙ୍କ ମାସିକ ଖାଦ୍ୟ ମୂଲ୍ୟ ବୃଦ୍ଧି ଦାବି

**ବିଷମକଟକ,୭।୧୨(ଡି.ଏନ୍.ଏ.)**

ରାୟଗଡ଼ା ଏକ ଆଦିବାସୀ ବହୁଳ ଜିଲା। ବିଷମକଟକ ବିଧାୟକ ଜଗନ୍ନାଥ ସାରକା ଅନୁସୂଚିତ ଜାତି, ଜନଜାତି କଲ୍ୟାଣ ମନ୍ତ୍ରୀ ପଦରେ ମଧ୍ୟ ରହିଛନ୍ତି। ତେବେ ଦୀପ ତଳ ଅନ୍ଧାର ଭଳି ଏଠାକାର ଅନୁସୂଚିତ ଜାତି, ଜନଜାତି ବିଭାଗ ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ରଙ୍କ ଖାଦ୍ୟପେୟ ବ୍ୟବସ୍ଥା ଠିକ୍ ନ ଥିବା ଜଣାପଡ଼ିଛି। ପ୍ରକାଶଯୋଗ୍ୟ, ବିଷମକଟକ ବ୍ଲକରେ ବିଭାଗ ଅଧୀନରେ ଗୋଟିଏ ବାଳିକା ଉଚ୍ଚ ବିଦ୍ୟାଳୟ, ୩ ସହ ଶିକ୍ଷାନୁଷ୍ଠାନ, ୯ ସେବାଶ୍ରମ ଏବଂ ଗୋଟିଏ ଡିକେଡିଏ ଏଜୁକେଶନ କମ୍ପ୍ଲେକ୍ସ ଏଭଳି ମୋଟ ୧୪ ଶିକ୍ଷାନୁଷ୍ଠାନ ରହିଛି। ଏହି ସବୁ ବିଦ୍ୟାଳୟରେ ୧୨ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ରହୁଛନ୍ତି। ଏମାନଙ୍କ ରହିବା, ପାଠପଢ଼ା ଓ ଖାଦ୍ୟପେୟ ଦାୟିତ୍ୱ ସରକାର ବହନ କରୁଛନ୍ତି। ହେଲେ ଆକାଶଛୁଆଁ ଦରଦାମ୍ ଉକ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଖାଦ୍ୟର ଗୁଣବତ୍ତା ଏବଂ ପରିମାଣ ନିର୍ଣ୍ଣୟରେ ଅଧିକ ସମସ୍ୟା ହେଉଛି। ତେବେ ସରକାରଙ୍କ ନିର୍ଦ୍ଦେଶ ମାନି ଚାଲିବା ବ୍ୟତୀତ କର୍ତ୍ତୃପକ୍ଷଙ୍କ ପାଇଁ ଅନ୍ୟ ବିକଳ୍ପ ନାହିଁ। ଏହାକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସମସ୍ତ ଖାଦ୍ୟ ସାମଗ୍ରୀର ମୂଲ୍ୟ ଯଥେଷ୍ଟ ବୃଦ୍ଧି ପାଇଥିଲେ ମଧ୍ୟ ୨୦୧୫ର ଦରଦାମ୍ ଅନୁଯାୟୀ କରାଯାଇଥିବା ପୁରୁଣା ଡାଏଟ୍ ପ୍ଲାନ୍ ୨୦୨୧ରେ ମଧ୍ୟ ଚାଲିଛି। ତେଣୁ ଖାଦ୍ୟର ଗୁଣବତ୍ତା ଏବଂ ପରିମାଣ ବଜାୟ ରଖିବା ବିଦ୍ୟାଳୟ କର୍ତ୍ତୃପକ୍ଷ ପାଇଁ କଷ୍ଟକର ହୋଇପଡ଼ିଥିବା ଜଣାପଡିଛି।

ରାଜ୍ୟ ସରକାର ୨୦୦୮ରୁ ଅନୁସୂଚିତ ଜାତି, ଜନଜାତି ବିଭାଗ ଦ୍ୱାରା ପରିଚାଳିତ ସମସ୍ତ ଆବାସିକ ବିଦ୍ୟାଳୟକୁ କିଲୋ ପିଛା ୧ଟଙ୍କାରେ ସବ୍‌ସିଡି ଯୁକ୍ତ ଚାଉଳ ଯୋଗାଇ ଆସୁଥିଲେ ମଧ୍ୟ ୨୦୧୫ରେ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟର ଅନ୍ତେବାସୀଙ୍କୁ ସବ୍‌ସିଡି ଯୁକ୍ତ ଚାଉଳ ଯୋଗାଣର ସମ୍ପୂର୍ଣ୍ଣ ଭାର ଗ୍ରହଣ କରିଥିଲେ। ଆବାସିକ ବିଦ୍ୟାଳୟର ପ୍ରତ୍ୟେକ ଛାତ୍ରୀଛାତ୍ର, ଅନ୍ତେବାସୀଙ୍କ ଥାଳିକୁ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ ଯୋଗାଇବାର ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିଲା। ତେବେ ବର୍ତ୍ତମାନର ପରିସ୍ଥିତିରେ ସବ୍‌ସିଡିଯୁକ୍ତ ଚାଉଳ ବ୍ୟତୀତ ଅନ୍ତେବାସୀଙ୍କୁ ଅନ୍ୟ ସମସ୍ତ ଖାଦ୍ୟପେୟ ଯୋଗାଇବା ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ କର୍ତ୍ତୃପକ୍ଷ, ଶିକ୍ଷକମାନଙ୍କ ପାଇଁ କାଠିକାର ପାଠ ହୋଇପଡ଼ିଛି। ରାଜ୍ୟ ସରକାର ବିଭାଗୀୟ ଛାତ୍ରଙ୍କୁ ପ୍ରି-ମାଟ୍ରିକ୍ ଛାତ୍ରବୃତ୍ତି ଭାବେ ମାସକୁ ଖର୍ଚ୍ଚ କରିବାକୁ ୭୫୦ ଏବଂ ଛାତ୍ରୀମାନଙ୍କୁ ୮୦୦ଟଙ୍କା ପ୍ରଦାନ କରୁଛନ୍ତି। ସେହିପରି ଡାଏଟ ଚାଟ୍‌ର ମୂଲ୍ୟ ଯାହା ୨୦୧୫ ମସିହାରେ ଶେଷଥର ପାଇଁ ସଂଶୋଧିତ କରାଯାଇଥିଲା ସେହି ଆଧାରରେ ପିଲାଙ୍କୁ ଖାଦ୍ୟ ଦିଆଯାଉଛି। ହଷ୍ଟେଲଗୁଡ଼ିକରେ ମୁଣ୍ଡ ପିଛା ଖର୍ଚ୍ଚ ୨୪ଟଙ୍କା ☞ପୃଷ୍ଠା-୬

## ୧୫ ଡିଗ୍ରୀ ତଳେ ୩ ସହର ତାପମାତ୍ରା

**୩ ଦିନ ବର୍ଷା ହୋଇପାରେ**

**ଭୁବନେଶ୍ୱର, ୭।୧୨(ବ୍ୟୁରୋ)**

ରାଜ୍ୟରେ ଗତ କିଛି ଦିନ ହେବ ବର୍ଷା ଜାରି ରହିଥିବା ବେଳେ ମଙ୍ଗଳବାର ପାଗ ଶୁଖିଲା ଥିବା ଦେଖିବାକୁ ମିଳିଛି। ସେହିପରି ଶୀତ ମଧ୍ୟ ପୁଣି ଫେରିଛି। ମଙ୍ଗଳବାର ରାଜ୍ୟର ୩ଟି ସହରର ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିଲା। ଦାରିଙ୍ଗବାଡ଼ିରେ ସର୍ବନିମ୍ନ ୧୧.୫ ଡିଗ୍ରୀ ଥିବା ବେଳେ ସୁନ୍ଦରଗଡ଼ରେ ୧୩.୫ ଓ ବଲାଙ୍ଗୀରରେ ୧୪ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିଭଳି କୋରାପୁଟରେ ୧୫.୬, କେନ୍ଦୁଝର ୧୬, ଫୁଲବାଣୀରେ ୧୬, ଟିଟିଲାଗଡ଼ ୧୬.୩, ଝାରସୁଗୁଡ଼ା ୧୮, ବାରିପଦା ୧୮.୬, ଅନୁଗୋଳ ୧୮.୬, କଟକ ୧୮.୫, ଭୁବନେଶ୍ୱର ୧୯.୪, ବାଲେଶ୍ୱର ୧୯.୧, ବୌଦ୍ଧ ୧୯, ଚାନ୍ଦବାଲିରେ ୧୯ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟରେ ରାତିର ତାପମାତ୍ରା ୩ ରୁ ୪ ଡିଗ୍ରୀ ☞ପୃଷ୍ଠା-୬

## ୫କି.ମି. ଚାଲି ଜିଲାପାଳଙ୍କୁ ଅଭିଯୋଗ ଜଣାଇଲେ ଛାତ୍ରୀଛାତ୍ର

**ରାୟଗଡ଼ା ଅଫିସ, ୭।୧୨**

ଓଡ଼ିଶା ଆଦିବାସୀ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଏକଲବ୍ୟ ଆବାସିକ ବିଦ୍ୟାଳୟର ପ୍ରାୟ ୩ଶହ ଛାତ୍ରୀଛାତ୍ର ମଙ୍ଗଳବାର ୫ କି.ମି.ଚାଲି ଚାଲି ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ରଙ୍କୁ ଭେଟିଛନ୍ତି। ସ୍କୁଲରେ ଥିବା ବିଭିନ୍ନ ଅବ୍ୟବସ୍ଥା ସମ୍ପର୍କରେ ସେମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗାମୀ ଦିନରେ ସ୍କୁଲରେ ଥିବା ସମସ୍ତ ସମସ୍ୟା ସମାଧାନ ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବାପରେ ଛାତ୍ରୀଛାତ୍ରମାନେ ଫେରିଛନ୍ତି।

ଆଦିବାସୀ ଛାତ୍ରୀଛାତ୍ରଙ୍କୁ ହଷ୍ଟେଲରେ ଠିକ୍ ଭାବେ ଖାଇବାକୁ ଦିଆଯାଉନାହିଁ। ଏଥିସହ ଶୌଚାଳୟର ଅବ୍ୟବସ୍ଥା, ୟୁନିଫର୍ମ ନ ଦେବା, ପାଠପଢ଼ା ପାଇଁ ଶିକ୍ଷକଙ୍କ ଅଭାବ ସାଙ୍ଗକୁ ଅଭିଯୋଗ କଲେ ପ୍ରିନ୍ସିପାଲ ଛାତ୍ରୀଛାତ୍ରଙ୍କୁ ଅଶାଳୀନ ବ୍ୟବହାର କରୁଥିବା ଅଭିଯୋଗ ନେଇ ଛାତ୍ରୀଛାତ୍ର ମଙ୍ଗଳବାର ☞ପୃଷ୍ଠା-୬



ଏଡିଏମ୍ ଧର୍ମାନନ୍ଦ ବେହେରା ପିଲାମାନଙ୍କ ସହ ଆଲୋଚନା କରୁଛନ୍ତି।

# ଜାଭାରେ ଆଗ୍ନେୟଗିରି ଉଦ୍‌ଗିରଣ: ମୃତ୍ୟୁସଂଖ୍ୟା ୩୪କୁ ବୃଦ୍ଧି



**ଜାକର୍ତ୍ତା, ୭।୧୨**

ଇଣ୍ଡୋନେସିଆର ଜାଭା ଦ୍ୱୀପରେ ଆଗ୍ନେୟଗିରି ଉଦ୍‌ଗିରଣ ଘଟଣାରେ ମୃତ୍ୟୁସଂଖ୍ୟା ମଙ୍ଗଳବାର ୩୪କୁ ବୃଦ୍ଧି ପାଇଛି। ଗତ ଶନିବାର ଜାଭାର ଥିବା ସବୁଠାରୁ ଉଚ୍ଚତମ ପର୍ବତ ସେମେରୁରେ ଭୟଙ୍କର ଆଗ୍ନେୟଗିରି ଉଦ୍‌ଗିରଣ ହୋଇଥିଲା। ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ପାଉଁଶରେ ବହୁ ସଂଖ୍ୟାରେ ଘର ପୋତି ହୋଇଯିବା ସହ ଶତାଧିକ ଫସିରହିଥିଲେ। ଏବେ ବି ସେଠାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଆହୁରି ୧୭ ଜଣ ନିଖୋଜ ଅଛନ୍ତି। ଏଥିସହ ମଙ୍ଗଳବାର ୩ଟି ଛୋଟ ବିସ୍ଫୋରଣ ହୋଇଛି। ଏଥିରୁ ନିର୍ଗତ ପାଉଁଶ ପ୍ରାୟ ୩,୩୦୦ ଫୁଟ ପର୍ଯ୍ୟନ୍ତ ଉପରକୁ ଉଠିଥିଲା। ଆଗକୁ ସେଠାରେ ଆହୁରି ଆଗ୍ନେୟ ଉଦ୍‌ଗିରଣ ହେବାର ଆଶଙ୍କା ରହିଛି।

# ପ୍ରେମିକଙ୍କ ସହ ମିଶି ଶାଶୁଙ୍କୁ ହତ୍ୟା କରିଥିଲେ ବୋହୂ

**ସାତମାଇଲ, ୭।୧୨(ଡି.ଏନ୍.ଏ.)**

**ଇନ୍ଦୁମତୀ ମୃତ୍ୟୁ ରହସ୍ୟ ଉନ୍ମୋଚିତ**

ଢେଙ୍କାନାଳ ଜିଲା ବାଲିମୀ ଥାନା ଅନ୍ତର୍ଗତ ଗାଲପଡ଼ା ଗ୍ରାମରେ ଗତ ନଭେମ୍ବର ୮ରେ ନିତ୍ୟାନନ୍ଦ ସାହୁଙ୍କ ସ୍ତ୍ରୀ ଇନ୍ଦୁମତୀ (୬୫)ଙ୍କ ରହସ୍ୟଜନକ ଭାବେ ମୃତ୍ୟୁ ଘଟିଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟରୁ ଏହା ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଛି। ଅନୈତିକ ସମ୍ପର୍କକୁ ବିରୋଧ କରିବାକୁ ସାନ ବୋହୂ ପ୍ରେମିକଙ୍କ ସହିତ ମିଶି ଶାଶୁଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ଘଟଣାରେ ଅଭିଯୁକ୍ତ ବୋହୂ ତପସ୍ୱିନୀ ସାହୁ (୨୬) ଏବଂ ତାଙ୍କ ବିବାହିତ ପ୍ରେମିକ ତଥା କୋଠାଲୁ ଗ୍ରାମର ଗୟା ଦାସ (୪୧)ଙ୍କୁ ପୋଲିସ ଗିରଫ କରିଛି। ଉଭୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ବ୍ରହ୍ମାନନ୍ଦ ପାତ୍ର ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ବିବାହିତ ହୋଇଥିବା ସତ୍ତ୍ୱେ ତପସ୍ୱିନୀ ଏବଂ ଗୟାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ଏହାକୁ ଇନ୍ଦୁମତୀ ବିରୋଧ କରି ଆସୁଥିଲେ। ଫଳରେ ପ୍ରେମରେ ବାଧକ ସାଜିଥିବା ଶାଶୁଙ୍କୁ ରାସ୍ତାରୁ ସବୁଦିନ ପାଇଁ ହଟାଇ ଦେବାକୁ ଯୋଜନା କରିଥିଲେ ତପସ୍ୱିନୀ। ନଭେମ୍ବର ୮ରେ ଇନ୍ଦୁମତୀ ବଗିଚାରେ କାମ କରୁଥିବାବେଳେ ଗୟା ଏବଂ ତପସ୍ୱିନୀ ଏକ ମାରଣାସ୍ତ୍ରରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ ଉଚ୍ଚ ରକ୍ତଚାପ କାରଣରୁ ମୁଣ୍ଡ ଘୂରାଇବାରୁ ତଳେ ପଡ଼ିଯାଇ ଇନ୍ଦୁମତୀଙ୍କ ମୃତ୍ୟୁ ଘଟିଥିବା ତପସ୍ୱିନୀ ନାଟକ ରଚିଥିଲେ। ପୋଲିସ ପ୍ରଥମେ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ ଲାଗି ପଠାଇଥିଲା। ୨ଦିନ ତଳେ ଆସିଥିବା ରିପୋର୍ଟରେ ଇନ୍ଦୁମତୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ଥାନାଧିକାରୀ ବ୍ରହ୍ମାନନ୍ଦଙ୍କ ନେତୃତ୍ୱରେ ପୋଲିସ ଅଭିଯୁକ୍ତା ବୋହୂଙ୍କୁ ଜେରା କରିଥିଲା। ପୋଲିସ ପ୍ରଶ୍ନର ଉତ୍ତର ଦେଇ ନ ପାରି ସେ ସବୁ ସତ ମାନିଯାଇଥିଲେ। ଏ ସଂକ୍ରାନ୍ତରେ ପ୍ରଥମେ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବାବେଳେ ଏହାକୁ ହତ୍ୟା ମାମଲାରେ ରୂପାନ୍ତରିତ କରାଯାଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

# ପଞ୍ଚାୟତ ପୋଖରୀ ପରିଚାଳନା କରିବେ ଏସ୍‌ଏଚ୍‌ଜି

**୯ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ**

ଭୁବନେଶ୍ୱର,୭।୧୨(ବ୍ୟୁରୋ)–ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଧ୍ୟକ୍ଷତାରେ ମଙ୍ଗଳବାର ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସ୍ୱାସ୍ଥ୍ୟ, ପୂର୍ତ୍ତ, ନଗର ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମେତ କେତେକ ବିଭାଗର ୯ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ତେବେ ବିଧାନସଭା ଚାଲିଥିବାରୁ କ୍ୟାବିନେଟ ବୈଠକ ବିଷୟରେ କୌଣସି ସୂଚନା ଦିଆଯାଇ ନାହିଁ। ମିଳିଥିବା ସୂଚନା ଅନୁଯାୟୀ ପଞ୍ଚାୟତ ଅଧୀନରେ ଥିବା ପୋଖରୀଗୁଡ଼ିକୁ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ପରିଚାଳନା ଭୁକ୍ତ କରାଯିବ। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ସେହିପରି ଏସ୍‌ସିବି ମେଡିକାଲ କଲେଜକୁ ବିଶ୍ୱସ୍ତରୀୟ କରିବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏହାଛଡ଼ା ପଞ୍ଚାୟତିରାଜ ଓ ନଗର ଉନ୍ନୟନ ବିଭାଗର କେତେକ ପାନୀୟ ଜଳ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ କରାଯାଇଛି।

# ରୋପ୍ ସିଲିଂ ବେଲ୍ଟ ଛିଣ୍ଡି ଶ୍ରମିକ ମୃତ

**ଭଦ୍ରକ ଅଫିସ, ୭।୧୨**

**ଧାମରା ବନ୍ଦରରେ ଉତ୍ତେଜନା**

ଭଦ୍ରକ ଧାମରା ବନ୍ଦର ପରିସରରେ ମଙ୍ଗଳବାର ସନ୍ଧ୍ୟାରେ କୋଇଲା ମେଶିନର ରୋପ୍ ସିଲିଂ ବେଲ୍ଟ ଛିଣ୍ଡିଯିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାନ୍ଦବାଲି ଥାନା ଅଧୀନ ଦୋସିଙ୍ଗା ଗ୍ରାମର କହ୍ନେଇଲାଲ ମାଇତି। ଅନ୍ୟ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, କହ୍ନେଇଲାଲ ଧାମରା ବନ୍ଦରର କୋଇଲା ମେଶିନର ରିଗର ଭାବେ କାମ କରୁଥିବା ବେଳେ ରୋପ୍ ସିଲିଂ ବେଲ୍ଟ ଛିଣ୍ଡି ପଡ଼ିଥିଲା। ଫଳରେ ତଳେ ପଡ଼ି ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ଥିବା ଦୋସିଙ୍ଗାର ନୟନମଣି ଡିଣ୍ଡାଙ୍କୁ ପ୍ରଥମେ ଭଦ୍ରକ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଉପଯୁକ୍ତ କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ଲୋକେ ଓ ସମ୍ପର୍କୀୟ ବନ୍ଦର ପରିସରରେ ହୋହଲ୍ଲା କରିଥିଲେ। ବନ୍ଦର କର୍ତ୍ତୃପକ୍ଷ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଠେଙ୍ଗାରେ ପିଟି ମା'ଙ୍କୁ ହତ୍ୟା

**ଚଣ୍ଡିଖୋଲ, ୭।୧୨ (ଡି.ଏନ.ଏ.)**

ଯାଜପୁର ଜିଲା ବଡ଼ଚଣା ଥାନା ଅଧୀନ ବଡ଼ଚଣା ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଲୋମଟାଙ୍କୁରା ଘଟଣା ଘଟିଛି। ଗ୍ରାମର ସ୍ୱର୍ଗତ ଅନନ୍ତ ସାମଲଙ୍କ ବଡ଼ପୁଅ ରଞ୍ଜନ(୩୦) ମା'ସୁଷମା(୫୫)ଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଛନ୍ତି। ରଞ୍ଜନ ସଦାସର୍ବଦା ନିଶା ଖାଇ ବୂଡ଼ ରହୁଥିବାବେଳେ ପୁଣି ନିଶା ଖାଇବାକୁ ମା'ଙ୍କୁ ଟଙ୍କା ମାଗିଥିଲେ। ତେବେ ଟଙ୍କା ନ ଦେବାରୁ ସେ ଉତକ୍ଷିପ୍ତ ହୋଇ ମା'ଙ୍କୁ ହତ୍ୟା କରିଥିବା ସୂଚନା ମିଳିଛି। ଏହାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଠେଙ୍ଗା ମାଡ଼ରେ ସୁଷମା ଗୁରୁତର ହେବାରୁ ଅନ୍ୟ ଦୁଇ ପୁଅ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରଞ୍ଜନଙ୍କ ହତ୍ୟାକାଣ୍ଡ ସମ୍ପର୍କରେ ଅନ୍ୟ ଦୁଇ ଭାଇ ପୋଲିସକୁ ଜଣାଇଥିଲେ। ପୋଲିସ ରଞ୍ଜନଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସରେ ୟୁକୋ ବ୍ୟାଙ୍କ ଏମ୍ପ୍ଲଇଜ ଆସୋସିଏସନର ସମସ୍ତ ସଭ୍ୟ ତଥା ବ୍ୟାଙ୍କର ଅଫିସର ଓ କର୍ମଚାରୀମାନଙ୍କର ଶୁଭକାମନା ସହ UCBEA (BEFI) ପକ୍ଷରୁ ଅଭିନନ୍ଦନ ।
ପ୍ରକାଶ ରାୟ
ସର୍ବଭାରତୀୟ ସଭାପତି
ୟୁକୋ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏସନ

ଦୈନିକ ଖବରକାଗଜ ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଟାଙ୍ଗୀ ବ୍ଲକ ବିଡିଓ ଅନୁସୁରିଆ ସାମନ୍ତରାୟ ତଥା ଅନ୍ୟ କର୍ମଚାରୀବୃନ୍ଦ ଏହାକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ଅନୁଷ୍ଠାନର ଉତ୍ତରୋତ୍ତର କାମନା ଜଣାଉଛନ୍ତି ।


ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ସମସ୍ତ ଏଜେଣ୍ଟ, ଖବରଦାତା, ପାଠିକା ପାଠକ, କର୍ମଚାରୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଅଶେଷ ଅଶେଷ ଶୁଭେଚ୍ଛା।
ପୂର୍ଣ୍ଣିମା ସିଂହ
ସଭାନେତ୍ରୀ, କଟକ ମହାନଗର ବିଜୁ ମହିଳା ଜନତା ଦଳ

କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ
KNDA
ଚୋରଦା, ପୋ.: ଫେରୋକ୍ରମ ପ୍ଲାଣ୍ଟ, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର
ବିଜ୍ଞାପନ
ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି କଳିଙ୍ଗ ନଗର ଉନ୍ନୟନ ଅଞ୍ଚଳ ମଧ୍ୟରେ ଯେ କୌଣସି ପ୍ରକାରର ଗୃହ କିମ୍ବା ଜମି ବିଭକ୍ତୀକରଣ କରିବା ନିମିତ୍ତ ନକ୍ସା ଅନୁମୋଦନ ନିମିତ୍ତ ଆବେଦନ ଓଡ଼ିଶା ସରକାରଙ୍କ ଆଦେଶାନୁଯାୟୀ ଅନ୍ ଲାଇନ ମାଧ୍ୟମରେ କରାଯାଉଅଛି ।
ଏଣୁ ସର୍ବସାଧାରଣଙ୍କୁ ଜଣାଇ ଦେଉଅଛୁ କି କଳିଙ୍ଗ ନଗର ଉନ୍ନୟନ ଅଞ୍ଚଳ ମଧ୍ୟରେ ଯେ କୌଣସି ପ୍ରକାରର ଗୃହ କିମ୍ବା ଜମି ବିଭକ୍ତୀକରଣ କରିବା ପୂର୍ବରୁ ଆଇନ୍ ଅନୁଯାୟୀ କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରୁ ଅନ୍‌ଲାଇନ ମାଧ୍ୟମରେ ଏହାର ନକ୍ସା ମଞ୍ଜୁରୀ କରାଇ ନିଅନ୍ତି । କୌଣସି ବ୍ୟକ୍ତି ବା ସଂସ୍ଥା ଏହାର ଅବମାନନା କଲେ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ୍ – ୧୯୮୨, ଧାରା ୯୦, ୯୧, ୯୨ ଓ ୯୪ ଅନୁଯାୟୀ ଉକ୍ତ ବ୍ୟକ୍ତି ବା ସଂସ୍ଥା ବିରୁଦ୍ଧରେ କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
ସ୍ୱା./– ସଚିବ
କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ



୦୭ ନଂ ଜୋନର ସମସ୍ତ ଜନସାଧାରଣ ମାନଙ୍କୁ ନୂତନ ବର୍ଷ ୨୦୨୨ ର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ।
ଇଂ. ପ୍ରଭାତ କୁମାର ସ୍ୱାଇଁ


ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ସମସ୍ତ ଏଜେଣ୍ଟ, ଖବରଦାତା, ପାଠିକା ପାଠକ, କର୍ମଚାରୀଙ୍କୁ ଅଭିନନ୍ଦନ ଓ ଅଶେଷ ଅଶେଷ ଶୁଭେଚ୍ଛା।
ସଞ୍ଜିତ୍ ସାମଲ
ରାଜ୍ୟପ୍ରଭାରୀ, ରାଷ୍ଟ୍ରୀୟ ପଛୁଆବର୍ଗ ମହାସଂଘ ତଥା ରାଷ୍ଟ୍ରୀୟ ଉପସଭାପତି, ହିନ୍ଦୁ ସେନା


୧. ଗୃହପାଳିତ ପଶୁପକ୍ଷୀମାନଙ୍କୁ ଠିକ୍ ସମୟରେ ରୋଗର ଟିକାକରଣ ।
୨. କୃତ୍ରିମ ପ୍ରଜନନ ମାଧ୍ୟମରେ କ୍ଷୀର ଉତ୍ପାଦନ ବଢ଼େଇବା ।
୩. ଘାସଚାଷ କରି କ୍ଷୀରର ଉତ୍ପାଦନ ମୂଲ୍ୟ କମେଇ ଅଧିକ ଲାଭବାନ୍ ହେବା ।
୪. MGNREGA ମାଧ୍ୟମରେ ଛେଳି ଘର, କୁକୁଡ଼ା ଘର ଇତ୍ୟାଦି ସମ୍ପୂର୍ଣ୍ଣ ମାଗଣାରେ ପାଇବା ପାଇଁ ପ୍ରସ୍ତାବକୁ ଗ୍ରାମସଭାରେ ପାରିତ କରିବା ।
୫. ଶୀତଦିନରେ ଗୃହପାଳିତ ପଶୁପକ୍ଷୀମାନଙ୍କୁ ଖୋଲା ଜାଗାରେ ରାତିରେ ନ ରଖିବା ।
୬. ବର୍ଷକୁ ଅତିକମ୍‌ରେ ଦୁଇଥର କୃମିନାଶକ ଔଷଧ ଦେବା ।
ଡା. ଶୁଭେନ୍ଦୁ ଘୋଷ
ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ
କୁଆଁରମୁଣ୍ଡା


ବହୁଳ ପ୍ରସାରିତ ଖବରକାଗଜ ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ସହ ପତ୍ରିକାର ଉତ୍ତରୋତ୍ତର ଉନ୍ନତି କାମନା କରି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।
A. SREEDEVI
Former CMC Corporator &
Chairperson - Education, Recreation & Culture Standing Committee


ବହୁଳ ପ୍ରସାରିତ ଖବର କାଗଜ ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ସହ ପତ୍ରିକାର ଉତ୍ତରୋତ୍ତର ଉନ୍ନତି କାମନା କରି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।
ଅନିତା ବେହେରା
ଜିଲା ସଭାପତି, ବିଜୁ ମହିଳା ଜନତା ଦଳ ତଥା ପୂର୍ବତନ ମେୟର, ସିଏମ୍‌ସି


NIRAKAR SECURITY & CONSULTANCY SERVICES PVT.LTD.
NSCS
ବହୁଳ ପ୍ରସାରିତ ଖବର କାଗଜ ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ସହ ପତ୍ରିକାର ଉତ୍ତରୋତ୍ତର ଉନ୍ନତି କାମନା କରି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।
Bikash Ranjan Dash
Director
Ph: 0671-2301631(0)
Cell: 9437083394
ROOM NO-102
BARABATI STADIUM, CUTTACK-753005 (ODISHA)


ଦୈନିକ ଖବରକାଗଜ ଧରିତ୍ରୀର ୪୮ତମ ଜନ୍ମଦିବସ ଅବସରରେ ଟାଙ୍ଗୀ ଅବକାରୀ ଇନିସ୍‌ପେକ୍ଟର ଆଲୋକ କୁମାର ପ୍ରଧାନ ତଥା ଅନ୍ୟକର୍ମଚାରୀ ବୃନ୍ଦ ଏହାକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ଅନୁଷ୍ଠାନର ଉତ୍ତରୋତ୍ତର କାମନା ଜଣାଉଛନ୍ତି ।


ବହୁଳ ପ୍ରସାରିତ ଖବର କାଗଜ ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ସହ ପତ୍ରିକାର ଉତ୍ତରୋତ୍ତର ଉନ୍ନତି କାମନା କରି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।
ଚିତ୍ତରଞ୍ଜନ ଦାସ
ବିଜେପି ନେତା ତଥା ପୂର୍ବତନ ସିଏମ୍‌ସି କର୍ପୋରେଟର
ୱାର୍ଡ–୧

**୫୦୮ କୋଟିର ଡ୍ରଗ୍ସ ଜବତ**

ମଣିପୁରରେ ସୋମବାର ରାତିରେ ଆସାମ ରାଇଫଲ୍ସ ଏବଂ ପୋଲିସ ୧୫୪ କେ.ଜି.ରୁ ଅଧିକ ମିଥାମଫେଟାମାଇନ ଟାବ୍‌ଲେଟ ସହ ୫୪ କେ.ଜି. ହେରୋଇନ୍ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୫୦୮ କୋଟି ଟଙ୍କା ହେବ। ମୋରେହ୍ ସହର ସନ୍‌ରାଇଜ୍ ଗ୍ରାଉଣ୍ଡଠାରେ ଥିବା ଏକ ଘରେ ଚଢ଼ାଉ ବେଳେ ଏହା ମିଳିଥିଲା। ଏନେଇ ଜଣେ ୧୯ ବର୍ଷୀୟ ମ୍ୟାନ୍‌ମାର ନାଗରିକଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ନାର୍କୋଟିକ୍ସ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରଫିକ୍ ସବ୍‌ଷ୍ଟାନ୍ସ ଆଇନରେ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ପ୍ରାକ୍ଟିକାଲ ପରୀକ୍ଷା ବାହାନାରେ ୧୭ ଛାତ୍ରୀଙ୍କୁ ଯୌନ ନିର୍ଯାତନା

**ଲକ୍ଷ୍ନୌ, ୭।୧୨:** ଉତ୍ତରପ୍ରଦେଶର ମୁଜାଫରନଗର ଜିଲାରେ ୧୦ମ ଶ୍ରେଣୀର ୧୭ ଛାତ୍ରୀଙ୍କୁ ଏକ ଘରୋଇ ସ୍କୁଲ ପ୍ରିନ୍ସିପାଲ ପ୍ରାକ୍ଟିକାଲ ପରୀକ୍ଷା ବାହାନାରେ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ପରୀକ୍ଷା ପ୍ରସ୍ତୁତି କରିବାକୁ ପ୍ରିନ୍ସିପାଲ ଯୋଗେଶ କୁମାର ଚୌହାନ ଛାତ୍ରୀମାନଙ୍କୁ ରାତିରେ ସ୍କୁଲରେ ରହିବାକୁ କହିଥିଲେ। ପରେ ସେମାନଙ୍କୁ ଖେଚୁଡ଼ିରେ ନିଶା ପଦାର୍ଥ ମିଶାଇ ଖାଇବାକୁ ଦେଇଥିଲେ। ଛାତ୍ରୀମାନେ ଅଚେତ ହୋଇପଡ଼ିବା ପରେ ସହଯୋଗୀ ଅର୍ଜୁନ ସିଂଙ୍କ ସହ ମିଶି ଅଭିଯୁକ୍ତ ଯୋଗେଶ ସେମାନଙ୍କୁ ଯୌନ ନିର୍ଯାତନା ଦେଇଥିଲେ ବୋଲି ଏତଲା ଦିଆଯାଇଛି। ଘଟଣା ଗତ ନଭେମ୍ବର ୧୮ ତାରିଖର ହୋଇଥିବାବେଳେ ଏବେ ମାମଲା ରୁଜୁ ହୋଇଛି। ଛାତ୍ରୀଙ୍କ ପରିବାର ପକ୍ଷରୁ ଏଫ୍‌ଆଇଆର୍ ଦିଆଯାଇଥିଲେ ହେଁ ପୋଲିସ ଶୁଣି ନ ଥିଲା। ସ୍ଥାନୀୟ ବିଧାୟକଙ୍କ ହସ୍ତକ୍ଷେପ ପରେ ମାମଲା ରୁଜୁ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। କର୍ତ୍ତବ୍ୟରେ ଅବହେଳା ପାଇଁ ସ୍ଥାନୀୟ ଥାନାର ଷ୍ଟେଶନ ଅଫିସରଙ୍କୁ ନିଲମ୍ବନ କରାଯିବା ସହ ପୋକ୍ସୋ ଆକ୍ଟରେ ମାମଲା ହୋଇଥିବା ମୁଜାଫରନଗର ପୋଲିସ ମୁଖ୍ୟ ଅଭିଷେକ ଯାଦବ କହିଛନ୍ତି।

### ୧୯୮୪ ଦଙ୍ଗା: ସଜ୍ଜନ କୁମାରଙ୍କ ନାଁରେ ଚାର୍ଜଫ୍ରେମ୍

**ନୂଆଦିଲ୍ଲୀ, ୭।୧୨:** ୧୯୮୪ ନଭେମ୍ବରରେ ଶିଖ୍ ବିରୋଧୀ ଦଙ୍ଗାରେ ଦିଲ୍ଲୀର ଏକ କୋର୍ଟ କଂଗ୍ରେସର ପୂର୍ବତନ ଏମ୍‌ପି ସଜ୍ଜନ କୁମାରଙ୍କ ବିରୋଧରେ ହତ୍ୟା ଅଭିଯୋଗ ସ୍ଥିର କରିଛନ୍ତି। ଆଇପିସିର ବିଭିନ୍ନ ଧାରାରେ ଦଙ୍ଗା, ଡକାୟତି ସମେତ ରାଜନଗରର ଯଶୱନ୍ତ ସିଂ ଏବଂ ତରୁଣ ଦୀପ ସିଂଙ୍କ ହତ୍ୟା ମାମଲାରେ ସଜ୍ଜନ କୁମାରଙ୍କୁ କୋର୍ଟ ଚାର୍ଜ କରିଛନ୍ତି। ଆସନ୍ତା ୧୬ ତାରିଖରେ ଆନୁଷ୍ଠାନିକ ଭାବେ ଚାର୍ଜଫ୍ରେମ କରାଯିବାକୁ ଏହି ମାମଲା ତାଲିକା ଭୁକ୍ତ କରାଯାଇଛି। ସଜ୍ଜନ କୁମାର ଭିଡ଼ ସୃଷ୍ଟି କରି ଯଶୱନ୍ତ ଏବଂ ତରୁଣଙ୍କ ଘରେ ନିଆଁ ଲଗାଇବା ସହ ଉଭୟଙ୍କୁ ଜିଅନ୍ତା ଜାଳିଦେଇଥିଲେ ବୋଲି ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା।

### ରିଲିଫ୍ ଫଣ୍ଡକୁ କୋଟିଏ ଦେଲେ ପ୍ରଭାସ



**ହାଇଦ୍ରାବାଦ, ୭।୧୨:** ବନ୍ୟା ବିପନ୍ନଙ୍କ ସହାୟତା ପାଇଁ 'ବାହୁବଳୀ' ଅଭିନେତା ପ୍ରଭାସ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ୧ କୋଟି ଟଙ୍କା ଦାନ କରିଛନ୍ତି। ନିକଟରେ ବର୍ଷା ବିପ୍ଳବ ଯୋଗୁ ଆନ୍ଧ୍ରପ୍ରଦେଶରେ ଭୟଙ୍କର ବନ୍ୟା ହେବାରୁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ନିଜ ଉଦାରତା ପାଇଁ ବେଶ୍ ଜଣାଶୁଣା ପ୍ରଭାସ ପୂର୍ବରୁ କୋଭିଡ୍-୧୯ ପ୍ରଭାବିତଙ୍କ ପାଇଁ ୪.୫ କୋଟି ଟଙ୍କା ଦାନ କରିଥିଲେ। ବନ୍ୟା ପୀଡ଼ିତଙ୍କ ନିମନ୍ତେ ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିରୁ ସହାୟତାର ହାତ ବଢ଼ିଛି। ଅଭିନେତା ରାମ ଚରଣ, ମହେଶ ବାବୁ, ଜୁନିୟର ଏନ୍‌ଟିଆର୍, ଆଲ୍ଲୁ ଅର୍ଜୁନ ଏବଂ ଅନ୍ୟମାନେ ଅର୍ଥ ଦାନ କରିଛନ୍ତି। ଜାନୁୟାରୀ ୧୪ରେ ପ୍ରଭାସଙ୍କ ବହୁ ପ୍ରତୀକ୍ଷିତ ମୁଭି 'ରାଧେଶ୍ୟାମ' ରିଲିଜ ହେବ।

### ବ୍ରିଟେନରେ ଓମିକ୍ରନ ଗୋଷ୍ଠୀ ସଂକ୍ରମଣ

**ଲଣ୍ଡନ, ୭।୧୨:** ବ୍ରିଟେନରେ ଓମିକ୍ରନ ସଂକ୍ରମଣ ମାମଲା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଇଂଲଣ୍ଡର କେତେକ ଅଞ୍ଚଳରେ ଏହା ଗୋଷ୍ଠୀ ସଂକ୍ରମଣର ରୂପ ନେଇସାରିଥିବା ବ୍ରିଟେନ ସ୍ୱାସ୍ଥ୍ୟମନ୍ତ୍ରୀ ସାଜିଦ୍ ଜାଭିଦ୍ ପାର୍ଲାମେଣ୍ଟରେ ଜଣାଇଛନ୍ତି। କେବଳ ସୋମବାର ୯୦ ମାମଲା ଚିହ୍ନଟ ହେବା ପରେ ମୋଟ ସଂକ୍ରମଣ ୩୩୬ରେ ପହଞ୍ଚିଛି। ଇଂଲଣ୍ଡରେ ୨୬୧, ସ୍କଟଲାଣ୍ଡରେ ୭୧ ଏବଂ ୱେଲ୍ସରେ ୪ ଜଣ ଓମିକ୍ରନରେ ଆକ୍ରାନ୍ତ ହୋଇଛନ୍ତି। ଅଧିକାଂଶ ସଂକ୍ରମିତଙ୍କ କୌଣସି ଟ୍ରାଭେଲ ହିଷ୍ଟ୍ରି ନାହିଁ। ତେଣୁ ଇଂଲଣ୍ଡର ଏକାଧିକ ଅଞ୍ଚଳରେ ଗୋଷ୍ଠୀ ସଂକ୍ରମଣ ଆରମ୍ଭ ହୋଇସାରିଥିବା ସେ ସ୍ପଷ୍ଟ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅନ୍ତର୍ଜାତୀୟ ଯାତ୍ରା କଟକଣାକୁ ଅଧିକ କଡ଼ାକଡ଼ି କରାଯାଇଛି। ବିଦେଶୀ ନାଗରିକ ସମ୍ପୂର୍ଣ୍ଣ ଟିକାକରଣ ନେଇଥିଲେ ବି ୪୮ ଘଣ୍ଟା ପୂର୍ବରୁ ନେଗେଟିଭ୍ ରିପୋର୍ଟ ଦେଖାଇବା ବାଧ୍ୟତାମୂଳକ କରାଯାଇଛି। ନେଗେଟିଭ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ଆଇସୋଲେଶନରେ ରହିବେ।



ନୂଆଦିଲ୍ଲୀର ବିଜୟ ଚୌକରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ, ଭାଇକୋ, ସଞ୍ଜୟ ସିଂ ଓ ଅନ୍ୟମାନେ।

# ରାଜ୍ୟ ସଭାରେ ଅଚଳାବସ୍ଥା ପାଇଁ କେନ୍ଦ୍ର ଦାୟୀ: ବିରୋଧୀ

**ନୂଆଦିଲ୍ଲୀ,୭।୧୨**

ରାଜ୍ୟ ସଭାରୁ ସମ୍ପୂର୍ଣ୍ଣ ଶୀତ ଅଧିବେଶନ ପାଇଁ ନିଲମ୍ବିତ ୧୨ ସଦସ୍ୟଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବିରେ ବିରୋଧୀ ଅଡ଼ିବସିଛନ୍ତି। ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଯାଇ ସରକାର ବିରୋଧୀ ସ୍ଲୋଗାନ ଦେବା ସହ ହଟ୍ଟଗୋଳ ଜାରି ରଖିଛନ୍ତି। ଶାସକ-ବିରୋଧୀଙ୍କ କଥା କଟାକଟି ଯୋଗୁ ଗୃହକୁ ବାରମ୍ବାର ମୁଲତବୀ କରିବାକୁ ପଡୁଛି। ଫଳରେ ଗୃହକାର୍ଯ୍ୟ ଆଗେଇ ପାରୁନାହିଁ। ମଙ୍ଗଳବାର କ୍ରମାଗତ ୨ ଦିନ ଧରି ରାଜ୍ୟ ସଭାରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇପାରି ନାହିଁ। ଏହି ଅଚଳାବସ୍ଥା ପାଇଁ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ଦାୟୀ କରିଛନ୍ତି ବିରୋଧୀ। ଏନେଇ ୭ ବିରୋଧୀ ଦଳର ନେତା ଏକ ଖବରଦାତା ସମ୍ମିଳନୀରେ ମିଳିତ ବିବୃତି ଜାରି କରିଛନ୍ତି। ୧୨ ଏମ୍‌ପିଙ୍କ ଉପରୁ ନିଲମ୍ବନ ନ ହଟାଇବା ପର୍ଯ୍ୟନ୍ତ ବିକ୍ଷୋଭ ଜାରି ରଖିବେ ବୋଲି ସେମାନେ କହିଛନ୍ତି। ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ପାର୍ଲାମେଣ୍ଟ ବାହାରେ ଖବରଦାତାଙ୍କୁ ସମ୍ବୋଧିତ କରି କହିଛନ୍ତି, ୧୨ ସଦସ୍ୟଙ୍କ ଉପରେ ନିଲମ୍ବନ ଅଗଣତାନ୍ତ୍ରିକ। ଏହା ପ୍ରତ୍ୟାହାର ନ ହେବା ଯାଏ ସେମାନେ ଧାରଣାରେ ବସିଥିବେ। ଏଭଳି ଅଚଳାବସ୍ଥା ପାଇଁ ସରକାର ସମ୍ପୂର୍ଣ୍ଣ ଭାବେ ଦାୟୀ। ଆମେ ଗୃହର ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁଙ୍କୁ ଭେଟି ଏପରି ନିଲମ୍ବନ କରାଯାଇପାରିବ ନାହିଁ ବୋଲି ଜଣାଇସାରିଛୁ। କିନ୍ତୁ ସରକାର କିମ୍ବା ଗୃହର ଅଧ୍ୟକ୍ଷ ଶୁଣୁନାହାନ୍ତି। ମୌସୁମୀ ଅଧିବେଶନ ବେଳେ ଯାହା ଘଟିଥିଲା ତାକୁ ନେଇ ଏବେ ନିଲମ୍ବନ କରିବା ଭୁଲ୍ ବୋଲି ଖାର୍ଗେ ସମାଲୋଚନା କରିଛନ୍ତି। ତେବେ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ନିଲମ୍ବିତ ଏମ୍‌ପିମାନେ ପ୍ରଥମେ ନିଜ ଅଶୋଭନୀୟ ଆଚରଣ ପାଇଁ କ୍ଷମା ମାଗନ୍ତୁ। ତା' ପରେ ବିଚାର କରାଯିବ।

# ବେଜିଂ ଅଲିମ୍ପିକ୍ସକୁ ଆମେରିକାର ବର୍ଜନ

**ୱାଶିଂଟନ୍, ୭।୧୨**




- ଚାଇନାର ବିରୋଧ ସତ୍ତ୍ୱେ ବାଇଡେନ୍‌ଙ୍କ ଘୋଷଣା
- ଯୋଗଦେବେନି ଆମେରିକୀୟ ଅଧିକାରୀ
- ସ୍ୱ-ପରିଚାଳିତ ରାଜନୈତିକ ପ୍ରହସନ କହିଲା ଚାଇନା
- ପ୍ରତିନିଧିଙ୍କୁ ନ ପଠାଇବାକୁ ନ୍ୟୁଜିଲାଣ୍ଡର ନିଷ୍ପତ୍ତି

ଚାଇନାର ବେଜିଂ ସହରରେ ହେବାକୁ ଥିବା ୨୦୨୨ ଶୀତକାଳୀନ ଅଲିମ୍ପିକ୍ସକୁ ଆମେରିକା କୂଟନୈତିକସ୍ତରରେ ବର୍ଜନ କରିଛି। ଏପରି ନିଷ୍ପତ୍ତିକୁ ଚାଇନା ବିରୋଧ କରି ଆସିଥିବା ସତ୍ତ୍ୱେ ଅଲିମ୍ପିକ୍ସରେ ଆମେରିକାର କୌଣସି ଅଧିକାରୀ ଯୋଗ ଦେବେନାହିଁ ବୋଲି ଜୋ ବାଇଡେନ୍‌ଙ୍କ ପ୍ରଶାସନ ଘୋଷଣା କରିଛି। ମାନବାଧିକାର ଉଲ୍ଲଂଘନ କ୍ଷେତ୍ରରେ ଚାଇନାର ରେକର୍ଡ ଉପରେ ଉଦ୍‌ବେଗ ପ୍ରକାଶ କରିବା ସହ ଏହାକୁ ବିରୋଧ କରି ଆମେରିକା ଏହି ପଦକ୍ଷେପ ନେଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ତେବେ ବେଜିଂ ଅଲିମ୍ପିକ୍ସରେ ଭାଗ ନେବାକୁ ଥିବା ଆମେରିକୀୟ ଆଥ୍‌ଲେଟ୍‌ମାନଙ୍କୁ ସରକାର ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରି ଜେନ୍ ସାକି କହିଛନ୍ତି।

ଆମେରିକାର ନିଷ୍ପତ୍ତିକୁ ଚାଇନା ଦୃଢ଼ ସମାଲୋଚନା କରିଛି। ଏହା ୱାଶିଂଟନ୍‌ର ଏହି ପଦକ୍ଷେପ 'ସ୍ୱ-ପରିଚାଳିତ ରାଜନୈତିକ ପ୍ରହସନ' ବୋଲି ଜାତିସଂଘରେ ଚାଇନା ମିଶନର ଜଣେ ମୁଖପାତ୍ର ଏକ ବିବୃତିରେ କହିଛନ୍ତି। ଅଲିମ୍ପିକ୍ସର ସଫଳତା କେତେକ ହାତଗଣିତ ଦେଶର ସରକାରୀ ଅଧିକାରୀଙ୍କ ଉପସ୍ଥିତି ଉପରେ ନିର୍ଭର କରେ ନାହିଁ ବୋଲି ସେ କହିଛନ୍ତି। ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ୍ ଆମେରିକାର ଏହି ପଦକ୍ଷେପର ଜବାବ ଦେବ ବୋଲି କହିଛନ୍ତି। ଖେଳରେ ରାଜନୈତିକ ନିରପେକ୍ଷତା ବଜାୟ ରଖିବା ପରିବର୍ତ୍ତେ ଆମେରିକା ଏହାର ଉଲ୍ଲଂଘନ କରିଛି। ମିଛ ଚର୍ଚ୍ଚା ଏବଂ ଗୁଜବକୁ ଆଧାର କରି ଏପରି ନିଷ୍ପତ୍ତି ନିଆଯାଇଥିବା ଝାଓ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଚାଇନାରେ ସଂଖ୍ୟାଲଘୁ ଉଇଗୁର ମୁସଲମାନଙ୍କ ଉପରେ ଅତ୍ୟାଚାର ଓ ସେମାନଙ୍କ ମାନବାଧିକାର ଉଲ୍ଲଂଘନକୁ ଆମେରିକା ନିନ୍ଦା କରିଆସିଛି। ଏଥିସହ ହଂକଂରେ ରାଜନୈତିକ ସ୍ୱାଧୀନତାକୁ ପ୍ରତିହତ କରିବାକୁ ଚାଇନାର ଉଦ୍ୟମକୁ ନେଇ ମଧ୍ୟ ଏହି ଦୁଇ ଦେଶ ମଧ୍ୟରେ ତିକ୍ତତା ବଢ଼ିଚାଲିଛି। ନିକଟରେ ଚାଇନାର ଟେନିସ୍ ଖେଳାଳି ପେଙ୍ଗ୍ ସୁଆଇ ଜଣେ ସରକାରୀ ଅଧିକାରୀଙ୍କ ନାଁରେ ଅଭିଯୋଗ ଆଣିବା ପରେ ସେ କିଛି ସପ୍ତାହ ପାଇଁ ନିଖୋଜ ରହିବା ଘଟଣାରେ ମଧ୍ୟ ଆମେରିକା ଉଦ୍‌ବେଗ ପ୍ରକାଶ କରିଥିଲା। ଆମେରିକାର ଏହି ଘୋଷଣା ପରେ ନ୍ୟୁଜିଲାଣ୍ଡ ମଧ୍ୟ ଏହାର ଅଧିକାରୀଙ୍କୁ ବେଜିଂ ଅଲିମ୍ପିକ୍ସକୁ ନ ପଠାଇବାକୁ ନିଷ୍ପତ୍ତି ନେଇଛି। ଏଥିସହ ବ୍ରିଟେନ, ଅଷ୍ଟ୍ରେଲିଆ ଭଳି ଦେଶ ମଧ୍ୟ ଅଲିମ୍ପିକ୍ସକୁ ବହିଷ୍କାର କରିବାକୁ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି।

### ପ୍ରିନ୍ସେସ୍ ଆମାଲିଆଙ୍କୁ ୧୮



**ଆମଷ୍ଟରଡମ୍, ୭।୧୨**

ନେଦରଲାଣ୍ଡସ ରାଜକୁମାରୀ ତଥା ରାଜା ୱିଲିୟମ ଆଲେକ୍‌ଜାଣ୍ଡର ଏବଂ ରାଣୀ ମାକ୍ସିମାଙ୍କ ବଡ଼ ଝିଅ କାଥାରିନା ଆମାଲିଆ ମଙ୍ଗଳବାର ୧୮ ବର୍ଷରେ ପାଦ ଥାପିଛନ୍ତି। କରୋନା ଗାଇଡ୍‌ଲାଇନ ପାଳନ କରି ସେ କେବଳ ରାଜତନ୍ତ୍ର ପରମ୍ପରା ମାନି ନିରାଡ଼ମ୍ବର ଭାବେ ଏହି ଦିବସ ପାଳନ କରିଛନ୍ତି। ଏବେ ସେ ତାଙ୍କ ବାପାଙ୍କ ଉତ୍ତରାଧିକାରୀ ହେବା ନିମନ୍ତେ ଯୋଗ୍ୟ ହୋଇସାରିଛନ୍ତି। ପ୍ରିନ୍ସେସ୍ ଅଫ୍ ଅରେଞ୍ଜ ଭାବେ ଜଣା ଆମାଲିଆ ଆଜୀବନ ଦେଶ ପାଇଁ ସେବା କରିବେ ବୋଲି ଗତ ମାସରେ ପ୍ରକାଶିତ ତାଙ୍କ ଜୀବନୀ ପୁସ୍ତିକାରେ କହିଥିଲେ। କିନ୍ତୁ ଏତେ ଶୀଘ୍ର ସେ ରାଜପରିବାରର ମୁଖ୍ୟ ଭାବେ ଦାୟିତ୍ୱ ଆରମ୍ଭ କରିବାକୁ ପ୍ରସ୍ତୁତ ନ ଥିବା କହିଛନ୍ତି। ଯଦି କୌଣସି କାରଣରୁ ଆଲେକ୍‌ଜାଣ୍ଡରଙ୍କୁ ପଦ ଛାଡ଼ିବାକୁ ପଡେ ତେବେ କିଛି ଦିନ ମହାରାଣୀ ମାକ୍ସିମା ଦାୟିତ୍ୱ ନେବାକୁ ସେ କହିବେ ବୋଲି ପ୍ରକାଶ କରିଛନ୍ତି।

# ହେଳା କଲେ ଘାତକ ହେବ ତୃତୀୟ ଲହର

**ନୂଆଦିଲ୍ଲୀ, ୭।୧୨**

## ଆଇଏମ୍‌ଏର ଚେତାବନୀ

ଦେଶରେ କରୋନା ଭାରିଆଣ୍ଟ ଓମିକ୍ରନ ମାମଲା ଚିନ୍ତା ବଢ଼ାଇଥିବାବେଳେ ଭାରତୀୟ ମେଡିକାଲ ଆସୋସିଏଶନ (ଆଇଏମ୍ଏ) ସତର୍କବାଣୀ ଦେଇଛି। ସଂକ୍ରମଣ ରୋକିବାକୁ ଏବେଠାରୁ ପଦକ୍ଷେପ ନ ନିଆଗଲେ ଦେଶରେ ତୃତୀୟ ଲହର ଅଧିକ ଘାତକ ହେବ ଏବଂ ତାହାକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିବ ବୋଲି ଆଇଏମ୍ଏ କହିଛି। ଏବେ ସୁଦ୍ଧା ଭାରତରେ ୨୩ ଜଣ ଓମିକ୍ରନରେ ସଂକ୍ରମିତ ହୋଇଥିବା ଚିହ୍ନଟ ହୋଇଛନ୍ତି।

ଅଧିକ ସଂକ୍ରାମକ ହୋଇଥିବାରୁ ବହୁ ସଂଖ୍ୟାରେ ଲୋକ ଏଥିରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହୋଇଆସୁଥିବାବେଳେ ଓମିକ୍ରନ ଏକ ବଡ଼ ବିପଦ ହୋଇ ଉଭା ହୋଇଛି। ଅନେକ ରାଜ୍ୟରେ ଲୋକ ଓମିକ୍ରନରେ ସଂକ୍ରମିତ ହୋଇସାରିଲେଣି। ଦୁଇ ଅଙ୍କ ବିଶିଷ୍ଟ ସଂକ୍ରମଣ ସଂଖ୍ୟା ଥିବା ରାଜ୍ୟରେ ମାମଲା ବଢ଼ିବା ଏକ ପ୍ରକାର ସୁନିଶ୍ଚିତ। ତେଣୁ ଏ ଦିଗରେ ଜରୁରୀ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ଆଇଏମ୍ଏ କହିଛି। ସ୍ୱାସ୍ଥ୍ୟକର୍ମୀଙ୍କ ଭଳି ସମ୍ମୁଖ ଯୋଦ୍ଧା ଏବଂ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଥିବା ଲୋକଙ୍କୁ ତୁରନ୍ତ ଅତିରିକ୍ତ ଡୋଜ୍ ଦେବାର ବ୍ୟବସ୍ଥା ସରକାର କରନ୍ତୁ ବୋଲି ଏହି ସଙ୍ଗଠନ କହିଛି। ଅନ୍ୟପକ୍ଷରେ ଭାରତ ସରକାର ଘାନା ଓ ତାଞ୍ଜାନିଆକୁ ବିପଜ୍ଜନକ ଦେଶ ତାଲିକାରେ ରଖିଛନ୍ତି। ଅର୍ଥାତ ଏହି ଦେଶରୁ ଭାରତ ଆସୁଥିବା ଯାତ୍ରୀ ଅତିରିକ୍ତ କୋଭିଡ୍ ଗାଇଡଲାଇନ ପାଳନ କରିବେ। ତାଲିକାରେ ବ୍ରିଟେନ୍ ସମେତ ୟୁରୋପୀୟ ଦେଶ, ଦକ୍ଷିଣ ଆଫ୍ରିକା, ବ୍ରାଜିଲ, ବୋଟ୍‌ସୱାନା, ଚାଇନା, ମରିସସ୍, ନ୍ୟୁଜିଲାଣ୍ଡ, ଜିମ୍ବାୱେ, ସିଙ୍ଗାପୁର, ଇସ୍ରାଏଲ ଆଦି ରହିଛନ୍ତି।

### ୫୫୮ ଦିନରେ ସର୍ବନିମ୍ନ ସଂକ୍ରମଣ

ଭାରତରେ ଗତ ୨୪ ଘଣ୍ଟା ମଧ୍ୟରେ ୬,୮୨୨ ନୂଆ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି, ଯାହାକି ୫୫୮ ଦିନରେ ସର୍ବନିମ୍ନ। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୪୬,୪୮,୩୮୩ରେ ପହଞ୍ଚିଛି। ଏବେ ମୋଟ ସକ୍ରିୟ ମାମଲା ୯୫,୦୧୪କୁ ଖସିଥିବା ବୁଧବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ଅପ୍‌ଡେଟ୍ କରାଯାଇଛି।



ମଣିପୁରର ମୋନ୍‌ରେ ସଶସ୍ତ୍ର ବଳର ଗୁଳିମାଡ଼ରେ ପ୍ରାଣ ହରାଇଥିବା ୧୩ ଜଣଙ୍କୁ ସୋମବାର ସମୂହ ସମାଧି ଦିଆଯାଉଛି।

### ଆମେରିକାରେ ଆଫ୍‌ଗାନ୍ ମହିଳାଙ୍କ ଚିଠି ପଢ଼ିଲେ ମାଲାଲା

**ୱାଶିଂଟନ୍, ୭।୧୨**

ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ମାଲାଲା ୟୁସୁଫଜାଇ ସୋମବାର ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଏବଂ ଅନ୍ୟ ଅଧିକାରୀଙ୍କୁ ଭେଟିଛନ୍ତି। ସେ ଆଫ୍‌ଗାନିସ୍ତାନ ମହିଳାଙ୍କ ଦୁର୍ଦ୍ଦଶା କଥା ଉଠାଇ ଆମେରିକାର ହସ୍ତକ୍ଷେପ ଲୋଡ଼ିଛନ୍ତି। ବ୍ରିଟେନ ଫାଇନାନ୍ସିଆଲ ଟାଇମ୍ସ ଦ୍ୱାରା ୨୫ ପ୍ରଭାବଶାଳୀ ମହିଳା ତାଲିକାରେ ସ୍ଥାନିତ ହୋଇଥିବା ଆଫଗାନିସ୍ତାନର



୧୫ ବର୍ଷୀୟା ଫୋରାତନ୍‌ଙ୍କ ଏକ ଚିଠିକୁ ମଲାଲା ସେଠାରେ ପଢ଼ିଥିଲେ। ତାଲିବାନ୍ ଅଧିକାରୀଙ୍କ ଉପସ୍ଥିତି ସତ୍ତ୍ୱେ ଫୋରାତନ୍ ସ୍କୁଲ ଖୋଲିବାକୁ ଦାବି ଉଠାଇ ଚର୍ଚ୍ଚାକୁ ଆସିଥିଲେ। 'ସାରା ବିଶ୍ୱରେ ଆଫଗାନିସ୍ତାନ ଏକମାତ୍ର ଦେଶ, ଯେଉଁଠି ଝିଅଙ୍କୁ ଶିକ୍ଷାରୁ ବଞ୍ଚିତ କରାଯାଇଛି। ସମାଜରେ ଶାନ୍ତି ଓ ସୁରକ୍ଷା ପାଇଁ ମହିଳାମାନେ ଶିକ୍ଷିତ ହେବା ଜରୁରୀ। ଏହା ସେମାନଙ୍କ ଅଧିକାର। ତାହା ନ ହେଲେ ପୂରା ଦେଶ ପ୍ରଭାବିତ ହେବ' ବୋଲି ଚିଠିରେ ଲେଖାଯାଇଥିବା କଥାକୁ ମଲାଲା ବ୍ଲିଙ୍କେନ୍‌ଙ୍କ ସମ୍ମୁଖରେ ପଢ଼ିଥିଲେ। ଏହି ବାର୍ତ୍ତାକୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ନିକଟରେ ପହଞ୍ଚାଇ ଆଫ୍‌ଗାନ ମହିଳାଙ୍କ ଅଧିକାର ପାଇଁ ପଦକ୍ଷେପ ନେବାକୁ ମାଲାଲା ଅନୁରୋଧ କରିଥିଲେ।

# ସୁଧା ଭରଦ୍ୱାଜଙ୍କୁ ସୁପ୍ରିମକୋର୍ଟ ଆଶ୍ୱସ୍ତି

**ନୂଆଦିଲ୍ଲୀ,୭।୧୨**



**ଏଲ୍‌ଗାର ପରିଷଦ ମାମଲା: ଏନ୍‌ଆଇଏ ଆପତ୍ତିର ଯଥାର୍ଥତା ନାହିଁ**

୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜେଲରେ ଥିବା ଆଇନଜୀବୀ ତଥା ଆକ୍ଟିଭିଷ୍ଟ ସୁଧା ଭରଦ୍ୱାଜଙ୍କୁ ସୁପ୍ରିମକୋର୍ଟ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଏଲ୍‌ଗାର ପରିଷଦ-ମାଓବାଦୀ ସମ୍ପର୍କ ମାମଲାରେ ବମ୍ବେ ହାଇକୋର୍ଟଙ୍କ ଜାମିନ ରାୟକୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ସର୍ବୋଚ୍ଚ ଅଦାଲତର ୩ ଜଣିଆ ଖଣ୍ଡପୀଠ ମଙ୍ଗଳବାର ଏନ୍‌ଆଇଏର ଅପିଲକୁ ଖାରଜ କରିଦେଇଛନ୍ତି। ସୁଧାଙ୍କୁ ଜାମିନ ପ୍ରଦାନ ନେଇ ହାଇକୋର୍ଟଙ୍କ ରାୟରେ ହସ୍ତକ୍ଷେପ କରିବାର କୌଣସି ଯଥାର୍ଥତା ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ୨୦୧୭ ଡିସେମ୍ବର ୩୧ରେ ମହାରାଷ୍ଟ୍ରର ପୁଣେସ୍ଥିତ ଶନିବାରୱାଡ଼ାରେ ଏଲ୍‌ଗାର ପରିଷଦ ପକ୍ଷରୁ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଲ୍‌ଗାର କନ୍‌କ୍ଲେଭ୍‌ରେ ଏଥିରେ ସାମିଲ ହୋଇଥିବା ବୁଦ୍ଧିଜୀବୀମାନେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିବାରୁ ଏହାର ପରଦିନ ଭୀମା-କୋରେଗାଓଁରେ ହିଂସାକାଣ୍ଡ ଘଟିଥିବା ଏବଂ ମାଓବାଦୀଙ୍କ ସହ ସେମାନଙ୍କ ସମ୍ପର୍କ ଥିବା ପୁଣେ ପୋଲିସ ଅଭିଯୋଗ ଆଣିଥିଲା। ପରେ ଉକ୍ତ ମାମଲାର ତଦନ୍ତ ଦାୟିତ୍ୱ ଏନ୍‌ଆଇଏକୁ ଦିଆଯାଇଥିଲା। ମାଓବାଦୀଙ୍କ ସହ ଏଲ୍‌ଗାର ପରିଷଦର ସମ୍ପର୍କ ଥିବା ଅଭିଯୋଗରେ ୨୦୧୮ ଅଗଷ୍ଟରେ ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ) ବଳରେ ସୁଧା ଭରଦ୍ୱାଜଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାରେ ବମ୍ବେ ହାଇକୋର୍ଟ ଗତ ୧ ତାରିଖରେ ସୁଧାଙ୍କୁ ଜାମିନ ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଥିବାବେଳେ ଏନ୍‌ଆଇଏ ପକ୍ଷରୁ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଏନ୍‌ଆଇଏ ପିଟିଶନର ତ୍ୱରିତ ଶୁଣାଣି କରିବାକୁ ସୋମବାର ସୁପ୍ରିମକୋର୍ଟ ରାଜି ହୋଇଥିଲେ। ତେବେ ଜଷ୍ଟିସ୍ ୟୁ.ୟୁ. ଲଳିତ, ଏସ୍. ରବୀନ୍ଦ୍ର ଭଟ୍ଟ ଏବଂ ବେଲା ଏମ୍. ତ୍ରିବେଦୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ଏନ୍‌ଆଇଏ ଆବେଦନର ବିଚାର କରିବାକୁ ମନାକରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ହାଇକୋର୍ଟ ଦେଇଥିବା ରାୟ ଉପରେ ହସ୍ତକ୍ଷେପ କରିବା ଭଳି କୌଣସି କାରଣ ନାହିଁ।

କେନ୍ଦ୍ର ସରକାରକୁ ଭାଙ୍ଗିବା ପାଇଁ ସୁଧା ଷଡ଼ଯନ୍ତ୍ର କରିଥିବା ନେଇ ଏନ୍‌ଆଇଏ ଅଭିଯୋଗ ଆଣିଥିବାବେଳେ ହାଇକୋର୍ଟ କହିଥିଲେ, ସେ ଜାମିନ ପାଇବାକୁ ହକ୍‌ଦାର। ସୁଧାଙ୍କୁ ଜାମିନ ଦିଆ ନ ଗଲେ ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁସାରେ ସୁନିଶ୍ଚିତ କରାଯାଇଥିବା ଜୀବନ ଧାରଣ ପାଇଁ ତାଙ୍କ ମୌଳିକ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା କ୍ଷୁର୍ଣ୍ଣ ହେବ। ତେଣୁ ବାଇକୁଲା ମହିଳା ଜେଲରେ ବନ୍ଦୀ ଥିବା ସୁଧାଙ୍କୁ ମୁମ୍ବାଇସ୍ଥିତ ଏନ୍‌ଆଇଏର ସ୍ୱତନ୍ତ୍ର ଅଦାଲତରେ ଡିସେମ୍ବର ୮ରେ ହାଜର କରି ଜାମିନ ପ୍ରଦାନ ନିମନ୍ତେ ସର୍ତ୍ତ ଓ ତାରିଖ ସ୍ଥିର କରାଯାଉ। ପ୍ରକାଶ ଯେ, ସୁଧା ଭରଦ୍ୱାର ହେଉଛନ୍ତି ଏହି ମାମଲାରେ ଗିରଫ ହୋଇଥିବା ୧୬ ଆକ୍ଟିଭିଷ୍ଟ ଏବଂ ଶିକ୍ଷାବିତ୍‌ଙ୍କ ମଧ୍ୟରୁ ଡିଫଲ୍ଟ ବେଲ୍ ପାଇବାରେ ପ୍ରଥମ। କବି ବାରାୱରା ରାଓ ମେଡିକାଲ୍ ଜାମିନ ପାଇଛନ୍ତି। ଏହା ପୂର୍ବରୁ ଷ୍ଟାନ୍ ସ୍ୱାମୀ ଜୁଲାଇ ୫ରେ ମେଡିକାଲ ବେଲ୍‌କୁ ଅପେକ୍ଷା କରି ଏକ ଘରୋଇ ହସ୍ପିଟାଲରେ ଆଖି ବୁଜିଦେଇଥିଲେ। ଅନ୍ୟ ଅଭିଯୁକ୍ତମାନେ ଏବେ ବି ବିଚାରାଧୀନ ବନ୍ଦୀ ଅଛନ୍ତି। ୮ ସହଅଭିଯୁକ୍ତ ସୁଧୀର ଧାୱଲେ, ବରାୱରା ରାଓ, ରୋନା ୱିଲସନ, ସୁରେନ୍ଦ୍ର ଗଡ଼ଲିଙ୍ଗ, ଶୋମା ସେନ, ମହେଶ ରାଉତ୍, ଭେର୍ନନ୍ ଗୋନ୍‌ସାଲଭେସ୍ ଏବଂ ଅରୁଣ ଫେରେଇରାଙ୍କ ଡିଫଲ୍ଟ ବେଲ୍ ଆବେଦନକୁ ବମ୍ବେ ହାଇକୋର୍ଟ ଖାରଜ କରିସାରିଛନ୍ତି।

## ସଂକ୍ଷେପରେ

### ମହାନଦୀରୁ ମହିଳାଙ୍କ ମୃତଦେହ ଜବତ

**ବାରଙ୍ଗ,୭।୧୨(ଡି.ଏନ୍.ଏ.):** ବାରଙ୍ଗ ଥାନା ଅନ୍ତର୍ଗତ ସାନମୁଣ୍ଡଳୀ ସ୍କୁଲ ପଛପଟ ମହାନଦୀ କୂଳରେ ଥିବା ଏକ ତୁଠ ପାଖରେ ମଙ୍ଗଳବାର ଜଣେ ମହିଳାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମହିଳାଙ୍କ ଶରୀର ସମ୍ପୂର୍ଣ୍ଣ ଭାବେ ପଚିଯାଇ ଦୁର୍ଗନ୍ଧ ବାହାରୁଛି। ଦୀର୍ଘଦିନ ହେବ ପାଣିରେ ପଡ଼ିଥିବା ପୋଲିସ ଅନୁମାନ କରୁଛି। ଶରୀରରେ ଡାହଣ ହାତରେ କେବଳ ୨ପଟ ଶଙ୍ଖା ଓ ଅଣ୍ଟାରେ ଏକ ନାଲିରଙ୍ଗର ସୂତା ରହିଥିବାର ଦେଖିବାକୁ ମିଳିଛି। ମୃତ ମହିଳାଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ପୋଲିସ ତଦନ୍ତ ଜାରି ରଖିଛି। ମଙ୍ଗଳବାର ସକାଳେ ସ୍ଥାନୀୟ ଗ୍ରାମର କେତେକ ଯୁବକ ଗାଧୋଇବା ପାଇଁ ତୁଠକୁ ଯାଇଥିବାବେଳେ ଏହି ମୃତଦେହଟି ଲାଗିଥିବାର ଦେଖିଥିଲେ। ଖବରପାଇ ବାରଙ୍ଗ ଥାନା ଓ ଗୋଡିସାହି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ବାରଙ୍ଗ ଥାନା ପୋଲିସ ଏକ ମାମଲା ରୁଜୁକରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ବରୁଣେଇରୁ ଜୋର ଧରିଲା ପ୍ରତିବାଦ



ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦାବିରେ ମଙ୍ଗଳବାର ଖୋର୍ଦ୍ଧା ବରୁଣେଇରୁ ବିଧାୟକମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

**ଖୋର୍ଦ୍ଧା ଅଫିସ,୭।୧୨**

**ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ନ ମିଳିବା ପ୍ରସଙ୍ଗ**

ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନ ବିରୋଧରେ ୧୮୧୭ ମସିହାରେ ଓଡ଼ିଆ ପାଇକଙ୍କ ଦ୍ୱାରା ହୋଇଥିବା ବିଦ୍ରୋହକୁ ସ୍ୱାଧୀନତାର ପ୍ରଥମ ଯୁଦ୍ଧ ଘୋଷଣା କରାଯାଇପାରିବ ନାହିଁ ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି.କିଶନ ରେଡ୍ଡୀ କହିଛନ୍ତି। ଏହାର ପ୍ରତିବାଦରେ ବିଭିନ୍ନ ମହଲରେ ଅସନ୍ତୋଷ ତେଜିବାରେ ଲାଗିଛି। ମଙ୍ଗଳବାର ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସଙ୍ଗଠନଗୁଡ଼ିକ ଏକାଠି ହୋଇ ବୀର ବେଶରେ ସଜେଇ ହୋଇ ଏହାର ବିରୋଧ କରିଥିଲେ। ହାତରେ ଖଣ୍ଡା, ଢାଲ, ଛୁରୀ ଧରି ପ୍ରତିବାଦ କରିଥିଲେ। ଏଥିରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନଙ୍କ ସମେତ ଶତାଧିକ ବୁଦ୍ଧିଜୀବୀ, ପାଇକ ସଙ୍ଗଠନ ସାମିଲ ହୋଇଥିଲେ। ଏହାର ପୁନର୍ବିଚାର କରା ନ ଗଲେ ଆଗାମୀ ଦିନରେ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଅବସରରେ ଫୋରମ ପକ୍ଷରୁ ଏକାଧିକ ବ୍ୟକ୍ତି, ପାଇକ ଆଖଡା ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ବିଧାନସଭା ସମାଚାର

### ରାଜ୍ୟରେ ୯୨ ହଜାର ପଞ୍ଜୀକୃତ କୃଷି ଶ୍ରମିକ

**ଭୁବନେଶ୍ୱର,୭।୧୨(ବ୍ୟୁରୋ)**

■ ସାଧାରଣ ମୃତ୍ୟୁ ପାଇଁ ୧ ଲକ୍ଷ
■ ଦୁର୍ଘଟଣାରେ ମୃତ୍ୟୁ ହେଲେ ୨ ଲକ୍ଷ

ରାଜ୍ୟରେ ୯୨ ହଜାର ୭୦୯ କୃଷି ଶ୍ରମିକ ଚିହ୍ନଟ ହୋଇ ପଞ୍ଜୀକୃତ ହୋଇଛନ୍ତି। ଅନୁଗୋଳ ଶ୍ରମ ଜିଲାରେ ୬୭୦ ଜଣ କୃଷି ଶ୍ରମିକ ପଞ୍ଜୀକୃତ ହୋଇଥିବା ବେଳେ ବାଲେଶ୍ୱରରେ ୩୫୫୨, ଭଦ୍ରକରେ ୩୯୧୩, ବରଗଡ଼ରେ ୨୨୩୬ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ମାତ୍ର ବଲାଙ୍ଗୀର ଶ୍ରମ ଜିଲାରେ ଜଣେ ହେଲେ କୃଷି ଶ୍ରମିକ ପଞ୍ଜୀକୃତ ହୋଇ ନ ଥିବା ବେଳେ ଝାରସୁଗୁଡାରେ ମାତ୍ର ୫ ପଞ୍ଜୀକୃତ ହେଇଛନ୍ତି। ସେହିପରି ବୌଦ୍ଧ ଜିଲାରେ ୧୦୨୨୩ ପଞ୍ଜୀକୃତ ହୋଇଥିବା ବେଳେ ଛତ୍ରପୁର ୧୯୭୪, କଟକ ୨୯୯୩, ଦେବଗଡ ୬୭୦, ଢେଙ୍କାନାଳ ୮୨୧, ଗଜପତି ୮୮୬, ଗଞ୍ଜାମ ୪୬୪୨, ଜଗତ୍‌ସିଂହପୁର ୨୦୧୧, ଯାଜପୁର ୨୮୨୨, କଳାହାଣ୍ଡି ୯୧୮, କନ୍ଧମାଳ ୧୪୯୭, କେନ୍ଦ୍ରାପଡ଼ା ୧୫,୧୯୩, ଖୋର୍ଦ୍ଧା ୫୬୯, କେନ୍ଦୁଝର ୨୦୪୯, କୋରାପୁଟ ୩୧୪୭, ମାଲକାନଗିରି ୪୦୩୬, ମୟୂରଭଞ୍ଜ ୫୮୬, ନୟାଗଡ଼ ୪୬୧, ନବରଙ୍ଗପୁର ୯୮୨୦, ନୂଆପଡ଼ା ୭୪୫୫, ପୁରୀ ୧୭୬୫, ରାୟଗଡ଼ା ୩୬୫୨, ସମ୍ବଲପୁର ୧୬୬, ସୁବର୍ଣ୍ଣପୁର ୨୫୧୮, ସୁନ୍ଦରଗଡ଼ ୫୪୮ ଏବଂ ତାଳଚେରରେ ୯୧୧ ଜଣ କୃଷି ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ବିଜେଡି ସଭ୍ୟ ପ୍ରଶାନ୍ତ ବେହେରାଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ସୁଶାନ୍ତ ସିଂ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ କୃଷି ଶ୍ରମିକଙ୍କ କଲ୍ୟାଣ ପାଇଁ ସରକାର ଅନେକ ବ୍ୟବସ୍ଥା କରିଛନ୍ତି। ଶ୍ରମିକଙ୍କର ମୃତ୍ୟୁ ହେଲେ ୧ ଲକ୍ଷ, ଦୁର୍ଘଟଣାରେ ମୃତ୍ୟୁ ହେଲେ ୨ ଲକ୍ଷ , ଦୁର୍ଘଟଣାରେ ସମ୍ପୂର୍ଣ୍ଣ ଅକ୍ଷମ ହେଲେ ୧ଲକ୍ଷ ୫୦ ହଜାର, ଦୁଇଟି ଅଙ୍ଗ ହରାଇ ଆଂଶିକ ଅକ୍ଷମତା କ୍ଷେତ୍ରରେ ୮୦ ହଜାର ଏବଂ ଗୋଟିଏ ଅଙ୍ଗ ହରାଇଲେ ୪୦ ହଜାର ଟଙ୍କା ସହାୟତା ଦେବାର ବ୍ୟବସ୍ଥା ହୋଇଛି।

### ଚଳିତ ଆର୍ଥିକ ବର୍ଷରେ ୫୫୦ ପୋଲ ନିର୍ମାଣ ହେବ

ବିଜୁ ସେତୁ ଯୋଜନାରେ ୨୦୨୧ ଅକ୍ଟୋବର ୩୧ ସୁଦ୍ଧା ୯୫୪ ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ୩୫୫ ପୋଲର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଚଳିତ ଆର୍ଥିକ ବର୍ଷରେ ବିଜୁ ସେତୁ ଯୋଜନାରେ ୫୫୦ ନୂତନ ସେତୁ ନିର୍ମାଣ ପାଇଁ ସରକାରଙ୍କ ପ୍ରସ୍ତାବ ରହିଛି। ବିଜୁ ସେତୁ ଯୋଜନାରେ ୨୦୧୧-୧୨ ଆର୍ଥିକବର୍ଷ ଠାରୁ ୨୦୨୧ ଅକ୍ଟୋବର ୩୧ ତାରିଖ ମଧ୍ୟରେ ପୋଲ ନିର୍ମାଣ ପାଇଁ ମୋଟ ୪୦୧୧.୯୪ କୋଟି ଟଙ୍କା ବ୍ୟୟ କରାଯାଇଛି। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

### ୨୦ ଜଣଙ୍କୁ କ୍ୟାବିନେଟ, ରାଷ୍ଟ୍ରମନ୍ତ୍ରୀ ଏବଂ ଉପମନ୍ତ୍ରୀ ପାହ୍ୟା

ରାଜ୍ୟ ସରକାର ୨୦ ଜଣଙ୍କୁ କ୍ୟାବିନେଟ, ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ, ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ଏବଂ ସ୍ୱାସ୍ଥ୍ୟ ଉପଦେଷ୍ଟା କେ. ଶ୍ରୀନାଥ ରେଡ୍ଡୀଙ୍କୁ କ୍ୟାବିନେଟ ପାହ୍ୟା ପ୍ରଦାନ କରାଯାଇଥିବା ବେଳେ ସରକାରୀ ଉପମୁଖ୍ୟ ସଚେତକ ରୋହିତ ପୂଜାରୀଙ୍କୁ ଡେପୁଟି ମିନିଷ୍ଟର ପାହ୍ୟା ଦିଆଯାଇଛି। ସେହିପରି ଇ ଆଣ୍ଡ ଆଇଟି ଉପଦେଷ୍ଟା ଅନୁଭବ ପଟ୍ଟନାୟକ, ସ୍ୱାସ୍ଥ୍ୟ ଉପଦେଷ୍ଟା ପି.କେ. ପ୍ରଧାନ, ସ୍ୱାସ୍ଥ୍ୟ ଉପଦେଷ୍ଟା ସୁଧୀର ଦାସ, ସରକାରୀ ଉପଦେଷ୍ଟା(ଗଣମାଧ୍ୟମ ଓ ଲୋକସମ୍ପର୍କ) ମାନସ ମଙ୍ଗରାଜ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଅଧ୍ୟକ୍ଷ ଉପେନ୍ଦ୍ର ତ୍ରିପାଠୀ, ମୋ ସ୍କୁଲ ଅଭିଯାନ ପରିଚାଳନା ସଙ୍ଗଠନ ଅଧ୍ୟକ୍ଷ ସୁସ୍ମିତା ବାଗ୍‌ଚୀ, ଡିଜିଟାଲ ଆଣ୍ଡ ଫାଇନାନ୍ସିଆଲ ଟେକ୍ନୋଲୋଜି ଉପଦେଷ୍ଟା ସ୍ୱପ୍ନେନ୍ଦୁ ମହାନ୍ତି, ରାଜ୍ୟ ଯୁବ କଲ୍ୟାଣ ବୋର୍ଡର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ବିଜୟ କୁମାର ନାୟକ, ଓଡ଼ିଶା ହକି ପ୍ରମୋଶନ କାଉନସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ ଏବଂ ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ରଙ୍କୁ ରାଷ୍ଟ୍ର ପାହ୍ୟା ପ୍ରଦାନ କରାଯାଇଛି।

# ଜମି ଅଧିଗ୍ରହଣକୁ ଆଦିବାସୀଙ୍କ ବିରୋଧ


ଜମି ଅଧିଗ୍ରହଣ ରଦ୍ଦ ଦାବିରେ ମଙ୍ଗଳବାର ଫୋରମ୍ ଫର୍ ଗ୍ରାମସଭା କମିଟି, ରାଜଗାଙ୍ଗପୁର ପକ୍ଷରୁ ଭୁବନେଶ୍ୱର ପିଏମ୍‌ଜିରେ ବିକ୍ଷୋଭ ।

**ଭୁବନେଶ୍ୱର,୭।୧୨**

**ବିଧାନସଭା ଆଗରେ ଧାରଣା**

ଓସିଏଲ୍‌ର ଲାଞ୍ଜିବେର୍ଣ୍ଣା ଖଣି ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ ଯୋଗୁ ପ୍ରାୟ ୫ ହଜାର ପରିବାର ଚାଷଜମି ହରାଇବା ସହ ୧ହଜାର ପରିବାର ବିସ୍ଥାପିତ ଆଶଙ୍କା ଦେଖାଦେଇଛି। ତେଣୁ ଏହି ଜମି ଅଧିଗ୍ରହଣକୁ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ କୁକୁଡ଼ା ମୌଜାର ଆଦିବାସୀମାନେ ତୀବ୍ର ବିରୋଧ କରିଛନ୍ତି। ଉକ୍ତ ଜମି ଅଧିଗ୍ରହଣକୁ ବେଆଇନ ବୋଲି ସେମାନେ କହିବା ସହିତ ଏହା ପ୍ରତିବାଦରେ ମଙ୍ଗଳବାର ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦେଇଥିଲେ। ତୁରନ୍ତ ଜମି ଅଧିଗ୍ରହଣକୁ ରଦ୍ଦ କରିବାକୁ ସେମାନେ ଦାବି କରିଛନ୍ତି। ସମ୍ପୃକ୍ତ ଆଦିବାସୀମାନେ କହିଛନ୍ତି, କୁକୁଡ଼ା ମୌଜାର ୪୦୬.୭୪, ଡିହବନ୍ଧ ମୌଜାର ୩୯.୦୧, ଅଲଣ୍ଡା ମୌଜାର ୧୬୪.୮୧, କେଶରମାଲ ମୌଜାର ୨୩୯.୨୫, ରାଇବେର୍ଣ୍ଣା ମୌଜାର ୫୭. ୮୦ ଏକର ରୟତ ଜମି, ଝଗଲପୁର ଗ୍ରାମ ପଞ୍ଚାୟତର ୮.୪୮ ଏବଂ ପ୍ରାୟ ୧୫୦ ଏକର ସର୍ବସାଧାରଣ ଚାଷଜମିକୁ ଓସିଏଲ୍ (ଡିସିବିଏଲ୍)ର ଲାଞ୍ଜିବେର୍ଣ୍ଣା ଖଣି ସମ୍ପ୍ରସାରଣ ପାଇଁ ପ୍ରଶାସନ ମାଧ୍ୟମରେ ଅଧିଗ୍ରହଣ କରାଯିବାକୁ ପ୍ରସ୍ତାବ ଦିଆଯାଇ ଥିଲା। ପ୍ରସ୍ତାବକୁ ଗ୍ରାମସଭା ନାକଚ କରିଛି। ଉପଯୁକ୍ତ କ୍ଷତିପୂରଣ ପାଇଁ ଓସିଏଲ୍ କମ୍ପାନୀ ଅନାଗ୍ରହ ପ୍ରକାଶ କରିଛି। କମ୍ପାନୀ ସ୍ୱଚ୍ଛତା ଅଧିକାର ଆଇନ୍ ୨୦୧୩ ଧାରା ୪୧ର ଅମାନ୍ୟ କରି ଅନୁସୂଚିତ ଜନଜାତିଙ୍କ ଜମିକୁ ନେବା ପାଇଁ ଜାଲିଆତି କାଗଜପତ୍ର ପ୍ରସ୍ତୁତ କରୁଛି। ଏ ନେଇ ରାଜଗାଙ୍ଗପୁର ବିଧାୟକ ସି.ଏସ୍. ରାଜନ୍ ଏକ୍କା ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ମଙ୍ଗଳବାର ଧାରଣାସ୍ଥଳକୁ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟ ଓ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯାଇ ଆନ୍ଦୋଳନକୁ ସମର୍ଥନ କରିଥିଲେ।

# ବିଧାନସଭା ଆଗରେ ମାଟ୍ରନଙ୍କ ବିକ୍ଷୋଭ

**ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଲେ ମନ୍ତ୍ରୀ**

**ଭୁବନେଶ୍ୱର,୭।୧୨(ବ୍ୟୁରୋ)**

ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ଏବଂ ସେବାଶ୍ରମଗୁଡ଼ିକରେ ନିଯୁକ୍ତ ମହିଳା ମାଟ୍ରନମାନଙ୍କ ବିଭିନ୍ନ ଦାବି ନେଇ ଓଡ଼ିଶା ରାଜ୍ୟ ମେଟ୍ରୋନ ସଂଘ ପକ୍ଷରୁ ମଙ୍ଗଳବାର ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍ଥାୟୀ ନିଯୁକ୍ତି, ଜିପିଏଫ୍ ଓ ଇପିଏଫ୍ ଲାଗୁ, ଚାକିରୀ ସର୍ତ୍ତାବଳୀ ଓ ନିୟମ ଲାଗୁ, ପେନ୍‌ସନ୍, ବୀମା ସହିତ ଚିକିତ୍ସା ବ୍ୟବସ୍ଥା, ସ୍ଥାୟୀ ନିଯୁକ୍ତି ପର୍ଯ୍ୟନ୍ତ ମାସକୁ ୨୫ ହଜାର ଟଙ୍କା ଦରମା ପ୍ରଦାନ ପ୍ରଭୃତି ୭ ଦଫା ଦାବି ରହିଛି। ତେବେ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା ଏ ନେଇ ସଂଘର ୫ଜଣ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। କେତୋଟି ଦାବି ପୂରଣ କରିଥିବାବେଳେ ଅନ୍ୟ କେତୋଟି ଦାବି ପାଇଁ ସମୟ ଲାଗିବ ବୋଲି କହି ପ୍ରତିଶ୍ରୁତି ଦେଇଥିବା ସଂଘର ମୁଖ୍ୟ ଉପଦେଷ୍ଟା ବସନ୍ତ କୁମାର ସାହୁ କହିଛନ୍ତି।



ରାଜ୍ୟ ମାଟ୍ରନ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।


# ୩୧ ଟଙ୍କା ପାଇଁ ହତ୍ୟା

**ଟିକିରି, ୭।୧୨(ଡି.ଏନ୍.ଏ.)**

**ମୃତଦେହ ରଖି ରାସ୍ତା ଅବରୋଧ**

ଚା' ଦୋକାନରେ ବାକି ଥିଲା ମାତ୍ର ୩୧ ଟଙ୍କା। ଏହାକୁ ନେଇ ଆରମ୍ଭ ହେଲା ପାଟିତୁଣ୍ଡ। ଏଥିରେ ଉତ୍କ୍ଷିପ୍ତ ହୋଇ ଚା' ଦୋକାନୀ ଗ୍ରାହକଙ୍କ ମୁଣ୍ଡକୁ କାଠଫାଳିଆରେ ପିଟି ଦେଲେ। ଚିକିତ୍ସାଧୀନ ଅବସ୍ଥାରେ ଉକ୍ତ ଗ୍ରାହକଙ୍କ ମୃତ୍ୟୁ ହୋଇଛି। ପରିବାର ଲୋକେ କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି। ଟିକିରି ଥାନା ଅଧୀନ ଗୋକୁଳମୁଣ୍ଡାରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ସ୍ଥାନୀୟ ଅଞ୍ଚଳର କ୍ରିଷ୍ଣା ଝୋଡ଼ିଆ। ପୋଲିସ ଅଭିଯୁକ୍ତ ଚା' ଦୋକାନୀ ବାବୁଲି ବେହେରାଙ୍କୁ ଗିରଫ କରିଛି। ବାବୁଲିଙ୍କ ଦୋକାନରେ କ୍ରିଷ୍ଣା ଦୈନିକ ଚା' ପିଅନ୍ତି। ଚା' ବାବଦକୁ କ୍ରିଷ୍ଣାଙ୍କ ଉପରେ ୩୧ ଟଙ୍କା ବାକି ଥିଲା। ସୋମବାର ସେ ଚା ପିଇବାକୁ ଯିବାରୁ ବାବୁଲି ତାଙ୍କୁ ବକେୟା ଟଙ୍କା ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବାବୁଲି କାଠଫାଳିଆରେ କ୍ରିଷ୍ଣାଙ୍କ ମୁଣ୍ଡକୁ ପିଟିଦେଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ କ୍ରିଷ୍ଣାଙ୍କୁ ଟିକିରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କ୍ରିଷ୍ଣା ଗୁରୁତର ଥିବାରୁ ତାଙ୍କୁ ପରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା। ବିଶାଖାପାଟଣା ନେବା ବାଟରେ କ୍ରିଷ୍ଣାଙ୍କର ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକେ ମୃତଦେହ ନେଇ ଟିକିରି ଚାଲି ଆସିଥିଲେ। ଗୋକୁଳମୁଣ୍ଡା ଛକରେ ମୃତଦେହ ରଖି ମଙ୍ଗଳବାର ସକାଳ ୮ଟାରୁ ସେମାନେ ଧାରଣାରେ ବସିଥିଲେ।

# କଂସାରୀପାଟିଆ ନଦୀରେ ଅଧାମଲା ମାଛ


ଲୋକମାନେ ନଦୀରୁ ମାଛ ଧରୁଛନ୍ତି।

**ପାରାଦୀପ, ୭।୧୨(ସ୍ୱ.ପ୍ର.)**

■ ଧରିବା ପାଇଁ ଲୋକଙ୍କ ଭିଡ଼
■ ନଦୀ ପାଣିର ନମୁନା ସଂଗ୍ରହ

ପାରାଦୀପ ବନ୍ଦର ସହର ମଧ୍ୟସ୍ଥଳରେ ଥିବା କଂସାରୀପାଟିଆ ନଦୀରେ ସୋମବାର ରାତିରୁ ଅନେକ ମାଛ ଅଧାମଲା ଅବସ୍ଥାରେ ଭାସୁଛନ୍ତି। ସେଗୁଡ଼ିକୁ ଧରିବା ପାଇଁ ସ୍ଥାନୀୟ ମଧୁବନ ବୃନ୍ଦାବନ କଲୋନୀ ଓ ଭୀମଭୋଇ କଲୋନୀର ଲୋକଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ପିଲାଠାରୁ ଆରମ୍ଭ କରି ମହିଳା ଓ ବୃଦ୍ଧ ପ୍ରମୁଖ ଜାଲ ଓ ବନିଶୀ ଆଦି ଜରିଆରେ ମାଛ ଧରୁଛନ୍ତି। ଭାସୁଥିବା ମାଛଗୁଡ଼ିକ ମଧ୍ୟରେ କଣ୍ଟିଆ, କଉ, ଖଅଙ୍ଗା, ପୋଟେଇ, ବାଳିଆ, ଖାସୁଲି ଆଦି ରହିଛନ୍ତି। ନିକଟସ୍ଥ ଏକ ରସାୟନ କାରଖାନାର ଦୂଷିତ ପାଣି ନଦୀରେ ମିଶିଥିବାରୁ ମାଛଗୁଡ଼ିକର ଏପରି ଅବସ୍ଥା ହୋଇଛି ବୋଲି ସ୍ଥାନୀୟ ମତ୍ସ୍ୟଜୀବୀ ଆଲୋକ ରାଉତ କୁହନ୍ତି। ବାତ୍ୟା ଜୱାଦ ଜନିତ ବର୍ଷା ଯୋଗୁ ନଦୀ ଓ ନାଳରେ ପାଣି ଭର୍ତ୍ତି ହୋଇଯାଇଛି। ଏପରି ଅବସ୍ଥାରେ ରସାୟନ ପାଣି ନଦୀରେ ମିଶିଥିବା ଅଭିଯୋଗ ହୋଇଛି। ଖବରପାଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦୀପ ପକ୍ଷରୁ ନଦୀ ପାଣିର ନମୁନା ସଂଗ୍ରହ କରାଯାଇଛି।


**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା ୧୯୦୪୪/IND-II-PH-922 ତାରିଖ ୦୩.୧୨.୨୧
No.CAD-2163

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ରଘୁନାଥପୁର ତହସିଲଦାର ଓଡ଼ିଶାର ଜଗତ୍‌ସିଂହପୁର ଜିଲ୍ଲା, ରଘୁନାଥପୁର ତହସିଲ ଅନ୍ତର୍ଗତ ଜୟପୁର ଏବଂ ନୂଆପଡ଼ା ଗ୍ରାମରେ ୧୬.୧୬ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ ଜୟପୁର ଏବଂ ନୂଆପଡ଼ା ମହାନଦୀ ପଠା କ୍ଲଷ୍ଟର ବାଲିଘାଟ** ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ ''ସର୍ବସାଧାରଣ ଶୁଣାଣି'' **ତା୨୨।୦୯।୨୦୨୧ରିଖ ଦିବା ୧୦.୩୦ ଘଟିକା ସମୟରେ ଜଗତ୍‌ସିଂହପୁର ଜିଲ୍ଲା, ଜୟପୁର ଗ୍ରାମରେ ସ୍ଥିତ ପି.ଡବ୍ଲ୍ୟୁ.ଡି. ଆଇବି-କମ୍-ରେଷ୍ଟ ସେଡ୍‌ଠାରେ** ହେବାକୁ ଧାର୍ଯ୍ୟ ହୋଇଥିଲା । ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା: ''The New Indian Express'' ଏବଂ ''ଧରିତ୍ରୀ''ରେ ତା୧୮।୦୮।୨୦୨୧ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। କିନ୍ତୁ ଆଇନ୍ ଶୃଙ୍ଖଳା କାରଣ ଯୋଗୁଁ **ତା୨୨।୦୯।୨୦୨୧ରିଖ** ଦିନ ହେବାକୁ ଥିବା ସର୍ବସାଧାରଣ ଶୁଣାଣିକୁ ସ୍ଥଗିତ ରଖାଯାଇଥିଲା । ଉକ୍ତ ସର୍ବସାଧାରଣ ଶୁଣାଣି **ତା୦୭।୦୧।୨୦୨୨ରିଖ ଦିବା ୧୦.୩୦ ଘଟିକା ସମୟରେ ଜଗତ୍‌ସିଂହପୁର ଜିଲ୍ଲା, ଜୟପୁର ଗ୍ରାମରେ ସ୍ଥିତ ପି.ଡବ୍ଲ୍ୟୁ.ଡି. ଆଇବି-କମ୍-ରେଷ୍ଟ ସେଡ୍‌ଠାରେ** ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମିତ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥି ନିମିତ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥି ନିମିତ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୦୭।୦୧।୨୦୨୨ରିଖ ଦିବା ୧୦.୩୦ ଘଟିକା ସମୟରେ ଜଗତ୍‌ସିଂହପୁର ଜିଲ୍ଲା, ଜୟପୁର ଗ୍ରାମରେ ସ୍ଥିତ ପି.ଡବ୍ଲ୍ୟୁ.ଡି. ଆଇବି-କମ୍-ରେଷ୍ଟ ସେଡ୍‌ଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।
୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଜଗତ୍‌ସିଂହପୁର** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଜଗତ୍‌ସିଂହପୁର** ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଜଗତ୍‌ସିଂହପୁର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ପାରାଦୀପ** ।
୬. ଜଙ୍ଗଲ ଓ ପରିବେଶ (ପରିବେଶ) ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ପାରାଦୀପ** ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ। କୌଣସି ପ୍ରସ୍ତାବ, ମନ୍ତବ୍ୟ, ମତାମତ ବା ଆପତ୍ତି ଲିଖିତ ଆକାରରେ ଧାର୍ଯ୍ୟ ତାରିଖ ମଧ୍ୟରେ କିମ୍ବା ଲିଖିତ ବା ମୌଖିକ ଆକାରରେ ସର୍ବସାଧାରଣ ଶୁଣାଣି ବେଳେ କରା ନ ଗଲେ ତାହାକୁ ବିଚାରକୁ ନିଆଯିବ ନାହିଁ ।

OIPR-08012/11/0202/2122 ସ୍ୱା./-ସଦସ୍ୟ ସଚିବ



GOVT. OF ODISHA
**DEPARTMENT OF WATER RESOURCES**
O/O. THE SUPERINTENDING ENGINEER, PRACHI DIVISION, BHUBANESWAR - 12
E-mail: prachi.division@yahoo.co.in, Phone: 0674-2562427, Fax: 0674-2562472
No. 6158 Dt. 06.12.21

**e-PROCUREMENT NOTICE No. EEPRD-18/2021-22**

No. A-698: Bid documents consisting of work, estimate cost, cost of tender paper, EMD, time of completion, class of contractors, the set of terms & conditions of contract and other necessary documents can be seen in e-procurement portal **www.tendersorissa.gov.in** complete online process only.

| | | |
|---|---|---|
| 01. | Nature of work | Canal Works, embankment works & structure works |
| 02. | No. of works | 22 Nos. |
| 03. | Bid Identification No. | EEPRD-18/2021-22 |
| 04. | Estimated Cost | 8.00 lakhs to 35.00 lakhs |
| 05. | Earnest Money Deposit | Referred to DTCN |
| 06. | Cost of Tender Paper | Referred to DTCN |
| 07. | Period of Completion | Referred to DTCN |
| 08. | Date & time of availability of bid documents in the portal | From 08.12.2021 (11.00 A.M.) to 15.12.2021 (5.00 P.M.) |
| 09. | Date and time of Opening of Tender Documents & online bids | 16.12.2021 at 11.00 A.M. |
| 10. | Date of Lottery (In case of situation arises) | 23.12.2021 at 11.00 A.M. |
| 11. | Name and address of the Officer Inviting Bid | Superintending Engineer, Prachi Division, Bhubaneswar - 12 E-mail: prachi.division@yahoo.co.in, Phone: 0674-2562427, Fax: 0674-2562472 |

Further details can be seen from the State Govt. portal **www.tendersorissa.gov.in**.

OIPR-32096/11/0005/2122 Sd./- Superintending Engineer, Prachi Division, Bhubaneswar



**ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି, ଖୋର୍ଦ୍ଧା**
ORMAS
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଓଡ଼ିଶା ସରକାର
**Odisha Rural Development & Marketing Society, Khordha**
Panchayati Raj & DW Department, Government of Odisha

**TENDER CALL NOTICE**

No.532/ORMAS Dt.4.12.21

No.i-243:- Sealed tenders are invited from reputed Firms/ Tent houses/Security agencies etc. for different works like Tentage and allied works, Printing, Documentation, Security services required for ensuing Pallishree Mela to be held at Khordha Stadium, Khordha. The detail tender paper alongwith terms and condition may be downloaded from the following websites- www.ormas.org & www.khordha.nic.in from 4.12.2021 to 13.12.2021. The last date and time of receipt of bids : 15.12.2021 upto 1.00 PM and tenders will be opened on 15.12.2021 at 3.30 PM in the Conference Hall of DRDA, Khordha .

**The Collector and District Magistrate, Khordha reserves the right to reject any or all tenders without assigning any reason thereof.**

Sd./- Project Director, DRDA, Khordha
OIPR-19088/11/0001/2122

# ୬୦ ଦିନରେ ୬୦ ଗଳ୍ପ ଲେଖିଲେ ଜୟଶ୍ରୀ

**କଟକ ଅଫିସ, ୭।୧୨**




ଲଗାତର ୬୦ ଦିନରେ ୬୦ ଗଳ୍ପ ଲେଖି ଚର୍ଚ୍ଚାରେ ରହିଛନ୍ତି କଟକର ଝିଅ ଜୟଶ୍ରୀ ସାହୁ। ବାଙ୍ଗାଲୋରର ଏକ ଜାତୀୟ ସ୍ତରୀୟ ସଂସ୍ଥା ପ୍ରତିଲିପି ଓଡ଼ିଆ ପକ୍ଷରୁ ଅନ୍‌ଲାଇନ ମାଧ୍ୟମରେ ୬୦ ଦିନରେ ୬୦ ଗଳ୍ପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ ଜୟଶ୍ରୀ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କମ୍ ବୟସରୁ ସାରସ୍ୱତ ସାଧନାରେ ପାଦ ଥାପିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି।

ପ୍ରତିଯୋଗିତାର ନିୟମ ଅନୁସାରେ, ଲଗାତର ୬୦ ଦିନ ପର୍ଯ୍ୟନ୍ତ ଓଡ଼ିଆରେ ଗଳ୍ପ ଲେଖି ପ୍ରତିଲିପିର ଅନ୍‌ଲାଇନ ପୃଷ୍ଠାରେ ପ୍ରକାଶ କରିବାକୁ ପଡିଥିଲା। ଗୋଟିଏ ଦିନ ଗଳ୍ପ ପ୍ରକାଶନ ବନ୍ଦ ହେଲେ ପ୍ରତିଯୋଗିତାରେ ଅଯୋଗ୍ୟ ବିବେଚିତ ହେବାର ସମ୍ଭାବନା ଥିଲା। ତେଣୁ ପ୍ରତ୍ୟେକ ରାତି ୧୨ଟାରେ ପ୍ରତିଲିପିର ଅନ୍‌ଲାଇନ ପୃଷ୍ଠାରେ ଗଳ୍ପର ବିଷୟ ପ୍ରଦାନ କରାଯାଉଥିଲା। ଏହାପରେ ତୁରନ୍ତ ସେହି ବିଷୟକୁ ଆଧାରକରି ଗଳ୍ପ ଲେଖିବାକୁ ପଡୁଥିଲା ବୋଲି ଜୟଶ୍ରୀ କହିଛନ୍ତି। ତାଙ୍କ ଲିଖିତ ଗଳ୍ପରେ ପାଠକଙ୍କ ସଂଖ୍ୟା ୧ ଲକ୍ଷରୁ ଊର୍ଦ୍ଧ୍ୱ ରହିଛି। ସେମାନଙ୍କ ମତାମତ ମୋତେ ଗଳ୍ପ ଲେଖିବା ପାଇଁ ଅଧିକ ପ୍ରେରଣା ଯୋଗାଇଛି ବୋଲି ଜୟଶ୍ରୀ କହିଛନ୍ତି। ପ୍ରତିଲିପି ଓଡ଼ିଆ ପକ୍ଷରୁ ତାଙ୍କୁ ବିଜୟୀ ଘୋଷଣା କରାଯିବା ସହ ପ୍ରତିଲିପି ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଛି। ଉକ୍ତ ସଂସ୍ଥା ପକ୍ଷରୁ ମାନପତ୍ରକୁ କୋରିଅରରେ ଶୈଳବାଳା ମହାବିଦ୍ୟାଳୟକୁ ପଠାଯାଇଥିଲା। ଅଧ୍ୟକ୍ଷା ସୁରେଖା ସୁନ୍ଦରୀ ସ୍ୱାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିବା ସହ ସଫଳତା ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଜୟଶ୍ରୀ ଜଣେ ମେଧାବୀ ଛାତ୍ରୀ। ସେ ଅନେକ ପ୍ରବନ୍ଧ, ଚିତ୍ରାଙ୍କନ, ବଂଶୀବାଦନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଭିନ୍ନ ସଂସ୍ଥା ପକ୍ଷରୁ ପୁରସ୍କୃତ ହୋଇଛନ୍ତି।

# ଘର ଉଚ୍ଛେଦ ବେଳେ ଉତ୍ତେଜନା

## ପଥର ମାଡ଼ରେ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଆହତ



ଘଟଣା ସ୍ଥଳରେ ପୋଲିସ ଓ ମହିଳା।

**ବ୍ରହ୍ମପୁର ଅଫିସ୍, ୭।୧୨**–ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଏନ୍‌ଜିଟି (ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ) ନିୟମ ବଳରେ ବର୍ତ୍ତମାନ ବନ୍ଧହୁଡାରେ ଘର ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ମଙ୍ଗଳବାର ଏହି ଉଚ୍ଛେଦ ବେଳେ ୩୬ ନଂ.ୱାର୍ଡ ଅନ୍ତର୍ଗତ ଗୌଡବନ୍ଧ ସାହିଠାରେ ଘର ଉଚ୍ଛେଦ ବେଳେ ବିଏମ୍‌ସି ଓ ପୋଲିସକୁ ନାକେଦମ ହେବାକୁ ପଡିଛି। ଲୋକଙ୍କ ପଥର ମାଡରେ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ତରୁଣ କାନ୍ତ ଆହତ ହୋଇଛନ୍ତି। ଏଥିସହ ଉଚ୍ଛେଦ ବେଳେ କାନ୍ଥ ପଡି ଜଣେ ମହିଳା ଗୁରୁତର ହୋଇଛନ୍ତି। ଆହତ ମହିଳା ଲକ୍ଷ୍ମୀ ଦାଶ (୫୫) ବୋଲି ଜଣାପଡିଛି। ତାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ଘଟଣା ସ୍ଥଳରେ ପୋଲିସ ମୁତୟନ ରହିଛନ୍ତି।

ବସ୍ତି ବାସିନ୍ଦାଙ୍କ କହିବାନୁସାରେ, ଗୌଡ଼ବନ୍ଧ ସାହିଠାରେ ରହୁଥିବା ପ୍ରାୟ ୧୧୨ ପରିବାର ଉଚ୍ଛେଦ ନେଇ ବିଏମ୍‌ସି ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ବିଏମ୍‌ସି ପକ୍ଷରୁ ଏନ୍‌ଫୋର୍ସମେଣ୍ଟ ଅଫିସର, ୨ ପ୍ଲାଟୁନ ଫୋର୍ସ ଓ ଡ୍ରୋଜର ମାଧ୍ୟମରେ ଘର ଭାଙ୍ଗିବା ପାଇଁ ଅପରାହ୍ନରେ ପହଞ୍ଚିଥିଲେ। ଏହି ସମୟରେ ବସ୍ତି ବାସିନ୍ଦାମାନେ ବିଏମ୍‌ସି ଅଧିକାରୀଙ୍କୁ ଘର ଖାଲି ପରେ ଭାଙ୍ଗିବା ପାଇଁ ସମୟ ମାଗିଥିଲେ। ବିଏମ୍‌ସି ଅଧିକାରୀ ଏଥିରେ ସହମତି ସହ କିଛି ସମୟ ଦେଇ ଅପରାହ୍ନରେ ଭଙ୍ଗା ଆରମ୍ଭ ହୋଇଥିଲା। କାନ୍ଥ ପଡିବାରୁ ଜଣେ ମହିଳା ଗୁରୁତର ହୋଇଥିଲେ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲେ। ଫଳରେ ଉତ୍ତ୍ୟକ୍ତ ଲୋକେ ଟେକାପଥର ମାଡ କରିଥିଲେ। ଫଳରେ ପୋଲିସ୍ କର୍ମଚାରୀ ଓ ବିଏମ୍‌ସି ଅଧିକାର ଛତ୍ରଭଙ୍ଗ ଦେଇଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ପୋଲିସ୍ ଲାଠି ଚାଳନା କରିଥିଲା। ଏହି ଲାଠି ଚାଳନାରେ ତୁଳସୀ ଦାଶ, ବାହନା ଦାଶ ଓ ମହୁରୀ ଦାଶ ଆହତ ହୋଇଥିବା ସୂଚନା ମିଳିଛି। ଏହାପରେ ବିଏମ୍‌ସି ଅତିରିକ୍ତ କମିଶନର ଆଶୁତୋଷ ସାମଲ, ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି, ଟାଉନ ଥାନା ଅଧିକାରୀ ସୁରେଶ ତ୍ରିପାଠୀ, ବଡ ବଜାର ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ଓ ଗୋସାଇଁନୂଆଗାଁ ଥାନା ଅଧିକାରୀ ସୁମିତ ସୋରେନ୍ ଫୋର୍ସ ସହ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏଥିସହ ଘର ଉଚ୍ଛେଦ କାର୍ଯ୍ୟ ସ୍ଥଗିତ ରଖାଯିବା ସହ ବିଏମ୍‌ସି କମିଶନରଙ୍କ ସହ ଆଲୋଚନା ପରେ ସମସ୍ତ ବାସିନ୍ଦାଙ୍କୁ ଘର ଦିଆଯିବ ବୋଲି ଅତିରିକ୍ତ କମିଶନର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବାସିନ୍ଦାମାନେ ଘର ନେବା ପାଇଁ ମନା କରିଥିବା ଜଣାପଡିଛି। ଏ ନେଇ ବିଏମ୍‌ସି କମିଶନରଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନାହିଁ।

# ଛାତ୍ରୀନିବାସର ୧୦ ଅନ୍ତେବାସୀ ପଜିଟିଭ୍

## ହଷ୍ଟେଲ ସିଲ୍, ସମସ୍ତେ ସଙ୍ଗରୋଧରେ

**ଛେଣ୍ଡିପଦା,୭।୧୨(ସ୍ୱ.ପ୍ର.)–** ଢେଙ୍କାନାଳ ପରେ ଅନୁଗୋଳ ଜିଲାର ଏକ ଶିକ୍ଷାନୁଷ୍ଠାନରେ ପଶିଛି କରୋନା। ମଙ୍ଗଳବାର ଛେଣ୍ଡିପଦା ବ୍ଲକ ବାଲିପଟା ପଞ୍ଚାୟତ ହାଇସ୍କୁଲ ଛାତ୍ରୀ ନିବାସର ୧୦ ଜଣ ଛାତ୍ରୀ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ହଷ୍ଟେଲରେ ରହୁଥିବା ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ଛାତ୍ରୀମାନଙ୍କ ସ୍ୱାବ୍ ରିପୋର୍ଟ ଆସିବା ପରେ ସ୍କୁଲ କର୍ତ୍ତୃପକ୍ଷ ଆକ୍ରାନ୍ତ ୧୦ ଛାତ୍ରୀଙ୍କୁ ସଙ୍ଗରୋଧରେ ରଖିଛନ୍ତି। ହଷ୍ଟେଲକୁ ସମ୍ପୂର୍ଣ୍ଣ ସିଲ୍ କରାଯାଇଛି। ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ହଷ୍ଟେଲର ଅନ୍ୟ ଛାତ୍ରୀମାନଙ୍କୁ ମଧ୍ୟ ସଙ୍ଗରୋଧରେ ରଖାଯାଇଛି। ଆବଶ୍ୟକ ପଡ଼ିଲେ ବିଦ୍ୟାଳୟକୁ ମଧ୍ୟ ସିଲ୍ କରାଯିବ ବୋଲ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ସ୍କୁଲ କର୍ତ୍ତୃପକ୍ଷ ଜିଲା ଶିକ୍ଷା ଅଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀଙ୍କୁ ଚିଠି କରିଥିବା ଜଣାପଡ଼ିଛି।



ବାଲିପଟା ପଞ୍ଚାୟତ ହାଇସ୍କୁଲ।

ପ୍ରକାଶ ଯେ, ବାଲିପଟା ହାଇସ୍କୁଲ ଖୋଲିବା ପରେ ପର୍ଯ୍ୟାୟକ୍ରମେ ୭୫ ଛାତ୍ରୀ ହଷ୍ଟେଲକୁ ଫେରିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣଙ୍କଠାରେ ଥଣ୍ଡା, କାଶ ଲକ୍ଷଣ ପ୍ରକାଶ ପାଇଥିଲା। ଔଷଧ ଖାଇବା ପରେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥାରେ ପରିବର୍ତ୍ତନ ନ ଆସିବାରୁ ସ୍କୁଲ କର୍ତ୍ତୃପକ୍ଷ କୋଭିଡ୍ ସନ୍ଦେହ କରି ସୋମବାର ବାଲିପଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣାଇଥିଲେ। ଖବରପାଇ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ପହଞ୍ଚି ୭୫ ଛାତ୍ରୀ ଓ ୫ ଜଣ କର୍ମଚାରୀଙ୍କଠାରୁ ସ୍ୱାବ୍ ସଂଗ୍ରହ କରି ଟେଷ୍ଟ ପାଇଁ ପଠାଇଥିଲେ। ମଙ୍ଗଳବାର ହଷ୍ଟେଲର ୧୦ ଜଣ ଛାତ୍ରୀ କୋଭିଡ୍‌ରେ ସଂକ୍ରମିତ ହୋଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଘୋଷଣା କରିଛନ୍ତି। ଏଥିସହ ଜିଲାରେ ଥିବା ସମସ୍ତ ଆବସିକ ବିଦ୍ୟାଳୟରେ ରହୁଥିବା ଛାତ୍ରୀଛାତ୍ରମାନଙ୍କ ସାମ୍ପୁଲ କଲେକଶନ କରାଯିବ ବୋଲି ଜିଲାପାଳ କହିଛନ୍ତି। ସଂକ୍ରମିତ ଛାତ୍ରୀମାନେ କିଛିଦିନ ତଳେ ଘରୁ ଆସିଥିବାରୁ ସେମାନେ କିପରି କୋଭିଡ୍ ଭୂତାଣୁ ସଂସ୍ପର୍ଶରେ ଆସିଲେ ତାହାକୁ ନେଇ ଅଭିଭାବକମାନଙ୍କ ଚିନ୍ତା ବଢ଼ିଯାଇଛି।

# ପୋଲିସ ସାମ୍ନାରେ ବେକ କାଟିଲେ ମହିଳା

**ସୋନପୁର, ୭।୧୨(ନି.ପ୍ର.):** ସୋନପୁର ସହର କୁମ୍ଭାରପଡାରେ ସୋମବାର ରାତିରେ ଏକ ହାଇଡ୍ରାମା ଦେଖିବାକୁ ମିଳିଥିଲା। ଲକ୍ଷ୍ମୀ ବେହେରା(୪୨) ନାମ୍ନୀ ଜଣେ ମହିଳା ସହରସ୍ଥିତ ନୂଆପଡା ଅଞ୍ଚଳର ରାଜେଶ ମେହେରଙ୍କ ଘର ସମ୍ମୁଖକୁ ଯାଇ ପାଟିତୁଣ୍ଡ କରୁଥିଲେ। ରାଜେଶଙ୍କ ପରିବାର ଲୋକେ ପିସିଆରକୁ ଖବର ଦେଇଥିଲେ। ପିସିଆର ଭ୍ୟାନ ପହଞ୍ଚି ଲକ୍ଷ୍ମୀଙ୍କୁ ବୁଝାଶୁଝା କରୁଥିଲେ। ଏହି ସମୟରେ ଲକ୍ଷ୍ମୀ ଉତ୍ତ୍ୟକ୍ତ ହୋଇ ପାଖରେ ରଖିଥିବା ଏକ କ୍ଷୁରରେ ନିଜ ବେକକୁ କାଟି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ଭିମସାରକୁ ସ୍ଥାନାନ୍ତର କରାଯାଇଛି। ଲକ୍ଷ୍ମୀ ଆତ୍ମହତ୍ୟା ଉଦ୍ୟମ କରିଥିବାରୁ ପୋଲିସ ରିପୋର୍ଟ ଅନୁସାରେ ମଙ୍ଗଳବାର ସୋନପୁର ଥାନାରେ ତାଙ୍କ ନାମରେ ମାମଲା (୩୬୧/୨୧)ରୁଜୁ କରାଯାଇଛି।

## OFFICE OF THE PANCHAYAT SAMITI, GURUNDIA

E-mail: ori-gurundia@nic.in

**Bid Identification No.- B.D.O., P.S, GURUNDIA-04/2021-2022**

**No.: 2123 P.S GURUNDIA/Dtd:-07.12.2021**

1. Block Development Officer, Gurundia on behalf of Governor of Odisha invites percentage rate bid through open bid in Single Cover from eligible contractors for the works as detailed below.

| | | |
|---|---|---|
| Nature of Work | : | "CONSTRUCTION/RENOVATION OF SCHOOL OF GURUNDIA BLOCK, DIST.- SUNDARGARH" |
| No. of Works | : | 01 No. |
| Tender Cost | | As specified in the bid documents |
| Class of Contractor | : | As specified int he bid documents |
| Available of Bid document in Website | : | From Dt.09.12.2021 of 10.00 AM to Dt.15.12.2021 upto 05.00 P.M. |
| Date of Opening of Bid | : | Dt.16.12.2021 at 10 AM |

2. The Bidders have to participate in open bidding only. Further details can be seen from the website: www.sundergarh.nic.in.
3. Any addendum/ Corrigendum/ Cancellation of tender can also be seen in the newspaper and website: http://www.sundergarh.nic.in

**Sd./- Block Development Officer, Gurundia**

## ଓଡ଼ିଶା ସରକାର
## କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

**File No.200** **Date: 28.07.2021**

**No. IX-06:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩ (RFCTLAR & R ACT, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ୍‌ର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା– ମଶାଣିବନ୍ଧ, ଅତିରିକ୍ତ ଥାନା– କେସିଙ୍ଗା, ତହସିଲ– କେସିଙ୍ଗା, ଜିଲ୍ଲା– କଳାହାଣ୍ଡିରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଟିଟିଲାଗଡ଼–ବିଜୟନଗରମ୍ ୩ୟ ରେଳପଥ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩ (RFCTLAR & R ACT, 2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୫ ତା. ୧୭.୦୨.୨୦୨୧ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା– ମଶାଣିବନ୍ଧ (ଅତିରିକ୍ତ), ଥାନା– କେସିଙ୍ଗା, ଜିଲ୍ଲା– କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

**ତଫସିଲ-କ**

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ପୂର୍ବତଟ ରେଳପଥ ଟିଟିଲାଗଡ଼ – ବିଜୟନଗରମ ୩ୟ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣ ବିବରଣୀ
ମୌଜା– ମଶାଣିବନ୍ଧ (ଅତିରିକ୍ତ), ଗ୍ରାମାଞ୍ଚଳ ତହସିଲ– କେସିଙ୍ଗା
ଥାନା– କେସିଙ୍ଗା, ଥାନା ନଂ.୮୨, ଜିଲ୍ଲା– କଳାହାଣ୍ଡି

ବ୍ୟକ୍ତିଗତ ଜମି–

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୧ | ୧୭୧ | ୨୫୭ | ୧.୪୫୦ | ୦.୦୬୦ | ଆଟ | ସହଦେବ ସାହୁ, ପି. ନରସିଂହ ସାହୁ, ଜା– ଶୁଣ୍ଢି, ବା– ନିଜଗାଁ |
| ୨ | ୧୮୩ | ୨୫୮ | ୧.୦୬୦ | ୦.୦୧୦ | ଆଟ | ସୋଲିଆ ସାହୁ, ସ୍ୱା– ରବିନ୍ଦ୍ର ନାଥ ସାହୁ, ଜା– ତେଲି, ବା– ନିଜଗାଁ |
| | | ମୋଟ | ୨.୫୧୦ | ୦.୦୭୦ | | |

ସ୍ୱା./- ଭୂ-ଅର୍ଜନ ଅଧିକାରୀ
ଟିଟିଲାଗଡ଼-ବିଜୟନଗରମ ତୃତୀୟ ଲାଇନ (ରେଳ ପ୍ରକଳ୍ପ)
ଭବାନୀପାଟଣା, କଳାହାଣ୍ଡି

OIPR-24180/14/0015/2122

## ଓଡ଼ିଶା ସରକାର
## ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

**File No.376** **Date: 13.09.2021**

**No. XXVIII-07:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ରାୟଗଡ଼ା ଜିଲ୍ଲାର ଟିଟିଲାଗଡ଼–ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା– ବିରିବାଡି, ଥାନା/ତହସିଲ– କୋଲନରା, ଜିଲ୍ଲା– ରାୟଗଡ଼ାରେ ନିମ୍ନ ତଫସିଲ ମତେ ପ୍ରାୟ ରକବା ଏ.0.900ଡି. ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ 2013 (RFCTLAR & R Act–2013)ର 11(1) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, 2013 ର 11(1) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ରାୟଗଡ଼ା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

1. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ– ଟିଟିଲାଗଡ଼–ବିଜୟନଗରମ୍ 3ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
2. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ) ବିଶାଖାପାଟଣା ।
3. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟର ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
4. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ SIA STUDY VIDE NO. SIA–460/ NCDS DT.08.11.2019 ଦ୍ରଷ୍ଟବ୍ୟ ।
5. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ରାୟଗଡ଼ା ।
6. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| ରାୟଗଡ଼ା | କୋଲନରା | ବିରିବାଡି | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏ. 2.340 ଡି. | ଏ. 0.900 ଡି. | ଏଥିସହ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଟିଟିଲାଗଡ଼-ବିଜୟନଗରମ୍ 3ୟ ରେଳପଥ ପ୍ରକଳ୍ପଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ରାୟଗଡ଼ା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ରାୟଗଡ଼ା

**(ଭୂମି ଅଧିଗ୍ରହଣ ଅନୁସୂଚୀ)**

ପୂର୍ବତଟ ରେଳପଥ ଟିଟିଲାଗଡ଼–ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣ ବିବରଣୀ
ମୌଜା– ବିରିବାଡି, ତହସିଲ– କୋଲନରା, ଥାନା– ରାୟଗଡ଼ା, ଥାନା ନଂ.–41, ଜିଲ୍ଲା– ରାୟଗଡ଼ା

ବ୍ୟକ୍ତିଗତ ଜମି-

| କ୍ର. ନଂ. | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକର) | କିସମ | ରୟତଙ୍କ ନାମ ପିତାଙ୍କ ନାମ/ସ୍ୱାମୀଙ୍କ ନାମ |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 25/78 | 20 | 0.390 | 0.340 | | ଚକ୍ରପାଣି ନିମାଲ ପୁରି, ପି: ପିତବାସ ନିମାଲପୁରି, ଜା: ଶୁଣ୍ଡି, ବା– ସରାବୁପିଟେସୁ |
| 2 | 2 | 21 | 0.610 | 0.260 | ଡଙ୍ଗର/2 | କୁଟୁରୁକା କାମେୟା, କୁଟୁରୁକା ଇରିନା, କୁଟୁରୁକା ବିରା, ପି: କୁଟୁରୁକା ଲାଛିଗା, ଜା: ପରଜା, ବା: ନିଜଗାଁ |
| 3 | 5 | 22 | 0.660 | 0.200 | ଡଙ୍ଗର/2 | କୁଟୁରୁକା ସାନି, ପି: କୁଟୁରୁକା ଜାଗିଲି, ଜା– ପରଜା, ବା– ନିଜଗାଁ |
| 4 | 1 | 23 | 0.680 | 0.100 | ଡଙ୍ଗର/2 | କାଡାରାକା କମୁଲୁ, ପି: କାଡାରାକା କୁଟୁ, ଜା: ଡମ୍ବ, ବା: ରେବତୀ ଗୁଡ଼ା |
| | | ମୋଟ | 2.340 | 0.900 | | |

ସ୍ୱା./- ଭୂ-ଅର୍ଜନ ଅଧିକାରୀ
ଟିଟିଲାଗଡ଼-ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ,
ଭବାନୀପାଟଣା, କଳାହାଣ୍ଡି

OIPR-24169/14/0014/2122

## ଓଡ଼ିଶା ସରକାର
## ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

**File No.298** **Date: 13.09.2021**

**No. XXVIII-02:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ରାୟଗଡ଼ା ଜିଲ୍ଲାର ଟିଟିଲାଗଡ଼–ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା– ଝିଲିଗୁଡ଼ା, ତହସିଲ– ମୁନିଗୁଡ଼ା, ଥାନା– ଆମ୍ବାଦୋଲା, ଜିଲ୍ଲା– ରାୟଗଡ଼ାରେ ନିମ୍ନ ତଫସିଲ ମତେ ପ୍ରାୟ ରକବା ଏ.୦.୫୭୦ ଡି. ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ 2013 (RFCTLAR & R Act–2013)ର 11(1) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, 2013 ର 11(1) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ରାୟଗଡ଼ା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

1. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ– ଟିଟିଲାଗଡ଼–ବିଜୟନଗରମ୍ 3ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ
2. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ) ବିଶାଖାପାଟଣା
3. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟର 3ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
4. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ SIA STUDY VIDE NO. SIA–460/ NCDS DT.08.11.2019 ଦ୍ରଷ୍ଟବ୍ୟ ।
5. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ଗୁଣୁପୁର
6. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| ରାୟଗଡ଼ା | ମୁନିଗୁଡ଼ା | ଝିଲିଗୁଡ଼ା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏ. ୨.୩୪୦ ଡି. | ଏ. ୦.୫୭୦ ଡି. | ଏଥିସହ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଟିଟିଲାଗଡ଼-ବିଜୟନଗରମ୍ 3ୟ ରେଳପଥ ପ୍ରକଳ୍ପଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ରାୟଗଡ଼ା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ରାୟଗଡ଼ା

**(ଭୂମି ଅଧିଗ୍ରହଣ ଅନୁସୂଚୀ)**

ପୂର୍ବତଟ ରେଳପଥ ଟିଟିଲାଗଡ଼–ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିମନ୍ତେ
ଭୂ–ଅର୍ଜନ ହେବାକୁ ଥିବା ରୟତି ଜମିର ତଫସିଲ ବିବରଣୀ
ମୌଜା– ଝିଲିଗୁଡ଼ା (ଗ୍ରାମାଞ୍ଚଳ), ତହସିଲ–ମୁନିଗୁଡ଼ା, ଥାନା–ଆମ୍ବାଦୋଲା, ଥାନା ନଂ.295 ଜିଲ୍ଲା–ରାୟଗଡ଼ା

ବ୍ୟକ୍ତିଗତ ଜମି–

| କ୍ର. ନଂ. | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକର) | କିସମ | ରୟତଙ୍କ ନାମ ପିତାଙ୍କ ନାମ/ସ୍ୱାମୀଙ୍କ ନାମ |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 14/69 | 22 | 2.340 | 0.570 | ଘରବାରି | ସୁପ୍ରୀତି ପାତ୍ର, ପି– ଶ୍ୟାମ ସୁନ୍ଦର ପାତ୍ର, ଜା– କରଣ, ବା– ଭୁରୁଷିଖମାର |
| | | ମୋଟ | 2.340 | 0.570 | | |

ସ୍ୱା./- ଭୂ-ଅର୍ଜନ ଅଧିକାରୀ
ଟିଟିଲାଗଡ଼-ବିଜୟନଗରମ୍ 3ୟ ରେଳପଥ ପ୍ରକଳ୍ପ,
ଭବାନୀପାଟଣା, କଳାହାଣ୍ଡି

OIPR-24169/14/0009/2122

## ଓଡ଼ିଶା ସରକାର
## ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

**File No.394** **Date: 13.09.2021**

**No. XXVIII-21:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ରାୟଗଡ଼ା ଜିଲ୍ଲାର ଟିଟିଲାଗଡ଼–ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା– ବୀରନାୟଣପୁର, ଥାନା/ତହସିଲ– ରାୟଗଡ଼ା, ଜିଲ୍ଲା– ରାୟଗଡ଼ାରେ ନିମ୍ନ ତଫସିଲ ମତେ ପ୍ରାୟ ରକବା ଏ.2.154ଡି. ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ 2013 (RFCTLAR & R Act–2013)ର 11(1) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, 2013 ର 11(1) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ରାୟଗଡ଼ା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

1. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ– ଟିଟିଲାଗଡ଼–ବିଜୟନଗରମ୍ 3ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
2. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ) ବିଶାଖାପାଟଣା ।
3. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟର ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
4. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ SIA STUDY VIDE NO. SIA–460/ NCDS DT.08.11.2019 ଦ୍ରଷ୍ଟବ୍ୟ ।
5. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ରାୟଗଡ଼ା ।
6. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| ରାୟଗଡ଼ା | ରାୟଗଡ଼ା | ବୀରନାୟଣପୁର | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏ. 7.910 ଡି. | ଏ. 2.154 ଡି. | ଏଥିସହ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଟିଟିଲାଗଡ଼-ବିଜୟନଗରମ୍ 3ୟ ରେଳପଥ ପ୍ରକଳ୍ପଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ରାୟଗଡ଼ା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ରାୟଗଡ଼ା

**(ଭୂମି ଅଧିଗ୍ରହଣ ଅନୁସୂଚୀ)**

ପୂର୍ବତଟ ରେଳପଥ ଟିଟିଲାଗଡ଼–ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣ ବିବରଣୀ
ମୌଜା– ବୀରନାୟଣପୁର, ତହସିଲ– ରାୟଗଡ଼ା, ଥାନା– ରାୟଗଡ଼ା ଥାନା ନଂ.–104, ଜିଲ୍ଲା– ରାୟଗଡ଼ା

ବ୍ୟକ୍ତିଗତ ଜମି-

| କ୍ର. ନଂ. | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକର) | କିସମ | ରୟତଙ୍କ ନାମ ପିତାଙ୍କ ନାମ/ସ୍ୱାମୀଙ୍କ ନାମ |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 29/179 | 267 | 0.510 | 0.120 | ଡଙ୍ଗର/2 | ବିଡିକା ଶଙ୍କର ରାଓ, ପି– ବିଡିକା ସନ୍ୟାସି, ଜା– କନ୍ଧ, ବା– ନିଜଗାଁ |
| 2 | 26 | 268 | 0.740 | 0.300 | ଡଙ୍ଗର/2 | ସାରକା ରାଜିଗା, ପି– ସାରକା ଆଲୁ, ଜା–କନ୍ଧ, ବା– ନିଜଗାଁ |
| 3 | 14 | 269 | 0.160 | 0.120 | ଡଙ୍ଗର/2 | ମାଣ୍ଡିଙ୍ଗ ଦାନବନ୍ଧୁ, ମାଣ୍ଡିଙ୍ଗ ହାଲିଆ, ପି: ମାଣ୍ଡିଙ୍ଗ କିର୍ତ୍ତି, ଜା– କନ୍ଧ, ବା– ନିଜଗାଁ |
| 4 | 11 | 272 | 0.550 | 0.050 | ଡଙ୍ଗର/2 | ସାରକା ଯୋଗୁ, ପି: ସାରକା ପୁଷା, ସାରକା ଦାସିରି, ପି: ସାରକା ବୋଦୁରୁ, ସାରକା ଯାଗଲାଡି, ପି: ସାରକା ସିଙ୍ଗନା, ଜା– କନ୍ଧ, ବା– ନିଜଗାଁ |
| 5 | 3 | 284 | 0.730 | 0.400 | ଡଙ୍ଗର/2 | ସାରକା କିତାନା, ସାରକା ଲାଛନା, ପି– ସାରକା ମୁକୁନା, ଜା– କନ୍ଧ, ବା– ନିଜଗାଁ |
| 6 | 22 | 285/1 | 0.190 | 0.050 | ଡଙ୍ଗର/2 | ଉର୍ଲୁକା ରଘୁ, ଉର୍ଲୁକା ବୋଦରା, ଉର୍ଲୁକା ବାସିଆ, ଉର୍ଲୁକା ହରିଚନ୍ଦନ, ପି– ଉର୍ଲୁକା କୀର୍ତ୍ତି, ଜା– କନ୍ଧ, ବା– ନିଜଗାଁ |
| 7 | 29/139 | 292/1 | 0.780 | 0.460 | ଡଙ୍ଗର/2 | ହୁଇକା ସିଙ୍ଗୁ, ପି– ହୁଇକା ଜଗାନା, ଜା– ଯାତପୁ, ବା– କତାପେଟା |
| 8 | 22 | 293 | 1.020 | 0.244 | ଡଙ୍ଗର/2 | ଉର୍ଲୁକା ରଘୁ, ଉର୍ଲୁକା ବୋଦରା, ଉର୍ଲୁକା ବାସିଆ, ଉର୍ଲୁକା ହରିଚନ୍ଦନ, ପି– ଉର୍ଲୁକା କୀର୍ତ୍ତି, ଜା– କନ୍ଧ, ବା– ନିଜଗାଁ |
| 9 | 29/134 | 294 | 1.340 | 0.220 | ଡଙ୍ଗର/2 | ହିମିରିକା ଦାସନା, ପି– ହିମିରିକା ଜଗାନା, ଜା– କନ୍ଧ, ବା– ନିଜଗାଁ |
| 10 | 18 | 295 | 1.880 | 0.190 | ଡଙ୍ଗର/2 | କଣ୍ଡାଗୋରୀ ବାଡିରି, ପି– କଣ୍ଡାଗୋରୀ ଡମ୍ବୁ, ଜା– କନ୍ଧ, ବା– ନିଜଗାଁ |
| | | ମୋଟ | 7.910 | 2.154 | | |

ସ୍ୱା./- ଭୂ-ଅର୍ଜନ ଅଧିକାରୀ
ଟିଟିଲାଗଡ଼-ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ,
ଭବାନୀପାଟଣା, କଳାହାଣ୍ଡି

OIPR-24169/14/0028/2122

## ୧୫ ଡିଗ୍ରୀ ତଳେ ୩ ...

ହ୍ରାସ ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ଆସନ୍ତା ୩ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ସହିତ ବଜ୍ରପାତ ହେବାର ସମ୍ଭାବନା ରହିଛି।

## ବିଧାନସଭାରେ ପାରିତ ...

ବିରୋଧରେ ସୁସଂଗଠିତ ଓ ସୁପ୍ରଚାରିତ ଏହି ବିଦ୍ରୋହ ପରବର୍ତ୍ତୀ ସମୟରେ ମୁକ୍ତି ସଂଗ୍ରାମକୁ ତ୍ୱରାନ୍ୱିତ କରିବାରେ ସହାୟକ ହୋଇଛି। ୧୮୧୭ରୁ ଖୋର୍ଦ୍ଧା ପାଇକଙ୍କ ଏ ସଂଗ୍ରାମ ଆରମ୍ଭ ହୋଇ ୧୮୨୫ ଯାଏ ଚାଲିଥିଲା। ଏହି ଲଢ଼େଇରେ ବହୁ ଜମିଦାର, ଦଳେଇ, ଦଳବେହେରା ଓ ବିଭିନ୍ନ ବର୍ଗର ଲୋକ ସାମିଲ ହୋଇଥିଲେ। ଇଂରେଜ ସରକାରଙ୍କୁ ଛିଡ଼ିବା ଏ ସଂଗ୍ରାମ ଦୋହଲାଇ ଦେଇଥିଲା। ଓଡ଼ିଶାର ଜନସାଧାରଣଙ୍କ ଭାବାବେଗକୁ ସମ୍ମାନ ଜଣାଇ ୨୦୧୭ରେ ରାଜ୍ୟ କ୍ୟାବିନେଟର ଏକ ସ୍ୱତନ୍ତ୍ର ବୈଠକରେ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଘୋଷଣା କରିବାକୁ ପ୍ରସ୍ତାବ ପାରିତ କରାଯାଇଥିଲା। ଏ ସମ୍ପର୍କିତ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୭ ଜୁଲାଇ ୧୯ରେ ଏନେଇ କେନ୍ଦ୍ରକୁ ଏକ ଚିଠି ଲେଖିଥିଲେ। ହେଲେ ରାଜ୍ୟ ସଭାରେ ବିଜେଡି ଏମ୍‌ପି ପ୍ରଶାନ୍ତ ନନ୍ଦଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଶନ ରେଡ୍ଡୀ ଗୁରୁବାର କହିଥିଲେ ଯେ, ଭାରତୀୟ ଐତିହାସିକ ଅନୁସନ୍ଧାନ ପରିଷଦ (ଆଇସିଏଚଆର) ରିପୋର୍ଟ ଅନୁଯାୟୀ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଘୋଷଣା କରାଯାଇପାରିବ ନାହିଁ। ବରଂ ଏହା ଇଂରେଜମାନଙ୍କ ବିରୋଧରେ ହୋଇଥିବା ଜନ ଆନ୍ଦୋଳନର ଏକ ପ୍ରମୁଖ ବିଦ୍ରୋହ ଭାବେ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ କେସ୍ ଷ୍ଟଡି ଭାବେ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ବୋଲି ମନ୍ତ୍ରୀ ରେଡ୍ଡୀ କହିଥିଲେ। ଓଡ଼ିଶା ସରକାରଙ୍କ ପ୍ରସ୍ତାବକୁ କେନ୍ଦ୍ର ସରକାର ଏଭଳି ଅଗ୍ରାହ୍ୟ କରିଦେବା ପରେ ମଙ୍ଗଳବାର ବିଧାନସଭାରେ ପୁଣି ଥରେ ସଂକଳ୍ପ ପାରିତ ହୋଇଛି।ରାଜ୍ୟ ସରକାର ପାଇକ ବିଦ୍ରୋହ ଉପରେ ରାଜ୍ୟ ସଂଗ୍ରହାଳୟରେ ଏକ ଗ୍ୟାଲେରି ପ୍ରତିଷ୍ଠା କରିବା ସହ ବରୁଣେଇ ପାହାଡ଼ ପାଦଦେଶରେ ୯ ଏକର ୬୮୫ ଡେସିମିଲ ଜମିରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରିଛନ୍ତି। ଜାତୀୟସ୍ତରରେ ଏହାର ଅଧିକ ପ୍ରଚାର ଓ ପ୍ରସାର ପାଇଁ ପାଇକ ବିଦ୍ରୋହ ଉପରେ ଆଲୋଚନାଚକ୍ର, କର୍ମଶାଳା ଓ କବିତା ପାଠୋତ୍ସବ ଆୟୋଜନ କରାଯାଇଛି।

## ମହାପ୍ରଭୁଙ୍କୁ ଭଜିଲେ ...

କରିଥିଲେ। ସେହିପରି ଅନୁରୂପ ଭାବେ ଶାସକ ଦଳର ସଭ୍ୟମାନେ ମଧ୍ୟ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦେବା ଦାବିରେ ଗୃହରେ ସ୍ଲୋଗାନ ଦେଇଥିଲେ। ଶାସକ ଦଳ ସଦସ୍ୟ ଲତିକା ପ୍ରଧାନ ଏବଂ ସୁନନ୍ଦା ଦାସ ବିରୋଧୀ ଦଳ ସଦସ୍ୟଙ୍କୁ ଗଙ୍ଗାଜଳ ଛିଞ୍ଚି ପବିତ୍ର କରିଥିଲେ। ଗୃହରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଏକପ୍ରକାର ହାଇଡ୍ରାମା ହୋଇଥିଲା। ବାଚସ୍ପତି କାହାକୁ କ'ଣ କହିବେ କିଛି ଜାଣିପାରି ନ ଥିଲେ। କେବଳ ବସନ୍ତୁ ...ବସନ୍ତୁ ...କହିବା ଛଡ଼ା ନିରୁପାୟ ହୋଇଥିଲେ। ଏଭଳି ହଙ୍ଗାମା ଗୃହରେ ୩ ମିନିଟ ଧରି ଚାଲିଲା। ବାଚସ୍ପତି ବାଧ୍ୟ ହୋଇ ଗୃହକୁ ୧୦ଟା ୩୩ ମିନିଟରେ ଅପରାହ୍ନ ୪ଟା ଯାଏ ଗୃହକୁ ମୁଲତବୀ ଘୋଷଣା କରିଦେଇଥିଲେ। ଗୃହ ମୁଲତବୀ ହେବା ପରେ ବିଜେଡି ବିଧାୟକମାନେ ବିଧାନସଭା ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ଧାରଣାରେ ବସି କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ପ୍ରତିବାଦ କରିଥିଲେ। ଅନ୍ୟପକ୍ଷରେ କଂଗ୍ରେସ ସଦସ୍ୟମାନେ ବିଧାନସଭା ଚାରିପାଖରେ ସ୍ଲୋଗାନ ଦେଇ ପରିକ୍ରମା କରିଥିଲେ। ଭାଜପା ସଦସ୍ୟମାନେ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋ ରଖି ପୂଜାପାଠ କରିବା ସହିତ ଘଣ୍ଟମାଡ଼ କରିଥିଲେ। ଏହା ସହିତ ସେମାନେ ସେଠାରେ ଭୋଗ ବାଣ୍ଟିଥିଲେ। ଅପରାହ୍ନ ୪ଟାରେ ଗୃହ କାର୍ଯ୍ୟ ପୁଣି ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ହଙ୍ଗାମା କରିଥିଲେ। ବାଚସ୍ପତି ଗୃହକୁ ମୁଲତବୀ କରି ସର୍ବଦଳୀୟ ବୈଠକ ଡାକିଥିଲେ। ସର୍ବଦଳୀୟ ବୈଠକ ପ୍ରାୟ ଏକ ଘଣ୍ଟା ଧରି ଚାଲିଥିଲେ ମଧ୍ୟ କୌଣସି ନିର୍ଯ୍ୟାସ ବାହାରି ପାରି ନ ଥିଲା। ତେବେ ବିରୋଧୀ ସଦସ୍ୟଙ୍କ ହଙ୍ଗାମା ଭିତରେ ବିଭିନ୍ନ ରିପୋର୍ଟ ଓ ପାଇକ ବିଦ୍ରୋହ ସଂକଳ୍ପ ପାରିତ ହୋଇଥିଲା। ଏହା ପରେ ବାଚସ୍ପତି ଗୃହକୁ ବୁଧବାର ସକାଳ ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଦେଇଥିଲେ। ବିଧାନସଭା ବାହାରେ ଗଣମାଧ୍ୟମକୁ ସୂଚନା ଦେଇ ଭାଜପା ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ଗୃହ ମଧ୍ୟଭାଗରେ ଶାସକ ଦଳ ହୋହଲ୍ଲା କରି ଇତିହାସ ରଚିଛି। ସେହିପରି ବିରୋଧୀ

## ପ୍ରଥମ ପୃଷ୍ଠାରୁ...

ଦଳ ଉପନେତା ବିଷ୍ଣୁ ସେଠୀ କହିଛନ୍ତି, ରାଜ୍ୟରେ ଧୃତରାଷ୍ଟ୍ର ଓ ଦୁର୍ଯ୍ୟୋଧନମାନଙ୍କ ସଂଖ୍ୟା ବଢ଼ିଗଲାଣି। କିନ୍ତୁ ମୁଖ୍ୟମନ୍ତ୍ରୀ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ସେ କିଛି ଶୁଣିବାକୁ ପ୍ରସ୍ତୁତ ନାହାନ୍ତି। ତେଣୁ ତାଙ୍କୁ ଓ ତାଙ୍କ ସରକାରକୁ ନିଦରୁ ଉଠାଇବା ପାଇଁ ଗୃହରେ ଘଣ୍ଟମାଡ଼ କରିଛୁ। ମୁଖ୍ୟମନ୍ତ୍ରୀ ଉଠନ୍ତୁ ଏବଂ ଘଟଣା ଉପରେ କିଛି କୁହନ୍ତୁ ବୋଲି ଆମେ ଚାହୁଁଛୁ। ଗୃହ ମୁଲତବୀକୁ ନେଇ ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ସରକାରଙ୍କ ଦୁର୍ନୀତି ଲୁଚାଇବାକୁ ଗୃହକୁ ବାରମ୍ବାର ମୁଲତବୀ ରଖାଯାଉଛି। ମହାପ୍ରଭୁ ମୁଖ୍ୟମନ୍ତ୍ରୀ ଓ ବିଜେଡି ଦଳକୁ ସଦ୍‌ବୁଦ୍ଧି ଦିଅନ୍ତୁ। ଅଭିଯୁକ୍ତ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ତୁରନ୍ତ ଦଳରୁ ବହିଷ୍କାର କରନ୍ତୁ। ବିଜେଡିର ସଦ୍‌ବୁଦ୍ଧି ଫେରିବା ଯାଏ ଏହି ଲଢ଼େଇ ଜାରି ରହିବ।

## ଭିଏଲ୍-ଏସ୍ଆର୍ଏସ୍ଏମ୍‌ର ...

୩ନଂ. ଲଞ୍ଚପ୍ୟାଡ୍‌ରୁ ହୋଇଥିବା ପରୀକ୍ଷଣରେ ଏହି କ୍ଷେପଣାସ୍ତ୍ର କମ୍ ଉଚ୍ଚତାରେ ଏକ ଇଲେକ୍ଟ୍ରୋନିକ୍ ଡିଭାଇସକୁ ଟାର୍ଗେଟ୍ କରିଥିଲା। ମିଶାଇଲର କାର୍ଯ୍ୟକାରିତା ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ବିଭିନ୍ନ ଅତ୍ୟାଧୁନିକ ଟ୍ରାକିଂ ଉପକରଣ ବ୍ୟବହାର କରାଯାଇଥିଲା। ମିଶାଇଲର ଲକ୍ଷ୍ୟଭେଦ କ୍ଷମତା ୫୦ରୁ ୬୦ କି.ମି. ରହିଛି। ଏନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆର୍‌ଡିଓ ଏବଂ ଭାରତୀୟ ନୌସେନା ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଏହି କ୍ଷେପଣାସ୍ତ୍ର ନୌସେନାର କ୍ଷମତାକୁ ଅଧିକ ଦୃଢ଼ କରିଥିବା ପ୍ରକାଶ କରିଛନ୍ତି। ଏହି କ୍ଷେପଣାସ୍ତ୍ର ପରୀକ୍ଷା ନିମନ୍ତେ ଜିଲା ପ୍ରଶାସନ ସହାୟତାରେ ୩ନଂ. ଲଞ୍ଚ ପ୍ୟାଡ୍‌ର ଅଢ଼େଇ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ଥିବା ୬ହଜାର ୨ଶହ ଲୋକଙ୍କୁ ଅସ୍ଥାୟୀ ଭାବରେ ସ୍ଥାନାନ୍ତରିତ କରାଯାଇ କ୍ଷତିପୂରଣ ଦିଆଯାଇଥିଲା।

## ବଢ଼ୁଛି ଦରଦାମ, ...

ରହିଥିବାବେଳେ ସ୍କୁଲ କର୍ତ୍ତୃପକ୍ଷ ଜଳଖିଆ ସହ ସନ୍ଧ୍ୟାରେ ସ୍ନାକ୍ସ ସହ ମଧ୍ୟ କୌଣସି ବୁଝାମଣା ନ କରିବାକୁ ଚେଷ୍ଟା କରୁଛନ୍ତି। ୬ ବର୍ଷ ତଳର ଦରଦାମ ତୁଳନାରେ ଏବେ ଯଥେଷ୍ଟ ବଢ଼ିଛି। ଅପରପକ୍ଷେ ଉଭୟ ୧୩ ବର୍ଷ ବୟସ୍କ ଛାତ୍ର ଏବଂ ଜଣେ ଛଅ ବର୍ଷର ଛାତ୍ରଙ୍କ ଖାଦ୍ୟ ମୂଲ୍ୟ ଦିନକୁ ୨୪ ଟଙ୍କା ସ୍ଥିର କରାଯାଇଛି। ଯାହା ସାଧାରଣରେ ଖାଦ୍ୟ ଗ୍ରହଣ କ୍ଷମତା ଏବଂ ଶିଶୁ ଓ କିଶୋରଙ୍କ ଆବଶ୍ୟକତାକୁ ଅଣଦେଖା କରି ନିରୂପଣ କରାଯାଇଥିବା କୁହାଯାଉଛି। ରାୟଗଡ଼ା ଜିଲା ଆଦିବାସୀ ବହୁଳ ଜିଲା ହୋଇଥିବାବେଳେ ଖାଦ୍ୟ ମୂଲ୍ୟ ବୃଦ୍ଧି ପରିସ୍ଥିତିକୁ ଦୃଷ୍ଟିରେ ରଖି ଅନୁସୂଚିତ ଜାତି, ଜନଜାତି ବିକାଶ ବିଭାଗ ଅଧୀନରେ ଥିବା ହଷ୍ଟେଲ ଛାତ୍ରୀଛାତ୍ରଙ୍କ ପ୍ରତି ବିଶେଷ ଧ୍ୟାନଦେବା ଜରୁରୀ ବୋଲି ବିଷମକଟକ ବ୍ଲକର ଅବସରପ୍ରାପ୍ତ ଶିକ୍ଷାବିତ୍ ଶ୍ୟାମସୁନ୍ଦର ସାହୁ କହିଛନ୍ତି। ଏଥିସହ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ସ୍କୁଲ ହଷ୍ଟେଲ ଛାତ୍ରୀଛାତ୍ରଙ୍କ ଆଧାରରେ ଅନୁସୂଚିତ ଜନଜାତି ବିଭାଗର ଅନ୍ତେବାସୀଙ୍କ ପାଇଁ ମାସକୁ ୭୫୦ ବଦଳରେ ୧୫୦୦ରୁ ୨୫୦୦ ଟଙ୍କା କରାଯିବାକୁ ମନ୍ତ୍ରୀ ଦୃଷ୍ଟି ଦିଅନ୍ତୁ ବୋଲି ମତପ୍ରକାଶ ପାଇଛି। ଏ ନେଇ ଡିଡବ୍ଲ୍ୟୁଓ ଅଶୋକ କୁମାର ଶତପଥୀଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ରଖିବାକୁ ମନା କରି ଦେଇଛନ୍ତି। ଏ ନେଇ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ପଚାରିବାରୁ ସମସ୍ୟା ସମ୍ପର୍କରେ ଅବଗତ ଅଛୁ। ଏ ଦିଗରେ ବିଚାର ବିମର୍ଶ ଚାଲିଛି। ଖୁବ୍ ଶୀଘ୍ର ସମସାଧାନ ହେବ ବୋଲି ବିଶ୍ୱାସ ଅଛି ବୋଲି ସେ କହିଛନ୍ତି।

## ୫କି.ମି. ଚାଲି ଜିଲାପାଳଙ୍କ...

ଶିରୁଗୁଡ଼ାରୁ ଚାଲିଚାଲି ବାହାରିଥିଲେ। ସେମାନେ ଜିଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିଥିଲେ। ଖବରପାଇ ଅତିରିକ୍ତ ଜିଲାପାଳ ସେମାନଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଛାତ୍ରୀଛାତ୍ରମାନେ ଶୁଣି ନ ଥିଲେ। ଏହାପରେ ଜିଲାପାଳ ସେମାନଙ୍କୁ ସମ୍ମିଳନୀ କକ୍ଷକୁ ଡକାଇଥିଲେ। ସେଠାରେ ପିଏ ଆଇଟିଡିଏ ଓ ଜିଲାପାଳ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଛନ୍ତି। ଖାଦ୍ୟପେୟଠାରୁ ଶିକ୍ଷାଦାନ ପର୍ଯ୍ୟନ୍ତ ସବୁ ପ୍ରକାର ଅବହେଳା କରାଯାଉଛି। ଏ ନେଇ ବାରମ୍ବାର ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁନାହିଁ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି। ଆଗାମୀ ଦିନରେ ପିଲାମାନଙ୍କ ସମସ୍ୟାର ସମାଧାନ ଯଥାଶୀଘ୍ର କରାଯିବ ବୋଲି ଜିଲାପାଳ ମିଶ୍ର କହିଛନ୍ତି।

## ହାଇକୋର୍ଟରେ ...

ଫଇସଲା ପାଇଁ ଉଚ୍ଚନ୍ୟାୟାଳୟ ଏରିଅର କମିଟି ଏବଂ ମିଶନ ମୋଡ୍ କମିଟି ଗଠନ କରି ବିଚାରଧୀନ ମାମଲାଗୁଡିକର ଶୀଘ୍ର ଫଇସଲା କରିବା ପାଇଁ ବ୍ୟବସ୍ଥା କରୁଛନ୍ତି। ଏହାସହ ଉଚ୍ଚନ୍ୟାୟାଳୟ ଜିଲା ଜଜ୍‌ମାନଙ୍କୁ ପଡ଼ିରହିଥିବା ମାମଲାର ଶୀଘ୍ର ଫଇସଲା ପାଇଁ ନିୟମିତ ବ୍ୟବଧାନରେ ନିର୍ଦ୍ଦେଶ ଦେଉଛନ୍ତି। ରାଜ୍ୟ ସରକାର ଓଡ଼ିଶାରେ ପର୍ଯ୍ୟାୟକ୍ରମେ ବିଭିନ୍ନ ନ୍ୟାୟାଳୟ ପ୍ରତିଷ୍ଠା କରିବା ସହ ଲୋକ ଅଦାଲତ ଜରିଆରେ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ବିହିତ ପଦକ୍ଷେପ ନେଉଛନ୍ତି।


# OFFICE OF THE NOTIFIED AREA COUNCIL CHANDBALI, BHADRAK

**e-Procurement Notice**

**Tender Call Notice No.- 2730/CN-05-2021-22/Date- 04.12.2021**

No.C-1498:-

| | | | |
|---|---|---|---|
| 1. | Name of the Work | : | Individual Civil Construction works as published the website. |
| 2. | No of works put to tender | : | 32 Nos. individual works |
| 3. | Estimated cost | : | Rs.2.00 lakh upto 20.00 Lakh |
| 4. | Period of completion | : | 45 Days |
| 5. | Date and time of availability | : | from 11.00 hours of Dt.08.12.2021 to 17.30 of Dt. of bid document in the portal Dt.20.12.2021 |
| 6. | Last date/Time for receipt of bids | : | 17.30 hours of Dt.20.12.2021 |
| 7. | Submission of Original Document | : | 21.12.2021 during office hour |
| 8. | Date and time of opening of bid | : | 11.00 hours of Dt.22.08.2021 |
| 9. | Name and address of the Officer Inviting Bid | : | Executive Officer, Chandbali NAC, Chandbali |

Further details can be seen from the e-procurement portal **https://tenderorissa.gov.in**

OIPR-13129/11/0008/2122 **Sd./- Executive Officer, Chandbali NAC**

# ODISHA PUBLIC SERVICE COMMISSION

**ADVERTISEMENT NO. 22 OF 2021-22**

**NOTICE**

**No.8856/PSC, Dt.6.12.21**
**(DR-IV) (2PL-01-2021-22)**

**Corrigendum To Advertisement No.18 of 2021-22 for recruitment to the post of Insurance Medical Officer in Group-A (Junior Branch)**

**No.D-226:-** It is hereby informed for all concerned that there is now no vacancy against "**Ex-Servicemen**" Category against "01" advertised earlier and vacancy position for PWD Category is now revised to 03 against 02 advertised.

All other terms and conditions of the Advertisement shall remain unchanged.

OIPR-12002/11/0161/2122 **Sd./- Secretary**

# BHUBANESWAR MUNICIPAL CORPORATION

E-Mail ld-ae-elect@bmc.gov.in and sethyshyamsundar@gmail.com

**E-PROCUREMENT NOTICE**

**No. C-1508:-**

| | | | |
|---|---|---|---|
| 1. | Bid Reference No. | : | BMC-EED-II-17(EI.)/2020-21 Dt.03.12.2021 |
| 2. | Tender Call Notice No. | : | **No. 87009/Dt. 3.12.21** |
| 3. | No. of Work | : | 2 Nos. |
| 4. | Bid Value of each work | : | Rs.8,50,313 to Rs.21,96,608/- |
| 5. | Period of Completion | : | 30 DAYS |

**Date and Time Schedule**

| Start | End | Opening |
|---|---|---|
| 11.00 A.M. Dt.07.12.2021 | 5.00 P.M. Dt.16.12.2021 | 11.00 A.M. Dt.17.12.2021 |

6. Tender details: Can be seen for the procurement portal: https://www.tendersodisha.gov.in

**Sd./- Executive Engineer (Elect.)**

OIPR-13002/11/0100/2122 **Bhubaneswar Municipal Corporation**

# ODISHA STATE SEEDS CORPORATION LIMITED

**(A GOVERNMENT UNDERTAKING)**
**SANTARAPUR, BHUBANESWAR - 751002.**
**Tel- MD 0674 - 2340573, PBX - 2340170, Fax- 2340096**

**TENDER CALL NOTICE**

**No- OSSC/ Engg- 69/2021**

**No. CAD-2178:-** The Managing Director, Odisha State Seeds Corporation Ltd invites *Percentage Rate Tenders* through ONLINE MODE only from eligible contractors through e-tender site of Govt. of Odisha (www.tenderodisha.gov.in) for the works

1. **CONSTRUCTION OF OFFICE BUILDING AT SEED PROCESSING PLANT CAMPUS, SHERAGAD BALASORE**
2. **INSTALLATION OF ELECTRICAL POWER SUPPLY TO SEED PROCESSING PLANT AT LAMAL, SAMBALPUR**

The details of location of work, estimated amount, cost of Tender Document, EMD and other criteria along with critical dates can be seen in the Detailed Tender Call Notice posted in Website of Govt of Odisha www.tenderodisha.gov.in. The last date for uploading of tender to tender portal is **dt. 21.12.2021**.

**Sd./- Managing Director**

OIPR-01045/11/0023/2122

# DIRECTORATE OF MEDICAL EDUCATION & TRAINING, ODISHA

**3rd Batch Competency Based Evaluation in Ultrasonography, 2021**

**No.15917 dt.06.12.21**

No.E-699:- Theory Examination for Competency Based Evaluation (Ultrasonography), 2021 Shall be held on 22.12.2021 as per the following schedule.

**Date : 22.12.2021**
**Venue : Conference Hall of the DHS(O), GF**
**Time : 11.00 AM to 1.00 PM**

Details of Practical Examination shall be notified in due time. All the candidates applied for CBE 2021, are requested to reach the Venue, 1 Hr before commencement of the Examination.

**Sd./- Addl. Director Medical Education & Training, Odisha**

OIPR-10016/11/0023/2122

# GOVERNMENT OF ODISHA

No. B-756

# INVITATION FOR BIDS (IFB)

**'e' PROCUREMENT NOTICE**

**Bid Identification No. S.E. JSPR (R&B) - 11/2021-22**

| | | | |
|---|---|---|---|
| 1. | Name of work | : | Road & Building works for the year 2021-22 |
| 2. | No. of works | : | Total - 03 (Three) Nos. works |
| 3. | Estimated Cost | : | Above Rs.05.00 lakhs upto Rs.80.00 lakhs (Approx.) |
| 4. | Period of Completion | : | As per Column No. 8 of this NIT |
| 5. | Class of Contractors | : | As per Column No. 7 of this NIT |

Other details as follows:

| | | | |
|---|---|---|---|
| 6. | Date & time of availability of bid documents in portal | : | 08.12.2021 at 11.30 A.M. |
| 7. | Last date/time for receipt of bids in portal | : | 22.12.2021 upto 05.00 P.M. |
| 8. | Opening of Bid documents | : | 23.12.2021 at 11.30 A.M. |
| 9. | Procurement Officer | : | Superintending Engineer, Jagatsinghpur (R&B) Division, Jagatsinghpur |

With E-Mail address : **eerbjspr@gmail.com**

Further details can be seen from the Govt. website **tendersorissa.gov.in.**

**Sd./- Superintending Engineer**
**Jagatsinghpur (R&B) Division**

OIPR-34093/11/0012/2122

# TENDER CALL NOTICE

**OFFICE OF THE PRINCIPAL**
**PRANANATH COLLEGE (AUTONOMOUS), KHORDHA**

**No. 19152904/2021/OHPEE-02** **Date: 04.12.2021**

**No. CAD-2172:** Sealed tenders are invited from registered firms/agencies/suppliers with uptodate VST/GST Clearance Certificate to supply/install **"Steel Chair and Green Chalkboard"**. The detail terms and conditions, guidelines, etc. are available and can be downloaded from the college website **www.pnautonomouscollege.in**. The sealed envelope containing the tenders in the prescribed format superscribed on the top of the envelope **"Tender for supply of Steel Chair and Green Chalkboard"** should reach the office of the undersigned on or before dated 27.12.2021 at 5 P.M. through Registered/Speed Post only.

The undersigned reserves the right to reject or cancel any or all tenders without assigning any reason thereof and the authority will not be held responsible for any postal delay.

**Sd./- Principal**
**P.N. College (Autonomous), Khordha**

OIPR-11040/11/0004/2122

# ZILLA SWASTHYA SAMITI, MAYURBHANJ

**Office of the CDM & PHOcum-District Mission Director, NHM, Mayurbhanj, Odisha, 757001**

**Advt. No.12261/NHM/2021** **Dt.04.12.21**

**CORRIGENDUM**

No.E-700:- With reference to the advertisement No 11389 published on Dt.17.11.2021 in Daily Odia newspaper the Pragativadi & Dharitri and corrigendum notice No. 12174 published on dated 01.12.2021 in Daily Odia newspaper the Pragativadi & Dharitri for supply & installation of Ultrasound Machine under ZSS Mayurbhanj, the tender document can be downloaded from the website **www.mayurbhanj.nic.in**. The last date for submission of the bid is hereby extended up to 13.12.2021 at 01.00 PM and the bid will be opened on the same day at 04.00 PM. All other terms and conditions of the tender shall remain unchanged.

**Sd./- CDM & PHO cum District Mission Director, Mayurbhanj**

OIPR-10020/11/0028/2122

# GOVERNMENT OF ODISHA

No.O-1216

# OFFICE OF THE SUPERINTENDING ENGINEER RURAL WORKS DIVISION-II, KENDRAPARA

eerw_kendraparat@yahoo.co.in

**'E' PROCUREMENT NOTICE NO.RWD-II/KPD-10/21-22 DTD 03.12.2021**

| | | | |
|---|---|---|---|
| 1. | Name of Work | : | Road works in the District of Kendrapara for the year 2021-22. |
| 2. | Total No. of Work | : | 1 No. of road |
| 3. | Estimated Cost | : | Rs. 61.88 Lakhs (Approx.) |
| 4. | Period of Completion | : | 1 (One) Months |
| 5. | Class of contractors | : | A & B Class |

**Other details are as follows:**

| | | | |
|---|---|---|---|
| a) | Procurement officer | : | Superintending Engineer, Rural Works Division-II, Kendrapara |
| b) | Availability of tender online & submission of bid | : | 07.12.2021 at 11:00 AM to 13.12.2021 up to 5:00 PM |
| c) | Last date & time of seeking of tender clarification | : | 10.12.2021 up to 5:00 PM |
| d) | Opening of Technical Bid | : | 14.12.2021 at 11.00 A.M. |
| e) | Opening of Financial Bid | : | 16.12.2021 at 11.00 A.M. |

Further details can be seen from the Govt. website www.tendersorissa.gov.in

**Sd./- Superintending Engineer,**
OIPR-25098/11/0011/2122 **Rural Works Division-II, Kendrapara**

# BIJU PATNAIK UNIVERSITY OF TECHNOLOGY, ODISHA ROURKELA

**No. BPUT/IV/EXAM/5172/ 2021** **Date: 03.12.2021**

**TENDER NOTICE FOR E-EXAMINATION: 2021**

No. CAD-2168:- Sealed tenders (Two Bid System- Technical and Finance Bid) are invited from the reputed, experienced and technically competent Indian Company registered under The Companies Act 1956/2013 with a minimum of five (05) years of experience in providing examination solutions for 'Complete E-Examination Solution for End-to End Activities, Processes & Services of BPUT i.e., Pre-Post Examination, Onscreen Evaluation, Remote Proctored (AI & HUMAN) Online Examination Solution and Migration of Existing Database for Pre-Post Examination. The Bids received vide Notice No BPUT/ IV/Exam/ 385/4215 dated 07.10.2021 stands cancelled.

For details the interested bidder may visit the BPUT website i.e., **www.bput.ac.in**. The University reserves the right to accept and/or reject any bid or all cancel the entire tender process without assigning any reason. The last date and time for receipt of Sealed Tender document through Speed Post / Registered Post addressed to 'The Registrar, Biju Patnaik University of Technology, Chhend, Rourkela – 769015 is 27.12.2021 by 5 PM. No other mode of communication including courier / hand delivery etc. shall be considered.

OIPR-44003/11/0012/2122 **Sd./- REGISTRAR**

# GOVERNMENT OF ODISHA

No.O-1228

# OFFICE OF THE SUPERINTENDING ENGINEER RURAL WORKS DIVISION, JAJPUR

jajpurrwd@yahoo.com

Letter No.5667 /Date 04.12.2021

**'E' PROCUREMENT NOTICE NO. Tender Online 09 JJPT of 2021-22**

| | | | |
|---|---|---|---|
| 1. | Name of work | : | Road Works |
| 2. | Total No. of Work | : | 7 Nos. Work |
| 3. | Estimated Cost (Approx.) | : | 7.95 Lakhs to 30.45 Lakhs |
| 4. | Period of Completion | : | 1 Month |
| 5. | Class of contractors | : | B, C & D |

**Other details as follows:**

| | | | |
|---|---|---|---|
| a) | Procurement officer | : | Superintending Engineer, Rural Works Division, Jajpur |
| b) | Availability of tender online & submission of bid | : | 08.12.2021 at 11.00 AM to 18.12.2021 upto 5.00 P.M. |
| c) | Last date & time of seeking of tender clarification | : | 18.12.2021 up to 1:00 PM |
| d) | Opening of Tender | : | 20.12.2021 at 11.30 A.M. |

Further details can be seen from the Govt. website www.tendersodisha.gov.in

**Sd./- Superintending Engineer,**
OIPR-25047/11/0014/2122 **Rural Works Division, Jajpur**

# DISTRICT RURAL DEVELOPMENT AGENCY, BARGARH


**No. DRDA/4427** **Date: 03.12.2021**

**EXPRESSION OF INTEREST**

No. CAD-2167: The Expression of Interest (EoI) is invited from the interested registered NGOs/CSOs who will be engaged for a partnership with district administration to arrest distress migration in 4 migration prone blocks namely **Padampur, Paikmal, Jharbandh and Gaisilet Blocks of Bargarh district**. The details of eligibility criteria, Scop of work, Deliverables, Role and Responsibility, selection procedure of NGOs/CSOs & others particulars are uploaded in the District website (**https://bargarh.nic.in**) for necessary information. The interested NGOs/CSOs, fulfilling the eligibility criteria may submit their Expression of Interest (EoI) along with all supportive documents to the **Project Director, DRDA, Bargarh, At: Subash Nagar, P.O./Dist.- Bargarh, Odisha, PIN - 768028 by 13.12.2021 (till 4.00 P.M.) through by Speed Post/Regd. Post/ Courier Service)** and the same will be opened on 13.12.2021 at 05.00 P.M. in the DRDA Conference Hall, Bargarh in the presence of the Selection Committee & Representative of NGOs./CSOs. The sealed envelope containing the EoI must be superscribed on the top of the envelope as **"Expression of Interest (EoI) for Partnership of NGOs/CSOs with district administration to arrest distress migration in ____________ blocks of Bargarh district"**. Any modification, alternation and date of extension, if so required will be intimated through the above district website only. The authority reserves the right to cancel any part or the entire proposal of EoI without assigning any reason thereof.

**Sd./- Project Director, DRDA, Bargarh**

OIPR-19133/11/0008/2122



# OFFICE OF THE SR. PROJECT MANAGER, ODISHA BRIDGE & CONSTRUCTION CORPORATION LIMITED

obcc

(A Government of Odisha Undertaking)

**PURI PROJECT DIVISION NO.-II, PURI**

**Email ID: obccpuridivnii@gmail.com/ puridiv2@obcc.in**

**Bid Identification No.03/2021-22**

**Tender Call Notice**

1. The **Sr. Project Manager, Puri Division-II,** Odisha Bridge & Construction Corporation Limited (O.B. & C.C. Ltd.) Puri, on behlaf of Governor of Odisha, invites **Percentage bids** in **Double Cover System** for the following works from 'A', 'B' & 'C' Class Contractors registered with the State Government, and contractors of equivalent grade/class registered with Central Government/ MES/ Railways Or Manufacturers, Authorized Manufactureres having MSME registration throughout India to be eventually drawn up in P-1 form / other available forms for execution of the works, on production of definite proof from the appropriate authority. But successful bidder other than State/MES/Railways/CPWD/MSME Company in equivalent rank must register under the State PWD before signing the agreement.

| Sl. No. | Name of work | Approx Value of Works (Rs. in lakhs) | Cost of Bid Documents including GST (To be remitted Online) | Class of Bidder | Period of completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Extension of O.B. & C.C. Office Building at Puri | **47.13** | Rs.6,720/- | 'A' Class & 'B' Class | 6 (Six) calendar months |
| 2 | Construction of SFRC boundary wall for Khandolite stockyard at Samanga, Puri | **35.00** | Rs.6,720/- | 'B' Class & 'C' Class | 3 (Three) calendar months |

2. Date and time of availability of bid document in the eProcurement portal: **11.00 A.M. of 07.12.2021.**
3. Last date/time for receipt of online bid: **17.12.2021 till 04.30 PM.**
4. Further details can be seen from the e-Procurement portal **"https://www.tenderodisha.gov.in"**

**Sd./- Project Manager, Puri Project Divn.-II, O.B. & C.C. Ltd., Puri**

OIPR-34152/11/0001/2122

# GOVERNMENT OF ODISHA
# OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BOLANGIR

**No. O-1224** **e-Procurement Notice**

| | | | |
|---|---|---|---|
| 1. | Name of Work | : | Construction of weir on Bridge over river Kusangi on Hirapur Keotipali road for the year 2021-22 |
| 2. | No. of work | : | 1 (One) Bridge work |
| 3. | Time for Completion | : | 6 Calendar Months |
| 4. | Approximate estimated cost | : | Rs.105.01 lakhs |
| 5. | Mode of Submission of Tender | : | Tender should be submitted online in **www.tendersodisha.gov.in**. |
| 6. | Other details are as follow | : | |

| Procurement Officer | Bid Identification No. | Availability of Tender online for bidding: From | Availability of Tender online for bidding: To | Last date and time of seeking tender clarification | Date & time of opening of tender: Technical Bid | Date & time of opening of tender: Financial Bid |
|---|---|---|---|---|---|---|
| Chief Construction Engineer, R.W. Circle, Bolangir | BLGR-Online - 22/2021-22 | 08.12.2021 at 11.00 A.M. | 22.12.2021 upto 5.00 P.M. | 21.12.2021 upto 1.00 P.M. | 23.12.2021 at 11.00 A.M. | The date will be intimated to the technically qualified bidders later on |

- Further details can be seen from the website: **www.tendersodisha.gov.in**.
- Any Corrigendum/Addendum will be displayed in the above e-tender website only.

**OIPR-25118/11/0028/2122** **Sd./- Chief Construction Engineer, R.W. Circle, Bolangir**

# OFFICE OF THE MUNICIPAL COUNCIL, ANANDAPUR

No.C-1502

**TENDER CALL NOTICE**

**Dated, the 04th Dec, 2021**

No.5127/ Sealed quotations are invited from the authorized dealers/ Suppliers/ agencies having GST registration for execution of the works as detailed below.

| Sl. No. | Name of the work | Unit | EMD | Cost of tender paper including tax |
|---|---|---|---|---|
| 1 | Supply Fabricating, Fixing, Erecting & Installing JAGA Mission Hoardings in Slums of Anandapur Municipality | 44 Nos. | Rs. 10,000/- | Rs. 4000/- |

The tender paper can be obtained from the O/o the undersigned on payment of cost as mentioned above in shape of Cash (Non refundable) from **dt.06.12.2021** to **dt.10.12.2021** during office hours.

The quotations will be received in the office of the undersigned in specified tender box till **Date.13.12.2021** up to **11.30 A.M.** and it will be opened on the same day at 12.30 P.M. The quotationer or their representative may be present at the time of opening of the quotation. The successful quotationer is required to complete the hoarding work within **15 (fifteen)** days from the date of issue of order.

The quotations must be accompanied by EMD as mentioned above in shape of POTD A/c./KVP/NSC/Deposit receipts of Nationalised or Schedule Bank duly pledged in favour of Executive Officer, Anandapur Municipality payable at Anandapur, Photo Copy of valid Registration Certificate, GST Registration Certificate and PAN Card.

Tenders received without the above documents will be liable for rejection.

The other terms and conditions can be seen in the DTCN.

The authority reserves the right to reject any or all tenders without assigning any reason thereof.

**Sd./- Executive Officer, Anandapur Municipality**

OIPR-13049/11/0009/2122

# ମାଛଚାଷ ସମ୍ପର୍କରେ



ନୂଆକରି ମାଛଚାଷ କରୁଥିଲେ ପୋଖରୀର ଆକାର ଦେଖି ପୋଖରୀ ପ୍ରତି ୫ରୁ ୧୦କିଗ୍ରା ଚୂନ ପ୍ରୟୋଗ କରନ୍ତୁ। ପାଣିର ସୁବିଧା ଦେଖି ମାଛ ଯାଆଁଳ ଚାଷ କରନ୍ତୁ। ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ମାଛ ବିହନକୁ ଯାଆଁଳ ପର୍ଯ୍ୟନ୍ତ ବଢ଼ାଇ ଯେଉଁଠି ଅଧିକ ପାଣିର ସୁବିଧା ରହିଛି ସେଠାରେ ଆଗାମୀ ଦିନ ପାଇଁ ସାଇତି ରଖିହେବ । ପୋଖରୀରେ ପଟୁମାଟି ମାଡିଯାଇଥିଲେ ଏହାକୁ କାଢ଼ି ପାଣି ନିର୍ମଳ ହେବାପରେ ମାଛ ଯାଆଁଳ ଛାଡ଼ନ୍ତୁ। ମାଛ ଯାଆଁଳ ସଂଗ୍ରହ କରନ୍ତୁ। ଯାଆଁଳ ଛାଡ଼ିବା ପରେ ଅଖା ଭିତରେ ଖତ ଓ କୁଣ୍ଡା ରଖି ପୋଖରୀରେ ଛାଡି ଦିଅନ୍ତୁ।

# ସୂର୍ଯ୍ୟମୁଖୀ ରେ ରୋଗପୋକ ନିୟନ୍ତ୍ରଣ

ସୂର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶଂବାଲୁଆ, ଧଳାମାଛି, ଥ୍ରୀପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷ କରି ଥ୍ରୀପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ । ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ଏକ ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ। ସକାଳେ କୌଣସି କୀଟନାଶକ ବିଷ ପ୍ରୟୋଗ କରନ୍ତୁ ନାହିଁ। ଏହା ମହୁମାଛି ପାଇଁ କ୍ଷତିକାରକ। ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା– ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ ବିଷାକ୍ତ ଔଷଧ ପ୍ରୟୋଗ କରନ୍ତୁ ନାହିଁ।



# ଆଖୁରେ ହୁଡ଼ା ଭାଙ୍ଗିବା ବେଳେ...



ଆଖୁ ଚାଷରେ ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବର ଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ। ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ । ମୂଳିଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ ରୁ ଅଧିକ ହେଲେ ଆଖୁ କାଟିବା ଉଚିତ । ଆଖୁ ଗଛକୁ ଏକ ଧାରୁଆ କତୁରିରେ ଭୂମି ପତନ ସହ ସମାନ କରି କାଟି ଦିଅନ୍ତୁ ।

# ମଲ୍ଲୀଗଛର କଟା କଲମି



ମଲ୍ଲୀ ଗଛର ବଂଶବିସ୍ତାର କଟା କଲମି କିମ୍ବା ଗୁଟି କଲମି ଦ୍ୱାରା ହୁଏ। କଟା କଲମି ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ପଟାଳି କରି କଲମିଗୁଡ଼ିକୁ ପୋତିଦେଲେ ଦୁଇ–ତିନିମାସ ମଧ୍ୟରେ ଚେର ହୋଇଯାଏ। ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପି.ଏମ୍.ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍–ବି ରୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡିକ ୬୦ସେ.ମି. ଲମ୍ୱ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା. ଶଢ଼ା ଗୋବର ଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ।

# ଚାଷୀଙ୍କ ପାଇଁ...



- ପ୍ରତ୍ୟେକ ଦିନ ଗୁହାଳରୁ ବାହାରୁଥିବା ମଳ, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୁନ ୧୦୦ ଫୁଟ ଦୂରରେ କରନ୍ତୁ ।
- ଗୋରୁଙ୍କ ପ୍ରାକୃତିକ ଖାଦ୍ୟପାଇଁ ବରଗୁଡ଼ି, ଓଟ୍, ଲୁସର୍ଣ୍ଣ ଇତ୍ୟାଦି ଚାଷ କରନ୍ତୁ ।
- ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍‌ସିମ୍ ଘାସ ଚାଷ କରନ୍ତୁ ।
- ବାଛୁରି ରହୁଥିବା ଘରେ ଝରକା ବା ଜାଲିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷା କରିବା ବନ୍ଦୋବସ୍ତ କରନ୍ତୁ।
- ଗାଈଙ୍କୁ ଟିଙ୍କ ନିବାରଣ ଔଷଧ ସିଞ୍ଚନ କରନ୍ତୁ।
- ଗୋରୁଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ସାହାଣ ରୋଗ ପ୍ରତିଷେଧକ ଟିକା ଦିଅନ୍ତୁ ।
- ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଙ୍କୁ ଗୋଳିଆ ପାଣି ପିଇବା ପାଇଁ ଦିଅନ୍ତୁ ନାହିଁ ।
- ଗୋରୁଙ୍କୁ ପ୍ରତି ତିନିମାସରେ ଥରେ କୃମିନାଶକ ଔଷଧ ଖୁଆନ୍ତୁ ।

# ଜୈବିକ ପଦ୍ଧତିରେ ପିଆଜ ଚାଷ

"ମାଟିକୁ ସୂର୍ଯ୍ୟକିରଣ ବିଶୋଧନ କରି ପିଆଜ ଲଗାଇବାର ୫୦–୬୦ ଦିନ ପୂର୍ବରୁ ୩ ମିଟର ଲମ୍ୱ, ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ତଳିଘରା କରାଯାଏ। ଏଥିସହିତ ୧୦ ଗ୍ରାମ ଟ୍ରାଇକୋର୍ଡମା ଭିରିଡି କମ୍ପୋଷ୍ଟ ଗୋଳାଇ ମଧ୍ୟ ପ୍ରୟୋଗ କରିବା ଉଚିତ। ବିହନକୁ ୪–୫ ସେ.ମି. ବ୍ୟବଧାନରେ ଗାର ଟାଣି ୨ ସେ.ମି. ଗର୍ତ୍ତରେ ମଞ୍ଜି ପକାଇ ଘୋଡ଼ାଯାଏ।"



ମାନସ ରଞ୍ଜନ ପଟ୍ଟନାୟକ



ଆମ ରାଜ୍ୟ ଏକ କୃଷିପ୍ରଧାନ ରାଜ୍ୟ। ଏହାର ପ୍ରାୟତଃ ୭୦ରୁ ୭୧ ଶତକଡ଼ା କୃଷି ଉପରେ ନିର୍ଭର କରି ଚଳିଆସୁଛନ୍ତି। ଯଦିଓ ଆମ ରାଜ୍ୟର ଧାନ ମୁଖ୍ୟ ଫସଲ ହେଲେ ମଧ୍ୟ ପନିପରିବା, ମସଲା ଜାତୀୟ, ଫଳଚାଷ ଓ ଔଷଧୀୟ ବୃକ୍ଷ ମଧ୍ୟ କିଛି ଚାଷ ହେଉଅଛି। କିନ୍ତୁ ଆଜିର ଜଳବାୟୁ ପରିବର୍ତ୍ତନ ସହ ବାତ୍ୟା, ମରୁଡ଼ି ପାଇଁ ଆମ ରାଜ୍ୟ ଯେତିକି ଉତ୍ପାଦନ କରିବା କଥା ସେତିକି କରିପାରୁନାହିଁ। ଏହି ମସଲା ଜାତୀୟ ଫସଲ ମଧ୍ୟରେ ପିଆଜ ଏକ ଅର୍ଥକରୀ ମସଲା ଫସଲ କହିଲେ ଅତ୍ୟୁକ୍ତି ନୁହେଁ। ପିଆଜ ଚାହିଦା ଆମ ରାଜ୍ୟରେ ତଥା ଦେଶରେ ବର୍ଷସାରା ରହିଥାଏ। ଏହାକୁ ଆମେ ପଲ୍ଲିଠାରୁ ଦିଲ୍ଲୀ ଯାଏ ସମସ୍ତେ କଞ୍ଚା ରୂପେ ତଥା ସାଲାଡ ରୂପେ ବ୍ୟବହାର କରିଥାନ୍ତି।

**ଜଳବାୟୁ:** ଆମ ରାଜ୍ୟରେ ଏହା ଶୀତଋତୁରେ ଚାଷ କରାଯାଏ। ବର୍ଷାଦିନେ ମଧ୍ୟ ଚାଷ କରାଯାଇପାରିବ।

**ମୃତ୍ତିକା:** ନିଗିଡ଼ା, ଦୋରସା, ଉର୍ବର, ବାଲିଦୋରସା ମାଟିରେ ପିଆଜ ଚାଷ ଭଲ ହୋଇଥାଏ ; ଯାହାର ପି.ଏଚ.– ୫.୮ରୁ ୬.୫ ଥିବା ଉଚିତ ଏବଂ ଏହାକୁ ରାସାୟନିକ କ୍ଷେତ୍ରଠାରୁ ୨୫–୫୦ ଫୁଟ ଦୂରରେ କରିବା ଉଚିତ।

**କିସମ:** ସାଧାରଣତଃ ପିଆଜକୁ ଆମେ ୩ଟି ରଙ୍ଗରେ ଦେଖିବାକୁ ପାଉ। ସେଗୁଡ଼ିକ ହେଲା

**ଧଳାରଙ୍ଗ:** ପୁଷାହ୍ୱାଇଟ୍ ରାଉଣ୍ଡ, ପାଟାଣା ହ୍ୱାଇଟ, ପୁଷା ହାବାଇଟ, ପୁଷା ମାଧବୀ।

**ହଳଦିଆ ରଙ୍ଗ:** ଆର୍ଲି ଗ୍ରାନୋ, ଆର୍କାପିତାମ୍ବର

**ନାଲି ରଙ୍ଗ:** ଆର୍କାନିକେତନ, ପୁଷାରେଡ୍ ଆଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କାପିତାମ୍ବର

**ବଂଶ ବିସ୍ତାର:** ଏକର ପ୍ରତି ୪–୫ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ।

**ବିଶୋଧନ:** ବୁଣିବା ପୂର୍ବରୁ ୧ କି.ଗ୍ରା. ମଞ୍ଜି ସହି ୫ ଗ୍ରାମ ଟ୍ରାଇକୋଡ୍ରମା ଭିରିଡି ମିଶାଇ ବିଶୋଧନ କରିବା ଉଚିତ।

**ବଂଶ ବିସ୍ତାର ଓ ଚାରା ରୋପଣ:** ମାଟିକୁ



ସୂର୍ଯ୍ୟ କିରଣ ବିଶୋଧନ କରି ପିଆଜ ଲଗାଇବାର ୫୦–୬୦ ଦିନ ପୂର୍ବରୁ ୩ ମିଟର ଲମ୍ୱ, ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ତଳିଘରା କରାଯାଏ। ଏଥିସହିତ ୧୦ ଗ୍ରାମ ଟ୍ରାଇକୋର୍ଡମା ଭିରିଡି କମ୍ପୋଷ୍ଟ ଗୋଳାଇ ମଧ୍ୟ ପ୍ରୟୋଗ କରିବା ଉଚିତ। ବିହନକୁ ୪–୫ ସେ.ମି. ବ୍ୟବଧାନରେ ଗାର ଟାଣି ୨ ସେ.ମି. ଗର୍ତ୍ତରେ ମଞ୍ଜି ପକାଇ ଘୋଡ଼ାଯାଏ। ସାଧାରଣତଃ ନଭେମ୍ବର ଶେଷ ସପ୍ତାହରେ ପିଆଜ ଚାରା ଲଗାଇଲେ ଉତ୍କୃଷ୍ଟ ପିଆଜ ହୋଇପାରିବ।

**ଲଗାଇବା ପ୍ରଣାଳୀ:** ମୁଖ୍ୟ ଜମିରେ ରୋପଣର ୪୦–୪୫ ଦିନ ପୂର୍ବରୁ ହଳ ସମୟରେ ଏକର ପ୍ରତି ୨୦୦ କି.ଗ୍ରା. ନିମ୍ବ, କରଞ୍ଜ କିମ୍ବା ସୋରିଷ ପିଡିଆ ୧୨୦ କି.ଗ୍ରା., ରକ୍ ଫସଫେଟ୍ ୪୦ କି.ଗ୍ରା. କାଠ ବାଉଁଶ ଏବଂ ଅମ୍ଳମାଟିରେ ୧୦୦ କି.ଗ୍ରା. ଜିପସମ୍‌କୁ ମାଟିରେ ମିଶାଇ, ୨୦ କି.ଗ୍ରା. ଛଣି ବିହନ ବୁଣି ଚାରାରୋପଣ ସମୟରେ ଜମି ପ୍ରସ୍ତୁତ ବେଳେ ମାଟିରେ ମିଶାଯାଏ। ଏହି ସମୟରେ ଜମିକୁ ପଟାଳି କରି ଧାଡ଼ିକୁ ଧାଡ଼ି ୧୫ ସେ.ମି., ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ କୃଷ୍ଣପକ୍ଷରେ ରୋପଣ କରିବା ଉଚିତ। ଚାରା ରୋପଣ ପୂର୍ବରୁ ଗୋଟିଏ ଟ୍ରେରେ ୧୦ ଲିଟର ପାଣି ନେଇ ୧୦ କି.ଗ୍ରା. ଲେଖାଏ ଆଜାଟୋ ବ୍ୟାକ୍ଟର ଏବଂ ଫସପୋକଲଚର ମିଶାଇ ଚାରାର ଚେରକୁ ୩୦ ମିନିଟ୍ ବୁଡ଼ାଯାଏ।

**ଖତ ସାର ପ୍ରଣାଳୀ:** ଜମି ପ୍ରସ୍ତୁତ ସମୟରେ ୬–୮ ଟନ ଶଢ଼ା କମ୍ପୋଷ୍ଟ ୧୨୦ କି.ଗ୍ରା. ରକ୍ ଫସଫେଟ୍, ୨ କୁଇଣ୍ଟାଲ ନିମ୍ବ ପିଡ଼ିଆ ଦିଆଯାଏ। ଲଗାଇବା ସମୟରେ ଏକର ପ୍ରତି ୩ କି.ଗ୍ରା. ଲେଖାଏ ଆଜୋଟ ବ୍ୟାକ୍ଟର ଏବଂ ଫସପୋକଲଚର କମ୍ପୋଷ୍ଟ ସହିତ ମିଶାଇ (୪୮ ଘଣ୍ଟା ପୂର୍ବରୁ ଗୋଳା ହେବ) ମାଟିରେ ଦିଆହେବ। କୋଡାଖୋସା ସମୟରେ ୧ କୁଇଣ୍ଟାଲ ଜିରାଖତ ବା ରାଲିମିଲ/ଷ୍ଟେରାମିର୍ ଦିଆଯାଇପାରିବ।

**ସାବଧାନତା:** ଚାଷୀଭାଇମାନେ ସବୁବେଳେ ଜୈବିକ ଚାଷ କରିବା ପୂର୍ବରୁ ରାସାୟନିକ କ୍ଷେତଠାରୁ ୨୫ରୁ ୪୦ ଫୁଟ ଦୂରରେ ଲଗାଇବା ଉଚିତ।

**ରୋଗପୋକ ପରିଚାଳନା:** ତଳିଘରା ପ୍ରତିବର୍ଷ ବଦଳାନ୍ତୁ। ମାଟି ଓ ବିହନକୁ ଟ୍ରାଇକୋର୍ଡମାଭିରିଡିଦ୍ୱାରାବିଶୋଧନକରନ୍ତୁ।

**ଉକୁଣି ପୋକ: (ଥ୍ରିପ୍ସ) :** ପୋକସହଣି ଶକ୍ତି କିସମ ପୁଷାରତ୍ନାର ବ୍ୟବହାର କରାଯାଏ। ପିଆଜକୁ ସହଳ ଲଗାନ୍ତୁ। ନିମ୍ବଜାତ କୀଟନାଶକ (୩–୫ ମି.ଲି./ଲିଟର ପାଣି), ସାମ୍ପୋ କିମ୍ବା ଆସ୍କାଅସୀ (୧ ମି.ଲି. ପାଣିରେ/ ୩ଲିଟର) ପାଣିରେ ସ୍ପ୍ରେ କରାଯାଇପାରିବ।

**ଅମଳ:** କିସମ ଅନୁସାରେ ୯୦–୧୫୦ ଦିନରେ ଅମଳ କରାଯାଇପାରିବ। ଗଛର ଅଧାପତ୍ର ଶୁଖିବାର ୭ ଦିନରେ ଅମଳ କରାଯାଇପାରିବ, ଅମଳ ୧୫ ଦିନ ପୂର୍ବରୁ ଜଳସେଚନ ବନ୍ଦ କରନ୍ତୁ। ଗଛକୁ ଉପାଡ଼ି ଜମିରେ ୨–୩ ଦିନ ଯାଏ ଧାଡ଼ି ଧାଡ଼ି କରି ରଖାଯାଏ, ଯେପରି ପିଆଜ ଖରାକୁ ଦେଖା ନ ଯାଏ। ପରେ ୭ ଦିନ ଛାଇରେ ରଖି ଗଛ କଟାଯାଏ। ଏକର ପ୍ରତି ୮୦–୧୫୦ କୁଇଣ୍ଟାଲ ଅମଳ ମିଳିପାରିବ। ଯଦି ଆମେ ହାରାହାରି ୧୨୦ କୁଇଣ୍ଟାଲ ପାଇଥାଉ ତେବେ ଆଜିକାର ବଜାର ଦର କୁଇଣ୍ଟାଲ ପିଛା ଟ.୨,୫୦୦/– ୧୨୦ କୁଇଣ୍ଟାଲ ଦର ଅଟେ ଟ.୨,୫୦୦ x ୧୨୦ = ଟ. ୩,୦୦,୦୦୦। ଅତଏବ ଆମର ପ୍ରତି ଏକରରେ ଖର୍ଚ୍ଚ ହେଉଛି ଟ. ୭୦୦୦ରୁ ୭୫୦୦/–। ତେବେ ମୋଟ ଲାଭ ହେଉଛି ଟ. ୨,୨୫,୦୦୦/–।

–ପ୍ରିନ୍ସିପାଲ୍, ଆଗ୍ରୋପଲ୍‌ଟେକ୍‌ନିକ ସେଣ୍ଟର, ଓୟୁଏଟି, ବୌଦ୍ଧ
ମୋ : ୯୪୩୭୬୩୮୦୦୪

# ମୁଗ ଚାଷ



(ଶେଷ ଭାଗ)

ମୁଗ ଗଛ ଉଠିବାର ୩ ସପ୍ତାହ ମଧ୍ୟରେ ଓ ଦେଢ଼ମାସ ବେଳକୁ ଘାସ ବାଛିଦେବା ଦରକାର । ନଚେତ ରାସାୟନିକ ତୃଣନାଶକ ଯଥା– ପେଣ୍ଡିମେଥାଲିନ୍ ୩୦ % ଇ.ସି.– ୧୨୦୦ ମି.ଲି., (ବୁଣାର ୨ ଦିନ ମଧ୍ୟରେ), ନଚେତ କ୍ୱିଜାଲିଫପ୍ ଇଥାଇଲ୍ ୫ % ଇ.ସି./ଇମାଜିଥାପିର୍ ୧୦ % ଏସ୍.ଏଲ୍./ ପ୍ରୋପାକ୍ୱିଜାଫପ୍ ୧୦ % ଇ.ସି. ୩୦୦ – ୪୦୦ ମି.ଲି. ( ବୁଣାର ୨୦–୨୫ ଦିନ ବେଳକୁ ) ଏକର ପ୍ରତି ମାଟିରେ ବତର ଥିବା ଅବସ୍ଥାରେ ପ୍ରୟୋଗ କରି ତୃଣକଗୁଡ଼ିକୁ ନିୟନ୍ତ୍ରଣ କରାଯାଏ । ସାଧାରଣତଃ ରବି ଓ ଖରାଦିନିଆ ମୁଗ ଚାଷରେ ବୁଣିବା, ବୁଣିବାର ୩ ସପ୍ତାହ ବେଳକୁ ଫୁଲ ଧରିବା ଓ ଛୁଇଁ ବଢ଼ିବା ସମୟରେ ଜଳସେଚନ ଦିଆଗଲେ ଛୁଇଁ ଅଧିକ ହୋଇ ଅଧିକ ଅମଳ ମିଳିଥାଏ । ସର୍ବଦା ହାଲୁକା ଜଳସେଚନ (ସିଞ୍ଚନ ଜଳସେଚନକୁ ପ୍ରାଧାନ୍ୟ ଦେବା) ଦିଆଗଲେ ଘାସ ନିୟନ୍ତ୍ରିତ ହୋଇ ଫସଲ ଭଲ ବଢ଼ିଥାଏ ଓ ଅଧିକ ଫୁଲ ଆସିଥାଏ । କୌଣସି ପରିସ୍ଥିତିରେ ମଡ଼ା ପାଣି ନ ଦେବା ଭଲ । ସିଞ୍ଚନର ବ୍ୟବସ୍ଥା ନ ଥିଲେ ୧୦ ଫୁଟ୍ ବ୍ୟବଧାନରେ ଅଗଭୀର ନାଳ କରି ତହିଁରେ ପାଣି ମଡ଼ାଇ ଦିଆଯାଏ, ଯେପରିକି ଜମିରେ ପାଣି ଅଧିକ ରହିବ ନାହିଁ । ବିଭିନ୍ନ ରୋଗ ଯଥା– ଝାଉଁଳା, ଚେର ପଚା/ଶଢ଼ା, କଳଙ୍କି, ପତ୍ରପୋଡ଼ା, ଆନ୍ଥ୍ରାକ୍ନୋଜ୍ ( ସି.ଓ.ସି. ୫୦ % ଡବ୍ଲ୍ୟୁ.ଜି . ୩୦ ଗ୍ରାମ୍), କଳାଦାଗ, ପତ୍ରଚିତା, ପାଉଁଶିଆ ଓ ସାହେବୀ ଭୂତାଣୁର ନିୟନ୍ତ୍ରଣ ନିମନ୍ତେ ହରଡ଼ ଫସଲ ପରି କୀଟନାଶକ ଔଷଧର ମାତ୍ରା ଅନୁଯାୟୀ ସିଞ୍ଚନ କରାଯାଇଥାଏ । ଜଉ, ସବୁଜ ପତ୍ରଡିଆଁ, ପତ୍ର ଉକୁଣି ଓ ଧଳା ମାଛି ଯାହା ସାହେବୀ ରୋଗ ଭୂତାଣୁର ବାହକ ଦମନ ପାଇଁ ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍ . ୨.୮ ମି.ଲି. / ଥାୟୋମେଥୋକ୍ସେମ୍ ୨୫ % ଡବ୍ଲ୍ୟୁ.ଜି . ୨ ମି.ଲି. । ଆସେଟାମିପ୍ରିଡ୍ ୨୦ % ଏସ୍.ପି. ୨.୫ ମି.ଲି. ପ୍ରୟୋଗ କରନ୍ତୁ। ଫଳ ବିନ୍ଧା, ଫଳ ମାଛି, ପ୍ଲୁମ୍ ମଥ୍ ଓ ପତ୍ର କଣା ପୋକ ମନୋକ୍ରୋଟୋଫିସ୍ ୩୬ % ଏସ୍.ଏଲ୍ .୧୫ ମି.ଲି./ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫ % ଏସ୍.ସି. ୨ ମି.ଲି.), ବିହାରୀ ସଁବାଳୁଆ ଦମନ ପାଇଁ କୁଇନାଲ୍ଫସ୍ ୨୫ % ଇ.ସି. ୩୦ ମି.ଲି./ ପ୍ରୋଫେନୋଫସ୍ ୫୦ ଇ.ସି. ୨୦ ମି.ଲି. , ଫ୍ଲି ବିଟିଲ୍ ପୋକ ଦମନ ପାଇଁ ଫିପ୍ରୋନିଲ ୫ % ଏସ୍.ସି. ୨୦ ମି.ଲି. , କାଣ୍ଡ ମାଛି ପୋକ ଲାଗିଥିଲେ ଇମିଡାକ୍ଲୋପ୍ରିଡ୍ ୭୦ % ଡବ୍ଲ୍ୟୁ.ଜି . ୧୦ ମି.ଲି. ପ୍ରୟୋଗ କରନ୍ତୁ। ଅଷ୍ଟପଦୀ ପୋକ ଦମନ ପାଇଁ ଫେନାଜାକୁଇନ୍ ୧୦ % ଇ.ସି. ୨୦ ମି.ଲି. ଏବଂ ଧୂଆଁପତ୍ର ଗୋଟିପୋକ , ହକ୍ ମଥ୍ ପୋକ ଦମନ ପାଇଁ କୁଇନାଲ୍ଫସ୍ ୨୦ % + ସାଇପରମେଥ୍ରିନ୍ ୩ % ଇ.ସି. ( ମିଶ୍ରଣର ୨୦ ମି.ଲି. ) ପୋକର ନିୟନ୍ତ୍ରଣ ପାଇଁ କୀଟନାଶକ ଔଷଧକୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଦରକାର ।

ଅମଳ : ଫସଲରୁ ଛୁଇଁ ତୋଳାଗଲେ ଓ ମଝିରେ ମଝିରେ ବର୍ଷା ବା ଜଳ ସିଞ୍ଚନ କରାଗଲେ ଅଧିକ ଛୁଇଁ ହୋଇ ଫସଲ ଅବଧି ବଢ଼ିଯାଏ ଏବଂ ଅମଳ ଅଧିକ (୧–୨କୁଇଣ୍ଟାଲ) ହୋଇଥାଏ । ଛୁଇଁ ଅଧିକ ଦିନ ପାକଳ ଅବସ୍ଥାରେ ରହିଲେ ଫାଟିଯାଇ ମଞ୍ଜି ବାହାରି ଜମିରେ ଗଳି ପଡ଼େ । ତେଣୁ ଛୁଇଁ ୮୦ ଭାଗ ପାଚିଲେ ଅମଳ କରିବା ଆବଶ୍ୟକ । ମୁଗ ଗଛ ପାଚି ଆସିଲେ ଗଛକୁ ପୋଡ଼ି କିମ୍ବା ଭୂମି ପତନରୁ କାଟି ଅମଳ କରିବା ଆବଶ୍ୟକ। ଚେର ମାଟିରେ ରହିଲେ ଉର୍ବରତା ବଢ଼ିଥାଏ । ବର୍ଷା ଦିନେ ଥରେ ଦୁଇଥର ପାକଳ ଛୁଇଁ ତୋଳିନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେଲେ ଜମି ଉର୍ବରିଆ ହୋଇଥାଏ । ଅମଳ ପରେ ମଞ୍ଜିକୁ ଭଲ ଭାବେ ଖରାରେ ଶୁଖାଇବା ଦରକାର, ଯାହାଫଳରେ ମଞ୍ଜିରେ ୯ ପ୍ରତିଶତରୁ କମ୍ ଜଳୀୟାଂଶ ରହିବ। ଏକର ପ୍ରତି ୪–୬ କୁଇଣ୍ଟାଲ ଅମଳ ମିଳିଥାଏ।

ଆମ ରାଜ୍ୟର ଯାଜପୁର ଜିଲାରେ ପ୍ରାକ୍–ରବି ଓ ଖରାଦିନିଆ ମୁଗ ଚାଷ ବେଶ୍ ଲୋକପ୍ରିୟ। ଅନ୍ୟ ଜିଲାମାନଙ୍କ ପରି ଓ ସ୍ୱଳ୍ପକାଳୀନ ବୈଜ୍ଞାନିକ ପଦ୍ଧତିରେ ମୁଗ ଚାଷ ଦ୍ୱାରା ମୃତ୍ତିକାର ଉର୍ବରତା ବୃଦ୍ଧି ଘଟିବା ସହ କୃଷକମାନଙ୍କର ଆର୍ଥିକ ପ୍ରଗତି ଆଶାନୁରୂପ ଘଟିପାରିବ।

– ପରେଶ କୁମାର ପଣ୍ଡା
ବ୍ଲକ କୃଷି ଅଧିକାରୀ, ଯାଜପୁର
ମୋ : ୭୨୦୫୦୯୬୦୮୦

# ପନିପରିବା ତଳିରେ ସାର ପ୍ରୟୋଗ

ପନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜ କରି ଦୁଇ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩–୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନ କରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୪–୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ି ଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ। ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରି ଲଗାନ୍ତୁ। ପନିପରିବା ତଳି ପଟାଳିରେ ସବୁବେଳେ ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷା କରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ। ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ । ପନିପରିବା ଚାଷ ସମୟରେ ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷ କରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ୱ ଓ ୧୨–୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡ କରି ମିଶାଇ ଦିଅନ୍ତୁ । ଏଥିସହିତ ୧୫୦ ଗ୍ରାମ୍ ସୁପର୍ ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ ।





Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଲଢ଼େଇକରି ଟାଇବ୍ରେକରରେ ହାରିଲା ଓଡ଼ିଶା



ସପୋର୍ଟ ଷ୍ଟାଫ୍‌ଙ୍କ ସହ ଓଡ଼ିଶା ମହିଳା ଫୁଟବଲ ଦଳ।

**ଜାତୀୟ ସିନିୟର ମହିଳା ଫୁଟ୍‌ବଲ**

**ମଣିପୁର-ରେଲୱେ ଫାଇନାଲ ଶୁକ୍ରବାର**

**ଭୁବନେଶ୍ୱର, ୭।୧୨ (କ୍ରୀଡ଼ା ପ୍ରତିନିଧି):** ଭାଗ୍ୟ ସାଥ୍ ଦେଲାନି। ୨୦ ଥର ଚାମ୍ପିୟନ ମଣିପୁର ବିପକ୍ଷରେ ଲଢ଼ିଲା ଓଡ଼ିଶା। ନିର୍ଦ୍ଧାରିତ ସମୟ ୯୦ ମିନିଟରେ ଖେଳରୁ ଫଳାଫଳ ମିଳିଲାନି। ମ୍ୟାଚ ୧-୧ ସ୍ଥିତିରେ ରହିଲା। ଅତିରିକ୍ତ ୩୦ ମିନିଟରେ ମଧ୍ୟ ପ୍ରଶଂସନୀୟ ପ୍ରଦର୍ଶନ କଲା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ପ୍ରଶିକ୍ଷଣପ୍ରାପ୍ତ ଓଡ଼ିଶା ଦଳ। ମାତ୍ର ଏଥିରୁ ମଧ୍ୟ ଫଳାଫଳ ମିଳି ପାରିଲାନି। ଶେଷରେ ଟାଇବ୍ରେକର ପଦ୍ଧତିର ସହାୟତା ନିଆଗଲା। ଏହି ପର୍ଯ୍ୟାୟରେ ଗତଥରର ଚାମ୍ପିୟନ ମଣିପୁର ତୁଳନାରେ ପଛରେ ପଡ଼ିଗଲା ଓଡ଼ିଶା। ମଣିପୁରର ୩ ଖେଳାଳି ଗୋଲ କରିଥିବାବେଳେ କୌଣସି ଓଡ଼ିଶା ଖେଳାଳି ପ୍ରତିପକ୍ଷ ଗୋଲକିପରଙ୍କୁ ଚକ୍‌ମା ଦେବାରେ ସକ୍ଷମ ହୋଇ ନ ଥିଲେ। ଫଳରେ କେରଳର କୋଝିକୋଡ଼େଠାରେ ଚାଲିଥିବା ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍‌ର ମଙ୍ଗଳବାର ଅନୁଷ୍ଠିତ ସେମିଫାଇନାଲରେ ଓଡ଼ିଶା ଟାଇବ୍ରେକର ୧-୪ ଗୋଲରେ ମଣିପୁରଠାରୁ ପରାସ୍ତ ହେଲା। ଅନ୍ୟ ସେମିଫାଇନାଲରେ ରେଲୱେ ଟାଇବ୍ରେକର ୬-୫ ଗୋଲ୍‌ରେ ମିଜୋରାମକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ ୧-୧ ଗୋଲରେ ବରାବର ରହିଥିଲା। ମଣିପୁର ଓ ରେଲୱେ ମଧ୍ୟରେ ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହେବ।

ଓଡ଼ିଶା-ମଣିପୁର ମ୍ୟାଚ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମ୍ୟାଚର ୧୧ତମ ମିନିଟରେ ମଣିପୁରର ପପ୍‌କି ଦେବୀ ଏକ ଆତ୍ମଘାତୀ ଗୋଲ ଦେବାରୁ ଓଡ଼ିଶା ଅଗ୍ରଣୀଲାଭ କରିଥିଲା। ୪୫ ମିନିଟ ପର୍ଯ୍ୟନ୍ତ ଓଡ଼ିଶା ଅଗ୍ରଣୀ ବଜାୟ ରଖିଥିଲା। ମାତ୍ର ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ ଅର୍ଥାତ୍ ୪୫+୩ ମିନିଟରେ ମଣିପୁରର କିରଣବାଳା ଚାନୁ କର୍ନରରୁ ପାଇଥିବା ପାସ୍‌କୁ ଗୋଲରେ ପରିଣତ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ଦ୍ୱିତୀୟାର୍ଦ୍ଧରେ କଡ଼ା ସଂଘର୍ଷ ହୋଇଥିଲା। ୬୭ତମ ମିନିଟରେ ଓଡ଼ିଶାର ଯଶୋଦା ମୁଣ୍ଡା ଏକ ଫ୍ରି-କିକ୍ ପାଇଥିଲେ ହେଁ ତାହା କ୍ରସ୍‌ବାର ବାହାରେ ଚାଲି ଯାଇଥିଲା। ୭୦ତମ ମିନିଟରେ ଦୀପା ନାୟକ ଗୋଲ ସମ୍ଭାବନା ସୃଷ୍ଟି କରିଥିଲେ। ମାତ୍ର ତାଙ୍କ ଶଟ୍‌କୁ ମଣିପୁର ଗୋଲକିପର ରୋଶନି ଦେବୀ ଚମତ୍କାର ଭାବେ ସେଭ୍ କରି ଦେଇଥିଲେ। ଅତିରିକ୍ତ ସମୟରେ ମଧ୍ୟ ଓଡ଼ିଶା ଆକ୍ରମଣାତ୍ମକ ଖେଳି ଚାପ ପ୍ରୟୋଗ କରିଥିଲା। ମାତ୍ର ମଣିପୁର ରକ୍ଷଣଭାଗ ଗୋଲ ହେବାକୁ ଦେଇ ନ ଥିଲେ। ଟାଇବ୍ରେକର ପର୍ଯ୍ୟାୟରେ ମଣିପୁରର ବେବିସାନା ଦେବୀ, ରୋଜା ଦେବୀ ଓ ସୁଲତାନା ଏମ୍.ଏସ୍. ଗୋଲ ଦେଇଥିବାବେଳେ ଓଡ଼ିଶାର ଯଶୋଦା ମୁଣ୍ଡା, ଶୁଭଦ୍ରା ସାହୁ ଓ ସୁମନ ପ୍ରଜ୍ଞା ମହାପାତ୍ର ଗୋଲ୍ ମିସ୍ କରିଥିଲେ।

ପରାଜୟ ପାଇଁ କୋଚ୍‌ଙ୍କଠାରୁ ଆରମ୍ଭକରି ଖେଳାଳିଙ୍କ ପର୍ଯ୍ୟନ୍ତ ମନଦୁଃଖ ହେବା ସ୍ୱାଭାବିକ। ମାତ୍ର ଜାତୀୟ ମହିଳା ଫୁଟବଲରେ ସବୁଠାରୁ ଶକ୍ତିଶାଳୀ ଦଳକୁ ଓଡ଼ିଶା ଟକ୍କର ଦେଇପାରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି କୋଚ୍ ଶ୍ରଦ୍ଧାଞ୍ଜଳି। "ମହିଳା ଫୁଟବଲରେ ମଣିପୁର ଏକ ଶକ୍ତିଶାଳୀ ଦଳଭାବେ ବେଶ୍ ପରିଚିତ। ମାତ୍ର ଆମ ପିଲାମାନେ ଏହି ମ୍ୟାଚ ପାଇଁ ବେଶ୍ ଉତ୍ସାହିତ ଥିଲେ। ସମସ୍ତଙ୍କୁ ନିଜ ଦାୟିତ୍ୱ ସମ୍ପର୍କରେ ବୁଝାଇ ଦିଆ ଯାଇଥିଲା। ରଣନୀତି ଅନୁସାରେ ମଧ୍ୟ ସେମାନେ ଖେଳିଥିଲେ। ଫଳ ସ୍ୱରୂପ ନିର୍ଦ୍ଧାରିତ ସମୟ ଏବଂ ଅତିରିକ୍ତ ସମୟରେ ମଣିପୁର ବିଜୟୀ ହେବା ସମ୍ଭବ ହୋଇ ପାରିଲାନି। ଟାଇବ୍ରେକର ପର୍ଯ୍ୟାୟରେ କେଉଁ ଦଳ ଜିତିବ ତାହା କହିବା ସମ୍ଭବ ହୋଇ ନ ଥାଏ। ତେବେ ଏହି ମ୍ୟାଚରେ ଆମ ଦଳର ଖେଳାଳିମାନେ ଯେପରି ପ୍ରତିପକ୍ଷ ଦଳକୁ ଟକ୍କର ଦେଲେ ସେଥିରେ ମୁଁ ଖୁସି ଓ ଗର୍ବିତ" ବୋଲି ଭାରତୀୟ ମହିଳା ଫୁଟବଲ ଦଳର ଏହି ପୂର୍ବତନ ଅଧିନାୟିକା ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ ଲିଗ୍ ପର୍ଯ୍ୟାୟରେ ଅପରାଜେୟ ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା ଓଡ଼ିଶା। କ୍ୱାର୍ଟରରେ ତାମିଲନାଡୁକୁ ୨-୦ ଗୋଲରେ ହରାଇ ଦଳ ସେମିଫାଇନାଲରେ ପ୍ରବେଶ କରିଥିଲା। ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ଯଥାକ୍ରମେ ଆନ୍ଧ୍ରକୁ ୯-୦, ଗୁଜରାଟକୁ ୭-୦ ଓ ହରିୟାଣାକୁ ୨-୧ ଗୋଲରେ ପରାସ୍ତ କରିଥିଲା। ପ୍ରକାଶ ଯୋଗ୍ୟ ଯେ, ଗତଥରର ଚାମ୍ପିୟନ ମଣିପୁର ପ୍ରଥମ କ୍ୱାର୍ଟର ଫାଇନାଲରେ ଆସାମକୁ ୨-୦ ଗୋଲରେ ହରାଇ ସେମିଫାଇନାଲରେ ପହଞ୍ଚିଥିଲା।

# ଏସିଆନ ଥାଇବକ୍ସିଂରେ ଓଡ଼ିଶାକୁ ୬ ପଦକ




ଏସିଆନ ଥାଇବକ୍ସିଂରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ସହ।

**ଭୁବନେଶ୍ୱର, ୭।୧୨ (କ୍ରୀଡ଼ା ପ୍ରତିନିଧି):** ଚଳିତ ମାସ ୩ରୁ ୫ ପର୍ଯ୍ୟନ୍ତ ହାଇଦ୍ରାବାଦର ସୁରନଗର ଇନ୍‌ଡୋର ଷ୍ଟାଡିୟମରେ ଏସିଆନ ଥାଇବକ୍ସିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାରୁ ୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶାକୁ ୩ ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ମିଳିଛି। ଶ୍ରୀଲିପ୍ସା ଆଚାର୍ଯ୍ୟ, କାର୍ତ୍ତିକ ବାହାଦୁର ଓ ନରେଶ ଶର୍ମା ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ସରୋଜିନୀ ସୁନ୍ଦରାୟ, ସଚିନ ମହନ୍ତ ଓ ରାଜା ତନ୍ତି ରୌପ୍ୟ ପଦକ ହାସଲ କରିଛନ୍ତି। ଓଡ଼ିଶା ଥାଇବକ୍ସିଂ ସଂଘର ସାଧାରଣ ସମ୍ପାଦକ ଶୁଭେନ୍ଦୁ ସାମନ୍ତରାୟ ଓ ଅନ୍ୟ କର୍ମକର୍ତ୍ତାମାନେ ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଓଡ଼ିଶା ଇନିଂସ ୧୯୮ରେ ସୀମିତ

**୧୯ ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫି କ୍ରିକେଟ**

**ଭୁବନେଶ୍ୱର, ୭।୧୨ (କ୍ରୀଡ଼ା ପ୍ରତିନିଧି):** ପୁଣେର ଡେକାନ ଜିମ୍‌ଖାନା ଗ୍ରାଉଣ୍ଡରେ ଚାଲିଥିବା ବିସିସିଆଇ ୧୯ ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ପ୍ରଥମ ଇନିଂସରେ ୧୯୮ ରନରେ ଅଲ୍‌ଆଉଟ ହୋଇଛି। ଜବାବରେ ମଙ୍ଗଳବାର ଦ୍ୱିତୀୟ ଦିବସ ଖେଳ ଶେଷବେଳକୁ ଆସାମ ୪ ଉଇକେଟ ହରାଇ ୧୧୯ ରନ କରିଛି। ଦଳ ପକ୍ଷରୁ ପରଭେଜ ମୁଶାରଫ ୩୦, ନିହାର ନରାହ ୨୬ ଓ ରୋହନ ହଜାରିକା ୨୧ ରନ କରିଛନ୍ତି। ଓଡ଼ିଶା ପକ୍ଷରୁ ଆଦିତ୍ୟ ଜୟସିଂ ୩ଟି ଓ ଆଶୁତୋଷ ଛୁରିଆ ଗୋଟିଏ ଉଇକେଟ ନେଇଛନ୍ତି। ସୋମବାର ପ୍ରଥମ ଦିବସରେ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହୋଇଥିଲା ଏବଂ ୩୨ ଓଭର ଖେଳରେ ଓଡ଼ିଶା ୪ ଉଇକେଟ ହରାଇ ୭୮ ରନ କରିଥିଲା। ଦ୍ୱିତୀୟ ଦିବସରେ ଦଳ ଆଉ ୧୨୦ ରନ କରି ଅବଶିଷ୍ଟ ୬ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଆଶୀର୍ବାଦ ସ୍ୱାଇଁ ୧୮୩ ବଲ୍‌ରୁ ସର୍ବାଧିକ ୫୯, ସାଇଦୀପ ମହାପାତ୍ର ୧୨୫ ବଲ୍‌ରୁ ୪୫ ଓ ସମ୍ବିତ ବରାଳ ୪୮ ବଲ୍‌ରୁ ୨୬ ରନ କରିଥିଲେ। ଆସାମ ବୋଲରଙ୍କ ମଧ୍ୟରେ ଅନୁରାଗ ଫୁକନ ଓ ରେଷଭ ଦିପୋକ ୪ଟି ଲେଖାଏ ଏବଂ ମୟୂଖ ହଜାରିକା ୨ଟି ଉଇକେଟ ନେଇଥିଲେ।

# ପ୍ଲେୟର ଅଫ୍ ଦି ମନ୍ଥ ଦୌଡ଼ରେ ୱାର୍ନର, ସୌଦି


**ଦୁବାଇ, ୭।୧୨ (ପି.ଟି.):** ଅଷ୍ଟ୍ରେଲିଆର ବିସ୍ଫୋରକ ଓପନର ଡେଭିଡ୍ ୱାର୍ନର, ପାକିସ୍ତାନ ବ୍ୟାଟର ଆବିଦ ଅଲୀ ଓ ନ୍ୟୁଜିଲାଣ୍ଡ ଫାଷ୍ଟ ବୋଲର ଟିମ୍ ସୌଦୀ ନଭେମ୍ବର ମାସ ପାଇଁ ଆଇସିସି ପୁରୁଷ ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି। ବାମହାତୀ ସ୍ପିନର ପାକିସ୍ତାନର ଅନମ ଅମିନ ଓ ବାଂଲାଦେଶର ନାଦିଆ ଅକତର ମହିଳା ବିଭାଗ ପୁରସ୍କାର ଦୌଡ଼ରେ ଆଗରେ ରହିଛନ୍ତି। ଏହା ବ୍ୟତୀତ ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ହିଲି ମାଥ୍ୟୁସଙ୍କ ନାମ ଦ୍ୱିତୀୟ ଥର ପାଇଁ ସୁପାରିସ ହୋଇଛି। ଜିତିଥିଲା। ଓପନର ଆବିଦ ଅଲୀ ଚିଟାଗଙ୍ଗରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ଆଇସିସି ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି)ରେ ପାକିସ୍ତାନର ପ୍ରଥମ ମ୍ୟାଚରେ ୧୩୩ ଓ ୯୧ ରନ କରିଥିଲେ। ଫଳରେ ସେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୌଦୀ କାନପୁରରେ ଅନୁଷ୍ଠିତ ଡବ୍ଲ୍ୟୁଟିସିର ଭାରତ ବିପକ୍ଷ ପ୍ରଥମ ମ୍ୟାଚରେ ୮ ଉଇକେଟ ନେଇଥିଲେ। ଟେଷ୍ଟ ଡ୍ର ରହିଥିଲା। ଏହା ବ୍ୟତୀତ ସେ ସୀମିତ ଓଭର କ୍ରିକେଟରେ ମଧ୍ୟ ଭଲ ପ୍ରଦର୍ଶନ କରିଛନ୍ତି। ନଭେମ୍ବରରେ ଅନୁଷ୍ଠିତ ଆଇସିସି ଟି୨୦ ବିଶ୍ୱକପ୍‌ରେ




ଡେଭିଡ ୱାର୍ନର




ଟିମ୍ ସୌଦୀ



ଆବିଦ ଅଲୀ

ନଭେମ୍ବର ମାସ ପାଇଁ ପୁରସ୍କାର ଦୌଡ଼ରେ ସାମିଲ ହୋଇଥିବା ଖେଳାଳିମାନଙ୍କ ପ୍ରଦର୍ଶନ କ୍ରିକେଟର ୩ଟି ଯାକ ଫର୍ମାଟ ସହିତ ୟୁନାଇଟେଡ ଆରବ ଏମିରେଟ୍ସ ଓ ଓମାନରେ ଅନୁଷ୍ଠିତ ଆଇସିସି ପୁରୁଷ ଟି୨୦ ବିଶ୍ୱକପ ପ୍ରଦର୍ଶନକୁ ମଧ୍ୟ ବିଚାରକୁ ନିଆଯିବ। ସ୍ୱାଧୀନଭାବେ କାର୍ଯ୍ୟ କରୁଥିବା ଆଇସିସି ଭୋଟିଂ ଏକାଡେମୀ ଏବଂ ବିଶ୍ୱର ପ୍ରଶଂସକମାନେ ଭୋଟିଂ କରି ବିଜେତା ନିର୍ଣ୍ଣୟ କରିବେ। ବିଜେତାଙ୍କ ନାମ ଆସନ୍ତା ସପ୍ତାହରେ ଘୋଷଣା କରାଯିବ। ପ୍ରଶଂସକମାନେ ରବିବାର ମଧ୍ୟରେ ସେମାନଙ୍କ ଭୋଟ ଦେଇପାରିବେ।

ୱାର୍ନର ଗତ ଆଇସିସି ଟି୨୦ ଟୁର୍ନାମେଣ୍ଟରେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ। ସେ ପାକିସ୍ତାନ ବିପକ୍ଷ ସେମିଫାଇନାଲରେ ୪୯ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ୫୩ ରନର ଉପଯୋଗୀ ଇନିଂସ ଖେଳିଥିଲେ। ୱାର୍ନର ୭ ମ୍ୟାଚରେ ୪୮.୧୬ ଆଭରେଜରେ ୨୮୯ ରନ ସଂଗ୍ରହ କରିଥିଲେ। ତାଙ୍କ ଷ୍ଟ୍ରାଇକ ହାର ଥିଲା ୧୪୬.୭୦। ତାଙ୍କ ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ପ୍ରଥମଥର ପାଇଁ ଆଇସିସି ପୁରୁଷ ଟି୨୦ ବିଶ୍ୱକପ ସେ ୭ଟି ଉଇକେଟ ନେଇଥିଲେ। ଏହା ବ୍ୟତୀତ ସେ ରାଞ୍ଚିରେ ଅନୁଷ୍ଠିତ ଭାରତ ବିପକ୍ଷ ଟି୨୦ କ୍ରିକେଟ ମ୍ୟାଚରେ ୩ଟି ଉଇକେଟ ନେଇଥିଲେ।

ପୁରସ୍କାର ଦୌଡ଼ରେ ଥିବା ମହିଳା ଖେଳାଳିଙ୍କ ମଧ୍ୟରେ ବାଂଲାଦେଶର ନାଦିଆ ୪ଟି ଦିନିକିଆରେ ୨.୨୨ ଇକୋନୋମି ହାରରେ ୧୩ଟି ଉଇକେଟ ହାସଲ କରିଛନ୍ତି। ପାକିସ୍ତାନର ଅନମ ନଭେମ୍ବରରେ ୩.୦୦ ଇକୋନୋମି ହାରରେ ୧୩ଟି ଉଇକେଟ ନେଇଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜରେ ସେ ପାକିସ୍ତାନର ଅଗ୍ରଣୀ ଉଇକେଟ ହାସଲକାରୀ ଥିଲେ। ଏହି ସିରିଜରେ ସେ ୯ଟି ଉଇକେଟ ନେଇଥିଲେ। ଏହା ବ୍ୟତୀତ ସେ ୨୦୨୧ ଆଇସିସି ମହିଳା କ୍ରିକେଟ ବିଶ୍ୱକପ କ୍ୱାଲିଫାୟରରେ ୪ଟି ଉଇକେଟ ଅକ୍ତିଆର କରିଥିଲେ। ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ହିଲି ମାଥ୍ୟୁସ ତାଙ୍କ ଦଳର ଅଧିନାୟିକା ଷ୍ଟାଫିନେ ଟେଲରଙ୍କ ସହ ଶର୍ଟଲିଷ୍ଟ ହୋଇଛନ୍ତି। ସ୍ଥିର ପ୍ରଦର୍ଶନ ଦେଇଥିବାରୁ ହିଲିଙ୍କ ନାମ ବିଚାରକୁ ନିଆଯାଇଛି। ସେ ୪ଟି ଦିନିକିଆରେ ୧୪୧ ରନ କରିବା ସହ ୧୩.୧୧ ହାରରେ ୯ଟି ଉଇକେଟ ନେଇଛନ୍ତି।

# ସିନିୟର ଖୋଖୋ ଟ୍ରଫି ଉନ୍ମୋଚିତ



ଟ୍ରଫି ଉନ୍ମୋଚନ ଅବସରରେ ଜିଲାପାଳଙ୍କ ସହ ସଂଘର କର୍ମକର୍ତ୍ତା।

**ଭୁବନେଶ୍ୱର, ୭।୧୨ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଖୋ ଖୋ ଆସୋସିଏଶନ ଏବଂ ଅନୁଗୋଳ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ୫୪ତମ ରାଜ୍ୟସ୍ତରୀୟ ସିନିୟର ଖୋ ଖୋ ପ୍ରତିଯୋଗିତା ଚଳିତ ମାସ ୧୨ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ମଙ୍ଗଳବାର ପ୍ରତିଯୋଗିତାର ଟ୍ରଫି ଉନ୍ମୋଚନ ଉତ୍ସବ ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଟ୍ରଫି ଉନ୍ମୋଚନ କରିଥିଲେ। ଏହି ଅବସରରେ ରାଜ୍ୟ ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥ ସାରଥି ମହାପାତ୍ର, ମହିଳା କମିଟି ମୁଖ୍ୟ ମିନତି ପଟ୍ଟନାୟକ, ଅନୁଗୋଳ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଶାନ୍ତ କୁମାର ସିହ୍ନା ଓ ଅନୁଗୋଳ ଜିଲା କ୍ରୀଡ଼ା ଶିକ୍ଷକମାନେ ଉପସ୍ଥିତ ଥିଲେ। ଅନୁଗୋଳରେ ହେବାକୁଥିବା ପ୍ରତିଯୋଗିତା ୧୨ରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।

